ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 16/2025 | Page 14 | ₹ 7.00 | SAMBALPUR
୫୧ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 292 | ମୂଲ୍ୟ ₹୭/-

# ବନ୍‌ତାରାକୁ ମିଳିଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଲିନ୍‌ଚିଟ୍, ମାମଲା ଖାରଜ

## ମାନହାନି ମକଦ୍ଦମା କରିବା ପାଇଁ ବନ୍‌ତାରା ସ୍ୱାଧୀନ - ସର୍ବୋଚ୍ଚ ନ୍ୟାୟାଳୟ

## ବନ୍‌ତାରାର କାର୍ଯ୍ୟକଳାପକୁ ନେଇ ଏସ୍‌ଆଇଟି ସନ୍ତୁଷ୍ଟ



**ନୂଆଦିଲ୍ଲୀ, ୧୫ ସେପ୍ଟେମ୍ବର, ୨୦୨୫**

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ବନ୍‌ତାରା ବିରୋଧରେ ଲାଗୁ କରାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରି ତାହାକୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି । ଶୀର୍ଷ ନ୍ୟାୟାଳୟ ଗୁଜରାଟର ଜାମନଗରଠାରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନ୍‌ତାରା (ଗ୍ରୀନ୍‌ସ ଜୁଲୋଜିକାଲ୍ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ୍ ସେଣ୍ଟର)ର ଯାଞ୍ଚ କରିବା ଲାଗି ଦାବି କରିଥିବା ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ବନ୍‌ତାରା ଉପରେ ଯେଉଁସବୁ ଆରୋପ ଲଗାଯାଇଥିଲା, ଭବିଷ୍ୟତରେ ସମାନ ଧରଣର ଆରୋପ ଆଧାରରେ କରାଯାଉଥିବା ଅଭିଯୋଗ କିମ୍ବା କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କେତେକ ସର୍ତ୍ତ ସହିତ ପ୍ରତିବନ୍ଧକ ଲାଗୁ କରିଛନ୍ତି । ବନ୍‌ତାରା ଓ ତା' ସହିତ ଜଡ଼ିତ ଅଧିକାରୀବୃନ୍ଦଙ୍କୁ ଏସ୍‌ଆଇଟି ଦ୍ୱାରା ପରାମର୍ଶ ଦିଆଯାଇଥିବା ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବା ଲାଗି ବିଚାର କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ମଧ୍ୟ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

ନ୍ୟାୟାଳୟଙ୍କ ମତରେ, ''ଆମେ ରିପୋର୍ଟର ସାରାଂଶ ପଢ଼ିଛୁ । ଏଥିରେ ସମସ୍ତ ନିୟାମକ ଆବଶ୍ୟକତାର ଅନୁପାଳନ ହୋଇଛି ବୋଲି ଦର୍ଶାଯାଇଛି । ଏଥିରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଏହା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ମଧ୍ୟ ସେମାନଙ୍କର ଦୃଷ୍ଟିକୋଣର ଉପସ୍ଥାପନା କରିଛନ୍ତି । କର୍ତ୍ତୃପକ୍ଷଗଣ ମଧ୍ୟ ନିୟାମକ ଅନୁପାଳନ ସମ୍ବନ୍ଧରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଆମେ ଏହି ରିପୋର୍ଟକୁ ମଧ୍ୟ ଆଦେଶର ଏକ ଅଂଶିବିଶେଷରେ ପରିଣତ କରୁଛୁ ।''

ବନ୍‌ତାରା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମନ୍ତବ୍ୟ ଦେଇଥିଲେ ଯେ, ''ଏପରି କିଛି ଜିନିଷ ଅଛି ଯାହାକୁ ନେଇ ଆମେ ଗର୍ବ କରିପାରୁ । ଏଭଳି ପ୍ରସଙ୍ଗ ଉଠାଇ ଆମେ ଅଯଥାରେ ହୋହଲ୍ଲା କରାଯିବା ଉଚିତ ନୁହେଁ । ଆମ ଦେଶରେ ମଧ୍ୟ କିଛି ଭଲ ଜିନିଷକୁ ଘଟିବାକୁ ଅନୁମତି ଦିଆଯାଉ । ଯଦି କିଛି ଭଲ ହେଉଛି ତାହାକୁ ନେଇ ଆମେ ଖୁସି ହେବା ଉଚିତ ।''

ନ୍ୟାୟାଳୟଙ୍କ ମତରେ ଯଦି ଆଇନ ଅନୁଯାୟୀ ହାତୀଙ୍କର ଅଧିଗ୍ରହଣ କରାଯାଇଛି ତେବେ ସେଥିରେ ଭୁଲ୍ କ'ଣ ? ଯଦି ସମସ୍ତ ନିୟମର ଅନୁପାଳନ କରାଯାଇଛି ତେବେ ସମସ୍ୟା କ'ଣ ? ଏସ୍‌ଆଇଟି ସିଜେଡ୍‌ଏ, ସିବିଆଇ, ଇଡି, ଡିଆର୍‌ଆଇ, କଷ୍ଟମ୍ସ, ସିଆଇଟିଇଏସ୍ ନିକାୟ ଭଳି ଏକାଧିକ ଭାରତୀୟ ଏବଂ ବିଦେଶୀ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରାଣୀ ଅଧିଗ୍ରହଣ, ଚାଲାଣ, ଲଣ୍ଡରିଂ, ପ୍ରାଣୀ କଲ୍ୟାଣ, ସଂରକ୍ଷଣ, ଆର୍ଥିକ ଅନିୟମିତତା ଏବଂ ପରିବେଶୀୟ ସମସ୍ୟା ସମ୍ବନ୍ଧୀୟ ଆରୋପଗୁଡ଼ିକର ତଦନ୍ତ କରିଥିଲା । ତଦନ୍ତରେ କୌଣସି ଆଇନ କିମ୍ବା ନିୟମାବଳୀର ଉଲ୍ଲଂଘନ ଜଣାପଡ଼ି ନ ଥିଲା । ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨, ପ୍ରାଣୀ ଉଦ୍ୟାନ ନିୟମାବଳୀ, ସିଜେଡ୍‌ଏ ନିର୍ଦ୍ଦେଶାବଳୀ, ସୀମା ଶୁଳ୍କ ଅଧିନିୟମ, ଫେମା, ପିଏମ୍‌ଏଲ୍‌ଏ ଓ ସାଇଟ୍‌ସ ଉଲ୍ଲଂଘନ ସମ୍ବନ୍ଧୀୟ ସମସ୍ତ ଆରୋପ ଭିତ୍ତିହୀନ ଥିଲା । ଅଧିଗ୍ରହଣ କରାଯାଇଥିବା ପ୍ରାଣୀସମ୍ପଦକୁ ବିଧିବଦ୍ଧ ଅନୁମତି ଅଧୀନରେ ବନ୍‌ତାରାକୁ ଅଣାଯାଇଛି ।

ତଦନ୍ତରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ବନ୍‌ତାରାରେ ପ୍ରାଣୀଙ୍କ କଲ୍ୟାଣ, ପାଳନ ଏବଂ ଚିକିତ୍ସା ଯତ୍ନ ପାଇଁ ଉପଲବ୍ଧ ରହିଥିବା ବ୍ୟବସ୍ଥା ନିର୍ଦ୍ଧାରିତ ମାନକଠାରୁ ମଧ୍ୟ ଉଚ୍ଚମାନର ଅଟେ ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଏସ୍‌ଆଇଟି ଦ୍ୱାରା ମଧ୍ୟ ତାଙ୍କର ରିପୋର୍ଟ ମାଧ୍ୟମରେ ଜାମନଗରସ୍ଥିତ ପ୍ରାଣୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ବନ୍‌ତାରାକୁ କ୍ଲିନ୍‌ଚିଟ୍ ମିଳିସାରିଛି । ନ୍ୟାୟମୂର୍ତ୍ତି ପଙ୍କଜ ମିଥଲ ଓ ନ୍ୟାୟମୂର୍ତ୍ତି ପି.ବି. ବରାଲେଙ୍କୁ ନେଇ ଗଠିତ ପୀଠ ରିପୋର୍ଟକୁ ରେକର୍ଡକୁ ନେଇଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ବନ୍‌ତାରାରେ ଅନୁପାଳନ ଏବଂ ନିୟମାବଳୀ ଅନୁସରଣ ପ୍ରସଙ୍ଗକୁ ନେଇ ଏସ୍‌ଆଇଟି ସନ୍ତୁଷ୍ଟ ଅଛି ।

ନ୍ୟାୟାଳୟ ଏସ୍‌ଆଇଟି ରିପୋର୍ଟକୁ ସିଲ୍‌ବନ୍ଦ କରି ଗୋପନୀୟ ରଖିବାର ଆଦେଶ ଦେଇଛନ୍ତି । ଯଦିଓ ବନ୍‌ତାରାକୁ ତାହାର ନିଜସ୍ୱ



ବ୍ୟବହାର ପାଇଁ ତାହାର ପ୍ରତିଲିପି ଉପଲବ୍ଧ କରାଯିବ । ସର୍ବୋଚ୍ଚ ନ୍ୟାୟାଳୟ ଏସ୍‌ଆଇଟିର ତଦନ୍ତରୁ ମିଳିଥିବା ନିଷ୍କର୍ଷକୁ ଗୋପନୀୟ ବୋଲି ମାନିନାହାନ୍ତି । ନ୍ୟାୟାଳୟଙ୍କ ମତରେ ''ଆମେ ପ୍ରତିବାଦୀ – ବନ୍‌ତାରାକୁ ଯେକୌଣସି ଆପତ୍ତିଜନକ ପ୍ରକାଶନକୁ ହଟାଇବା କିମ୍ବା ବିଭ୍ରାନ୍ତିକର ସୂଚନା ପାଇଁ ଦାୟୀ ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ମାନହାନି ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନତା ପ୍ରଦାନ କରୁଛୁ ।''

ନ୍ୟାୟାଳୟ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଖବର ଏବଂ ବେସରକାରୀ ସଂଗଠନ ତଥା ବନ୍ୟଜନ୍ତୁ ସଂଗଠନଗୁଡ଼ିକର ବିଭିନ୍ନ ଅଭିଯୋଗ ଆଧାରରେ ବନ୍‌ତାରା ବିରୋଧରେ ଅନିୟମିତତାର ଆରୋପ ଲଗାଇଥିବା ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଭୂତପୂର୍ବ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ଜେ. ଚେଲମେଶ୍ୱରଙ୍କ ଅଧ୍ୟକ୍ଷତାରେ ଏକ ଚାରିଜଣିଆ ସଦସ୍ୟବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ଗଠନ କରିଥିଲେ । ବିଗତ ଅଗଷ୍ଟ ୨୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଏସ୍‌ଆଇଟିର ଗଠନ ପାଇଁ ଆଦେଶ ଦେଇଥିଲେ । ଏସ୍‌ଆଇଟି ଶୁକ୍ରବାର ଦିନ ମୁଦଦିଆ ଲଫାପାରେ ନ୍ୟାୟାଳୟଙ୍କ ନିକଟରେ ନିଜର ରିପୋର୍ଟ ଦାଖଲ କରିଥିଲା ।

DSPL-261



## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ନ୍ୟାଶ୍ନାଲ ମିଡିଆ ସେଣ୍ଟରରେ ସୋମବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର 'ସ୍ୱଚ୍ଛତା ହିଁ ସେବା ୨୦୨୫' ଉପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ-ଚମନ ଗୌତମ)

# ଆଜିଠୁ ଭାରତ-ଆମେରିକା ଷଷ୍ଠ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୫।୯(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତର ମୂଲ୍ୟ ସମ୍ବେଦନଶୀଳ କୃଷି ଓ ଦୁଗ୍ଧଜାତ ସାମଗ୍ରୀ ବଜାରରେ ଆମେରିକାର ପ୍ରବେଶକୁ ଅନୁମତିକୁ ନେଇ ଆଲୋଚନା ସ୍ଥଗିତ ରହିଥିଲା। ଆଲୋଚନା ପାଇଁ ଆମେରିକାର ମୁଖ୍ୟ ବୁଝାମଣାକାରୀ ବେଣ୍ଡନ୍ ଲିଞ୍ଚ୍ ଓ ତାଙ୍କ ଟିମ୍ ସୋମବାର ରାତିରେ ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ଷଷ୍ଠ ପର୍ଯ୍ୟାୟ ଆଲୋଚନା ଅଗଷ୍ଟ ଶେଷ ଭାଗରେ ହେବାକୁ ଥିଲା। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇବା କାରଣରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଯିବା ସହ ଆଲୋଚନାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ଆମେରିକାର ମୁଖ୍ୟ ବାଣିଜ୍ୟ ଦୂତ ଲିଞ୍ଚଙ୍କ ସହ ଭାରତର ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ତଥା ମୁଖ୍ୟ ମଧ୍ୟସ୍ଥ ରାଜେଶ ଅଗ୍ରୱାଲ ଆଲୋଚନା କରିବେ। ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ନଭେମ୍ବର ସୁଦ୍ଧା ଚୂଡ଼ାନ୍ତ ହେବା ଆବଶ୍ୟକ ବୋଲି ଗତ ସପ୍ତାହରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଥିଲେ। ଅତ୍ୟଧିକ ଟାରିଫ୍‌କୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତ୍ୟନ୍ତ ଉତ୍ତମ ବନ୍ଧୁ କହି ପ୍ରଶଂସା କରିବା ସହ ବାଣିଜ୍ୟ ପ୍ରତିବନ୍ଧକର ସମାଧାନ ଦିଗରେ ଭାରତ ଓ ଆମେରିକା ବୁଝାମଣା ଜାରି ରଖିବେ ବୋଲି କହିଥିଲେ। ମୋଦି ମଧ୍ୟ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଟ୍ରମ୍ପଙ୍କ ମନୋଭାବ ଓ ସକାରାତ୍ମକ ଆକଳନକୁ ଉଚ୍ଚ ପ୍ରଶଂସା କରିଥିଲେ।

# ଅବୈଧ ଥିଲେ ବିହାର ଏସ୍‌ଆଇଆର୍‌କୁ ରଦ୍ଦ କରିଦେବୁ

## ଅକ୍ଟୋବର ୭ରେ ଚୂଡ଼ାନ୍ତ ଶୁଣାଣି

ନୂଆଦିଲ୍ଲୀ,୧୫।୯(ପି.ଟି.)

ନିର୍ବାଚନ କମିଶନ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ଆଇନ ଅନୁଯାୟୀ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚଳାଇଥିବା ନେଇ ଭରସା ରହିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ତେବେ କୌଣସି ପର୍ଯ୍ୟାୟରେ ଅବୈଧତା ରହିଥିଲେ, ସମ୍ପୂର୍ଣ୍ଣ କାର୍ଯ୍ୟକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ବିହାର ଏସ୍‌ଆଇଆର୍‌ର ବୈଧତା ଉପରେ ଚୂଡ଼ାନ୍ତ ଶୁଣାଣି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଥିବାବେଳେ ଏହା ଉପରେ କୌଣସି ସଂକ୍ଷିପ୍ତ ମତାମତ ଦେବାକୁ ମନା କରି ଦେଇଛନ୍ତି। ବିହାର ଏସ୍‌ଆଇଆର୍ ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ସାରା ଦେଶ ପାଇଁ ଲାଗୁ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରୁ ନିର୍ବାଚନ କମିଶନଙ୍କୁ ରୋକାଯାଇପାରିବ ନାହିଁ। ତେବେ ଅକ୍ଟୋବର ୭ ତାରିଖ ଚୂଡ଼ାନ୍ତ ଶୁଣାଣି ଦିନ ବିହାର ଏସ୍‌ଆଇଆର୍ ବିରୋଧରେ ପିଟିଶନ ଦାଖଲ କରିଥିବା ପକ୍ଷମାନେ ସାରା ଦେଶରେ ଏସ୍‌ଆଇଆର୍ ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକା ମାମଲାର ନ୍ୟାୟିକ ନିର୍ଣ୍ଣୟ ଉପରେ କୌଣସି ପାର୍ଥକ୍ୟ ରଖିବ ନାହିଁ। କେବଳ ଯଦି କୌଣସି ପର୍ଯ୍ୟାୟରେ ବେଆଇନ କାର୍ଯ୍ୟ ହୋଇଥିବା ଅଦାଲତ ଅନୁଭବ କରନ୍ତି, ତେବେ ତାହାକୁ ଖାରଜ କରିଦେଇପାରିବେ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ବିହାର ଏସ୍‌ଆଇଆର୍ ପାଇଁ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ୍ ଭାବେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କରୁଥିବାରୁ ଏହା ପଛର ଉଦ୍ଦେଶ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ନିର୍ବାଚନ କମିଶନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ପାଇଁ ୧୧ଟି ଦସ୍ତାବିଜ୍ ମାଗିଥିବାବେଳେ ସେଥିରେ ଆଧାର ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଚିଠା ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଲୋକ ବାଦ୍ ପଡ଼ିବାରୁ ଅନେକ ଯୋଗ୍ୟ ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି ବିରୋଧୀ ଆଶଙ୍କା ବ୍ୟକ୍ତ କରିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟାରୁ ନିବୃତ୍ତ କରି ନ ଥିଲେ ମଧ୍ୟ ଆଧାରକୁ ଭୋଟର ତାଲିକାରେ ସାମିଲ ଲାଗି ପ୍ରମାଣ ଭାବେ ଗ୍ରହଣ କରିବାକୁ କହିଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି ଏସ୍‌ଆଇଆର୍‌ର ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚାଇବାକୁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଉପସ୍ଥିତ ରହି ନିର୍ବାଚନ କମିଶନ ଅନ୍ୟ ରାଜ୍ୟଗୁଡ଼ିକରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଥିବା କହିଥିଲେ। ଏକ ବେଆଇନ ପଦ୍ଧତି ଯୋଗୁ କେହି ମତଦାନ ଅଧିକାରରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି କେତେକ ଆକ୍ଟିଭିଷ୍ଟଙ୍କ ତରଫରୁ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଖଣ୍ଡପୀଠଙ୍କୁ କହିଥିଲେ। ସମସ୍ତ ଯୁକ୍ତି ଶୁଣିବା ପରେ ଏସ୍‌ଆଇଆର୍ ପଦ୍ଧତିରେ ବେଆଇନ କାର୍ଯ୍ୟ ଥିବା ଜଣାପଡ଼ିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

## ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ କାର୍ ମଡ଼ାଇଥିବା ମହିଳା ଡ୍ରାଇଭର ଗିରଫ

ନୂଆଦିଲ୍ଲୀ, ୧୫।୯

ଦିଲ୍ଲୀରେ ରବିବାର ଏକ ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେବାରୁ ଅର୍ଥ ମନ୍ତ୍ରଣାଳୟର ଡେପୁଟି ସେକ୍ରେଟାରୀ ନବଜ୍ୟୋତ ସିଂଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଦିଲ୍ଲୀ ପୋଲିସ ଉକ୍ତ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିବା ଗଗନଦୀପ କୌରଙ୍କୁ ଗିରଫ କରିଛି। ଦୁର୍ଘଟଣାରେ ହରିୟାଣା ନିବାସୀ ଗଗନଦୀପ ଓ ତାଙ୍କ ସ୍ୱାମୀ ପରୀକ୍ଷିତ ମକ୍କଡ଼ ଆହତ ହୋଇଥିଲେ। ପୋଲିସ ଗଗନଦୀପଙ୍କୁ ହସ୍ପିଟାଲରୁ ଗିରଫ କରିଛି। ରବିବାର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେଶନ ନିକଟରେ ଦୁର୍ଘଟଣା ଘଟିବା ପରେ ଗଗନଦୀପ ଓ ତାଙ୍କ ସ୍ୱାମୀ ନବଜ୍ୟୋତଙ୍କୁ ନିକଟସ୍ଥ ହସ୍ପିଟାଲ ବଦଳରେ ୨୨ କି.ମି. ଦୂର ଜିଟିବି ନଗରସ୍ଥିତ ନ୍ୟୁ ଲାଇଫ୍ ହସ୍ପିଟାଲକୁ ନେଇଥିଲେ। ଫଳରେ ନବଜ୍ୟୋତଙ୍କ ଚିକିତ୍ସାରେ ବିଳମ୍ବରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ତାଙ୍କ ସ୍ତ୍ରୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ୱାକ୍‌ଫ ବ୍ୟବସ୍ଥାରେ ରୋକକୁ ମୁସ୍‌ଲିମ୍ ସଙ୍ଗଠନ, ବିରୋଧୀଙ୍କ ସ୍ୱାଗତ

### ସମ୍ପୂର୍ଣ୍ଣ ନ୍ୟାୟ ମିଳିବା ନେଇ ଆଶାବାଦୀ

ନୂଆଦିଲ୍ଲୀ/ଲକ୍ଷ୍ନୌ,୧୫।୯(ପି.ଟି.)

ୱାକ୍‌ଫ ସଂଶୋଧନ ଆଇନର କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଥିବାବେଳେ ମୁସଲମାନ ସଙ୍ଗଠନଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି। ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ନ୍ୟାୟ ମିଳିବ ବୋଲି ସେମାନେ ଆଶାବାଦୀ ଥିବା କହିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉଭୟ ଅଖିଳ ଭାରତ ମୁସଲିମ୍ ପର୍ସୋନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଏବଂ ଅଲ୍ ଇଣ୍ଡିଆ ଶିୟା ପର୍ସୋନାଲ ଲ' ବୋର୍ଡ (ଏଆଇଏସ୍‌ପିଏଲ୍‌ବି) କହିଛନ୍ତି। କେବଳ କେତେକ ମୁଖ୍ୟ ବ୍ୟବସ୍ଥା ନୁହେଁ, ସର୍ବୋଚ୍ଚ ଅଦାଲତ ସଂପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବେ ବୋଲି ଏଆଇ ଏମ୍‌ପିଏଲ୍‌ବି ଆଶାବ୍ୟକ୍ତ କରିଛି। ୱାକ୍‌ଫ ସଂଶୋଧନ ଆଇନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲାଗୁ ହେବ ବୋଲି ମୁସଲମାନ ସମ୍ପ୍ରଦାୟ ଏବଂ ଏଆଇଏମ୍‌ପିଏଲ୍‌ବି ସଦସ୍ୟମାନେ ଚାହିଁଥିଲେ। ତେବେ ସୁପ୍ରିମକୋର୍ଟ ଏଥିପାଇଁ ମନା କରିଦେଲେ ବୋଲି ବୋର୍ଡର କାର୍ଯ୍ୟନିର୍ବାହୀ ସଦସ୍ୟ ରଶିଦ ଫରଙ୍ଗି ମାହାଲି କହିଛନ୍ତି। ତଥାପି ଆମେ ଯଥେଷ୍ଟ ଆଶ୍ୱସ୍ତ ହୋଇଛୁ ଏବଂ ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ଆଶ୍ୱସ୍ତ ହେବା ନେଇ ଆଶାବାଦୀ ରହିଛୁ ବୋଲି ସେ କହିଛନ୍ତି।

ସେହିପରି ବିରୋଧୀ ଦଳଗୁଡ଼ିକ ମଧ୍ୟ ସୁପ୍ରିମକୋର୍ଟଙ୍କ ୱାକ୍‌ଫ ଅନ୍ତରୀଣ ରାୟକୁ ସ୍ୱାଗତ କରିଛନ୍ତି। ଏହାକୁ ସେମାନେ ନ୍ୟାୟ, ସମାନତା ଓ ଭ୍ରାତୃତ୍ୱର ସାମ୍ବିଧାନିକ ମୂଲ୍ୟବୋଧର ବିଜୟ ବୋଲି କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ପାର୍ଲାମେଣ୍ଟରେ ଗୃହୀତ ଏହି ମନମାନି ଆଇନକୁ ବିରୋଧ କରୁଥିବା ପକ୍ଷଗୁଡ଼ିକର କେବଳ ବିଜୟ ହୋଇନାହିଁ ବରଂ ଏହା ଏକ ବଡ଼ ବିଜୟ। ଯୁଗ୍ମ ସଂସଦୀୟ କମିଟିର ସମସ୍ତ ସଦସ୍ୟ ଯେଉଁ ସବିଶେଷ ଅସହମତି ନୋଟ୍ ଦେଇଥିଲେ, ତାହାକୁ ଅଣଦେଖା କରାଯାଇଥିଲା। ଏବେ ତାହା ପ୍ରମାଣିତ ହୋଇଥିବା କଂଗ୍ରେସ ନେତା କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାୟକୁ ସ୍ୱାଗତ କରିବା ସହ ଏହା ଲୋକଙ୍କ ଆଶା ଓ ବିଶ୍ୱାସକୁ ସୁଦୃଢ଼ କରିଥିବା କହିଛନ୍ତି।

## ପାକ୍ ସେନା ଗୁଳିରେ ୩୧ ଆତଙ୍କବାଦୀ ନିହତ

ପେଶାୱର,୧୫।୯(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନରେ ଦୁଇଟି ଏନ୍‌କାଉଣ୍ଟରରେ ତେହରିକ୍ -ଇ- ତାଲିବାନ ପାକିସ୍ତାନ (ଟିଟିପି)ର ୩୧ ଆତଙ୍କବାଦୀ ନିହତ ହୋଇଛନ୍ତି। ଶନିବାର ଓ ରବିବାର ଖାଇବର ପଖ୍‌ତୁନ୍‌ଖ୍ୱାପାର ଲାକ୍କି ମାରୱାତ୍ ଏବଂ ବାନ୍ନୁ ଜିଲାରେ ତଲାସି ଅଭିଯାନ ହୋଇଥିଲା। ପ୍ରଥମ ଏନ୍‌କାଉଣ୍ଟରେ ୧୪ ଓ ଦ୍ୱିତୀୟ ଦିନ ଏନ୍‌କାଉଣ୍ଟରରେ ୧୭ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୧୦ରୁ ୧୩ ତାରିଖ ମଧ୍ୟରେ ସୈନ୍ୟଙ୍କ ଗୁଳିରେ ୪୫ ଆତଙ୍କବାଦୀ ଓ ୧୯ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ସୀମାନ୍ତ ରାଜ୍ୟଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି।

## ରାଜନୈତିକ ଦଳ 'କାର୍ଯ୍ୟସ୍ଥଳ' ନୁହେଁ

### ପୋସ୍ ଆଇନ ପରିସରଭୁକ୍ତ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୯

ରାଜନୈତିକ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଯୌନ ନିର୍ଯାତନା ନିରୋଧୀ ଆଇନରେ ସୁରକ୍ଷା (ପୋସ୍ ଆକ୍ଟ) ପରିସରକୁ ନେବା ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ପୋସ୍ ଆଇନରେ ରାଜନୈତିକ ଦଳଗୁଡ଼ିକୁ କିପରି 'କାର୍ଯ୍ୟସ୍ଥଳ' ସଂଜ୍ଞା ମଧ୍ୟରେ ରଖାଯାଇପାରିବ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଦଳ ଏବଂ ଏହାର କର୍ମୀମାନଙ୍କ ମଧ୍ୟରେ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

କେରଳ ହାଇକୋର୍ଟ ୨୦୨୨ ମାର୍ଚ୍ଚ ରାୟରେ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା(ପ୍ରତିକାର, ନିଷେଧ ଓ ନିବାରଣ) ଆଇନ, ୨୦୧୩ (ପୋସ୍ ଆକ୍ଟ)ର ଏକ ସଂକ୍ଷିପ୍ତ ବ୍ୟାଖ୍ୟା ଉପସ୍ଥାପନ କରିଥିଲେ। ଆଇନଜୀବୀ ଯୋଗମାୟା ଏମ୍‌ଜି ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ୍ (ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ରାଜନୈତିକ ଦଳ ଓ ଅନୁରୂପ ସଂସ୍ଥାଗୁଡ଼ିକରେ ପାରମ୍ପରିକ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥିବାରୁ ସେଗୁଡ଼ିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ଅନୁଗୃହୀତ ନୁହନ୍ତି।

DSPL-215

ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ୍ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0033/2526

## ୨୫ରୁ କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ

ମୁମ୍ବାଇ

ଆସନ୍ତା ୨୫ରୁ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ 'ଟୁ ମଚ୍ ୱିଥ୍ କାଜୋଲ ଆଣ୍ଡ ଟ୍ୱିଙ୍କଲ' ନାମକ ଏକ ଟକ୍ ଶୋ' ଆରମ୍ଭ ହେବ। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ। ରବିବାର ପ୍ରାଇମ୍ ଭିଡିଓ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ଏହାର ଟ୍ରେଲରକୁ ଜାରି କରାଯାଇଛି। ଏଥିରେ ଉଭୟ ହୋଷ୍ଟ ବଲିଉଡ୍‌ର ସାଥୀ ସେଲିବ୍ରିଟିମାନଙ୍କ ସହ ବିଭିନ୍ନ ମଜାଦାର ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ଅଭିନେତା ସଲ୍‌ମାନ ଖାନ୍, ଆମିର ଖାନ୍, ଭିକି କୌଶଲ, ଗୋବିନ୍ଦା, ଚଙ୍କି ପାଣ୍ଡେ, ଅଭିନେତ୍ରୀ ଆଲିଆ ଭଟ୍ଟ, କ୍ରିତି ସାନନ୍, ଜାହ୍ନବୀ କପୁର, ଫିଲ୍ମ ନିର୍ମାତା କରନ୍ ଜୋହର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ନେଇ ଅନେକ ମଜାଦାର ତଥ୍ୟ ଶେୟାର କରିଛନ୍ତି। ପ୍ରାଇମ୍ ଭିଡିଓ ପକ୍ଷରୁ ଉକ୍ତ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, ଆସନ୍ତା ୨୫ ତାରିଖରୁ ଏହି ମଜାଦାର ଟକ୍ ଶୋ' ପ୍ରିମିୟର ହେବ। ପ୍ରତି ଗୁରୁବାର କାଜୋଲ ଓ ଟ୍ୱିଙ୍କଲଙ୍କ ସହ ପ୍ରାଇମ୍ ଭିଡିଓ ଆପଣମାନଙ୍କୁ ମନୋରଞ୍ଜନ ଯୋଗାଇବ।



## ଭାରତରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ବଢ଼ିଛି

ନୂଆଦିଲ୍ଲୀ, ୧୫।୯ (ପି.ଟି.)

କ୍ୟାନ୍‌ସର, ହୃଦ୍‌ରୋଗ ପରି କ୍ରୋନିକ୍ ଡିଜିଜ୍ (ଦୀର୍ଘକାଳୀନ ରୋଗ)ରେ ମୃତ୍ୟୁ ସମ୍ଭାବନା ବଢ଼ିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଲାନ୍‌ସେଣ୍ଟ ପତ୍ରିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ସୋମବାର ପ୍ରକାଶ ପାଇଛି। ଅଧ୍ୟୟନ ଅନୁଯାୟୀ, ୨୦୧୦ରୁ ୨୦୧୯ ମଧ୍ୟରେ ଭାରତରେ କ୍ରୋନିକ୍ ଡିଜିଜ୍‌ରେ ପୀଡ଼ିତ ଥିବା ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟା ବଢ଼ିଛି। ତେବେ ଗତ ଦଶନ୍ଧିରେ ବୈଶ୍ୱିକ ସ୍ତରରେ ୫ରୁ ୪ ଦେଶରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ହ୍ରାସ ପାଇଥିବାରୁ ଏହି ଅଧ୍ୟୟନ ଭାରତର ଚିନ୍ତା ବଢ଼ାଇଛି। ବ୍ରିଟେନ୍‌ର ଇମ୍ପେରିଆଲ କଲେଜ ଲଣ୍ଡନର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ଭାରତରେ ପୁରୁଷଙ୍କ ତୁଳନାରେ କ୍ରୋନିକ୍ ଡିଜିଜରେ ପୀଡ଼ିତ ହୋଇ ଅଧିକ ମହିଳାଙ୍କର ମୃତ୍ୟୁ ଘଟିଛି। ଦେଶରେ ହୃଦ୍‌ରୋଗ ଏବଂ ମଧୁମେହରେ ପୀଡ଼ିତ ହୋଇ ସର୍ବାଧିକ ଲୋକ ମୃତ୍ୟୁମୁଖରେ ପଡ଼ୁଛନ୍ତି।

# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ | Bhubaneswar, Tuesday, September 16/2025








# ୧୨ ଜିଲାରେ ୨୭ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର

## ବିନିଯୋଗ ହେବ ୨୫ ହଜାର କୋଟି

### ଓଡ଼ିଶା ଶିଳ୍ପ ଇତିହାସରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ

- **୫୨ ହଜାର ନିଯୁକ୍ତି ସୁଯୋଗ ସୁନିଶ୍ଚିତ ହୋଇଛି**
- **୧୫ ମାସରେ ସରକାର ୨୬୦ ଶିଳ୍ପ ପ୍ରକଳ୍ପ ମଞ୍ଜୁର କଲେଣି**

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)



ଭୁବନେଶ୍ୱର ଓ୍ୱାଏଟି କନ୍‌ଭେନସନ ସେଣ୍ଟରରେ ସୋମବାର ଆୟୋଜିତ ୧୨ ଜିଲାର ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ (ବାମରୁ) ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏସ୍‌ଆର୍‌ଏଫ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ ଭରତରାମ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। **(ଫଟୋ:ବିକାଶ ନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଓ୍ୱାଏଟି କନ୍‌ଭେନସନ ସେଣ୍ଟରଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ ଜିଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିହୋଇଛି ବୋଲି ସେ କହିଛନ୍ତି। ୨୭ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି। ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧିପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକ୍ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିବା ଭଳି ସାମଗ୍ରୀ ନିର୍ମାଣ କରୁଛୁ। ଆମ ସରକାର ମାତ୍ର ୧୫ ମାସ ହେବ ଓଡ଼ିଶାର ଶାସନ ଦାୟିତ୍ୱ ନେଇଛନ୍ତି। ଏହି ଅଳ୍ପ ସମୟ ମଧ୍ୟରେ ସରକାର ୨୬୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଆମେ ୮୪ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ। ଏହାଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ହୋଇପାରିଛି ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇଛି। ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଶିଳ୍ପ ☞ପୃଷ୍ଠା-୨

# ୱାକ୍‌ଫ: ଜିଲାପାଳଙ୍କ କ୍ଷମତା ଉପରେ ସ୍ଥଗିତାଦେଶ

**କେନ୍ଦ୍ର ସରକାରଙ୍କ ବିବାଦୀୟ ୱାକ୍‌ଫ ସଂଶୋଧନ ଆଇନରେ କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ତେବେ ସମ୍ପୂର୍ଣ୍ଣ ଆଇନ ଉପରେ ରୋକ୍ ଲଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୱାକ୍‌ଫ ପାଇଁ ନୂଆ ଆଇନରେ ଜଣେ ଅନ୍ୟୁନ ୫ ବର୍ଷ ଇସ୍‌ଲାମ ଧର୍ମ ପାଳନ କରିବା ବ୍ୟବସ୍ଥା ରହିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଓ ରାଜ୍ୟ ୱାକ୍‌ଫ ବୋର୍ଡରେ ଅଣମୁସଲମାନ ସଦସ୍ୟ ମନୋନୟନ ସଂଖ୍ୟାକୁ ମଧ୍ୟ ଅଦାଲତ ସୀମିତ ରଖିଛନ୍ତି। ସବୁଠୁ ବଡ଼ କଥା ହେଲା କୌଣସି ସମ୍ପତ୍ତିକୁ ୱାକ୍‌ଫ ବିବେଚନା କରାଯାଇପାରିବ କି ନାହିଁ ତାହା ଉପରେ ନିଷ୍ପତ୍ତି ନେବା କ୍ଷମତା ଜିଲାପାଳଙ୍କୁ ଦିଆଯାଇଥିଲା। ସୁପ୍ରିମକୋର୍ଟ ଏହି ବ୍ୟବସ୍ଥା ଉପରେ ରୋକ୍ ଲଗାଇଛନ୍ତି। ବ୍ୟକ୍ତିଗତ ନାଗରିକଙ୍କ ଅଧିକାର ଉପରେ ଜିଲାପାଳ ନିର୍ଣ୍ଣୟ ନେବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହା କ୍ଷମତା ବିକେନ୍ଦ୍ରୀକରଣର ଉଲ୍ଲଂଘନ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।**

### ବୋର୍ଡରେ ଅଣମୁସଲମାନଙ୍କ ସଂଖ୍ୟା ସୀମିତ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୫।୯

ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା କେତେଗୁଡ଼ିଏ ପିଟିଶନ୍‌ର ଶୁଣାଣି କରିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ସୋମବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଉପରୋକ୍ତ ବ୍ୟବସ୍ଥା କ୍ଷମତାର ମନମାନି ପ୍ରୟୋଗ ହୋଇଥିବାରୁ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ଆବେଦନଗୁଡ଼ିକର ବିଚାର ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟବସ୍ଥାଗୁଡ଼ିକ ସ୍ଥଗିତ ରହିଲା ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ୱାକ୍‌ଫ ସମ୍ପତ୍ତି ପଞ୍ଜୀକରଣ ଆବଶ୍ୟକତା ଉପରେ ସ୍ଥଗିତାଦେଶ ଦେବାକୁ ଅଦାଲତ ମନା କରିଦେଇଛନ୍ତି। ଆଇନ ସଂଶୋଧନ ହେବା ପୂର୍ବରୁ ଏହି ବ୍ୟବସ୍ଥା ରହିଥିଲା ବୋଲି ବିଚାରପତି କହିଛନ୍ତି।

୧୨୮ ପୃଷ୍ଠାର ଅନ୍ତରୀଣ ରାୟରେ ସିଜେଆଇ ଗବଇ ଏବଂ ଜଷ୍ଟିସ୍ ମସିହ କହିଛନ୍ତି, ସବୁବେଳେ ଆଇନର ସାମ୍ବିଧାନିକତା ସପକ୍ଷରେ ପରିକଳ୍ପନା କରାଯାଇଥାଏ ଏବଂ କେବଳ ବିରଳରୁ ବିରଳତମ ମାମଲାରେ ଅଦାଲତ ହସ୍ତକ୍ଷେପ କରିଥାନ୍ତି। ସମ୍ପୂର୍ଣ୍ଣ ଆଇନର ବ୍ୟବସ୍ଥାଗୁଡ଼ିକୁ ସ୍ଥଗିତ ରଖିବା ପାଇଁ କୌଣସି ମାମଲା ଆମେ ପାଇନାହୁଁ। ତେଣୁ ସମ୍ପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବା ଆବେଦନକୁ ଖାରଜ କରାଗଲା। ତେବେ ପକ୍ଷମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସନ୍ତୁଳନକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ କ୍ଷମତା ସମେତ ୩ଟି ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଜାରି କରାଗଲା। ତଦନୁଯାୟୀ କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲ୍‌ରେ ୨୦ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୪ରୁ ଅଧିକ ହୋଇପାରିବ ନାହିଁ। ସେହିପରି ରାଜ୍ୟ ୱାକ୍‌ଫ ବୋର୍ଡର ମୋଟ ୧୧ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୩ରେ ସୀମିତ ରହିବ ବୋଲି କୋର୍ଟ କହିଛନ୍ତି। ସେହିପରି ସଂଶୋଧିତ ଆଇନର ଧାରା ୩ର ଉପଧାରା ଆର୍ ଅନୁଯାୟୀ, ଜଣେ ବ୍ୟକ୍ତି ୱାକ୍‌ଫ କରିବାକୁ ହେଲେ ଅନ୍ୟୁନ ୫ ବର୍ଷ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ଆବଶ୍ୟକତା ଉପରେ ସ୍ଥଗିତାଦେଶ ରାଜ୍ୟ ସରକାର ନୂଆ ନିୟମାବଳୀ ଆଣିବା ପର୍ଯ୍ୟନ୍ତ ଜାରି ରହିବ। ଉପଯୁକ୍ତ ଅଧିକାରୀ ରିପୋର୍ଟ ଦାଖଲ ନ କରିବା ପର୍ଯ୍ୟନ୍ତ କୌଣସି ସମ୍ପତ୍ତିକୁ ୱାକ୍‌ଫ ସମ୍ପତ୍ତି ବିବେଚନା କରାଯିବ ନାହିଁ ବୋଲି ☞ପୃଷ୍ଠା-୨

# ସ୍ୱର୍ଗଦ୍ୱାର: ଜଳିବା ପୂର୍ବରୁ ଆଖି ଖୋଲିଲେ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)



ପୁରୀ ମେଡିକାଲରେ ଚିକିତ୍ସାଧୀନ ଥିବା ପି.ଲକ୍ଷ୍ମୀ।

ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ତଥା ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ଶବଦାହ ନିମନ୍ତେ ସ୍ୱର୍ଗଦ୍ୱାରକୁ ଆସିଥିବା ଜଣେ ବୃଦ୍ଧା ଜୁଇରେ ଜଳିବା ପୂର୍ବରୁ ହଠାତ ଜୀବିତ ହୋଇଯିବା ଦେଖିବାକୁ ମିଳିଛି। ବୃଦ୍ଧା ଜଣଙ୍କ ହେଲେ ଗଞ୍ଜାମ ଜିଲା ଚିକିଟି ପୋଲସରା ଅଞ୍ଚଳର ୮୬ ବର୍ଷୀୟା ପି. ଲକ୍ଷ୍ମୀ। ଏହି ଘଟଣା ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ଅନୁଯାୟୀ, ସୋମବାର ପି. ଲକ୍ଷ୍ମୀଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ତାଙ୍କ ମୃତଦେହ ସତ୍କାର ପାଇଁ ଆମ୍ବୁଲାନ୍ସ ଯୋଗେ ଗଞ୍ଜାମରୁ ପୁରୀ ସ୍ୱର୍ଗଦ୍ୱାରକୁ ଆଣିଥିଲେ। ତେବେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ଆବଶ୍ୟକ ଥିବା ମେଡିକାଲ ଡକ୍ୟୁମେଣ୍ଟ ଏବଂ ଆଧାର କାର୍ଡ ପରିବାର ଲୋକେ ସାଙ୍ଗରେ ଆଣି ନ ଥିଲେ। ଫଳରେ ଶେଷକୃତ୍ୟ ସମ୍ପନ୍ନରେ ବିଳମ୍ବ ହୋଇଥିଲା। ଲକ୍ଷ୍ମୀଙ୍କୁ ସେହିପରି ରଖାଯାଇଥିଲା। ତେବେ ଏହି ସମୟରେ ସ୍ୱର୍ଗଦ୍ୱାର କର୍ମଚାରୀଙ୍କ ନଜର ଲକ୍ଷ୍ମୀଙ୍କ ଉପରେ ପଡ଼ିଥିଲା। ଲକ୍ଷ୍ମୀ ନିଃଶ୍ୱାସ ନେଉଥିବା ସହ ଆଖି ମିଟିମିଟି କରୁଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ କର୍ମଚାରୀମାନେ ପୁରୀ ସ୍ୱର୍ଗଦ୍ୱାର ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ଏବଂ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସ୍ୱର୍ଗଦ୍ୱାର ନିକଟକୁ ଡାକିଥିଲେ। ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଅପରପକ୍ଷରେ ପି. ଲକ୍ଷ୍ମୀ ଜୀବିତ ଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ଜାଣିବା ପରେ ଖୁସି ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ବିନା ଡାକ୍ତରୀ ପରୀକ୍ଷାରେ ବୃଦ୍ଧାଙ୍କୁ କିପରି ମୃତ ଭାବି ପରିବାର ଲୋକେ ଦାହ କରିବାକୁ ନେଉଥିଲେ, ତାହା ଏବେ ପ୍ରଶ୍ନବାଚୀ ହୋଇଛି।

# ଆରମ୍ଭ ହେଲା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

### ୨,୮୩,୨୬୫ ଅଭିଯୋଗର ହେବ ସମାଧାନ

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନା ସହାୟତାରୁ ବଞ୍ଚିତ ହେବେନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ ଓ ସୁଗମ କରାଯିବ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆହୁରି କହିଛନ୍ତି, ଉକ୍ତ ମଡ୍ୟୁଲ ମାଧ୍ୟମରେ ସୁଭଦ୍ରା ଆବେଦନକାରୀଙ୍କ ଅଭିଯୋଗ ଯଥା- ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ସୁଭଦ୍ରା ପୋର୍ଟାଲରେ ଅନ୍‌ଲାଇନ ଦ୍ୱାରା କିମ୍ବା ବିଭିନ୍ନ ସରକାରୀସ୍ତରରେ ଅଫ୍‌ଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍‌ସ୍ତରୀୟ ସ୍କ୍ରିନି କମିଟି ବା ଯାଞ୍ଚ କମିଟି କିମ୍ବା ନଗର ସ୍ତରୀୟ ଯାଞ୍ଚ କମିଟି ପାଖରେ ଦାଖଲ କରାଯିବ। ଆବଶ୍ୟକ ପଡ଼ିଲେ କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ। କମିଟି ରିପୋର୍ଟ ବା କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାରକରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବେ। ଏହାପରେ କମିଟି ପକ୍ଷରୁ ଯାଞ୍ଚ ରିପୋର୍ଟ ସହ ଜିଲାସ୍ତରୀୟ କିମ୍ବା ନଗର ନିଗମ ସ୍ତରୀୟ ଯାଞ୍ଚ କମିଟି ନିକଟକୁ ପଠାଇବେ। ଜିଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ। ହିତାଧିକାରୀମାନେ ସୁଭଦ୍ରା ୱେବ୍ ପୋର୍ଟାଲରେ ସେମାନଙ୍କ ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ।

**ଆଜିର ସମ୍ପାଦକୀୟ** | ଅନ୍ୟାୟ୍ୟ ବଣ୍ଟା ହେଉଛି

# ସିବିଏସ୍‌ଇର ନୂଆ ନିୟମ

### ଗୋଟିଏ ସ୍କୁଲରେ ୨ବର୍ଷ ପଢ଼ିଲେ ବୋର୍ଡ ପରୀକ୍ଷା ପାଇଁ ଯୋଗ୍ୟ ହେବେ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସୋମବାର ନୂଆ ନିୟମ ଜାରି କରିଛି। ଏଣିକି ବୋର୍ଡ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ କ୍ରମାଗତ ଦୁଇବର୍ଷ ଗୋଟିଏ ସ୍କୁଲରେ ପଢ଼ିବାକୁ ପଡ଼ିବ। ଏଥିସହ ଦଶମ ଓ ଦ୍ୱାଦଶ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ଭାବେ ଆଉ ୬ଟି ସର୍ତ୍ତାବଳୀ ପୂରଣ କରିବାକୁ ପଡ଼ିବ। ☞ପୃଷ୍ଠା-୨

# ପୃଥିବୀ ଆଡ଼କୁ ବଢ଼ୁଛି କୁତବମିନାର ଆକୃତିର କ୍ଷୁଦ୍ରଗ୍ରହ

ୱାଶିଂଟନ୍, ୧୫।୯



ଆସନ୍ତା ୧୮ରେ ଏକ ବିରଳ ମହାଜାଗତିକ ଘଟଣା ଘଟିବାକୁ ଯାଉଛି। ୨୦୨୫ ଏଫ୍ଏ ୨୨ ନାମକ ଏକ କ୍ଷୁଦ୍ରଗ୍ରହ ପୃଥିବୀ ନିକଟ ଦେଇ ଅତିକ୍ରମ କରିବ ବୋଲି ସୋମବାର ଆମେରିକୀୟ ମହାକାଶ ସଂସ୍ଥା ‘ନାସା’ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପ୍ରତି ନାସାର ସେଣ୍ଟର ଫର୍ ନିୟର୍ ଆର୍ଥ ଅବଜେକ୍ଟ ଷ୍ଟଡିଜ୍ (ସିଏନ୍‌ଇଓଏସ୍) ଏବଂ ଜେଟ୍ ପ୍ରପଲସନ୍ ଲାବୋରେଟୋରି (ଜେପିଏଲ୍) ଦ୍ୱାରା ଏହି କ୍ଷୁଦ୍ରଗ୍ରହର ଗତିପଥକୁ ଟ୍ରାକ୍ କରାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାର ହାୱାଇସ୍ଥିତ ‘ପ୍ୟାନ୍-ଷ୍ଟାର୍ସ ୨ ସର୍ଭେ’ ଦ୍ୱାରା ଏହି କ୍ଷୁଦ୍ରଗ୍ରହକୁ ଆବିଷ୍କାର କରାଯାଇଥିଲା। ଏହାର ବ୍ୟାସାର୍ଦ୍ଧ ୧୨୦ରୁ ୨୮୦ ମିଟର ମଧ୍ୟରେ ହୋଇପାରେ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଏହି ଦୃଷ୍ଟିକୋଣରୁ ଏଫ୍ଏ ୨୨ ଦିଲ୍ଲୀରେ ଥିବା ପ୍ରସିଦ୍ଧ ଦର୍ଶନୀୟ ସ୍ଥଳୀ କୁତବମିନାରଠାରୁ ସର୍ବନିମ୍ନ ୨ ଗୁଣା ଏବଂ ସର୍ବାଧିକ ୪ ଗୁଣା ଉଚ୍ଚ ହେବ। ଏହି ଆଷ୍ଟରଏଡ୍ ସୂର୍ଯ୍ୟଙ୍କ ଚାରିପାଖରେ ଏକ ସାମାନ୍ୟ ଢଳିଥିବା କକ୍ଷପଥରେ ଘୂରିଥାଏ। ଏହାର କକ୍ଷପଥର ଅବଧି ପ୍ରାୟ ୧.୮୫ ବର୍ଷ ରହିଛି। ଆସନ୍ତା ୧୮ରେ ଏହି କ୍ଷୁଦ୍ରଗ୍ରହ ପୃଥିବୀଠାରୁ ପ୍ରାୟ ୮ ଲକ୍ଷ ୪୨ ହଜାର କି.ମି. ଦୂର ଦେଇ ଅତିକ୍ରମ କରିବ। ଉକ୍ତ ଦୂରତା ଚନ୍ଦ୍ରଠାରୁ ପୃଥିବୀର ଦୂରତା ତୁଳନାରେ ୨ ଗୁଣ ଅଧିକ। ଇଣ୍ଟରନ୍ୟାଶନାଲ ଆଷ୍ଟରଏଡ୍ ୱାର୍ନିଂ ନେଟ୍‌ୱର୍କ (ଆଇଏଡବ୍ଲ୍ୟୁଏନ୍) ସମ୍ପ୍ରତି ଉଭୟ ରାଡାର ଏବଂ ଶକ୍ତିଶାଳୀ ଅପ୍ଟିକାଲ ଟେଲିସ୍କୋପର ବ୍ୟବହାର କରି ଏଫ୍ଏ୨୨ କ୍ଷୁଦ୍ରଗ୍ରହର କକ୍ଷପଥ ଏବଂ ଗଠନକୁ ନେଇ ଅଧ୍ୟୟନ ଜାରି ରଖିଥିବା ନାସା ସୂଚନା ଦେଇଛି। ତେବେ ଏଫ୍ଏ୨୨ ପୃଥିବୀ ନିକଟ ଦେଇ ଅତିକ୍ରମ କରିବା ପ୍ରଭାବରେ କୌଣସି ବିପଦ ଆଶଙ୍କା ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ: ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ନିମାପଡ଼ା ଏନ୍ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶହୀଦ ଦିବସ ପାଳନ ସମାରୋହ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: ଥାନା ସମ୍ମୁଖ ଶହୀଦ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ବାଲେଶ୍ୱର**
- ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ ଭବନ, ପଢୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭଇଁସାହି ପଞ୍ଚାୟତ ଅଫିସ୍, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ ଉଦ୍‌ଯାପନ, ସ୍ଥାନ: ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଶିଶୁ ମହୋତ୍ସବ ମହକ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ନାଇପର ପ୍ରତିଷ୍ଠା ପାଇଁ ରାଲି, ସ୍ଥାନ: ହିଲପାଟଣା ଗଣେଶ ମନ୍ଦିର, ସମୟ: ଅପରାହ୍ନ ୩ଟା।

**ଗଞ୍ଜାମ**
- ଏକ୍‌ପେଡ୍ ମା' କେ ନାମ୍ କାର୍ଯ୍ୟକମ, ସ୍ଥାନ: ପାତ୍ରପୁର ବ୍ଲକ୍ ପୋଡାଡିଗି , ସମୟ: ସକାଳ ୮ଟା।
- ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ରାଜସ୍ୱ ସମ୍ମିଳନୀ, ସ୍ଥାନ: ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ ଟା ୧୫।
- ଏକ୍‌ପେଡ୍ ମା' କେ ନାମ୍, ସ୍ଥାନ: କୁକୁଡାଖଣ୍ଡି ବ୍ଲକ୍ ବୋରିଗାଁ, ସମୟ: ଅପରାହ୍ନ ୨ ଟା।
- ମିଳିତ କ୍ରିୟାନୁଷ୍ଠାନ ରାଲି ଓ ସ୍ମାରକପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

**ଅନୁଗୋଳ**
- ସ୍ୱଚ୍ଛତା ପକ୍ଷ ପାଳନ ଦିବସରେ ଶପଥ ପାଠ, ସ୍ଥାନ: ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ଆଠମଲ୍ଲିକ କଲ୍ୟାଣ ମଣ୍ଡପ: ସମୟ : ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ତୃତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ରାୟଗଡ଼ା**
- ମହିଳାଙ୍କୁ ମିଲେଟ ତିଆରି ସାମଗ୍ରୀ ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋକୁଲମୁଣ୍ଡା ଗ୍ରାମ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଡାଙ୍ଗ ସୋରଡ଼ା ଶିବ ମନ୍ଦିର ପଡ଼ିଆ, ଚନ୍ଦ୍ରପୁର, ସମୟ: ରାତି ୧୦ଟା।

**କୋରାପୁଟ**
- କୋଟ୍‌ସ ଓ ଇଗ୍ନୋ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: କୋଟସ ସେମିନାର ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମାଲକାନଗିରି**
- ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ମାଲକାନଗିରି ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରାମଲୀଳା ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଓଜନ ଦିବସ ପାଳନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ଗାୟତ୍ରୀ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ସେକ୍ଟର– –୨ ଗାୟତ୍ରୀ ପୀଠ, ସମୟ: ସକାଳ ୫ଟା ୩୦।
- ହୋମିଓପାଥି କଲେଜରେ ରକ୍ତଦାନ ଶିବିର, ସ୍ଥାନ: ସେକ୍ଟର–୨୧, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଜେଲ୍ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୫ଟା ୩୦।

**ସୁନ୍ଦରଗଡ଼**
- ଜିଲା ପରିଷଦ ବୈଠକ,ସ୍ଥାନ:ବିକାଶ ଭବନ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ୧୦ଟା ୩୦।
- ଜିଲା ସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର,ସ୍ଥାନ:ମାହେଶ୍ୱରୀ ବିଜ୍ଞାନ ଓ କଳା ମହାବିଦ୍ୟାଳୟ, ଶଙ୍କରା,ସୁନ୍ଦରଗଡ,ସମୟ: ଅପରାହ୍ନ ୩ଟା୩୦।
- ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତିର ପ୍ରଥମ ଗଭର୍ଣ୍ଣିଂ ବଡି ମିଟିଂ, ସ୍ଥାନ: ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ:ଅପରାହ୍ନ ୪ଟା।

**ବରଗଡ଼**
- ଅଭିଭାବକ ସଂଘର ଧାରଣା, ସ୍ଥାନ: ଦଧିବାମନ ହାଇସ୍କୁଲ, କୁମେଲସିଂହା, ଅତାବିରା, ସମୟ: ସକାଳ ୯ଟା ୩୦।
- ବୀର ମନୋହର ସିଂଙ୍କ ବଳିଦାନ ଦିବସ, ସ୍ଥାନ: ଚିତାଖାଇ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ମଚ୍ଚ୍ଚ ଫୋଟୋ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଏକ ପେଡ୍ ମାଁ କେ ନାମ୍ ସଚେତନତା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା ।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ବ୍ଲକସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ମା' ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପରିସର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପୂଜାର ତୃତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର କର୍ଡାପାଲ, ମୁର୍ଚ୍ଛୁନି ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।
- ଦେବିବୁଢ଼ୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବହଳପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିରରେ ମହାଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଷଷ୍ଠତମ ରୟାଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ତୃତୀୟସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ଲାଭକରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବାର ଯୋଜନା କାର୍ଯ୍ୟକାରୀ ହେବ। ତର୍କବିତର୍କକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ସୃଷ୍ଟି ହୋଇପାରେ।

**ବୃଷ**
ଭାଗ୍ୟାଧିପ ଏକାଦଶସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ମିଳିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅପ୍ରିୟ ସତ୍ୟ ଭାଷଣ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟିକରିବ। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ବିଚାରବିମର୍ଶ ସହ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବା ଆଶା ରହିଛି।

**ମିଥୁନ**
ରାଶିରେ ଧନକର୍ମାଧିପତିଙ୍କ ସଂଯୋଗ ହେତୁ କର୍ମାରମ୍ଭ ସକାଶେ ଜୋର୍‌ସୋରରେ ପ୍ରସ୍ତୁତି ଚଳାଇ ପାରନ୍ତି। ବନ୍ଧୁ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟ ପ୍ରୀତିପ୍ରଦ ହେବ। ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସିଆଲି କାମରେ କେତେକ ଘଟଣା ମୁଣ୍ଡବିନ୍ଧାର କାରଣ ପାଲଟିଯାଇପାରେ।

**କର୍କଟ**
ରାହୁଦୃଷ୍ଟ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବହେଳାକରି ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ପରିବାରର ଆବଶ୍ୟକତା ପୂରଣ ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସିତ ହେବା ସହ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ସ୍ୱଗୃହୀ ରବିଙ୍କ ଯୋଗୁ ଦକ୍ଷତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ସ୍ତରରେ ସମ୍ମାନର ଶୀର୍ଷକୁ ନେବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟରେ ଉନ୍ନତି ସହ କାର୍ଯ୍ୟହାସଲରେ ଆନନ୍ଦ ଅନୁଭବ କରିବେ। ଉପରିସ୍ଥଙ୍କ ଆଦେଶରେ ନୂତନ ଦାୟିତ୍ୱ ହାତକୁ ନେବେ। ଆଜିର ଯାତ୍ରା, ପ୍ରଶାସନ ଓ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**କନ୍ୟା**
ବୁଧ ରାଶିରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ କାମ ହାସଲକରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି। ରାଜନୈତିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମର ପରିସ୍ଥିତି ଗମ୍ଭୀର ରହିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆବଶ୍ୟକ ସାହାଯ୍ୟ କରିବେ।

**ତୁଳା**
ଦଶମ କେନ୍ଦ୍ରରେ ବୃହସ୍ପତିଙ୍କ ଯୋଗୁ ଆପଣଙ୍କର ଅନୁକମ୍ପାର ଆବଶ୍ୟକତାକୁ ନେଇ ସମ୍ପର୍କୀୟ ଆଶାୟୀ ହେବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରୁ ଉପକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହ ଯାତ୍ରା, ଆଲୋଚନା, ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିପାରନ୍ତି।

**ବିଛା**
ଗୁରୁ ଦୃଷ୍ଟିରେ ମଙ୍ଗଳ ଯୋଗୁ ସଂଯମ ଚିନ୍ତାଧାରା ସହ ଦୁଃସାହସିକ ପଦକ୍ଷେପ କାର୍ଯ୍ୟ ହାସଲରେ ସହାୟକ ହେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ ଆଶାଜନକ ଖବର ପାଇ ଖୁସିହେବେ। ବନ୍ଧୁଙ୍କ ସହ ଆଳାପରେ ସମୟ କଟିପାରେ। ସଭାସମିତି, ଜମିଜମା କାରବାରରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ**
ଚନ୍ଦ୍ର ସହ ଗୁରୁଙ୍କ ଦୃଷ୍ଟି କାରଣରୁ ଦୀର୍ଘଦିନର ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ। ଆଜିର ଦୂରଯାତ୍ରା ସଫଳ ହେବ। ନୂତନ ଜିନିଷ ଲାଭକରି ପରିବାରରେ ଆଦରଣୀୟ ହେବେ। ପଡ଼ୋଶୀଙ୍କ କଳହ ମାନସିକ ଅଶାନ୍ତିର କାରଣ ହୋଇପାରେ। ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସି ରହିପାରନ୍ତି।

**ମକର**
କୋଣଭାବକୁ ମଙ୍ଗଳଙ୍କ ଦୃଷ୍ଟିରୁ ଦୁଶ୍ଚିନ୍ତା ଦୂରେଇଯିବା ସହ କାମ ହାସଲକରିବେ। ପାରସ୍ପରିକ ବୁଝାମଣା ପାରିବାରିକ ଜୀବନରେ ଆଶାର ଆଲୋକକୁ ପ୍ରଜ୍ୱଳିତ କରିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା ଅଦଳବଦଳ ହୋଇଯାଇପାରେ। ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**
ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟରେ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟକାରୀ ମନୋବୃତ୍ତିରୁ ଖୁସି ହେବେ। କିଛି ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ କଟିବ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟରେ ସଫଳତା ହାସଲକରିବେ, କିନ୍ତୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟିକରିପାରେ ।

**ମୀନ**
ସପ୍ତମ କେନ୍ଦ୍ରସ୍ଥ ବୁଧଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନାରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ।

ଆଜି ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ୍ ଦିବସ, ଆଶ୍ୱିନ କୃଷ୍ଣ ଦଶମୀ ମଙ୍ଗଳବାର। ରାଶି ନକ୍ଷତ୍ର–ପୁନର୍ବସୁ/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ଦିବା ଘ.୦୫।୩୭ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୪୩ ଗତେ, ଘ. ୦୪।୧୪ ମଧ୍ୟେ ରାହୁକାଳ।

# ବିପଦପୂର୍ଣ୍ଣ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ: ମନ୍ତ୍ରୀ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

ଏଣିକି ବିପଦପୂର୍ଣ୍ଣ ଗାଡ଼ି ଡ୍ରାଇଭିଂ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଦିଆଯିବ। ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ରିଲ୍ସ ନାଁରେ ଯେଉଁମାନେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ଉପରେ କଡା ନଜର ରଖାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ ମଧ କଡା ନଜର ରହିବ। ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ସମସ୍ତ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଗାଡି ଜବତ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଏବଂ ଜରିମାନା ଆଦାୟ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରୁ ରିଲ୍ସ କରିବା ନିଶାରେ ବେପରୁଆ ଗାଡି ଡ୍ରାଇଭିଂ କରୁଥିବାର ଏକାଧିକ ଭିଡିଓ ନଜରକୁ ଆସୁଛି। ଗୋଟିଏ ଘଟଣା ଏପରି ଯେ ବେପରୁଆ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ନାଁରେ ଗାଡିର କାଗଜପତ୍ର ନାହିଁ। ତେଣୁ ଏଭଳି ଘଟଣା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେକ୍ସନ ୫୩ ଆଇନ ଅନୁଯାୟୀ ଯେଉଁମାନେ ଏଭଳି ଦଣ୍ଡନୀୟ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ ଜାମିନ୍ ବିହୀନ ପରୱାନା ସାଙ୍ଗକୁ ମୋଟା ଅଙ୍କର ଜରିମାନା ଆଦାୟ ପାଇଁ ନିଷ୍ପତ୍ତି ନିଆଯାଇଛି।

# ନୂଆପଡ଼ା ଉପନିର୍ବାଚନ: ରାଜନୈତିକ ଦଳଙ୍କ ସହ ସିଇଓଙ୍କ ବୈଠକ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ନୂଆପଡ଼ାରେ ହେବାକୁ ଥିବା ସମ୍ଭାବ୍ୟ ଉପନିର୍ବାଚନକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଅପରାହ୍ନରେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଇଓ କହିଛନ୍ତି, ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜୁଲାଇ ପହିଲାକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ ଓଡ଼ିଶାର ୭୧–ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ଭାବ୍ୟ ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍ଏସ୍ଆର୍) ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ସବୁ ରାଜନୈତିକ ଦଳ ସେମାନଙ୍କର ପ୍ରତିନିଧି ତୁରନ୍ତ ଦେବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଯେତେ ଶୀଘ୍ର ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯିବ, ସେତେଶୀଘ୍ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରାଯାଇପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଏସ୍ଏସ୍ଆର୍ ପୂର୍ବରୁ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୪୮ହଜାର ୨୫୬ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ବର୍ଗର ୧ଲକ୍ଷ ୨୧ହଜାର ୧୦୩ଜଣ ରହିଥିବାବେଳେ ମହିଳା ବର୍ଗର ୧ଲକ୍ଷ ୨୬ହଜାର ୧୩୨ଜଣ ମତଦାତା ରହିଛନ୍ତି। ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ବର୍ଗର ରହିଛନ୍ତି। ବୈଠକରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର ଓ ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସହିତ ଅନ୍ୟାନ୍ୟ ଦଳର ପ୍ରତିନିଧି ଓ ସିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପାଲଟା ଅଭିଯୋଗକଲେ ନିଲମ୍ବିତ ଶିକ୍ଷୟିତ୍ରୀ

ବେତନଟୀ/ବୈଶିଙ୍ଗା,୧୫।୯
(ଧରଣୀଧର ମହାନ୍ତି/ରତନ ଦାଶ)

**ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ପିଲାଙ୍କୁ ନିସ୍ତୁକ ମାଡ଼ ମାରିବା ଘଟଣା**

ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ୩୦ଜଣ ଛାତ୍ରୀଛାତ୍ରଙ୍କୁ ବାଉଁଶବାଡ଼ିରେ ନିସ୍ତୁକ ମାଡ଼ମାରି ଆହତ କରିବା ଅଭିଯୋଗରେ ନିଲମ୍ବିତ ଶିକ୍ଷୟିତ୍ରୀ ଘଟଣାର ୨ଦିନ ପରେ ସୋମବାର କେତେଜଣ ଅଭିଭାବକଙ୍କ ନାଁରେ ବୈଶିଙ୍ଗା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଭାବକମାନେ ସୋମବାର ତାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଓ ତାଙ୍କ ଶ୍ୱଶୁର ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଏବଂ ଧମକଚମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ବାରିଣୀ ଦାସ ଏକ ମାମଲା (ନଂ. ୪୭୧/୨୫) ରୁଜୁ କରିଛନ୍ତି। ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ୍ ଅଧୀନ ପାଟଳିପୁରା ପଞ୍ଚାୟତ ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି କର ଗତ ଗୁରୁବାର ବିଦ୍ୟାଳୟରେ ପ୍ରାର୍ଥନା ସରିବା ପରେ ପ୍ରଣାମ ନ କରିବାରୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୩୦ ଜଣ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମ୍‌କୁ ଯାଇ ଏକ ବାଉଁଶବାଡ଼ିରେ ନିସ୍ତୁକ ମାଡ଼ମାରି ଆହତ କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହେବା ସହ ଅଭିଭାବକମାନେ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଇଓ ବିପ୍ଳବ କର ବିଦ୍ୟାଳୟରେ ପହଞ୍ଚି ତଦନ୍ତକରି ଚିଠି ନଂ.୨୫୭୭/୧୩।୯।୨୫ରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ୧୨ ଜିଲାରେ...

ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି ବୋଲି ସେ କହିଛନ୍ତି। ଏକ୍ ପେଡ୍ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରାରୋପଣ କରନ୍ତୁ। ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ। ଆସନ୍ତା୧୭ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନହେବ। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ ରାଜ୍ୟବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ନିଷ୍ପତ୍ତି କରିଛନ୍ତି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ବର୍ତ୍ତମାନ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ବିଶ୍ୱାସ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି, ଯାହାର ଇଚ୍ଛା ଓ ଦୃଢ଼ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି, କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ। ଏହି ଭରସାରେ ରାଜ୍ୟ ସରକାର ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## ସିବିଏସ୍‌ଇର ନୂଆ ନିୟମ...

ଚଳିତବର୍ଷରୁ ଏହା ଲାଗୁ ହେବ। ସର୍ତ୍ତାବଳୀ ବା ନିୟମ ପାଳନ କରୁ ନ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ସାନ୍ୟମ ଭରଦ୍ୱାଜଙ୍କ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ କରାଯାଇଛି। ସେଥିଲେ ଉଲ୍ଲେଖ କରାଯାଇଛି ଯେ, ଦଶମ ପରୀକ୍ଷା ପାଇଁ ସେହି ସ୍କୁଲରେ ନବମ ଶ୍ରେଣୀ ପଢ଼ିବାକୁ ପଡ଼ିବ। ସେହିପରି ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ପଢ଼ିବାକୁ ବାଧ୍ୟତାମୂଳକ କରାଯାଇଛି। ସ୍କୁଲରେ ଅତିକମ୍‌ରେ ୭୫% ଉପସ୍ଥାନର ଆବଶ୍ୟକତା ରହିଛି। ସିବିଏସ୍‌ଇ ଦ୍ୱାରା ପ୍ରଦତ୍ତ ସମସ୍ତ ବିଷୟରେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନକୁ ପ୍ରାଧାନ୍ୟ ଦିଆଯାଇଛି। ପିଲାମାନେ ସ୍କୁଲରେ ଅନୁପସ୍ଥିତ ଥିଲେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କରାଯାଇପାରିବ ନାହିଁ। ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ହୋଇ ନ ଥିଲେ ରେଜଲ୍ଟ ଘୋଷଣା କରାଯିବ ନାହିଁ। ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଦୁଇଟି ଅତିରିକ୍ତ ବିଷୟ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ ଅତିରିକ୍ତ ବିଷୟ ବାଛିବାର ବିକଳ୍ପ ପାଇବେ। କିନ୍ତୁ ଏହି ବିଷୟଗୁଡ଼ିକୁ ମଧ ଉଭୟ ବର୍ଷ ପାଇଁ ପଢ଼ିବାକୁ ପଡ଼ିବ। ଯେଉଁ ବିଷୟଗୁଡ଼ିକ ସ୍କୁଲରେ ଉପଲବ୍ଧ ନାହିଁ କିମ୍ବା ସ୍ୱତନ୍ତ୍ର ଶିକ୍ଷକ ନାହାନ୍ତି, ସେହି ବିଷୟଗୁଡିକୁ ବୋର୍ଡ ପରୀକ୍ଷାରେ ସାମିଲ କରାଯିବ ନାହିଁ। ଯଦି ଜଣେ ଛାତ୍ର ତାଙ୍କ ଅତିରିକ୍ତ ବିଷୟରେ ବିଫଳ ହୁଅନ୍ତି, ତେବେ ତାଙ୍କୁ 'କମ୍ପାର୍ଟମେଣ୍ଟ' କିମ୍ବା 'ଆବଶ୍ୟକୀୟ ପୁନରାବୃତ୍ତି' ଦିଆଯିବ। ସେ ପରବର୍ତ୍ତୀ ଥର ବ୍ୟକ୍ତିଗତ ପ୍ରାର୍ଥୀ ହୋଇ ପୁଣି ଥରେ ପରୀକ୍ଷା ଦେଇପାରିବେ। ଏହି ନିୟମଗୁଡ଼ିକ ପୂରଣ ନ କଲେ, ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ବ୍ୟକ୍ତିଗତ ପ୍ରାର୍ଥୀ ଭାବେ ଅତିରିକ୍ତ ବିଷୟ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

## ୱାକ୍‌ଫ: ଜିଲାପାଳଙ୍କ...

ଥିବା ବ୍ୟବସ୍ଥା ଉପରେ ମଧ ରୋକ୍ ଲଗାଯାଇଛି। ଉପଯୁକ୍ତ ଅଧିକାରୀ ଉକ୍ତ ସମ୍ପତ୍ତିକୁ ଯଦି ସରକାରୀ ସମ୍ପତ୍ତି ଭାବେ ନିର୍ଦ୍ଧାରଣ କରନ୍ତି, ତେବେ ସେ ରାଜସ୍ୱ ରେକର୍ଡରେ ଆବଶ୍ୟକ ସଂଶୋଧନ କରାଇବା ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଲାଗୁ ହୋଇଛି। ସେହିପରି ଟ୍ରିବ୍ୟୁନାଲ ଦ୍ୱାରା ବିବାଦୀୟ ସମ୍ପତ୍ତିର ମାଲିକାନା ହକ୍ ସମ୍ପର୍କରେ ଚୂଡ଼ାନ୍ତ ନିର୍ଦ୍ଧାରଣ ନ ହେବା ଯାଏ ଅପିଲ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ, ତୃତୀୟ ପକ୍ଷ ଅଧିକାର ସୃଷ୍ଟି ହେବାକୁ ଦିଆଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଧାରା ୨୩ ଅନୁଯାୟୀ ସଂଶୋଧିତ ଆଇନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତାଙ୍କ ସେବା ସର୍ତ୍ତାବଳୀ ଉପରେ ଅଦାଲତ ସ୍ଥଗିତାଦେଶ ଲଗାଇ ନ ଥିବାବେଳେ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯଥାସମ୍ଭବ ମୁସଲମାନ ସମ୍ପ୍ରଦାୟରୁ ସମ୍ପାଦକ ପଦବୀରେ ରହିଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଛ ମୁଁ କାଟିଲି ଖଣ୍ଡିଖଣ୍ଡିକା**
**ମଝି ଖଣ୍ଡି କଲି ଭଜା**
**ତୁ ମତେ କହୁ ବିଟପୀ ନାରୀ**
**ପରାସ କରି ନ ଯା।**

ବିଶ୍ୱାସ ଓ ଭରସା ଉପରେ ପ୍ରତିଷ୍ଠିତ ସ୍ୱାମୀ–ସ୍ତ୍ରୀଙ୍କ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟଜଣଙ୍କୁ ଅବିଶ୍ୱାସ କରିବା ଆରମ୍ଭ କରିଦିଏ ସେତେବେଳେ ତୁଟିଯାଏ ଭରସା, ବେଶିଦିନ ରହିପାରେ ନାହିଁ ଆଗର ସେ ସମ୍ପର୍କ। ସେହିପରି ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଯଦି ସନ୍ଦେହ କରି ବସେ ତା'ହେଲେ ସ୍ତ୍ରୀର ବିବଶତା ବହୁ ପରିମାଣରେ ବଢ଼ିଯାଇଥାଏ ଓ ଏହାକୁ ସହ୍ୟ କରିବା ତା'ପକ୍ଷେ ଅସମ୍ଭବ ହୋଇପଡ଼ିଥାଏ। ଏପରି ସ୍ଥିତିରେ ପ୍ରବାସୀ ସ୍ୱାମୀକୁ ଘରେ ରହିବା ନେଇ ସ୍ତ୍ରୀ ପ୍ରବର୍ତ୍ତାଉ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମତେ ନ ବୋଲିବ ବୁଢ଼ୀ**
**ମୁଁ ବଅସରେ ପାଞ୍ଚ କୋଡ଼ି।**

ମହିଳାମାନେ ସାଧାରଣତଃ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ଜଣକ ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୯ (ରବିନାରାୟଣ ଜେନା)**

ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏକାଦଶତମ ନିଯୁକ୍ତି ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ସେ କହିଛନ୍ତି, ଲୋକଙ୍କ ସେବା ହିଁ ପ୍ରକୃତ ସେବା। ସରକାରୀ ଚାକିରି କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରି ନ ଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା ଉଚିତ। ସଚ୍ଚୋଟତାକୁ କର୍ମସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ କରିପାରିଲେ ଅସୀମିତ ଆତ୍ମସନ୍ତୋଷ ମିଳିଥାଏ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ଆପଣଙ୍କ ପାଇଁ ସବୁଠାରୁ ବଡ଼ ପୁଞ୍ଜି ହେବ ବୋଲି ନବନିଯୁକ୍ତିଙ୍କୁ ସେ କହିଛନ୍ତି।

ଏହି ନିଯୁକ୍ତିମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧,୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସାମ୍ପ୍ରତିକ ସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି ବୋଲି କହିଛନ୍ତି। ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଏବକକୁ ମିଶାଇ ସମୁଦାୟ ୩୦,୦୩୨ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ପ୍ରତିଭା ଆଧାରରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଖୁସି ବ୍ୟକ୍ତକରି କହିଛନ୍ତି, ଆମ ସରକାରରେ ଯେତେ ବି ପରୀକ୍ଷା ହେଉଛି କୌଣସିଠାରେ ଦୁର୍ନୀତି ବା ଅନିୟମିତତାର ଅଭିଯୋଗ ଆସିନାହିଁ। ଯେତେବେଳେ ବି ସାମାନ୍ୟତମ ସୁରାକ ଆସୁଛି, ତା' ଉପରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମ ସରକାରର ଲକ୍ଷ୍ୟ ହେଉଛି, ସବୁ ପରୀକ୍ଷାର୍ଥୀଙ୍କୁ ଲେଭଲ ପ୍ଲେଇଂ ଫିଲ୍ଡ(ଏଲ୍‌ପିଏଫ୍) ପ୍ରଦାନ କରିବା, ଯାହାଦ୍ୱାରା କେବଳ ଯୋଗ୍ୟ ପ୍ରାର୍ଥୀ ହିଁ ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି। ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ୧.୫୦ ଲକ୍ଷ ନିଯୁକ୍ତି ପ୍ରଦାନ। ଆଜି ସୁଦ୍ଧା ୩୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି। ପାଞ୍ଚ ବର୍ଷ ଭିତରେ ଆମେ ଖାଲିଥିବା ସମସ୍ତ ପଦବୀ ପୂରଣ କରିବୁ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ। କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

- **ଏକାଦଶ ନିଯୁକ୍ତି ମେଳାରେ ୧,୬୮୬ ଜଣଙ୍କୁ ନିଯୁକ୍ତି**
- **୧୫ ମାସରେ ୧,୦୭,୯୨୬ ଜଣଙ୍କୁ ମିଳିଛି ସରକାରୀ ଓ ବେସରକାରୀ ନିଯୁକ୍ତି**

# ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'

**ଚିତ୍ରଶିଳ୍ପୀ ବଳଦେବ ମହାରଥୀ, ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**



କଥାକାର ଦେବଦାସ ଛୋଟରାୟ

**ଭୁବନେଶ୍ୱର, ୧୫।୯(ସୌମ୍ୟରଞ୍ଜନ ରାଉତ)**

ସାହିତ୍ୟରେ ଶ୍ରେଷ୍ଠ କୃତି ଲାଗି ଚଳିତବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ବିଶିଷ୍ଟ କବି ତଥା କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ। ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ପାଇଁ ସେ ଏହି ପୁରସ୍କାର ପାଇବେ। ଆସନ୍ତା ଅକ୍ଟୋବର ୨୬ରେ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୋମବାର ଘୋଷଣା କରାଯାଇଛି।

ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ସାମିଲ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ଦେବଦାସଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ସମେତ ଅପର୍ଣ୍ଣା ମହାନ୍ତିଙ୍କ କବିତା ସଙ୍କଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଙ୍କଳନ 'ଭୂମି ସ୍ୱର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା' ଓ ଗଳ୍ପ ସଙ୍କଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥ୍ୱୀ' ଓ ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା' ରହିଥିଲା। ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ଘୋଷଣା ହୋଇଛି। ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।






# ରାଜ୍ୟରେ ସାର ଅଭାବ ନେଇ ରାଜଭବନ ଆଗରେ ବିଜେଡିର ଗଣଧାରଣା

## ସାର ଯୋଗାଣ ବ୍ୟବସ୍ଥିତ କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ



ରାଜ୍ୟପାଳ ଡକ୍ଟର ହରିବାକୁ କମ୍ଭମ୍ପାଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ବିଜେଡି ନେତୃବୃନ୍ଦ।

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

ରାଜ୍ୟରେ ସାରର ଅଭାବ ଯୋଗୁ ଚାଷୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗକରି ବିଜେଡି ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣାକରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନରେ ରୋକ ଲଗାଇବା ପାଇଁ ସାର ଯୋଗାଣ ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ପକ୍ଷରୁ ସୋମବାର ରାଜଭବନ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ବହୁ ସଂଖ୍ୟାରେ ଚାଷୀଙ୍କ ସମେତ ଦଳର ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ ସାରର କଳାବଜାର ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସାର ବ୍ୟାଗ୍ ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ଗତ ୨ ଦଶନ୍ଧିରେ ରାଜ୍ୟର କୃଷକମାନେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେ ବି ସୃଷ୍ଟିହୋଇ ନ ଥିଲା। ସାରର ଅଭାବ ଦେଖାଦେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ୨ ଥର ସମୀକ୍ଷା କଲେଣି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାର ନ ପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡ଼ିବ ବୋଲି ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ଏହାପରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜଭବନ ଭିତରକୁ ଯାଇ ସାରର ଅଭାବକୁ ନେଇ ଉପୁଜିଥିବା ସ୍ଥିତି ଉପରେ ରାଜ୍ୟପାଳ ଡକ୍ଟର ହରିବାକୁ କମ୍ଭମ୍ପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା କୃଷକ ସେଲ୍ ଆବାହକ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଛନ୍ତି। ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ ସେନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ବିଜେଡି ପକ୍ଷରୁ ଲୋଡ଼ାଯାଇଛି।




ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। **–ଶ୍ରୀଅରବିନ୍ଦ**



# ଅନ୍ୟାୟ ବର୍ଷାହେଉଛି

ସମାଧାନ ନ ହୋଇ ପଡ଼ିରହିଥିବା ଅନେକ କୋଟି ମାମଲା ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଭାରାକ୍ରାନ୍ତ ହୋଇଗଲାଣି। ଏହି ବିଷୟରେ ଅନେକ ଲେଖା ଓ ଆଲୋଚନା ଏବଂ ସମ୍ମିଳନୀ କରାଯାଉଥିବା ପରିଲକ୍ଷିତ ହେଉଛି। ଅନେକ ସମ୍ମିଳନୀରେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିମାନେ ଯୋଗଦେଇ ସରକାରୀ ବ୍ୟବସ୍ଥାକୁ ଦୋଷ ଦେଉଛନ୍ତି। ଅନ୍ୟପଟେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସହିତ ଅନ୍ୟ ମନ୍ତ୍ରୀମାନେ ନ୍ୟାୟାଳୟ ଏବଂ ବିଚାରପତିମାନଙ୍କ ଉପରେ ଅପାରଗତାର ଦୋଷ ଲଦୁଛନ୍ତି। ମୂଳକଥା ହେଉଛି ଯେ, ଏହି ଦୁଇ ଶକ୍ତିଶାଳୀ ଗୋଷ୍ଠୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ କିମ୍ବା ଲଢ଼େଇ ଫଳରେ ସାଧାରଣ ନାଗରିକ ଦେଶର ଆଇନ ବ୍ୟବସ୍ଥା ଉପରେ ବିଶ୍ୱାସ ହରାଇ ସାରିଲେଣି। 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ଢଗକୁ ସମସ୍ତେ ବିଶ୍ୱାସ କରିଗଲେଣି।

ନିକଟରେ ପ୍ରକାଶିତ ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି) ତଥ୍ୟ ଅନୁଯାୟୀ, ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ଭାରତର ସୁପ୍ରିମକୋର୍ଟରେ ୮୮,୪୧୭ ମାମଲା ବିଚାର ନ ହୋଇ ପଡ଼ିରହିଛି। ଏହା ବ୍ୟତୀତ ଏନ୍‌ଜେଡିଜି ରିପୋର୍ଟରୁ ଜଣାପଡ଼େ ଯେ, ଦେଶର ବିଭିନ୍ନ ଜିଲା କୋର୍ଟ ଓ ହାଇକୋର୍ଟଗୁଡ଼ିକରେ ପାଖାପାଖି ୫ କୋଟି ୩୯ ଲକ୍ଷ ମାମଲାର ବିଚାର ହୋଇପାରି ନାହିଁ। ଏହିସବୁ ମାମଲାରେ ସବୁଠୁ ବଡ଼ ଲିଟିଗାଣ୍ଟ ବା ପକ୍ଷ ହେଉଛନ୍ତି ସରକାର ଏବଂ ପ୍ରାୟ ୫୦% ମାମଲା ସରକାରଙ୍କ ତରଫରୁ ହୋଇଛି। ସମ୍ପତ୍ତି ଓ ଜମିକୁ ନେଇ ସମୁଦାୟ ମାମଲାର ୨୦ ପ୍ରତିଶତ ରହିଥିବା ବେଳେ ବକେୟା ମାମଲାର ଏହା ହେଉଛି ପ୍ରାୟ ୬୬ ପ୍ରତିଶତ। ଉଲ୍ଲେଖନୀୟ ଯେ, ଦେଶର ସମସ୍ତ ଜିଲା କୋର୍ଟ ଓ ହାଇକୋର୍ଟରେ ୧,୮୦,୦୦୦ରୁ ଅଧିକ ମାମଲା ୩୦ ବର୍ଷରୁ ଅଧିକ ସମୟ ଧରି ବିଚାର ନ ହୋଇ ପଡ଼ିରହିଛି। ଏଭଳି ସ୍ଥିତିର କେତୋଟି କାରଣ ମଧ୍ୟରେ ରହିଛି ବିଚାରପତିଙ୍କ ଅଭାବ ଓ ଠିକ୍ ସମୟରେ ସେସବୁ ପଦବୀ ପୂରଣ ହେଉନାହିଁ। ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ହାଇକୋର୍ଟଗୁଡ଼ିକରେ ଏକତୃତୀୟାଂଶ ପଦବୀ ଖାଲି ରହିଥିଲାବେଳେ ଜିଲାକୋର୍ଟଗୁଡ଼ିକରେ ୪,୭୦୦ରୁ ଅଧିକ ବିଚାରପତି ନାହାନ୍ତି। ଏହାବ୍ୟତୀତ ଦେଶରେ ବିଚାରପତି ଓ ଜନସଂଖ୍ୟା ଅନୁପାତ କମ୍‌ରହୁଛି। ୧୦ ଲକ୍ଷ ଲୋକରେ ୫୦ ଜଣ ବିଚାରପତି ରହିବା ଜାଗାରେ ଏବେ ଅଛନ୍ତି ମାତ୍ର ୧୫ ଜଣ।

ସେହିଭଳି ସୁପ୍ରିମ୍‌କୋର୍ଟର ଏବେ ସମସ୍ତ ୩୪ ବିଚାରପତି ପଦବୀ ପୂରଣ ହୋଇଥିଲେ ମଧ ମାମଲାର ତ୍ୱରିତ ସମାଧାନ ଆସିପାରୁ ନାହିଁ ବୋଲି କୁହାଯାଉଛି। ଏବର ବକେୟା ୮୮,୪୧୭ ମାମଲାକୁ ଦେଖିଲେ ପଦବୀ ସଂଖ୍ୟା କଦାପି ପର୍ଯ୍ୟାପ୍ତ ନୁହେଁ। ଉପରୋକ୍ତ ମାମଲାରୁ ଅଧିକାଂଶ ଦୀର୍ଘବର୍ଷ ଧରି ଗଡ଼ି ଆସିଥିବାରୁ ସହସା ସବୁର ସମାଧାନ ଅସମ୍ଭବ ଲାଗୁଛି। ସେଥିପାଇଁ ଶୀର୍ଷ ଅଦାଲତଙ୍କୁ ଅଭିନବ ଉପାୟ ବାହାର କରିବାକୁ ପଡ଼ିବ। ଏଭଳି ପରିପ୍ରେକ୍ଷୀରେ ବକେୟା ମାମଲା ହ୍ରାସ ଲାଗି ଏକ ସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ପଡ଼ିଲାଣି। ଆଇନ ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତି ରଣନୀତିକୁ ଏ ଦିଗରେ ପ୍ରୟୋଗ କରାଗଲେ ହୁଏତ ସୁଫଳ ମିଳିପାରେ। ବିଭିନ୍ନ କୋର୍ଟରେ ୩୦ ବର୍ଷରୁ ଅଧିକ ସମୟ ବକେୟା ପଡ଼ିରହିଥିବା ମାମଲାର ଯଦିବା ସମାଧାନ ଆସିବ ତାହା 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ବୋଲି ଧରାଯିବ। ଏଥିସହିତ ସର୍ବୋଚ୍ଚ ଅଦାଲତ ଉପରେ କିଭଳି ଅଧିକ ବୋଝ ନ ପଡ଼ିବ, ସେଥିପାଇଁ ନିମ୍ନ କୋର୍ଟ (ସବ୍‌ଅର୍ଡିନେଟ ଜୁଡିସିଆରି)ରୁ ହାଇକୋର୍ଟ ଯାଏ ମାମଲାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି। କେବଳ ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା। ଦୁର୍ନୀତି ହେଉ କିମ୍ବା ତଳକୋର୍ଟର ଅପାରଗତା ଯୋଗୁ ଦିଆଯାଉଥିବା ନ୍ୟାୟ ସମସ୍ତଙ୍କୁ ଲାଗୁଛି ଅନ୍ୟାୟ ବର୍ଷା ହେଉଛି। ଫଳରେ ଉପର କୋର୍ଟକୁ ଯିବା ପାଇଁ ଲୋକେ ବାଧ ହେଉଛନ୍ତି।

> **ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 6 | | | 9 |
| | | | 3 | | | 5 | | |
| | | | 2 | | | | 4 | 1 |
| 7 | 1 | | | | | 6 | | |
| | 8 | 3 | | | 1 | | | |
| | | | 6 | | 2 | 1 | | 7 |
| 3 | 6 | | | | | | | |
| 4 | 9 | | | 7 | | | 8 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 6 | 8 | 1 | 7 | 4 | 2 |
| 7 | 4 | 6 | 2 | 3 | 5 | 9 | 1 | 8 |
| 1 | 2 | 8 | 4 | 7 | 9 | 5 | 3 | 6 |
| 6 | 7 | 5 | 8 | 1 | 3 | 2 | 9 | 4 |
| 2 | 8 | 4 | 9 | 6 | 7 | 3 | 5 | 1 |
| 9 | 3 | 1 | 5 | 2 | 4 | 8 | 6 | 7 |
| 5 | 6 | 3 | 7 | 4 | 2 | 1 | 8 | 9 |
| 4 | 9 | 7 | 1 | 5 | 8 | 6 | 2 | 3 |
| 8 | 1 | 2 | 3 | 9 | 6 | 4 | 7 | 5 |

ଗତକାଲିର ଉତ୍ତର

# ସେ ଯେଉଁ ସଙ୍ଗୀତ ସାନ୍ନିଧ



ବ୍ରଜମୋହନ ମିଶ୍ର

''ଅ ବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ/ଦେହ ଧରି କିଏ ପାରିବ ରହି!''– ଖୁବ୍ ମର୍ମସ୍ପର୍ଶୀ ଏ କାବ୍ୟିକ ଉଚ୍ଚାରଣ ଜୀବନ ଓ ବଞ୍ଚିବା ସମ୍ପର୍କରେ କେଡ଼େବଡ଼ ସତ୍ୟଟିଏ ଉପସ୍ଥାପନ ନ କରେ! ସୂର୍ଯ୍ୟ ନ ଥିବେ ଅଥଚ ସଂସାର ଥିବ ପୁଣି ବଞ୍ଚିବା ଥିବ ଆଉ ବନ୍ଧୁ ନ ଥିବେ – ଏ ପ୍ରକାର ସ୍ଥିତି ବିକଳ ଏବଂ ଅସମ୍ଭବ ମଧ। ବ୍ୟକ୍ତିର ସମ୍ଭବ, ତା'ର ସଂସ୍ଥିତି ଆଉ ତା'ର ସକଳ ସମ୍ଭାବନାର ସୌନ୍ଦର୍ଯ୍ୟ ଏଇ ଦୁଇ ଶକ୍ତି ଉପରେ ନିର୍ଭର କରିଥାଏ। ସୂର୍ଯ୍ୟ ଓ ବନ୍ଧୁତ୍ୱର ବୌଦ୍ଧିକ ବ୍ୟବଚ୍ଛେଦ କଲେ ଏହା ପ୍ରାଞ୍ଜଳ ହୋଇଉଠିବ ଯେ ସୂର୍ଯ୍ୟ ଏକ ସଙ୍ଗୀତ ପୁଣି ବନ୍ଧୁ ମଧ ଏକ ସଙ୍ଗୀତ। ସଙ୍ଗୀତର ଆତ୍ମା ହେଉଛି ଅର୍ଥାତ୍ ସମ୍ମେଳନ ବିଭିନ୍ନ ରାଗର ସମ୍ୟକ୍ ମିଳନ ନ ହେଲେ ସଙ୍ଗୀତ ସୃଷ୍ଟି ହୋଇପାରେନା। ଅର୍ଥାତ୍ ସାରେଗାମାପାଧାନିର ଆତ୍ମିକ ମିଳନ ଉପରେ ସଙ୍ଗୀତ ପରି ନାନ୍ଦନିକ କଳା ପ୍ରତିଷ୍ଠିତ। ଏହି ସପ୍ତସ୍ୱର (ଷଡ଼ଜ, ଋଷଭ, ଗାନ୍ଧାର, ମଧମ, ପଞ୍ଚମ, ଧୈବତ ଓ ନିଷାଦ) ପରସ୍ପରର ପରିପୂରକ ଏବଂ ଗୋଟିଏ ଅନ୍ୟଟିର ସତ୍‌ସଙ୍ଗ ଲାଭ କରିବାକୁ ସତୃଷ୍ଣ ଓ ସାଗ୍ରହୀ। ଏହା କେବଳ ସୂକ୍ଷ୍ମତତ୍ତ୍ୱର କଥା ନୁହଁ, ଏହା ପରୀକ୍ଷଣୀୟ ମଧ। ମନେହୁଏ ଆରମ୍ଭ 'ସା'ର ଅଗ୍ରଗତି ଅବା ଉତ୍‌ଥାନ ପାଇଁ ରେ, ଗା,.. ଇତ୍ୟାଦି ମଧ ରାଗଗୁଡ଼ିକର ଯେପରି ପ୍ରୟୋଜନ, ଠିକ୍ ସେହିପରି ମଧ୍ୟ ଆବଶ୍ୟକ ଶେଷ 'ନି'ର। ଏଣୁ ଏଠାରେ ଆରମ୍ଭ (ଆଦ୍ୟ), ଆପଣାରେ ଶ୍ରୀ ଓ ଶ୍ରେୟ ପାଇଁ ମଧ୍ୟକୁ ଲୋଡ଼େ ପୁଣି ଏ ଉଭୟ ପରିପୂର୍ଣ୍ଣତା ଲାଭ କରନ୍ତି ଶେଷ 'ନି'ରେ। ରାଗ/ସ୍ୱରମାନଙ୍କର ଏତାଦୃଶ ଆଚରଣକୁ ଆମେ 'ସଖାଭାବ' ବୋଲି ନାମିତ କରିପାରିବା, ଯେଉଁଭାବ ବିଭାବର ସମୃଦ୍ଧ ସତେଜ, ସହଗ, ସହଜ ସଶ୍ରଦ୍ଧ ଓ ସମର୍ପିତ ହୋଇ ସଙ୍ଗୀତର ଏଇ ଅବିଚ୍ଛେଦ୍ୟ ଅଙ୍ଗମାନ ପରସ୍ପରକୁ ଅଖଣ୍ଡ ଓ ଆଶ୍ଳିଷ୍ଟ କରିବା ସହ ସଙ୍ଗୀତକୁ ସଂସାରର ସ୍ୟମନ୍ତକ କରିଥାନ୍ତି।

ଫଳରେ ସଂସାରରେ ଭୂମିଷ୍ଠ ହୋଇ, ସଂସାର ସହ ବାଟଚାଲିବାର ଆସ୍ପୃହା ପୋଷଣ କରି, ବ୍ୟକ୍ତି କଦାଚ ଭୀରୁ କି ଭୋଗୀ ଅବା ଉପାୟକ ଭୈରବ ପାଲଟିଯାଏ ନାହିଁ। ପକ୍ଷାନ୍ତରେ ସେ ଅନୁକ୍ଷଣ ପାଲଟୁଥାଏ ଭାବରୂପ। ତା'ର ସମଗ୍ର ସତ୍ତା ସଙ୍ଗୀତମୟ ହୋଇଯାଇଥିବାରୁ ସେ ଗାଇ ଉଠେ–



''THE HILLS ARE ALIVE WITH THE SOUND OF MUSIC, / WITH SONGS THEY HAVE SUNG FOR A THOUSAND YEARS. / THE HILLS FILL MY HEART WITH THE SOUND OF MUSIC, / MY HEART WANTS TO SING EV'RY SONG IT HEARS'' – (ଅସ୍କାର ହାମେରଷ୍ଟେନ (୨)। ୧୮୯୫–୧୯୬୦, ଦି ସାଉଣ୍ଡ ଅଫ ମ୍ୟୁଜିକ୍)। ଅର୍ଥାତ୍ ସଙ୍ଗୀତର ଧ୍ୱନିରେ ପାହାଡ଼ମାନ ଜୀବନ୍ତ; ହଜାର ହଜାର ବର୍ଷଧରି ସେମାନେ ଗୀତ ଗାଇ ଆସିଛନ୍ତି, ସଙ୍ଗୀତର ଧ୍ୱନିରେ ସେମାନେ ମୋର ହୃଦୟ ପୂର୍ଣ୍ଣ କରିଛନ୍ତି। ମୁଁ ଶୁଣିଥିବା ପ୍ରତ୍ୟେକ ଗୀତକୁ ମୋର ହୃଦୟ ଗାନ କରିବାକୁ ଚାହେଁ। ବିଂଶ ଶତାବ୍ଦୀର ଏ କବିଙ୍କର ଏହି ପ୍ରାଣୋଚ୍ଛଳ ଗାନ ମଧ୍ୟରେ ସଙ୍ଗୀତ ପ୍ରତି ଯେପରି ଶ୍ରଦ୍ଧା ଅନୁରଣିତ ସେହିପରି ମଧ୍ୟ ପ୍ରତୀକିତ ହୋଇଛି ତାଙ୍କର ଭିନ୍ନ ଏକ ବଞ୍ଚିବାର ଆସ୍ପୃହା। ପାହାଡ଼ର ଯେଉଁ ସଙ୍ଗୀତ ଶ୍ରବଣରେ କବିଙ୍କର ପ୍ରାଣ ପୁଲକିତ, ସେ ସେହି ସଙ୍ଗୀତଗୁଡ଼ିକୁ ଗାନ କରିବାକୁ ଉତ୍କଳ। ଏହା ଏକ ଭାବୋଦ୍ଦୀପ୍ତତାକୁ ଇଙ୍ଗିତ କରିଥାଏ। ସଙ୍ଗୀତ, ଭାବ ସଂଚାର କରେ ପାହାଡ଼ରେ ପୁଣି ମଣିଷଠାରେ। ଫଳରେ ଏହାର ଲାଳିତ୍ୟରେ ମୁଗ୍ଧ ଶ୍ରୋତା ସାମାନ୍ୟ, ସ୍ୱାଭାବିକ, ସ୍ୱାର୍ଥୀ ଜୀବନ ଯାପନ କରିବା ପରିବର୍ତ୍ତେ ଏକ ସମ୍ୟକ ଜୀବନ ଯାପନ କରେ ଯେଉଁଥିରେ ଭରି ରହିଥାଏ ସମସ୍ତଙ୍କ ସହ ମିଶିଯିବାର ମହାଭାବ– 'ଓଁ ସହନାବବତୁ, ସହନୌଭୁନକ୍ତୁ, ସହ ବୀର୍ଯ୍ୟ କରବାବହୈ / ତେଜସ୍ୱୀନା ବଧିତ ମସ୍ତୁ, ମା ବିଦ୍ୱିଷା ବହି''। ସମସ୍ତଙ୍କ ସହ ମିଶିବି, ସମସ୍ତଙ୍କ ସହ ମିଳିବି, ସମସ୍ତଙ୍କର ହେବି (ତେଣୁ ସମସ୍ତେ ମଧ୍ୟ ମୋର ହେବେ) ଏବଂ ଏହିପରି ହୋଇ ହୋଇ ପରିଶେଷରେ ମୁଁ ''ସମସ୍ତ'' ହୋଇଯିବି ଯାହାର ଅନ୍ୟ ନାମ ମୋକ୍ଷ ବା ନିର୍ବାଣ ଯାହା ଯେ କୌଣସି ବ୍ୟକ୍ତିର ସର୍ବଶ୍ରେଷ୍ଠ ପରିଣତି, ସର୍ବଶ୍ରେଷ୍ଠ ସୌଭାଗ୍ୟ, ସର୍ବଶ୍ରେଷ୍ଠ ସିଦ୍ଧି, ସର୍ବଶ୍ରେଷ୍ଠ ସଂକଳ୍ପର ସର୍ବୋତ୍ତମ ଶ୍ରେୟ।

ସଙ୍ଗୀତ ସହ ଏକ ସାତ୍ତ୍ୱିକ ସାନ୍ନିଧ୍ୟ କେତେ ପାଖର, କେତେ ନିଜର ପୁଣି କେତେ ଗଭୀର! ଆମ୍ଭେମାନେ ସଙ୍ଗୀତ ଶୁଣୁଛୁ କିନ୍ତୁ ତା'ର ସାନ୍ନିଧକୁ ମନ କରୁନାହୁଁ। ଯେଉଁ ସଙ୍ଗୀତ ଗାନକାରୀ ତାଙ୍କର ଅନ୍ୟ ପରିବେଷଣରେ ଆମକୁ ଅପାର୍ଥିବ ଜଗତକୁ ନେଇ ଯାଆନ୍ତି ତାଙ୍କର ସେହି ଭାବ ମୁଦ୍ରାଟିକୁ କଦାଚ ଗୁଣି ହେଉନାହୁଁ। ସେ ଭାବ ଆଉ କିଛି ନୁହଁ, ତାହା ହେଉଛି ସଙ୍ଗୀତ ସହ ଅନନ୍ୟ ହେବାର ସାନ୍ଦ୍ରତା। ତା' ନ ହେଲେ କୌଣସି ସଙ୍ଗୀତ ଗାନକାରୀ ଶ୍ରୋତୃମଣ୍ଡଳୀର ଚିତ୍ତ ହରଣ କରି ପାରିବେ ନାହିଁ। ସେ ସଙ୍ଗୀତର ଐକ୍ୟତାନରେ ବିମୁଗ୍ଧ, ବିଗଳିତ ଓ ବିହରିତ ହେବା ଫଳରେ ସକଳ ସଂକୋଚନକାରୀ ଅହଂଠାରୁ ମୁକ୍ତିଲାଭ କରିପାରନ୍ତି। ଫଳରେ ସେ ଅନାବଦ୍ଧ ହୋଇ ପ୍ରସାରିତ ହେବାରେ ଲାଗିଥାନ୍ତି ଠିକ୍ ସଙ୍ଗୀତ ଯେପରି 'ସା' ରାଗଠାରୁ ପ୍ରସାରିତ ହୋଇ ନି ପର୍ଯ୍ୟନ୍ତ ଲମ୍ବିଯାଏ। ସଙ୍ଗୀତଗାନକାରୀଙ୍କ ଏହି ସମାଧି ଅବସ୍ଥା ଆମ ସମସ୍ତଙ୍କ ପାଇଁ କେତେ ଦରକାରୀ! ଏହି ସତ୍ୟଟିକୁ ଉପଲବ୍ଧି କରି ତାକୁ ଆପଣା ଜୀବନରେ ଗଅଣ୍ଠେଇ ଦେବାପାଇଁ ଆମେ କାହିଁକି ଉଦାସୀନ ଓ ଅନିଚ୍ଛୁକ? ଥରେ ସଙ୍ଗୀତର ଏତାଦୃଶ ସତ୍‌ସଙ୍ଗରେ ଯୋଗଦେଲେ ଆମେ କେବେ ବି ସଂସାରର ଅଭିଶାପ ପାଲଟି ଯାଆନ୍ତେ ନାହିଁ କି ନିଜକୁ ଅଭିଶପ୍ତ କରନ୍ତେ ନାହିଁ। ଯଦି ସମସ୍ତଙ୍କ ମେଳରେ ରହିବା ପାଇଁ ମୁଁ ନାମକ ବ୍ୟକ୍ତିଟି ସଂସାରରେ ଅବତୀର୍ଣ୍ଣ ତା' ହେଲେ ସେ କିପରି ଓ କାହିଁକି ସେହି 'ମେଳ'ର ଅମର୍ଯ୍ୟାଦା କରିବ ଗୁଡ଼ାଏ ଅଯଥା 'ମେଳି' କରି। ମେଳ ହିଁ ଜୀବନ, ମେଳି ହିଁ ମୃତ୍ୟୁ। ମେଳ ମିଶାଏ, ମେଳି ଫେଡ଼ାଏ, ମେଳ ମିଳନ ମେଳି ବିଚ୍ଛେଦ, ମେଳ ଓଁକାର, ମେଳି ହୁଁକାର। ପ୍ରଥାଟି ଜୀବନକୁ ଆ, ଆ କହିବା ବେଳେ, ଦ୍ୱିତୀୟଟି ଜୀବନକୁ ଯା, ଯା କହୁଥାଏ। ଗୋଟିଏ ଆତ୍ମଶୃଙ୍ଗାରର ବିହାୟସରେ ଉଡ଼ନ୍ତା ବିହଙ୍ଗଟିଏ ହୋଇଥିବା ବେଳେ ଦ୍ୱିତୀୟ ଅହଂ ଶ୍ମଶାନର ଖାଁ ଖାଁରେ ଏକ ଅତୃପ୍ତ, ଅଶୁଦ୍ଧ, ଅଶାଳୀନ ଅହିରାଜ।

ମେଳ ଅବା ମିଳନର ଜୀବନ୍ତ ପ୍ରତିଭୂ ସଙ୍ଗୀତ, ଆମେ ଏପର୍ଯ୍ୟନ୍ତ ଚାଲି ନ ଥିବା ''ବାଟ''କୁ ଆମକୁ ଫେରାଇ ଆଣିପାରିବ ଏପର୍ଯ୍ୟନ୍ତ ଦେଖି ନ ଥିବା ସ୍ୱପ୍ନକୁ ଦେଖାଇ ପାରିବ, ଏ ପର୍ଯ୍ୟନ୍ତ କରି ନ ଥିବା ସଂକଳ୍ପ ପ୍ରତି ଆମକୁ ସମ୍ମତ କରାଇ ପାରିବ, ଏପର୍ଯ୍ୟନ୍ତ ଆରମ୍ଭ କରି ନ ଥିବା ସାଧନାର ବୋଧିଦ୍ରୁମ ନିକଟକୁ ଟାଣିନେଇ ପାରିବ। କାରଣ ସଙ୍ଗୀତ ଜୀବନର ସଙ୍ଗାତ, ଜଗତର ସୁଷୁମ୍ନା। ସଙ୍ଗୀତର ସଙ୍ଗୀ ହୋଇ ଆମେ ଆତ୍ମବିନାଶରୁ ରକ୍ଷା ପାଇ ଜଗତର ଯଜ୍ଞକୁଣ୍ଡରେ ଆତ୍ମାହୁତି ପାଇଁ ଘରୁ ଗୋଡ଼ କାଢ଼ିବା କି?

**ଭଦ୍ରକ, ମୋ : ୮୦୧୮୦୮୭୮୩୧**

# ଏମାନେ ବି ଥିଲେ ମେଧାବୀ



ରବିନାରାୟଣ ସାମଲ

ଦେଶ ଶାସନରେ ଯେଉଁ ଦଳ ଥାଉ ନା କାହିଁକି ଦେଶ ଚଳାନ୍ତି ଅମଲାମାନେ। ଏମାନେ ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ନିର୍ଦ୍ଧାରିତ ନୀତିକୁ କାର୍ଯ୍ୟକାରୀ କରନ୍ତି। ଏହି ନିର୍ଦ୍ଧାରିତ ନୀତି କାହିଁରେ କେତେ ସୋପାନ ଦେଇ ଉପରୁ ତଳଯାଏଁ ଗଡ଼ି ଗଡ଼ି ଆସେ। ବର୍ତ୍ତମାନ ବହୁଳ ପ୍ରଚାରିତ ଜିଏସ୍‌ଟି ସଂସ୍କାର ନିଷ୍ପତ୍ତି ହେଲା କେନ୍ଦ୍ର ସ୍ତରରେ ସରକାରଙ୍କ ଦ୍ୱାରା ଅନୁସୃତ ଏକ ନୀତି। ବୁଦ୍ଧି ଦେଉଛନ୍ତି ଅମଲା, କାର୍ଯ୍ୟକାରୀ କରୁଛନ୍ତି ଅମଲା। ସାଧାରଣ ଲୋକଟିଏ ତା' ପେଟପାଟଣାରୁ କାଟି ଟିକସ ଦେଉଛି, ଟିକସ ଗଚ୍ଛିତ ହେଉଛି ରାଜକୋଷରେ। ରାଜକୋଷରୁ ପୁଣି ବିଭିନ୍ନ ସୋପାନ ଦେଇ ଆସୁଛି ସାଧାରଣ ଲୋକଙ୍କ ପାଖକୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ସେବା କ୍ଷେତ୍ରରେ। ଏହି ଉପରୁ ତଳ ଓ ତଳୁ ଉପର ଉଠାପକାରେ ଟଙ୍କାଟିଏ ପରିଣତ ହୁଏ ଦଶ ପଇସାରେ। ଅବଶିଷ୍ଟ ନବେ ପଇସା ଯାଏ ବାଟମାରଣାରେ!

ସରକାରୀ ଅର୍ଥର ବାଟମାରଣା ରୋକିବାକୁ ବିଭିନ୍ନ ସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ବି ନିଯୁକ୍ତ ହୋଇଛନ୍ତି। ସିଭିସି, ଏସିବିସି, ଇଡି, ଆଇଟି, ସିଆଇଡି, ସିବିଆଇ, ଭିଜିଲାନ୍ସ, ଏନ୍‌ସିଆଇବି, ଇଓଡବ୍ଲ୍ୟୁ, କ୍ରାଇମ୍ ବ୍ରାଞ୍ଚ, ଜିଏସ୍‌ଟି କମିଶନର, ପୋଲିସ, ଲୋକପାଳ, ଲୋକାୟୁକ୍ତ, ସିଏଜି ଏବଂ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍‌ସନ ଭଳି ଏନ୍‌ଜିଓ। କଳାଧନ ରୋକିବାକୁ ସରକାର ଏସ୍‌ଆଇଟି ଗଠନ କରିଛନ୍ତି। ଏସବୁ ସତ୍ତ୍ୱେ ପିଅନଠାରୁ ଅଫିସରଙ୍କ ପର୍ଯ୍ୟନ୍ତ, ଯନ୍ତ୍ରୀଙ୍କଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ଚୌକିଦାରଙ୍କଠାରୁ ଠିକାଦାରଙ୍କ ପର୍ଯ୍ୟନ୍ତ ଅଧିକାଂଶ ଆର୍ଥିକ ଦୁର୍ନୀତି ଓ ଅନିୟମିତତାରେ ଜଡ଼ିତ। ଲୁଚାଛପାରେ ନୁହେଁ ତ ସବୁ ଢକାପିଟାରେ। ଆମେ କେବଳ ନିରୀହ ମେଣ୍ଢା ଛୁଆଟିଏ ପରି ଜଳ ଜଳ କରି ଚାହିଁ ରହିଛନ୍ତି।

ଦୁର୍ନୀତି କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ମୁଖ୍ୟତଃ ବିରୋଧୀ ଦଳର ନେତାମାନଙ୍କୁ ଇଡି କେମିତି ମାଡ଼ି ବସୁଛି ତାହା ଆମେ ଦେଖି ଆସୁଛନ୍ତି। ଅଥଚ ଶାସକ ଦଳର ନେତାମାନେ ଗୋଟା ତୁଳସୀ ପାଲଟିଯାଉଛନ୍ତି! ମଜାର କଥା, ଯେଉଁ ଇଡି ଦୁର୍ନୀତିଗ୍ରସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି ସେହି ଇଡିର ଜଣେ ସହକାରୀ ନିର୍ଦ୍ଦେଶକ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲା ବେଳେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ପୁଣି ନର୍ସିଂହୋମ୍ ଦୁର୍ନୀତିରେ ମଧ୍ୟପ୍ରଦେଶରେ ୨ଜଣ ସିବିଆଇ ଅଫିସର ଗିରଫହେବା ପ୍ରାୟ ସମସ୍ତଙ୍କୁ ଜଣାଥିବ। ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲା ବେଳେ ଆୟକର କମିଶନର ଧରାପଡ଼ି ଗିରଫ ହେବା, କେତେକ କମ୍ପାନୀଙ୍କୁ ଅନୁକମ୍ପା ଦେଖାଇ କୋଟିଏ ଟଙ୍କା ଲାଞ୍ଚ ନେଉଥିଲା ବେଳେ କାନପୁରର ଜିଏସ୍‌ଟି କମିଶନର ଗିରଫ ହେବା ଆଦି ଘଟଣା ଏଠାରେ ଅଳ୍ପ କେତୋଟି ନମୁନା ମାତ୍ର। ଇଡି ଧରୁଛି ଆଇଟିକୁ, ଆଇଟି ଧରୁଛି ଇଡିକୁ, ସିବିଆଇ ଧରୁଛି ଜିଏସ୍‌ଟିକୁ, ଜିଏସ୍‌ଟି ଧରୁଛି ଆଇଟିକୁ। ଏମିତି ଛକାପଞ୍ଝା ଧରାଧରିରେ ସାଧାରଣ ଲୋକେ ଆବାକାବା ହୋଇଯାଉଛନ୍ତି। ଆମ ରାଜ୍ୟରେ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କମିଶନର, ଡାଇରେକ୍ଟର, କଲେକ୍ଟର, ସବ୍ କଲେକ୍ଟର, ସେକ୍ରେଟାରି, ରେଞ୍ଜର, ବିଡିଓ, ତହସିଲଦାର, କିରାଣି ଏବଂ ଏପରିକି ପିଅନ ପର୍ଯ୍ୟନ୍ତ ଭିଜିଲାନ୍ସ ଜାଲରେ ପଡୁଥିବା ଦେଖିବାକୁ ମିଳୁଛି। ଆଇଏଏସ୍ ଅଫିସର ବିନୋଦ କୁମାର, ରାକେଶ କୁମାର, ଅଶୋକ ସିଂହଭି ବର୍ତ୍ତମାନ ଜେଲରେ। କଲିକତା ହାଇକୋର୍ଟର ବିଚାରପତି ସୌମିତ୍ର ସେନ୍ ଏବଂ ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଯଶୋବନ୍ତ ବର୍ମାଙ୍କ ଅର୍ଥ ଆତ୍ମସାତ୍ ଓ ସମ୍ପତ୍ତି ଠୁଳ ଦେଶର ବିଚାରବିଭାଗକୁ କାଠଗଡ଼ାରେ ଛିଡ଼ାକରାଇଛି। ଏଠାରେ କହିବା ନିଷ୍ପ୍ରୟୋଜନ ଯେ ଦୁର୍ନୀତି ଅଭିଯୋଗରେ ଯେଉଁମାନେ ଜଡ଼ିତ ଥିବା ଜଣାପଡୁଛି ସେମାନେ ପ୍ରାୟ ସମସ୍ତେ ଏକଦା ଜଣେ ଜଣେ ମେଧାବୀ ଥିଲେ। ପରୀକ୍ଷାର ଫଳ ପ୍ରକାଶ ପାଇବା ବେଳେ ସେମାନଙ୍କ ପାଇଁ ଆମେ ଗର୍ବିତ, ଉତ୍‌ଫୁଲ୍ଲିତ ହେଉଥିଲେ ଏବଂ ଦେଶସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବେ ବୋଲି ସେମାନଙ୍କ ଘୋଷଣା ଆମକୁ କୃତକୃତ୍ୟ କରିପକାଉଥିଲା। କିନ୍ତୁ ଆଜି? କୁଆଡ଼େ ଗଲା ସେମାନଙ୍କ ମେଧାବୀ ପରାକାଷ୍ଠା, କୁଆଡ଼େ ଗଲା ସେମାନଙ୍କ ପ୍ରତିଶ୍ରୁତି, କୁଆଡ଼େ ଗଲା ସେମାନଙ୍କ ପ୍ରତିବଦ୍ଧତା?



ଅଟାକଳରେ ଯାହା ପେଷିଲେ ବି ତାହା ଗୁଣ୍ଡହୋଇ ବାହାରିପଡ଼େ। ସମ୍ଭବତଃ ଏହି ନିୟମ ଆମ ଶାସନ କଳରେ କାର୍ଯ୍ୟକାରୀ ହେଉଛି! ଯିଏ ଯେତେ ମେଧାବୀ ହେଲେ ହେଁ ସେମାନେ କଳରେ ପେଷିହୋଇ ଗୁଣ୍ଡ ଆକାରରେ ବାହାରି ପଡୁଛନ୍ତି। ଏନ୍‌ସିବିଆଇର ସଦ୍ୟ ରିପୋର୍ଟ ଦେଖିଲେ ଆମ ଦେଶର ବିଭିନ୍ନ ବିଭାଗ ଦୁର୍ନୀତିରେ କେତେ ଜଡ଼ିତ ତାହା ସ୍ପଷ୍ଟ ହୁଏ। ତଦନୁଯାୟୀ ପୋଲିସ ବିଭାଗ ସବୁଠାରୁ ବେଶି ଦୁର୍ନୀତିଗ୍ରସ୍ତ। ତା' ତଳକୁ କ୍ରମାନ୍ୱୟରେ ରାଜସ୍ୱ, ମ୍ୟୁନିସିପାଲ କର୍ପୋରେଶନ, ବ୍ଲକ୍ ଓ ତହସିଲ, ବିଦ୍ୟୁତ୍, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ସହରାଞ୍ଚଳ ବିକାଶ ବିଭାଗ ଓ ଆୟକର ତଥା ଜିଏସ୍‌ଟି ଅଛନ୍ତି।

ଆଉ ଗୋଟିଏ ବଡ଼ ଧରଣର ଘୋଟାଲା ହୁଏ ଖଣି ଓ ଠିକାଦାରିରେ। ତଳୁ ଉପର ଯାଏଁ ପିସି। ସିଏଜି ତାଙ୍କ ରିପୋର୍ଟରେ ଏକଥା ବି ଦର୍ଶାଇଛନ୍ତି। ଉଭୟ କ୍ଷେତ୍ରରେ ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର ଜଡ଼ିତଥିବା ଦର୍ଶାଯାଇଛି। ତଦନ୍ତ ପାଇଁ ଶାହା କମିଶନ ବସିଛି। ଅନ୍ୟ ପକ୍ଷରେ ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିବା, ବର୍ଷେ ନ ପୂରୁଣୁ ଛାତରୁ ପାଣି ଗଳିବା ଏବଂ ବହୁ କୋଟି ଟଙ୍କାର ପୋଲ ଓ ଓଭରବ୍ରିଜ୍ ନିମିଷକେ ଭୁଶୁଡ଼ି ପଡ଼ିବା ଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ତଦନ୍ତ କମିଶନ (ଦନ୍ତହୀନ) ବସୁଛି, ସରକାରୀ ତହବିଲରୁ ଅର୍ଥ ବରବାଦ ହେଉଛି, ଅଥଚ ସେଥିରେ କିଛି ସୁଧାର ଆସୁ ନାହିଁ। ବରଂ ବିପୁଳ ପରିମାଣର ଅର୍ଥ କଳାଧନ ଆକାରରେ ବିଦେଶୀ ବ୍ୟାଙ୍କରେ ଯାଇ ଗଚ୍ଛିତ ହେଉଛି।

କହିବା ବାହୁଲ୍ୟ, ଗଣତନ୍ତ୍ରର ଚାରୋଟିଯାକ ସ୍ତମ୍ଭ ବର୍ତ୍ତମାନ ରୁଗ୍ଣ ଆଉ ଦୁର୍ବଳ। ସେଗୁଡ଼ିକ ଏକମୁହାଁ ରାସ୍ତାରେ ଗୋଟିଏ ହୋ'ରେ ଛୁଟିଛନ୍ତି। ସାଧାରଣ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଅଥଚ ଶୁଣିବାକୁ କେହି ନାହିଁ। ଏଠାରେ ଦୃଢ଼ତାର ସହ କହିହେବ ଯେ ସାଧାରଣ ଲୋକେ ହିଁ ଇତିହାସର ଶେଷକଥା ଲେଖନ୍ତି। ଯେ ପର୍ଯ୍ୟନ୍ତ ଏମାନେ ପ୍ରତିବାଦ ପ୍ରତିରୋଧ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଦୁର୍ନୀତିର ମୂଳୋତ୍ପାଟନ କରିହେବ ନାହିଁ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

ପରିଣତ ବୟସରେ ପାଦ ଥାପିସାରିଥିଲେ ହେଁ ଏହି ଦମ୍ପତି ବୟସର ଛାପ ନିଜ ଉପରେ ପଡ଼ିବାକୁ ଦେଇ ନାହାନ୍ତି କି ହାର୍ ମାନି ନାହାନ୍ତି। ଡାକ୍ତର ନ ହୋଇ ମଧ ସେମାନେ ପଶ୍ଚିମବଙ୍ଗ ସୁନ୍ଦରବନର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୪୪ ବର୍ଷ ହେଲା କରି ଆସୁଛନ୍ତି। ମହମ୍ମଦ ଅବଦୁଲ ୱାହାବ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପାଲ ୧୯୮୦ରେ ସଦର୍ନ ହେଲ୍‌ଥ ଇମ୍ପ୍ରୁଭମେଣ୍ଟ ସମିତି (ଏସ୍‌ଏଚ୍‌ଆଇଏସ୍) ସଂସ୍ଥା ଗଠନ କରି ଏହା ସାହାଯ୍ୟରେ ସେବା ଅଭିଯାନ ଜାରି ରଖିଛନ୍ତି। ମହମ୍ମଦ ଜଣେ ଆଇନଜୀବୀ ଓ ସାବିତ୍ରୀ ଜଣେ ଶିକ୍ଷକ ଥିଲେ। ସେମାନେ ଏହାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସୁନ୍ଦରବନରେ ଥିବା ଛୋଟବଡ଼ ୩୦ଟି ଟାପୁରେ ବୋଟ କ୍ଲିନିକ ଦ୍ୱାରା ଏହା କରୁଛନ୍ତି। ପ୍ରତ୍ୟେକ କ୍ଲିନିକରେ ଡାକ୍ତର, ନର୍ସ, ଜଣେ ଏକ୍ସ-ରେ ଟେକ୍‌ନିସିଆନ, ଜଣେ ଲାବୋରେଟୋରି ଟେକ୍‌ନିସିଆନ ଓ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏଡି କ୍ଲିନିକରେ ଦୁଇଟି ମେଡିକାଲ ବେଡ୍, ମୋବାଇଲ ଏକ୍ସ-ରେ, ପାଥୋଲୋଜିକାଲ ୟୁନିଟ, ମେଡିକାଲ ଷ୍ଟୋର୍ ରୁମ୍ ଏବଂ ଏକ ଅକ୍ସିଜେନ ସିଲିଣ୍ଡର ରଖାଯାଇଛି। ଏହିଭଳି ୪ଟି ବୋଟ କ୍ଲିନିକ ରହିଛି। ମୁଖ୍ୟତଃ ଯକ୍ଷ୍ମା ରୋଗ ଚିହ୍ନଟ ଲାଗି ଏହା ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ମଧ ଏହି ଦମ୍ପତି ଦରମା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୭ ସେପ୍ଟେମ୍ବର ୧୯୭୬

- ଆସାମ ସରକାର ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ର ବ୍ୟବସ୍ଥା ଅନୁଯାୟୀ ପରିବାର ନିୟନ୍ତ୍ରଣ ଯୋଜନାକୁ ବାଧ୍ୟତାମୂଳକ କରିଛନ୍ତି।
- ଗଙ୍ଗା ନଦୀର ଜଳ ବିବାଦ ଘେନି ଉପୁଜିଥିବା ଅଞ୍ଚଳ ଅବସ୍ଥା ତୁଟାଇବା ନିମନ୍ତେ ବାଂଲାଦେଶର ୩ ଦଫା ସମ୍ବଳିତ ପ୍ରସ୍ତାବ।

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧ ବିଚାରର ପରିଣତି

ମହାଶୟ,

ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଅଫିସର, ଇଞ୍ଜିନିୟର, ପୋଲିସ, କିରାଣି ଓ ଡିଏଫ୍‌ଓମାନଙ୍କର କଳାକାରନାମା ଖବରକାଗଜରେ ଓ ଟିଭି ପରଦାରେ ଦେଖିବାକୁ ମିଳୁଛି। ସେମାନେ ଧରା ହୋଇ ମୁହଁରେ ରୁମାଲ, ଗାମୁଛା ଓ କପଡ଼ା ପକାଇ ଜେଲକୁ ଯାଉଛନ୍ତି। କୋର୍ଟ କଚେରିରେ ତାଙ୍କର ବିଚାର ହେଉଛି। ହେଲେ ବିଚାର ପରେ ତାଙ୍କର କି ଫଇସଲା ହେଉଛି ଟିଭି କିମ୍ବା ଖବରକାଗଜ ଲୋକଲୋଚନକୁ ଆଣୁନାହାନ୍ତି। ଲୋକେ ଭାବୁଛନ୍ତି ଏଇ ବଡ଼ଘର ବଡ଼ ଗୁମର କଥା। ବିଚାରରେ କ'ଣ ଫଇସଲା ହେଲା ଲୋକେ ଜାଣିବାକୁ ଚାହିଁଲେ ବି ଜାଣିପାରନ୍ତି ନାହିଁ। ତେଣୁ ଟିଭି ଓ ଖବରକାଗଜରେ ସେମାନଙ୍କର କଳାକାରନାମାକୁ ଯେମିତି ପ୍ରଦର୍ଶନ କରୁଛନ୍ତି ସେମିତି ବିଚାରର ପରିଣତକୁ ମଧ ପ୍ରଦର୍ଶନ କଲେ ଲୋକେ ବହୁତ ଖୁସି ହୁଅନ୍ତେ। ଅନେକ ସମୟରେ ଦେଖାଯାଏ ଲୋକଙ୍କ ଚାପରେ ପଡ଼ି ଅନେକ ଅପରାଧୀ ଅଫିସର ଓ କର୍ମଚାରୀଙ୍କୁ ନିଲମ୍ବନ କରାଯାଏ। କିନ୍ତୁ ସେମାନେ ଯେଉଁ ଅପରାଧ କରିଥାନ୍ତି କେବଳ କିଛି ଦିନ ପାଇଁ ନିଲମ୍ବନ କରି ପୁଣି ନିଲମ୍ବନ ଉଠାଇ ଦେଲେ ସେମାନଙ୍କ ଉପରେ ବିଶେଷ କିଛି ପ୍ରଭାବ ପଡ଼ିନଥାଏ। ଦୁର୍ନୀତି ଓ ଲାଞ୍ଚ ଇତ୍ୟାଦି କାରବାରରେ ଯଦି ସେମାନଙ୍କୁ ବହିଷ୍କାର କରାଯାଉଥାନ୍ତା ତେବେ ସମସ୍ତେ ଲାଞ୍ଚ ନେବାକୁ ଡରନ୍ତେ ଓ ଠିକ୍ ସମୟରେ ଠିକ୍ କାମ କରନ୍ତେ।

**–ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

## ଚିରନ୍ତନୀ

ଦୁହେଁ ଚାହାଁ ଚାହିଁ ହୋଇ ରହନ୍ତି ଅଚଳ
ହାୟ କି ବିକଳ !
ଭରସି ନ ପାରେ କିନ୍ତୁ କେହି
ଯିବ ଉଡ଼ି ଆର ପାରେ, ନିଶାର ବିଦାୟ
ମାଗି ନେଇ !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କୁଣ୍ଡିଆ ତହସିଲଦାର ନିଲମ୍ବିତ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ଜମିଜମା ମାମଲାରେ ପକ୍ଷପାତିତା ଅଭିଯୋଗରେ କୁଣ୍ଡିଆ ତହସିଲଦାର ତଥା ଓଏଏସ୍ ଅଫିସର ମିତାଲି ମଧୁସ୍ମିତାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସେ ନିଲମ୍ବିତ ସମୟରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଜିଲାପାଳଙ୍କ ବିନା ଅନୁମତିରେ ସେ ଜିଲା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।



# ହାତୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ ହାତୀ ସୁରକ୍ଷା ପାଇଁ ଶପଥପାଠ କରୁଛନ୍ତି।

ଦିଗପହଣ୍ଡି/ପାଟପୁର,୧୫।୯ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ପ୍ରକୃତି ଆମର ଜୀବନ। ହାତୀ ହେଉଛି ପ୍ରକୃତିର ମହତ୍ତ୍ୱପୂର୍ଣ୍ଣ ଅଂଶ। ହାତୀକୁ ସୁରକ୍ଷା ଦେବା, ଜଙ୍ଗଲକୁ ରକ୍ଷା କରିବା। ପରିବେଶକୁ ସନ୍ତୁଳିତ ରଖିବା ମୋର କର୍ତ୍ତବ୍ୟ। ମୁଁ କେବେ ହାତୀର ହାନି କରିବି ନାହିଁ। କେବେ ଅବୈଧ ଶିକାର କିମ୍ବା ଜଙ୍ଗଲ ଧ୍ୱଂସରେ ସହଭାଗୀ ହେବିନାହିଁ। ହାତୀ ବଞ୍ଚିଲେ ପ୍ରକୃତି ବଞ୍ଚିବ। ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା। ହାତୀଙ୍କ ସୁରକ୍ଷା ପାଇଁ ସୋମବାର ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ କଲେଜରେ ଧରିତ୍ରୀ, ଓଡ଼ିଶାପୋଷ୍ଟ, ତ୍ରି ଫାଉଣ୍ଡେଶନ, ଶେରଗଡ଼ ଓ ବିକାଶ ସାଥୀ ସଙ୍ଗଠନର ସହଭାଗିତାରେ ଅନୁଷ୍ଠିତ 'ହାତୀ ସଭା'ରେ ଛାତ୍ରୀଛାତ୍ର ଏଭଳି ସଂକଳ୍ପ ନେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାମ୍‌ଜୀ ଡିଗ୍ରୀ କଲେଜ ଅଧକ୍ଷ ନୀହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଓ ପରିବେଶ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖବରଦାତା ଅଶେଷନାଥ ମିଶ୍ର ସ୍ଥାନୀୟ ଅଞ୍ଚଳରେ ହାତୀର ପ୍ରଭାବ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ। ଅଧ୍ୟାପକ କାହ୍ନୁଚରଣ ପାଢ଼ୀ, ଅଧ୍ୟାପିକା ଇତିପ୍ରଭା, ପ୍ରିୟଦର୍ଶିନୀ ପ୍ରଧାନ, ରଶ୍ମିତା କୁମାରୀ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି ଫାଉଣ୍ଡେଶନର ସମ୍ପାଦକ ନିରାକାର ବିଷୋୟୀ ହାତୀର ସୁରକ୍ଷା ଉପରେ ଆଲୋକପାତ କରି ହାତୀ ବନକୁ ବଞ୍ଚାଏ, ବନ ଜଳକୁ ବଞ୍ଚାଏ, ଜଳ ମାଟିକୁ ବଞ୍ଚାଏ ଏବଂ ଏହି ସବୁ ମିଶି ମଣିଷକୁ ବଞ୍ଚାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରି ହାତୀର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଅଧ୍ୟାପକ ଦେବବ୍ରତ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସାଥୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତୁଷାର ବେହେରା, ଅଚ୍ୟୁତ ବିଷୋୟୀ ଓ ଚନ୍ଦ୍ରଶେଖର ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।




ରାମ୍‌ଜୀ ଡିଗ୍ରୀ କଲେଜ ଅଧକ୍ଷ ନୀହାର ରଞ୍ଜନ କର ଉଦ୍‌ବୋଧନ ଦେଉଛନ୍ତି।

## ଭୀଷ୍ମଗିରି କଲେଜରେ ହାତୀସଭା

# ୫ ବ୍ୟକ୍ତିତ୍ୱଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୫।୯(ଅନୁରାଧା ମହାରଣା)

## ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୫' ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତେଜସ୍ୱିନୀ ବେହେରା, ଅଲିମ୍ପିଆନ୍ ଲିଲିମା ମିଞ୍ଜଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ସହ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ ଦେବଗଡ଼ର ଅଧ୍ୟକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ କହିଲେ, ଉପନିଷଦରେ ପିତୃମାତୃ ଓ ଆଚାର୍ଯ୍ୟ ପୂଜନର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଜୀବନର ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜ ସ୍ୱାତ୍ୟନ୍ତ୍ରତା ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟାରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ' ଗାନ କରିଥିଲେ ଓ ଛାତ୍ରୀ ରୋଜାଲିନ୍ ସାହୁ ଓ ବିଜୟା ନାୟକ ଓଡିଶୀ ନୃତ୍ୟ ଏବଂ ସ୍ମୃତି ଶୁଭାଙ୍ଗନା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡ. ବିଜୟାନନ୍ଦ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ରଥ, ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକନାଥ ବେହେରା, ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେଶନର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଇନଜୀବୀଙ୍କ ଲାଇସେନ୍ସ ୨ ବର୍ଷ ପାଇଁ ରଦ୍ଦ

କଟକ,୧୫।୯(କାର୍ତ୍ତିକ ସାହୁ)

## ବିଚାର ବିଭାଗୀୟ ଅଫିସର ଓ ନ୍ୟାୟପାଳିକା ବିରୋଧରେ ଫେସ୍‌ବୁକ୍‌ରେ ଲେଖିବା ଅଭିଯୋଗ

ବିଚାରବିଭାଗୀୟ ଅଫିସର, ନ୍ୟାୟପାଳିକା ଏବଂ ରାଜ୍ୟ ବାର୍ କାଉନସିଲ ବିରୋଧରେ ଫେସ୍‌ବୁକରେ ନିଜ ନାମକୁ ସାମାନ୍ୟ ବଦଳାଇ କ୍ରମାଗତ ଭାବେ ଲେଖିଆସୁଥିବା ଭଦ୍ରକର ଆଇନଜୀବୀ ହେମନ୍ତ କୁମାର ନାୟକଙ୍କ ଲାଇସେନ୍ସକୁ ରାଜ୍ୟ ବାର୍ କାଉନସିଲର ଶୃଙ୍ଖଳାଗତ କମିଟି ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ଏହି ୨ ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନଜୀବୀଙ୍କୁ ମଧ୍ୟ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନସିଲର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓକିଲ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ (କାଣକ୍ୟ) ନାମରେ ଫେସ୍‌ବୁକ ଆକାଉଣ୍ଟ ଖୋଲି ଗତ କିଛି ବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଲେଖି ଆସୁଥିଲେ। ବିଚାରବିଭାଗୀୟ ଅଫିସରଙ୍କ ଦୈନନ୍ଦିନ କୋର୍ଟରେ ହେଉଥିବା ମାମଲାର ବିଚାରକୁ ମଧ୍ୟ ତାଚ୍ଛଲ୍ୟ କରି ଲେଖିବାକୁ ବାର୍ କାଉନସିଲ ଗୁରୁତର ସହ ଗ୍ରହଣ କରି ରାଜ୍ୟ ପରିଷଦ ଅଧିବେଶନରେ ଗତ ଏପ୍ରିଲରେ ନିଜ ଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ।

# ଓଡ଼ିଶା ପାଳିବ 'ଧନ୍ୟବାଦ ମୋଦି' ଉତ୍ସବ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ସୁଭଦ୍ରା ଯୋଜନାର ସଫଳ ଏକ ବର୍ଷ ପୂର୍ତ୍ତି ଆସନ୍ତା ୧୭ ତାରିଖରେ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ଉପସ୍ଥାପନା କରିବେ। ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ୧୭ ତାରିଖଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରା ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ପାଳନ କରାଯିବ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବେ। ସଚେତନତା ସୃଷ୍ଟି ପାଇଁ ସୁଭଦ୍ରା ସମ୍ପର୍କୀୟ ପ୍ରଚାରପତ୍ର ବଣ୍ଟନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

# ମୋଦିଙ୍କ ଜନ୍ମଦିନରେ ବ୍ୟାପକ କାର୍ଯ୍ୟକ୍ରମ କରିବ ଓବିସି ମୋର୍ଚ୍ଚା

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଗରିବ, ପଛୁଆ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଉତ୍‌ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ତାଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି। ଭାଜପା ଓବିସି ମୋର୍ଚ୍ଚା ତରଫରୁ ସୋମବାର ଏକ ପ୍ରସ୍ତୁତି ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ଅବସରରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଓବିସି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୋଦିଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନା କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଓବିସି ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେବା ପକ୍ଷରେ ମଣ୍ଡଳ ଓ ଜିଲାସ୍ତରରେ ବ୍ୟାପକ ବୃକ୍ଷରୋପଣ ସହ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବର, ସ୍ୱଚ୍ଛତା କାର୍ଯ୍ୟକ୍ରମ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ହାତକୁ ନେବେ। ଏହାସହ ଦିବ୍ୟାଙ୍ଗମାନଙ୍କୁ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି।

# ୫ କୋଟି ଦସ୍ତଖତ ଅଭିଯାନରେ ଓଡ଼ିଶାର ବଡ଼ ଭୂମିକା ରହିବ: ଭକ୍ତ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

## 'ଭୋଟ୍ ଚୋର, ଗାଦି ଛାଡ଼' ପ୍ରସଙ୍ଗ

ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅଗଷ୍ଟରେ 'ଭୋଟ୍ ଚୋର, ଗାଦି ଛାଡ଼' ସ୍ଲୋଗାନ ଦେଇ ମଶାଲ ଶୋଭାଯାତ୍ରା ଓ ରାଲି କାର୍ଯ୍ୟକ୍ରମ ସବୁ ଜିଲାରେ ସଫଳ ହୋଇଛି। ସଂପ୍ରତି ସାରା ଦେଶରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଏଆଇସିସିର ଆହ୍ୱାନ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଦେଶର ୫କୋଟି ଲୋକଙ୍କ ଦସ୍ତଖତ ସମ୍ବଳିତ ନଥି ରାଷ୍ଟ୍ରପତି ଓ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଏହି ଭୋଟ ଚୋରି ପ୍ରସଙ୍ଗକୁ ଏକ ଅର୍ଥପୂର୍ଣ୍ଣ ଉପସଂହାରରେ ପହଞ୍ଚାଇବା ପାଇଁ ଏଆଇସିସି ପକ୍ଷରୁ ୧୫ ସେପ୍ଟେମ୍ବରଠାରୁ ୧୫ ଅକ୍ଟୋବର ଏକମାସ ବ୍ୟାପୀ ଆଉ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମଗ୍ର ଦେଶରେ ଭୋଟ୍ ଚୋରି ବିରୋଧରେ ୫ କୋଟି ଦସ୍ତଖତ ସଂଗ୍ରହ କରାଯିବ। ଦସ୍ତଖତ ସମ୍ବଳିତ ନଥିପତ୍ରକୁ ଭାରତର ନିର୍ବାଚନ ଆୟୋଗ ଓ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯିବ।

# ସମସ୍ତେ ଗଛ ଲଗାଇ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

## ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମ ସଫଳ କରିବାକୁ ସମୀକ୍ଷା ବୈଠକ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଯାଉଛି। ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭକରି ବେସରକାରୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ମହିଳା ଓ ଯୁବବର୍ଗ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ। ସାଧାରଣ ଜନତାଙ୍କ ସମ୍ପୂର୍ଣ୍ଣ ଭାଗୀଦାରିରେ ଏହି ବୃହତ୍ ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନଠାରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଜିଲାପାଳମାନଙ୍କ ସହ ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାପାଳମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହ ଯୋଗାଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ମନିଟରିଂ କରିବେ। ସମସ୍ତେ ଗଛ ଲଗାଇ ସେଲ୍ଫି ଉଠାନ୍ତୁ ଏବଂ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରନ୍ତୁ। ଏକ ସଶକ୍ତ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ। ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତ ବର୍ଷଠାରୁ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି। ଗତ ବର୍ଷ ଓଡ଼ିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଓଡିଶାରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି।

# ସବୁ ବିଭାଗଠାରୁ ସରକାର ଲୋଡ଼ିଲେ ବାସ୍ତବ ଚିତ୍ର

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

## ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକ୍ରିୟା ଆରମ୍ଭ

ରାଜ୍ୟରେ ଅର୍ଥନୈତିକ ବିକାଶ କେତେଦୂର ଅଗ୍ରଗତି ହୋଇଛି ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ସରକାରଙ୍କ ପକ୍ଷରୁ କେବଳ ଯେ ବିକାଶର ଚିତ୍ର ପ୍ରତିଫଳିତ ହେବ ତାହା ନୁହେଁ, କେଉଁ କ୍ଷେତ୍ରରେ ରାଜ୍ୟ କେତେ ପ୍ରଗତି କରିଛି ଏବଂ କେଉଁସବୁ ଆହ୍ୱାନ ରହିଛି ତାହା ଜଣାପଡ଼ିବ। ଏହାସହିତ ରାଜ୍ୟରେ କେତେ ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, କେତେ ନୂତନ ଯୋଜନା କାର୍ଯ୍ୟକାରୀ ହେବା ସହିତ ଏହାର ସୁଫଳ କେତେ ମିଳିଛି ସେସବୁ ଲୋକଲୋଚନକୁ ଆସିବ। ଏନେଇ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଭାଗୀୟ ମୁଖ୍ୟମାନେ ତାଙ୍କର ବିକାଶର ବାସ୍ତବ ସ୍ଥିତି ସମ୍ପର୍କରେ ତୁରନ୍ତ ଜଣାଇବା ଲାଗି ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଉନ୍ନୟନ ଆୟୁକ୍ତ ଚଳିତମାସ ୨ ତାରିଖରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ଅର୍ଥନୈତିକ ବିକାଶ ଚିତ୍ର ହିଁ ଅଥନୈତିକ ସର୍ଭେ ରିପୋର୍ଟରେ ପ୍ରତିଫଳିତ ହୋଇଥାଏ। ଏହାବାଦ୍ କେଉଁସବୁ କ୍ଷେତ୍ରରେ ରାଜ୍ୟର ବିକାଶ ହୋଇଛି ତଥା ସୁଯୋଗ ରହିଛି ଏବଂ କେଉଁସବୁ କ୍ଷେତ୍ରରେ ଏବେ ବି ଆହ୍ୱାନ ରହିଛି ତାହା ମଧ୍ୟ ଦର୍ଶାଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନୂତନ ନୀତି ସମ୍ପନ୍ନ ହୋଇଥାଏ; ଯାହାଦ୍ୱାରା ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଅନୁ ଗର୍ଗ ଦର୍ଶାଇଛନ୍ତି, ଏହି ସର୍ଭେ ପାଇଁ ପ୍ରତ୍ୟେକ ବିଭାଗରେ ଜଣେ ଲେଖାଏ କ୍ଷେତ୍ରୀୟ ଅଧିକାରୀ (ନୋଡାଲ ଅଫିସର) ମନୋନୀତ ହେବା ଆବଶ୍ୟକ; ଯଦ୍ୱାରା ସେମାନଙ୍କଠାରୁ ବିଭାଗର ସମସ୍ତ ତଥ୍ୟ ତୁରନ୍ତ ମିଳିପାରିବ। ତେବେ ଅର୍ଥନୈତିକ ସର୍ଭେ ରିପୋର୍ଟ ହେଉଛି ସବୁ ବିଭାଗର ସାମୂହିକ ପ୍ରୟାସ। ଏହାକୁ ଦୃଷ୍ଟିରେ ରଖି ବିଭାଗର ସଫଳତା, ଲୋକାଭିମୁଖୀ ଯୋଜନା ଓ ଏହାର କାର୍ଯ୍ୟକାରିତା ଏବଂ ନୂତନ ନୀତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବାକୁ ହେବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଭଳି ତଥ୍ୟ ସରକାରଙ୍କୁ ମିଳିବ ସେନେଇ ଉନ୍ନୟନ ଆୟୁକ୍ତ ପତ୍ରରେ ଦର୍ଶାଇଛନ୍ତି।

# ଜିଏସ୍‌ଟି ସଂସ୍କାର ଯୋଗୁ ଓଡ଼ିଶାର ଇକୋସିଷ୍ଟମ ସୁଦୃଢ଼ ହେବ: ଅରୁଣ ସିଂହ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଜିଏସ୍‌ଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି। ଆସନ୍ତା ୨୨ରୁ ଲାଗୁ ହେବା ପାଇଁ ଯାଉଥିବା ନୂତନ ଜିଏସ୍‌ଟି ସ୍ଲାବ୍ ସମସ୍ତ ବର୍ଗଙ୍କ ମନରେ ଖୁସି ଆଣିଦେଇଛି। ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶା ଭଳି ରାଜ୍ୟର ଇକୋସିଷ୍ଟମ ସୁଦୃଢ ହେବ ହେବ ବୋଲି ରାଜ୍ୟ ସଭା ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେନ୍ଦୁପତ୍ର ଉପରେ ଜିଏସ୍‌ଟି ସ୍ଲାବ୍ ୧୮ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ବୈତରଣୀ ଅବବାହିକାରେ ୭ ପ୍ରାଚୀନ ଦେବୀପୀଠର ସନ୍ଧାନ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ପୁରାଣ ବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ନଦୀର ସଂଲଗ୍ନ ଉପତ୍ୟକା ଅନେକ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ଗନ୍ତାଘର। ଓଡ଼ିଶାର ଭୌମକର ତଥା ସୋମବଂଶୀ ରାଜବଂଶ ରାଜୁତି ସମୟରେ ଏହି ନଦୀ କୂଳରେ ରାଜଧାନୀ ଗୁହେଶ୍ୱରପାଟକ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ଯାଜନଗର ହୋଇଥିଲା, ଯାହା ବର୍ତ୍ତମାନ ଯାଜପୁର ରୂପେ ପରିଚିତ। ଯାଜପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ବୈତରଣୀ ନଦୀ ଉପତ୍ୟକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ବୈତରଣୀ ନଦୀର ଧାରେ ଧାରେ ଅଗଣିତ ପ୍ରାଚୀନ ଦେବୀମାନେ ଅଲୋଡ଼ା ହୋଇ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛନ୍ତି। ରି-ଡିସ୍କଭର ଲଷ୍ଟ୍ ହେରିଟେଜ ଗ୍ରୁପ୍ ପକ୍ଷରୁ ବୈତରଣୀ ନଦୀ ଉପତ୍ୟକାର ଏହି ପୁରାତନ ଦେବୀପୀଠଗୁଡିକର ସନ୍ଧାନ କରି ସେଗୁଡିକର ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୪ ରବିବାର ଗ୍ରୁପ୍‌ର ସଦସ୍ୟମାନେ ବୈତରଣୀ ନଦୀ ଉପତ୍ୟକାରେ ଐତିହ୍ୟ ଅନୁସନ୍ଧାନବେଳେ ଏସବୁର ସନ୍ଧାନ ପାଇଛନ୍ତି। ଯାଜପୁରର ଐତିହ୍ୟ ଗବେଷକ ନୃପତି ନିହାର ଶିଅଳଙ୍କ ନେତୃତ୍ୱ ସନ୍ଧାନ ମିଳିଥିବା ପୁରାତନ ଦେବୀପୀଠଗୁଡିକର ଦସ୍ତାବେଜୀକରଣ ପ୍ରକ୍ରିୟାରେ ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ କୁମାର ନାୟକ, ମାଧବାନନ୍ଦ ଭୋଇ, ବରଦା ପ୍ରସାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।



ବୈତରଣୀ ନଦୀ କୂଳରେ ରହିଥିବା ପୁରାତନ ଦେବୀପୀଠ।

ଏ ସମ୍ପର୍କରେ ନୃପତି କହିଛନ୍ତି, ଐତିହ୍ୟ ଅନୁସନ୍ଧାନକାରୀ ଦଳ ସମୁଦାୟ ୭ଟି ପ୍ରାଚୀନ ଦେବୀପୀଠର ସନ୍ଧାନ କରିଛି। ଲୋକମୁଖରେ ଏହି ଗ୍ରାମଦେବତୀମାନେ ବିଚିତ୍ର ନାମରେ ଉପାସିତ ହେଉଥିଲେ ମଧ୍ୟ ପ୍ରକୃତରେ ସେମାନେ ବୈତରଣୀ ନଦୀ ଉପତ୍ୟକାରେ ବିସ୍ତାର ଲାଭ କରୁଥିବା ଜୈନ, ବୌଦ୍ଧ ତଥା ବ୍ରାହ୍ମଣ ସଂସ୍କୃତି ଓ ଧର୍ମ ବିଶ୍ୱାସର ପ୍ରତୀକ। ଏହି ଦସ୍ତାବେଜୀକରଣରେ ଭଦ୍ରକ ଜିଲା ନେରଦାର ସୁବର୍ଣ୍ଣମୁଖୀ ପୀଠ, କେଉଁଝର ଜିଲା ହାବଳେଶ୍ୱରର ସାତଭଉଣୀ ଠାକୁରାଣୀ, ଯାଜପୁର ଜିଲା ମୁକୁନ୍ଦପୁରର ପଞ୍ଚରତ୍ନ ମନ୍ଦିର, ସୁନାମୁହିଁ ଓ ଜାଗୁଳେଇ ଠାକୁରାଣୀ, ରଣପୁରର ସଅଁଳ ଠାକୁରାଣୀ ତଥା ନୂଆଗଡ଼ର ବ୍ରାହ୍ମଣୀ ଦେବୀ ଠାକୁରାଣୀ ପୀଠ ରହିଛି। ଏସବୁ ସ୍ଥାନରୁ ହିନ୍ଦୁ, ବୌଦ୍ଧ ତଥା ଜୈନଧର୍ମ ସହ ସମ୍ପୃକ୍ତ ଅନେକ ପ୍ରାଚୀନ ମୂର୍ତ୍ତି, ମନ୍ଦିରର ଧ୍ୱଂସାବଶେଷ, ଉପାସନା ସ୍ତୁପ, ବୀରଶିଳା ତଥା ଅଭିଲେଖଯୁକ୍ତ ପ୍ରସ୍ତର ଆଦିର ସନ୍ଧାନ ମିଳିଛି। ଏହି ସନ୍ଧାନ ସମ୍ପର୍କରେ ଖୁବ୍‌ଶୀଘ୍ର ସବିଶେଷ ରିପୋର୍ଟ ପ୍ରକାଶ କରିଯିବ ବୋଲି ନିହାର କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

**ନୂଆପଡ଼ା,୧୫।୯ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ସୋମବାର ବିପୁଳ ପରିମାଣ ଗଞ୍ଜେଇ ଜବତ କରି ୨ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଚିଙ୍ଗୁଡିଘାଇ ଗାଁର ବବ୍ଲୁ ପ୍ରଧାନ (୨୬) ଓ କୋଦାଳା ଥାନା ଫାଶି ଗାଁର ଟୁଲୁ ଦଲେଇ (୨୫)। ନୂଆପଡ଼ା ଏସ୍‌ପି ଅମୃତ ପାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଜୋଙ୍କ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ନେତୃତ୍ୱରେ ଏକ ଟିମ୍ ସହରରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଖରିଆର ରୋଡ ଜଲାରାମ ଲଜ୍ ସମ୍ମୁଖରେ ବ୍ୟାଗ୍ ଧରିଥିବା ଉପରୋକ୍ତ ୨ ଯୁବକଙ୍କୁ ପୋଲିସ ସନ୍ଦେହ କରି ଯାଞ୍ଚ କରିଥିଲା। ପୋଲିସ ବ୍ୟାଗରେ ଥିବା ୯ କିଗ୍ରା ୮୬୮ ଗ୍ରାମ ଗଞ୍ଜେଇ ସହ ଅଭିଯୁକ୍ତଙ୍କଠାରୁ ୨ ମୋବାଇଲ ନଗଦ ୫ହଜାର ଟଙ୍କା ଜବତ କରିଥିଲା। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧରୁଆ ସୂଚନା ଦେଇଛନ୍ତି।

### ଗତବର୍ଷଠାରୁ ୬୬୪୪ ଚାଷୀ ଅଧିକ ପଞ୍ଜୀକରଣ

**ଭବାନୀପାଟଣା,୧୫।୯ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାରେ ଖରିଫ ଚାଷ ୨୦୨୫-୨୬ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଶେଷ ହୋଇଛି। ଏଥିରେ ଗତବର୍ଷ ଖରିଫଠାରୁ ୬୬୪୪ ଚାଷୀ ଅଧିକ ପଞ୍ଜିକରଣ କରିଛନ୍ତି। ଗତ ୨୦୨୪-୨୫ ଖରିଫରେ ୧ଲକ୍ଷ ୧୪ ହଜାର ୫୩୭ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭.୮୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ତେବେ ଚଳିତ ଖରିଫରେ ଜିଲାର ୧ଲକ୍ଷ ୨୧ ହଜାର ୧୮୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ରାଜ୍ୟ ସରକାରଙ୍କ ଇନ୍‌ପୁଟ ସହାୟତା ମିଶି ଚାଷୀ ଗତ ଖରିଫ ଓ ରବି ଋତୁରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପାଇଥିବାରୁ ଧାନ ବିକ୍ରି ପଞ୍ଜୀକରଣ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଛି। ସେହିପରି ଗତ ଖରିଫ ଓ ରବିରେ ଜିଲାରେ ଧାନ ଉତ୍ପାଦନ ଓ ଧାନକିଣା ପୂର୍ବବର୍ଷ ଅପେକ୍ଷା ବଢିଥିବା ଜିଲା ଯୋଗାଣ ବିଭାଗ ତଥ୍ୟରୁ ଜଣାପଡିଛି।

### ଦୁର୍ଘଟଣାରେ ଆହତ ଶିକ୍ଷକଙ୍କ ପରଲୋକ

**ଭବାନୀପାଟଣା,୧୫।୯(ଉତ୍ତମ କୁମାର ଦାଶ):** ଦୁର୍ଘଟଣାରେ ଆହତ ହୋଇଥିବା କଳାହାଣ୍ଡି ଜିଲା ଜୁନାଗଡ଼ ସହର ହିଞ୍ଜଳିବାହାଲି ପଡାର ହାଇସ୍କୁଲ ଶିକ୍ଷକ ବିପ୍ଳବ ବେହେରା ଓରଫ ବୁବୁନ (୩୩)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ତଳେ ଭବାନୀପାଟଣା ବ୍ଲକ ସିଂଝରଣ ନିକଟରେ ତାଙ୍କୁ ଏକ ଇନୋଭା କାର୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ପରଲୋକ ହୋଇଛି। ଏହି ଖବର ଶୁଣିବା ପରେ ଜୁନାଗଡ଼ ସହରରେ ଶୋକର ଛାୟା ଖେଳିଯାଇଛି। ଭବାନୀପାଟଣା ବ୍ଲକ କୁଳିଆମାଲ ହାଇସ୍କୁଲରେ ସେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ବରିଷ୍ଠ ସିପିଆଇ ନେତା ରାଜ୍ୟ ପରିଷଦ ସଦସ୍ୟ ଦାମୋଦର ବେହେରାଙ୍କ ସେ ଏକମାତ୍ର ପୁଅ ଥିଲେ।

# ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ଲକ୍ଷ୍ୟ

**ହାବସପୁରରେ ପୁଣି ଆରମ୍ଭ ହେଲା ତାଲିମ ଶିବିର**

**ଭବାନୀପାଟଣା,୧୫।୯(ଉତ୍ତମ କୁମାର ଦାଶ)**



ତାଲିମ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଜିଲାପାଳ ଓ ଅନ୍ୟମାନେ।

ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ଲକ୍ଷ୍ୟ ନେଇ ପୁଣି ଥରେ ଆରମ୍ଭ ହୋଇଛି ତାଲିମ ଶିବିର। ଏହାକୁ ନେଇ ସ୍ଥାନୀୟ ବୁଣାକାରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ହାବସପୁର ଗ୍ରାମରେ ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ବୟନ ଶିଳ୍ପ ଉପନିର୍ଦ୍ଦେଶକ (କେବିକେ ଡିଭିଜନ) ଶିଶିର ନାଗ, ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଦାମ ଦେହୁରୀ, ଓଏଲ୍‌ଏମ୍ ବିଏଲ୍‌ସି ଧର୍ମେନ୍ଦ୍ର ଦୀପ, ଓର୍‌ମାସ୍ ଏକାଉଣ୍ଟାଣ୍ଟ ଦେବାଶିଷ ସାହୁ, ହାବସପୁର ସରପଞ୍ଚ ବିକାଶ ରଞ୍ଜନ ପଣ୍ଡା, ସ୍ଥାନୀୟ ବୁଣାକାର ସଂଘର ସମ୍ପାଦକ ସତ୍ୟ ନାରାୟଣ ମେହେର, ଆର୍‌ଏଚ୍‌ଡି ପ୍ରକଳ୍ପର ଏମ୍‌ସିଏମ୍ ଗଜେନ୍ଦ୍ର କଶ୍ୟପ ପ୍ରମୁଖ ଯୋଗଦେଇ ହାବସପୁରୀ ଡିଜାଇନ ପ୍ରକଳ୍ପର ପୁନରୁଦ୍ଧାର ଓ ହାବସପୁରୀ ଶାଢି ବୁଣି ବୁଣାକାରମାନେ କିପରି ରୋଜଗାରକ୍ଷମ ହେବେ ସେ ଉପରେ ଉଦ୍‌ବୋଧନ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ତାଲିମ ନେଇଥିବା ୨୦ ଜଣ ବୁଣାକାରଙ୍କୁ ଅତିଥିଙ୍କ ଦ୍ୱାରା ତାଲିମ ସାର୍ଟିଫିକେଟ ସହ ତନ୍ତୁ ଓ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଜଣ ବୁଣାକାର ଆଗାମୀ ୬ ମାସ ଯାଏ ତାଲିମ ନେବେ। କାର୍ଯ୍ୟକ୍ରମକୁ ବୟନ ନିରୀକ୍ଷକ ବିକ୍ରମ କନ୍ଦହେର ପରିଚାଳନା କରିଥିବାବେଳେ ଶୁଭେନ୍ଦୁ ମେହେର ସହଯୋଗ କରିଥିଲେ।



ପୁଅ ଜିଉଁତିଆ ଓଷା ପାଳନ କରୁଛନ୍ତି ମହିଳା।

## ପୁଅର ମଙ୍ଗଳ କାମନାରେ ପୁଅ ଜିଉଁନ୍ତିଆ ଓଷା

**ନୂଆପଡ଼ା,୧୫।୯ (ମକାରୁ ବେମାଲ)**

ପୁଅମାନଙ୍କ ମଙ୍ଗଳ ତଥା ଦୀର୍ଘାୟୁ କାମନା କରି ମା'ମାନେ ପୁଅ ଜିଉଁନ୍ତିଆ (ଦ୍ୱିତୀୟା ଓଷା) ପାଳନ କରିଥାନ୍ତି। ନୂଆପଡ଼ା ଜିଲାର ପୁରପଲ୍ଲିରେ ରବିବାର ସନ୍ଧ୍ୟାରେ ସଧବା ନାରୀମାନେ ଏହି ଓଷା ପାଳନ କରିଛନ୍ତି। ସେମାନେ ଦିନତମାମ ଉପବାସ ରହି ଅପରାହ୍ନରେ ନଦୀ କିମ୍ବା ପୋଖରୀରେ ସ୍ନାନ ସାରି ବାଲିଚଉରା କରି ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଘରକୁ ଆସି ଚାରିକୋଣିଆ ଦୁଇଟି ପୋଖରି କରି ତା' ଚାରିପାଖରେ ମହିଳାମାନେ ଦୀପ ଜାଳି ଦୁତିବାହନଙ୍କୁ ସ୍ମରଣ କରିଥିଲେ। ବିଧି ଅନୁସାରେ ବ୍ରତଧାରୀମାନେ ୨୧ ପ୍ରକାର ଫଳ, ଫୁଲ ଛୁଇଁ ମନସ୍କାମନା କରିଥଥିଲେ। ପରେ ଦୁତିବାହନଙ୍କୁ ଭୋଗ ଅର୍ପଣ କରି ପରସ୍ପରକୁ ମୁଣ୍ଡିଆ ମାରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ପରଦିନ ସକାଳୁ ସେମାନେ ପୁଣି ନଦୀ ବା ପୋଖରୀରେ ସ୍ନାନ ସାରି ବାଲି ଚଉରା କରି ଚିଲ-ଶିଆଳଙ୍କୁ ଫୁଲ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। ଘରକୁ ଆସି ପୁଅ ମାନଙ୍କୁ ଦୀପ ଆଳତି ସହ ସିନ୍ଦୂର, ଚନ୍ଦନ ଦେଇ ହାତରେ ଜିଉଁନ୍ତିଆ ବ୍ରତ ବାନ୍ଧିଥିଲେ। ଏହାସହ ପରିବାରର ସମସ୍ତଙ୍କୁ ଦୀପ ଆଳତି ଦେଇ ଜିଉଁନ୍ତିଆ ବ୍ରତ ବାନ୍ଧିଥିଲେ। ଏହା ପରେ ଓଷାରେ ଲଗାଯାଇଥିବା ଫଳ, ଖିରି, ପିଠା ପରିବାର ଖାଇବା ସହ ସାଇ ପଡିଶାକୁ ଦେଇଥିଲେ। ଏହା ପରେ ଓଷାଇତିମାନେ ଜଳ ବା ଅନ୍ନ ଭୋଗ ଗ୍ରହଣ କରିଥିଲେ।

## ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଆଣ୍ଠୁଏ ପାଣି

**କେସିଙ୍ଗା,୧୫।୯ (ଡୁମେଶ୍ୱର ସାହୁ)**



ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ପାଣି ଜମିଛି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କସ୍ତୁପଡ଼ା ଗ୍ରାମ ପଞ୍ଚାୟତର ଏନ୍‌ଏଚ୍ ୨୬ ପାର୍ଶ୍ୱରେ ଥିବା ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଆଣ୍ଠୁଏ ପାଣି ଜମି ରହିଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏପରି କି ଶିଶୁମାନେ ପାଣି ଭିତରେ ଯିବାବେଳେ କାଦୁଅରେ ଗୋଡ଼ ଖସି ପଡିଯାଉଛନ୍ତି। ଏହି ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭକରି କେସିଙ୍ଗା ବ୍ଲକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସମାଧାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଡ୍ରେନେଜ୍ ବ୍ୟବସ୍ଥା କରି ପାଣି ନିଷ୍କାସନ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ସ୍ଥାନୀୟ ସରପଞ୍ଚଙ୍କୁ କହି ତୁରନ୍ତ ସମସ୍ୟା ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ସମାଜବାଦୀ ପାର୍ଟିର ମିଶ୍ରଣ ପର୍ବ

**ଖଡ଼ିଆଳ,୧୫।୯ (ସୁଜିତ କୁମାର ପ୍ରଧାନ)**

ସମାଜବାଦୀ ପାର୍ଟି ନୂଆପଡ଼ା ତରଫରୁ ଜିଲା ସ୍ତରୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ କୌଶଲ୍ୟା ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ବେଣୁଧର ଗହୀର ସଭାପତିତ୍ୱ କରିଥିଲେ। ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରିଥିଲେ। ଦେଶର ପଛୁଆ, ଆଦିବାସୀ ଓ ଦଳିତ ବର୍ଗଙ୍କ ଉତ୍ଥାନ ପାଇଁ ସମାଜବାଦୀ ପାର୍ଟି ହିଁ ଏକମାତ୍ର ବିକଳ୍ପ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସଭାପତି ଶିବ ହାତୀ ରାଜ୍ୟରେ ଦେଖାଦେଇଥିବା ସାର ସଙ୍କଟ ଉପରେ ଉଦ୍‌ବେଗ ପ୍ରକାଶକରି ତାଙ୍କ ଦଳ କୃଷକମାନଙ୍କ ହିତରେ ସବୁବେଳେ ଲଢ଼େଇ କରିବ ବୋଲି କହିଥିଲେ। ଜିଲା ମହାସଚିବ ଗଙ୍ଗାରାମ ବନ୍‌ଛୋର, ଜିଲା ସଭାପତି କିଶୋର କାଠାର, ଉପସଭାପତି କାହ୍ନୁ ଚରଣ ଜଗତ, ଯୁବ ସଭାପତି ବୁଧାରୁ ବିହାରି, ପ୍ରବକ୍ତା ଓଡ଼ିଶା ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ଉପରେ ବିଚାର କରାଯାଉଥିବା ଦଳ ପକ୍ଷରୁ କୁହାଯାଇଥିଲା। ଏ ଅବସରରେ ଅନ୍ୟ ଦଳର ବହୁ କର୍ମୀ ସମାଜବାଦୀ ପାର୍ଟିରେ ମିଶିଥିଲେ।

## ପୁଅଜିଉଁନ୍ତିଆ ଓଷା ପାଳିଲେ ମହିଳା

**ରିଷିଡ଼ା, ୧୫।୯ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଗ୍ରାମର ବିଭିନ୍ନ ସାହିରେ ରବିବାର ମହିଳାମାନେ ପୁଅ ଜିଉଁନ୍ତିଆ ଓଷା ପାଳନ କରିଛନ୍ତି। ମା'ମାନେ ପୁଅର ଦୀର୍ଘ ଜୀବନ କାମନାକରି ଏବଂ ବିବାହିତା ନାରୀ ଓ ପୁତ୍ରହୀନ ନାରୀମାନେ ପୁତ୍ରଲାଭ କରିବା ପାଇଁ ନିର୍ଜଳା ଉପବାସକରି ଏହି ଓଷା ପାଳନ କରିଥାନ୍ତି। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଓଷା ପାଳନ ହୋଇଥିବାବେଳେ ପରଦିନ ଅର୍ଥାତ୍ ନବମୀ ତିଥିରେ ନାରୀମାନେ ଗାଧୋଇ ପୂଜାର୍ଚ୍ଚନା ସାରି ପୁଅମାନଙ୍କୁ ଜିଉଁନ୍ତିଆ ପିନ୍ଧାଇଥାନ୍ତି। ତେରେସିଂହା, ରାଜପୁର, ପୌରକେଲା ଆଦି ଅଞ୍ଚଳରେ ଏହି ଓଷା ପାଳିତ ହୋଇଯାଇଛି।

## ଶିବିରରେ ୭୩ ଅଭିଯୋଗର ପଞ୍ଜୀକରଣ

**ଜୟପାଟଣା,୧୫।୯(ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୩ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ୪୮ ଓ ସାମୂହିକ ୨୩ ରହିଥିବା ବେଳେ ୧୬ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ଥବିର ବାଗ, ଜିଲା ପରିଷଦ ସଭ୍ୟ ଅଙ୍ଗଦ ମାଝୀ, ବିଡିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ଏସ୍‌ଡିପିଓ ଡ଼ୋଲାମଣୀ ଭୋଇ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।





ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ଅଧିକାରୀ।

## ବିଧାୟିକାଙ୍କ ଦ୍ୱାରା କଲ୍ୟାଣମଣ୍ଡପ ଉଦ୍‌ଘାଟିତ

**ରିଷିଡ଼ା,୧୫।୯(ସୁଶାନ୍ତ ମଲ୍ଲିକ)**



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା କୁମ୍ଭାରପଡ଼ାଠାରେ ନୂତନ ଭାବେ ନିର୍ମାଣ ହୋଇଥିବା କଲ୍ୟାଣମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା କୁନି ସାହୁ, ବିଡିଓ ଦେବେନ୍ଦ୍ର ସାମଲ, ଜିଲା ପରିଷଦ ସଭ୍ୟ ଜୋନ୍ କ ମହେନ୍ଦ୍ର ରଣା, ରିଷିଡ଼ା ସରପଞ୍ଚ ସେବତୀ ରଣା, ରିଷିଡ଼ା ପଞ୍ଚାୟତ ସମିତି ସଭ୍ୟ ନିମାଇଁ ଚରଣ ବେହେରା, ପୌରକେଲା ସରପଞ୍ଚ ଯଶସ୍ୱିନୀ ଧରୁଆ, କର୍ଲାମୁଣ୍ଡା ବ୍ଲକ୍ ବିଜେଡି ସଭାପତି ଯଶୋବନ୍ତ ସାହୁ, ଗ୍ରାମ କମିଟି ସଭାପତି ନାରାୟଣ ରଣା, ସମ୍ପାଦକ ପ୍ରେମାନନ୍ଦ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଦୁର୍ଯ୍ୟୋଧନ ଚଣ୍ଡୀଙ୍କୁ ନାଟ୍ୟଗୁରୁ ରତ୍ନ ସମ୍ମାନ





ସମ୍ମାନିତ ହେବା ଅବସରରେ ଦୁର୍ଯ୍ୟୋଧନ ଓ ଅନ୍ୟମାନେ।

**ବେହେରା,୧୫।୯(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ଡ଼ାଳଗୁମା ଗ୍ରାମର ଦୁର୍ଯ୍ୟୋଧନ ଚଣ୍ଡୀ ଭୁବନେଶ୍ୱର ଜାତୀୟ ରାଜ୍ୟ କଳା ସଂସ୍କୃତି, ଭାଷା ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ନାଟ୍ୟ ଗୁରୁ ରତ୍ନ'ରେ ସମ୍ମାନିତ ହୋଇଛନ୍ତି। ସମ୍ବଲପୁରଠାରେ ଅନୁଷ୍ଠିତ ନୂଆଖାଇ ଭେଟ୍‌ଘାଟ୍‌ରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଦୁର୍ଯ୍ୟୋଧନ ଏକାଧାରରେ ଜଣେ ନାଟ୍ୟ ଲେଖକ, ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ କଳାକାର। ଅନେକ ସମ୍ବଲପୁରୀ ଗୀତରେ କଣ୍ଠ ଦାନ କରି ସେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ତାଙ୍କ ରଚିତ ନାଟକ ସୁଖ ହଜିଗଲା ମଝି ନଈରେ, ସମ୍ପର୍କ ଆମର ଜନ୍ମ ଜନ୍ମର, ଚଣ୍ଡି ନୁହେଁଇ ସେ ବ୍ରହ୍ମ ଚଣ୍ଡାଳ, ଏ କଳିଯୁଗରେ ମାମୁଁର ଖେଳ, ଦୁର୍ଯୋଧନ ଲେଖୁଛି ମହାଭାରତ ପ୍ରଭୃତି ବିଭିନ୍ନ ନାଟ୍ୟ ଅନୁଷ୍ଠାନ ଏପରି କି ରାଜ୍ୟ ବାହାରେ ମଧ୍ୟ ଅଭିନୀତ ହୋଇ ଆସୁଛି। ଭବିଷ୍ୟତରେ ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଓ ଏପରି କି ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ନାଟକ ମାଧ୍ୟମରେ ସମାଜକୁ ଶିକ୍ଷା ଦେବା ପାଇଁ ତାଙ୍କର ସ୍ୱପ୍ନ ରହିଥିବା ସେ ପ୍ରକାଶ କରନ୍ତି।

## ପଞ୍ଚାୟତସ୍ତରୀୟ ସାର୍ବଜନୀନ ନୂଆଖାଇ ଭେଟ୍‌ଘାଟ୍

**ଖଡ଼ିଆଳ,୧୫।୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତର ରଜାମୁଣ୍ଡାଠାରେ ପଞ୍ଚାୟତସ୍ତରୀୟ ସାର୍ବଜନୀନ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ତଥା ନୂଆଖାଇ ପାଳନ କମିଟି ସଭାପତି ଗୌତମ ତାଣ୍ଡି ସଭାପତିତ୍ୱ କରିଥିଲେ। ପ୍ରଥମେ ପଞ୍ଚାୟତର ତିନିଶହରୁ ଅଧିକ ମହିଳା କଳସ ଯାତ୍ରାରେ ବାହାରି ନୂଆଁଖାଇ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଗ୍ରାମ୍ୟ ଝାଙ୍କର ଗ୍ରାମଦେବୀ ଓ ସମଲେଶ୍ୱରୀଙ୍କୁ ନୂଆ ଅର୍ପଣ ପରେ ଅତିଥିମାନଙ୍କ ସମେତ ସମସ୍ତ ମହିଳାପୁରୁଷ ନୂଆଁ ଖାଇଥିଲେ। ଏଥିରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ଜିଲା ପରିଷଦ ଉପାଧ୍ୟକ୍ଷ ଦିପିକା ଦୀପ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ, ଜିଲା ପରିଷଦ, ଜୋନ ନମ୍ବର ୪ ଚିତ୍ତରଞ୍ଜନ ବେହେରା, ବ୍ଲକ ସରପଞ୍ଚ ସଂଘ ସଭାପତି ସନ୍ତୋଷ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ କୃଷିଭିତ୍ତିକ ଏହି ଗଣପର୍ବ ଆମକୁ ଏକତା ସୂତ୍ରରେ ବାନ୍ଧି ରଖେ ବୋଲି ମତବ୍ୟକ୍ତ କରିଥିଲେ। ଥବିରାମ ଦିପ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର କୂଳଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚାୟତର ୪ଶହରୁ ଅଧିକ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ନିଃସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଅର୍କେଷ୍ଟ୍ରାରେ ଦର୍ଶକ ଝୁମିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆଞ୍ଚଳିକ ଉନ୍ନୟନ ପରିଷଦ ଲାଞ୍ଜିଗଡ଼ ଗଠନ

**ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବ**

**ଲାଞ୍ଜିଗଡ଼,୧୫।୯(ରମେଶ ଚନ୍ଦ୍ର ନାୟକ)**



ବୈଠକରେ ଯୋଗଦେଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ସଭାପତିତ୍ୱ କରିଥିବାବେଳେ ଚନ୍ଦ୍ରଧ୍ୱଜ ପେଶନିଆ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲାଞ୍ଜିଗଡ଼ଠାରେ ବ୍ଲକ୍ ମୁଖ୍ୟାଳୟ ସ୍ଥାପନ, ଲାଞ୍ଜିଗଡ଼କୁ ଏନ୍‌ଏସି ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ରେଜିଷ୍ଟ୍ରାର ଓ ଟ୍ରେଜେରି ଅଫିସ ପ୍ରତିଷ୍ଠା ସାଙ୍ଗକୁ ଅତିରିକ୍ତ ତହସିଲ ଅଫିସ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ ଇତ୍ୟାଦି ଉପରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ ପାଇଁ ଆଲୋଚନା ହୋଇଥିଲା। ଏ ଦିଗରେ କାର୍ଯ୍ୟ କରିବା ପାଇଁ ସର୍ବସମ୍ମତିକ୍ରମେ କମିଟି ଗଠନ କରାଯାଇ ଏହାର ନାମ 'ଆଞ୍ଚଳିକ ଉନ୍ନୟନ ପରିଷଦ ଲାଞ୍ଜିଗଡ଼' ରଖାଯାଇଥିଲା। ଏହାକୁ ପରିଚାଳନା କରିବା ପାଇଁ ଏକ ଗଭର୍ନିଂ ବଡି ଗଠନ ହୋଇଥିଲା। ଏହାର ସଭାପତି ଶ୍ରୀଧର ପେଶନିଆ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି, ସହ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ସହ ସମ୍ପାଦକ ଶିଶିର ପୂଜାରୀ, ସହ ସମ୍ପାଦକ ଭୂପେନ୍ଦ୍ର ମହାରଥା, କୋଷାଧ୍ୟକ୍ଷ ସୁବାସ ଅଗ୍ରୱାଲ, ସହ କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ଚୟନ କରାଯାଇଛି। ସେହିପରି ଆବାହକ ଭାବେ ସୁରେନ୍ଦ୍ର ପ୍ରତାପ ସିଂଦେଓ ଏବଂ ଚନ୍ଦ୍ରଧ୍ୱଜ ପେଶନିଆ ରହିଥିବା ବେଳେ ଆଇନ ପରାମର୍ଶଦାତା ଭାବେ ସିଦ୍ଧାର୍ଥ ନାୟକ, ଆଇନଜୀବୀ ଅନୱାର ଭାରତୀ ରହିଛନ୍ତି। ଉପଦେଷ୍ଟା କମିଟିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡ଼ା ସରପଞ୍ଚ ଚାଙ୍ଗେର ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗୁନା ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ ପ୍ରମୁଖ ରହିଛନ୍ତି। ଆସନ୍ତା ବିଜୟାଦଶମୀ ଓ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଏହି କମିଟିକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟକରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପରିଷଦର ନୂତନ ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି ଧନ୍ୟବାଦ ଦେଇଥିଲେ।

# ଫି ଆଦାୟ ହେଉଛି, ଉତ୍ସବ ହେଉନି



ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଟ୍ରଷ୍ଟଫଣ୍ଡ କଲେଜର ଅସନ୍ତୁଷ୍ଟ ଛାତ୍ରୀଛାତ୍ର।

ବରଗଡ଼,୧୫।୯(ପ୍ରେମାନନ୍ଦ ଖମାରୀ)

ବାର୍ଷିକ କ୍ରୀଡ଼ା, ବାର୍ଷିକ ଉତ୍ସବ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଆଡ଼ମିଶନ, ରି-ଆଡ଼ମିଶନ ପାଇଁ ପ୍ରତିବର୍ଷ ଫି ଆଦାୟ କରାଯାଉଛି। କିନ୍ତୁ କଲେଜରେ ପ୍ରବେଶ ଦିବସଠାରୁ ଏପର୍ଯ୍ୟନ୍ତ ଛାତ୍ରୀଛାତ୍ର ବାର୍ଷିକ କ୍ରୀଡ଼ା କିମ୍ବା କଲେଜର ବାର୍ଷିକ ଉତ୍ସବ ପାଳନ ଦେଖିନାହାନ୍ତି। ଏଭଳି ଏକ ଗୁରୁତର ଅଭିଯୋଗ ନେଇ ସୋମବାର ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜର ଛାତ୍ରୀଛାତ୍ର କଲେଜ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଫେରାଦ ହୋଇଛନ୍ତି। ଅତିରିକ୍ତ ଜିଲାପାଳ ସାହୁଙ୍କୁ ଛାତ୍ରୀଛାତ୍ର ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। କଲେଜର ବାର୍ଷିକ କ୍ରୀଡ଼ା ଏବଂ ବାର୍ଷିକ ଉତ୍ସବ ପାଳନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଅତିରିକ୍ତ ଜିଲାପାଳ ସାହୁଙ୍କୁ ନିବେଦନ କରିଛନ୍ତି।

ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି, ଦୀର୍ଘ ୨୮ବର୍ଷ ହେଲା ଉକ୍ତ କଲେଜରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କିମ୍ବା କଲେଜର ବାର୍ଷିକ ଉତ୍ସବ ପାଳନ କରାଯାଉ ନାହିଁ। ଅନ୍ୟପଟେ ପ୍ରତିବର୍ଷ କଲେଜର ଛାତ୍ରୀଛାତ୍ରଙ୍କଠାରୁ ଆଡ଼ମିଶନ ଏବଂ ରି-ଆଡ଼ମିଶନ ନାଁରେ ସ୍ପୋର୍ଟସ୍ ଓ କଲଚରାଲ ଫି ନିଆଯାଉଛି। କେବଳ ଗତ ସାଧାରଣ ନିର୍ବାଚନ ପୂର୍ବରୁ ମୋ ଓଡ଼ିଶା କାର୍ଯ୍ୟକ୍ରମ କଲେଜରେ ହୋଇଥିବା ଛାତ୍ରୀଛାତ୍ର କହିଛନ୍ତି। ଅପରପକ୍ଷେ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବାର୍ଷିକ ଉତ୍ସବ କରିବା ପାଇଁ ଛାତ୍ରୀଛାତ୍ର ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ମାତ୍ର କଲେଜ କର୍ତ୍ତୃପକ୍ଷ କେବଳ ନାନା ଆଳ ଦେଖାଇ କେବଳ ଦିନ ଗଡ଼ାଇ ଚାଲୁଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

ଏଭଳି ଅଭିଯୋଗ ନେଇ ଛାତ୍ରୀଛାତ୍ର ଝିପିଝିପି ବର୍ଷାପାଣିରେ ଭିଜି ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଦଯାତ୍ରାରେ ଆସିଥିଲେ ଏବଂ କଲେଜ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସାଧାରଣ ଘରୋଇ ସ୍କୁଲ, କଲେଜରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବାର୍ଷିକ ଉତ୍ସବ ପାଳନ କରାଯାଉ ଥିବାବେଳେ ଛାତ୍ରୀଛାତ୍ରମାନେ ସେଥିପାଇଁ ଉଦ୍ଦିଷ୍ଟ ବାର୍ଷିକ ଫି ପ୍ରଦାନ କରୁଥିବା ସତ୍ତ୍ୱେ ଜିଲା ହେଡ଼କ୍ୱାର୍ଟରରେ ଅବସ୍ଥିତ ଟ୍ରଷ୍ଟଫଣ୍ଡ କଲେଜରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବାର୍ଷିକ ଉତ୍ସବ ପାଳନ କରାଯାଉ ନଥିବା ବିଡ଼ମ୍ବନାର ବିଷୟ ବୋଲି ଅତିରିକ୍ତ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ସେ ନେଇ କଲେଜ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ।

ତେବେ ଜିଲା ହେଡ଼ କ୍ୱାର୍ଟର ମଧ୍ୟରେ ରହିଥିବା କଲେଜରେ ଏଭଳି ଛାତ୍ର ଅଶାନ୍ତି ଏବେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ଦେବତାଙ୍କୁ ପଚାରିବାରୁ ସେ କହିଥିଲେ, ବିଗତ ଶନିବାର କଲେଜର ବିଭାଗୀୟ ମୁଖ୍ୟମାନଙ୍କ ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଡିସେମ୍ବର ମାସ ୧୫ତାରିଖ ପରେ ଏବଂ ଆସନ୍ତାବର୍ଷ ଜାନୁୟାରୀ ଶେଷରେ ଉପଯୁକ୍ତ ସମୟରେ ଛାତ୍ରୀଛାତ୍ରଙ୍କ ବାର୍ଷିକ କ୍ରୀଡ଼ା ଏବଂ ସମୟ ଅନୁସାରେ ବାର୍ଷିକ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ। ତେବେ ଉକ୍ତ କଲେଜରେ ଦୀର୍ଘବର୍ଷ ଧରି କାହିଁକି ଛାତ୍ରୀଛାତ୍ରଙ୍କ ବାର୍ଷିକ କ୍ରୀଡ଼ା କିମ୍ବା କଲେଜର ବାର୍ଷିକ ଉତ୍ସବ ହେଉ ନଥିଲା ଏବଂ ସେଥିପାଇଁ ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ଫି କୁଆଡ଼େ ଖର୍ଚ୍ଚ ହେଉଥିଲା, ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି କଲେଜ ଛାତ୍ରୀଛାତ୍ର କହିଛନ୍ତି।

## କୋଚିଂ ନ କଲେ କମିବ ମାର୍କ !

ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ଛାତ୍ରୀଛାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ସମୟରେ ଆଉ ଏକ ସଙ୍ଗୀନ ଅଭିଯୋଗ ଆଣିଥିଲେ। କଲେଜର କିଛି ନିର୍ଦ୍ଦିଷ୍ଟ ଅଧ୍ୟାପକ ସେମାନେ ଖୋଲିଥିବା କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କୁ କୋଚିଂ ପାଇଁ ବାଧ କରୁଥିବା ଅଭିଯୋଗ କରିଥିଲେ। ଏପରିକି କୋଚିଂ କଲେ ପ୍ରାକ୍ଟିକାଲରେ ମାର୍କ ବଢ଼ିବ, ନଚେତ୍ ମାର୍କ କମିବ ବୋଲି ସମ୍ପୃକ୍ତ ଅଧ୍ୟାପକମାନେ କହୁଥିବା ଛାତ୍ରୀଛାତ୍ର ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଥିଲେ। ତେବେ ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଦେବତାଙ୍କୁ ପଚାରିବାରୁ ତାହା ସମ୍ପୂର୍ଣ୍ଣ ଭୁଲ୍ ଏବଂ ସେଭଳି କିଛି ଅଭିଯୋଗ ତାଙ୍କ ପାଖକୁ ପହଞ୍ଚି ନଥିବା କହିଥିଲେ। ତେବେ ଘରୋଇ କୋଚିଂ ପାଇଁ ଅଧ୍ୟାପିକା, ଅଧ୍ୟାପକଙ୍କ ପାଇଁ ସମ୍ପୂର୍ଣ୍ଣ କଟକଣା ରହିଥିବାବେଳେ ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ଛାତ୍ରୀଛାତ୍ରଙ୍କ ଏଭଳି ଅଭିଯୋଗକୁ ହାଲୁକାଭାବେ ଗ୍ରହଣ କରିବା ଠିକ୍ ନୁହେଁ। ଏହାର ମଧ୍ୟ ବିଧିବଦ୍ଧ ତଦନ୍ତ କରାଯାଇ ଉକ୍ତ କଲେଜର କେଉଁ ଅଧ୍ୟାପିକା, ଅଧ୍ୟାପକ କଲେଜ ବଦଳରେ କୋଚିଂ ସେଣ୍ଟରରେ ସମୟ ଦେଉଛନ୍ତି, ତାକୁ ମଧ୍ୟ ତଦନ୍ତ ପରିସରକୁ ଆଣିବା ପାଇଁ ବରଗଡ଼ର ସଚେତନ ନାଗରିକବୃନ୍ଦ ମତପ୍ରକାଶ କରିଛନ୍ତି।

# ମାହେଶ୍ୱରୀଙ୍କର ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜା



ମା' ମାହେଶ୍ୱରୀଙ୍କ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଛି।

ଅତାବିରା,୧୫।୯(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଗମ୍ଭାରୀପାଲିସ୍ଥିତ ଆଞ୍ଚଳିକ ଉମା ମାହେଶ୍ୱରୀ ମନ୍ଦିରରେ ମୂଳାଷ୍ଟମୀଠାରୁ ମା' ମାହେଶ୍ୱରୀଙ୍କର ଶାରଦୀୟ ଷୋଡ଼ଶ ଦିନାତ୍ମକପୂଜା ରବିବାର ରାତ୍ରିରୁ ଆରମ୍ଭ ହୋଇଯାଇଛି। ପଣ୍ଡିତ ଶଶିଭୂଷଣ ଶତପଥୀ ମନ୍ଦିରରେ ସଂକଳ୍ପ ପୂଜା କରିଥିଲେ। ରବିବାର ବିଳମ୍ବିତ ରାତିରେ ମନ୍ଦିରର ପୂଜକ ସନ୍ତୋଷ ମହାକୁର ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ପ୍ରତୀକ ଶାଳକା ବାଡିକୁ ଛତ୍ର ବୈରଗ ସହ ଘଣ୍ଟ ଶଙ୍ଖ ଓ ପଞ୍ଚବାଦ୍ୟ ତାଳେତାଳେ ନିକଟସ୍ଥ ପୁଷ୍କରିଣୀକୁ ସ୍ନାନଯାତ୍ରା ପାଇଁ ନିଆଯାଇଥିଲା। ସ୍ନାନ ସାରି ଫେରିବା ବାଟରେ ମା' ମାହେଶ୍ୱରୀ ଗାଁର ସବୁ ପଡ଼ାରେ ପୂଜା ପାଇଥିଲେ। ମକରଧ୍ୱଜ କର୍ମୀ ଓ ସ୍ୱାଧୀନ ପାତ୍ରଙ୍କୁ ମା'ଙ୍କର ବରୁଆ ଆସିଥିଲେ। ସୁଶୀଲ ପ୍ରଧାନ, ସନ୍ତୋଷ ଥାଟି, ଜୟନ୍ତ କର୍ଣ୍ଣ, ଦୁର୍ଗା ପ୍ରଧାନ, ଶ୍ରୀଧର ନାଏକ, ସୁନ୍ଦର ପ୍ରଧାନ, ପ୍ରସନ୍ନ ପ୍ରଧାନ, ଭବାନୀ ପ୍ରଧାନ, ଗଜରାଜ ପ୍ରଧାନ, ଚମ୍ପେଶ୍ୱର ମହାକୁର, ଗଙ୍ଗାଧର ପର୍ଡିଆ, ଲକ୍ଷ୍ମଣ ପ୍ରଧାନ, ରମେଶ ପର୍ଡିଆ, ସୁନୀଲ ପ୍ରଧାନ, ଗୋପାଳ ପ୍ରଧାନ, ନନ୍ଦକାହ୍ନା ମହାକୁର, କୈବଲ୍ୟ ପ୍ରଧାନ, ପ୍ରମୋଦ କର୍ଣ୍ଣ, ପ୍ରଫୁଲ୍ଲ ଖମାରୀ, ବଂଶୀଧର ସେଠ, ସୁଦାମ ସେଠ,ପ୍ରତୁଲ କୁମାର କର୍ଣ୍ଣ, ସମସ୍ତ ସେବାୟତ, କମିଟି ସଦସ୍ୟ, ବୟାଳିଶ ଖଣ୍ଡ ଗାଁର ଡୁମାଲ ଜାତିଭାଇ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା କାର୍ଯ୍ୟକ୍ରମ ଚାଲୁଛି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ସଦସ୍ୟଙ୍କ ଉପସ୍ଥିତିରେ ମଞ୍ଚାସୀନ ଅତିଥି।

ଗୋଡ଼ଭଗା,୧୫।୯(ସୁରେଶ ଦାଶ)

ଭାରତୀୟ ଜନତା ପାର୍ଟି, କୃଷକ ମୋର୍ଚ୍ଚା ବରଗଡ଼ ଜିଲା ସଭାପତି ଯଶୋବନ୍ତ ସେଠଙ୍କ ସଭାପତିତ୍ୱରେ ଗୋଡ଼ଭଗା ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ସେବାପକ୍ଷ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ଶର୍ମା ସେବା ପକ୍ଷ ବିଷୟରେ ଉପସ୍ଥିତ ଥିବା ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୭୫ତମ ଜନ୍ମଦିନ ଆଗାମୀ ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୧୭ ତାରିଖ ଦିନ ସମଗ୍ର ରାଜ୍ୟରେ ୭୫ ଲକ୍ଷ ବୃକ୍ଷରୋପଣ କରିବାର ଲକ୍ଷ୍ୟ ରଖାଯାଇଛି। ଆଉ କୃଷକ ମୋର୍ଚ୍ଚା ଏଥିରେ ବ୍ୟାପକ ରୂପରେ ଅଂଶ ଗ୍ରହଣ କରିବାକୁ ଯାଉଛି। ଏହା ସହିତ ସମଗ୍ର ରାଜ୍ୟରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ୱଚ୍ଛତା ଅଭିଯାନ ଭଳି ଅନେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଉପସଭାପତି ସଞ୍ଜୟ ଉପାଧ୍ୟାୟ, ମଣ୍ଡଳ ସଭାପତି ସତ୍ୟନାରାୟଣ କର୍ଣ୍ଣ, ଲିଙ୍ଗରାଜ ଥାର୍ଟି, ଦଶରଥ ଭୋଇ, ଦେବଦତ୍ତ ତାଣ୍ଡି, ବଳରାମ ଭୋଇ, ସୁରେଶ କର୍ଣ୍ଣ, ଉମେଶ ଗର୍ଡିଆ, ପ୍ରଶାନ୍ତ ବନ୍‌ଛୋର, ଗୋପବନ୍ଧୁ ମହାକୁର, ଭାରତ ପ୍ରଧାନ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଚ୍ୟୁତା ନନ୍ଦ ବାରିକ, ଅନନ୍ତ ପଧାନ ଉପସ୍ଥିତ ଥିଲେ।

## ୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଝାରବନ୍ଧ :୧୫।୯(ଦେବେନ୍ଦ୍ର ସାହୁ)

ଝାରବନ୍ଧ ଥାନା ଅଞ୍ଚଳରେ ବେଆଇନ ନିଶା କାରବାର ବନ୍ଦ କରିବା ପାଇଁ ଅପରେଶନ ପ୍ରହାରରେ ପୋଲିସ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ସ୍ଥାନୀୟ ପୋଲିସ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡ଼ାକଡ଼ି କରିଛି। ସୋମବାର ଝାରବନ୍ଧ ପୋଲିସ ଗୋଠୁଗୁଡା ଛକଠାରେ ଯାନବାହନ ଚେକିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଡେନ ଥାନା ନରେନ୍ଦ୍ରପୁର ଗାଁର ବିରଞ୍ଚି ଭୋଇ, ସୁପ୍ରସନ ସାହୁ। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଏକ ବାଇକ୍ ସହ ୫ କେଜି ୭୦ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ଏକ ନମ୍ବରବିହୀନ ବାଇକ୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ। ସୋମବାର ମଧ୍ୟ ବାଇକ୍ ଯୋଗେ ଗଞ୍ଜେଇ ଆଣୁଥିବା ବେଳେ ଗୋଠୁଗୁଡା ଛକଠାରେ ପୋଲିସ ହାବୁଡ଼ାରେ ପଡ଼ିଥିଲେ। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣୁଥିବା ନେଇ ପୋଲିସ ସମ୍ମୁଖରେ ପ୍ରକାଶ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।





ହିନ୍ଦୀ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ହିନ୍ଦୀ ଦିବସରେ କବିତା ଆବୃତ୍ତି ପ୍ରତିଯୋଗିତା

ପାଇକମାଲ,୧୫।୯(ବଡ଼ ଶତପଥୀ)

ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ବିଦ୍ୟାଳୟ ସ୍ତରୀୟ ହିନ୍ଦୀ ଦିବସ ପ୍ରଧାନ ଶିକ୍ଷକ ଡ. ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ହିନ୍ଦୀ ଶିକ୍ଷକ ପୂର୍ଣ୍ଣାରାମ ସା ଯୋଗଦାନ କରି ହିନ୍ଦୀ ଭାଷାର ବିକାଶରେ ସମସ୍ତଙ୍କୁ ଯୋଗଦାନ କରି ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ୧୬୫ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରି ସମ୍ମାନିତ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଶିବଂ ନାୟକ ସଂଯୋଜନା କରିଥିଲେ। ସୁଦାମ ପାଣ୍ଡେ, ଅମିତ ସାହୁ, ନିରୁପମା ସାହୁ, ଲଳିତ କୁମାର ବିଶ୍ୱାଳ, ରଜତ କୁମାର ସାହୁ, ଛବିଳ ସେଠ ସହଯୋଗ କରିଥିଲେ। ଶେଷରେ ଯଶୋବନ୍ତ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ପାଇକମାଲ ୧୫।୯(ବଡ଼ ଶତପଥୀ)

ପାଇକମାଲ ବ୍ଲକରୁ ଏକମାତ୍ର ଆଦର୍ଶ ପ୍ରାଥମିକ ଶିକ୍ଷକ ଭାବେ ଡୁମରେବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଦାମ କନ୍ଧେର ଜିଲାସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଏ ନେଇ ସୋମବାର ପାଇକମାଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ପାଇକମାଲ ବିଇଓ ଅଦନ ସୁନା ଆଦର୍ଶ ଶିକ୍ଷକ କନ୍ଧେରଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସମ୍ମାନିତ କରିଥିବା ବେଳେ ପାଇକମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାଦଶ ପ୍ରଧାନ, ଏବିଇଓ ଚକାମନ ସୁନା, ସିଆରସିସି ଉଗ୍ରସେନ ପ୍ରଧାନ, ବସୁଦେବ କୁମ୍ଭାର, ସନ୍ତୋଷ ମେହେରଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ଓ ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହିଥିଲେ। ସେ ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମରେବାହାଲ ଗ୍ରାମର ଏକ ଗରିବ ପରିବାରରୁ ଜନ୍ମଗ୍ରହଣ କରି ବ୍ୟକ୍ତିଗତ ଭାବେ ଜୀବନ ଜୀବିକା ଯୁଦ୍ଧରେ ସଦାସର୍ବଦା ସଂଘର୍ଷ କରୁଥିବା ଜଣେ ସରଳ, ନିଷ୍କପଟ, ଜଣେ ଆଦର୍ଶ ଶିକ୍ଷକ ହେଉଛନ୍ତି ସୁଦାମ କନ୍ଧେର । ତାଙ୍କର ଛାତ୍ର ବତ୍ସଳତା ଓ ପାଠପଢ଼ା ଶୈଳୀ ସମ୍ପୂର୍ଣ୍ଣ ନିଆରା । ବିଭିନ୍ନ ଗପ କହି, ମହାପୁରୁଷମାନଙ୍କ ଉଦାହରଣ ଦେଇ ତଥା ପିଲାଙ୍କୁ ହସାଇ ନଚାଇ ଗୀତ ବାଦ୍ୟ ଦ୍ୱାରା ପାଠ ପଢ଼ାଉଥିବାରୁ ଛାତ୍ରୀଛାତ୍ରମାନେ ତାଙ୍କଠାରୁ ପାଠ ପଢ଼ିବା ପାଇଁ ବେଶ୍ ଉତ୍ସାହ ପ୍ରକାଶ କରିଥାନ୍ତି।

## ବିଜୁ ଏକ୍ସପ୍ରେସ ୱେରେ ଫସିଲା ଟ୍ରକ୍

ବରଗଡ଼, ୧୫।୯
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସୋହେଲାରୁ ନୂଆପଡ଼ା ଜିଲାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେରେ ସୋମବାର ରାସ୍ତା ଦବି ଯିବାରୁ ଏକ ଟ୍ରକ୍ ଫସିଯାଇଥିଲା। ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ନିକଟ ଘେଁସାଲି ବ୍ରିଜ୍ ନିକଟରେ ଦୀର୍ଘ ସମୟ ଧରି ଟ୍ରକ୍‌ଟି ଫସି ଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର ଏଭଳି ଦୂରାବସ୍ଥା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ରାସ୍ତା ନିର୍ମାଣରେ ଏଭଳି ନିମ୍ନମାନର କାମର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।



ରାସ୍ତାରେ ଦବି ଯାଇଥିବା ଟ୍ରକ୍।

## ନାବାଳିକା ଅସଦାଚରଣକାରୀଙ୍କୁ ୭ ବର୍ଷ କାରାଦଣ୍ଡ

ବରଗଡ଼/ଅତାବିରା,୧୫।୯
(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ଅତାବିରା ଥାନା ଅଞ୍ଚଳରେ ୨୦୨୧ ମେ ମାସରେ ସଂଘଟିତ ନାବାଳିକାଙ୍କୁ ଅସଦାଚରଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତ କରଣ ଓରଫ୍ କରୁଣ ବାଗଙ୍କୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଅତିରିକ୍ତ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ବିଚାରପତିଙ୍କ ଆଦେଶ ରହିଛି।

# ୧୩୨୫ ବୋତଲ କଫ ସିରପ୍ ଜବତ, ୪ ଗିରଫ

ସୋହେଲା, ୧୫।୯(ଅଶ୍ୱିନୀ କୁମାର ପାତ୍ର)

ବେଆଇନ କଫ ସିରପ୍ ଚୋରା ଚାଲାଣ କରିବା ଅଭିଯୋଗରେ ସୋହେଲା ପୋଲିସ ସୋମବାର ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଦ୍ମପୁର ଥାନା କପଶିଳା ଗାଁର ଲକ୍ଷ୍ମଣ କୁମ୍ଭାର ଓରଫ ବାବା(୩୭), ଜମଲା ଗ୍ରାମର ଗଣେଶ ମେହେର(୩୪), ବୁଡେନ ଥାନାର ଟେଣ୍ଡାପଦର ଗ୍ରାମର ଗୌରୀ ନାରାୟଣ ତ୍ରିପାଠୀ(୩୮) ଓ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ରାଣୀସର୍ଡା ଗ୍ରାମର ଦୟାନିଧି ପରୁଆ(୩୨)। ସେମାନଙ୍କଠାରୁ ୧୩୨୫ବୋତଲ କଫ ସିରପ୍, କାର୍ ସହିତ ୨ଗୋଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ସବର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମଧ୍ୟାହ୍ନରେ ସୋହେଲା ପୋଲିସ ଚିଚିଣ୍ଡା ଛକରେ ପାଟ୍ରୋଲିଂ କରୁଥିବା ବେଳେ ଏକ ମାରୁତି (ଓଡି ୧୭ ଭି/୬୧୧୧)ରୁ କଫ ସିରପ୍ ଜବତ ହୋଇଥିଲା। ଏ ନେଇ ସ୍ଥାନୀୟ ଥାନାରେ ନଂ. ୨୭୬/୨୫ରେ ମାମଲା ହୋଇଛି। ତେବେ ଲକ୍ଷ୍ମଣ କୁମ୍ଭାରଙ୍କ ନାମରେ ବୁଡେନ ଥାନାରେ ଗୋଟିଏ ମାମଲା ଓ ପଦ୍ମପୁର ଥାନାରେ ୨ଟି ମାମଲା ଏବଂ ଗୌରୀ ନାରାୟଣ ତ୍ରିପାଠୀଙ୍କ ନାଁରେ ବୁଡେନ ଥାନାରେ ଗୋଟିଏ ମାମଲା ରହିଛି। ପୂର୍ବରୁ ଭିନ୍ନ ମାମଲାକୁ ନେଇ ଉକ୍ତ ମାମଲା ରୁଜୁ ହୋଇଥିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ, ଅଭିଯୋଗ କାରୀ ସବଇନ୍ସପେକ୍ଟର ରବିନାରାୟଣ ପଧାନ ଉପସ୍ଥିତ ଥିଲେ।





ଜବତ କଫ୍ ସିରଫ ସହ ଗିରଫ ଅଭିଯୁକ୍ତ।

# ଜିଲାସ୍ତରୀୟ 'ମହକ ଓ ଉତ୍ସାହ' କାର୍ଯ୍ୟକ୍ରମ

ପଦ୍ମପୁର,୧୪।୯(ପ୍ରଦୀପ୍ତ ଦାଶ)

ଜିଲା ଶିଶୁ ସୁରକ୍ଷା ସମିତି, ବରଗଡ଼ ପକ୍ଷରୁ ଜିଲାସ୍ତରୀୟ 'ମହକ ଓ ଉତ୍ସାହ' ଶିଶୁ ମହୋତ୍ସବ ଗତ ୧୩ ଓ ୧୪ ତାରିଖରେ ସ୍ଥାନୀୟ ଜେନିଥ୍ ଲାୟଂଶ ଗୁରୁକୁଳ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଶିଶୁଯତ୍ନ ଅନୁଷ୍ଠାନର ପିଲାମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ସମ୍ମାନିତ ଅତିଥି ଭାବେ ଜେନିଥ୍ ଲାୟଂଶ ଗୁରୁକୁଳର ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରେନ୍ଦ୍ର ଦାସ ଓ ସଞ୍ଜୟ କୁମାର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧୀନରେ କାର୍ଯ୍ୟ କରୁଥିବା ଗୋପବନ୍ଧୁ ସେବା ସଦନ, ଜନକେତା ଓ କସ୍ତୁରବା ଗାନ୍ଧୀ ମାତୃ ନିକେତନ, ପାଇକମାଳର ପିଲାମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ। ପ୍ରଥମ ଦିବସରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ଦୁଇଟି ବିଭାଗରେ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ଦିବସରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଯଥା ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ୍, କ୍ୟାରମ୍ ଓ ଫୁଟବଲ ଅନୁଷ୍ଠିତ ହୋଇଥିଲା । ଏହି ଦୁଇ ଦିନରେ ପ୍ରାୟ ୮୫ ଜଣ ପିଲା ପ୍ରାୟ ୨୪ଟି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟା ଶ୍ରୀମତୀ ରାଧା ଅଗ୍ରୱାଲ, ଜେନିଥ୍ ଲାୟଂଶ ଗୁରୁକୁଳର ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ଓ ସଞ୍ଜୟ ଶତପଥୀ ମଞ୍ଚାସୀନ ଥିଲେ। ଦୃଢ଼ ମନୋବଳ ଓ





ମଞ୍ଚାସୀନ ଅତିଥି ଗଣ।

### କଠିନ ପରିଶ୍ରମ ମାଧ୍ୟମରେ ଜୀବନରେ ଉନ୍ନତି ହାସଲ ହେବ

କଠିନ ପରିଶ୍ରମ ମାଧ୍ୟମରେ ଜୀବନରେ ଉନ୍ନତି ହାସଲ କରିପାରିବେ ବୋଲି ରାଧା ଅଗ୍ରୱାଲ ତାଙ୍କ ଅଭିଭାଷଣରେ ପିଲାମାନଙ୍କୁ ଅନୁପ୍ରାଣିତ କରିଥିଲେ। ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ 'ମହକ ଓ ଉତ୍ସାହ' କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରିବାକୁ ଏକ୍କା ପିଲାମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ପରେ ଏହି ଦୁଇ ଦିନରେ ଅନୁଷ୍ଠିତ ପ୍ରତିଯୋଗିତାଗୁଡ଼ିକରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ସଭାକୁ ଜେନିଥ୍ ଶିକ୍ଷାନୁଷ୍ଠାନର ଶିକ୍ଷକ ଆଶିଷ କୁମାର ପୃଷ୍ଟି ପରିଚାଳନା କରିଥିବା ବେଳେ ଶିକ୍ଷକ ଗତିକୃଷ୍ଣ ସାହୁ ଓ ସତୀଶ ଚନ୍ଦ୍ର ସାହୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶେଷରେ ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ତପନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

**ରାଜଗାଙ୍ଗପୁର,୧୫।୯(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ.୧ ନିକଟରେ ଥିବା ଚଲା ବାଟରେ ସୋମବାର ସକାଳେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଷ୍ଟେଶନ ପଡାର ଋଷି ରାୟ (୪୧)। ଋଷି ସକାଳ ୫ଟା ୩୦ ମିନିଟରେ ରେଳ ଧାରଣା ପାର ହେଉଥିବା ସମୟରେ ରାଉରକେଲା ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଗତବର୍ଷଠାରୁ ୬୬୪୪ ଚାଷୀ ଅଧିକ ପଞ୍ଜୀକରଣ

**ଭବାନୀପାଟଣା,୧୫।୯ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାରେ ଖରିଫ ଚାଷ ୨୦୨୫-୨୬ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଶେଷ ହୋଇଛି। ଏଥିରେ ଗତବର୍ଷ ଖରିଫଠାରୁ ୬୬୪୪ ଚାଷୀ ଅଧିକ ପଞ୍ଜିକରଣ କରିଛନ୍ତି। ଗତ ୨୦୨୪-୨୫ ଖରିଫରେ ୧ଲକ୍ଷ ୧୪ ହଜାର ୫୩୭ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭.୮୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ତେବେ ଚଳିତ ଖରିଫରେ ଜିଲାର ୧ଲକ୍ଷ ୨୧ ହଜାର ୧୮୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ରାଜ୍ୟ ସରକାରଙ୍କ ଇନ୍‌ପୁଟ ସହାୟତା ମିଶି ଚାଷୀ ଗତ ଖରିଫ ଓ ରବି ଋତୁରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପାଇଥିବାରୁ ଧାନ ବିକ୍ରି ପଞ୍ଜୀକରଣ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଛି। ସେହିପରି ଗତ ଖରିଫ ଓ ରବିରେ ଜିଲାରେ ଧାନ ଉତ୍ପାଦନ ଓ ଧାନକିଣା ପୂର୍ବବର୍ଷ ଅପେକ୍ଷା ବଢିଥିବା ଜିଲା ଯୋଗାଣ ବିଭାଗ ତଥ୍ୟରୁ ଜଣାପଡିଛି।

# ମୋଷ୍ଟ ୱାଣ୍ଟେଡ୍ ୩ ମାଓବାଦୀ ନିହତ

- ସୁରକ୍ଷାବଳ, ଝାଡଖଣ୍ଡ ପୋଲିସର ଏନ୍‌କାଉଣ୍ଟର
- ନିହତ ମାଓବାଦୀଙ୍କ ପାଇଁ ଥିଲା ୧ କୋଟି ୩୫ ଲକ୍ଷ ପୁରସ୍କାର ରାଶି
- ସିପିଆଇ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ସହଦେବ ନିହତ

**ବଣାଇଁ,୧୫।୯(ପ୍ରଦୀପ ତ୍ରିପାଠୀ)**


ହଜାରିବାଗ ଜିଲା ତାଟିଝରିଆ ଥାନା ଅନ୍ତର୍ଗତ କାରାଣ୍ଡି ଜଙ୍ଗଲରେ ସୁରକ୍ଷା କର୍ମୀ ସର୍ଚ୍ଚ ଅପରେଶନ କରୁଛନ୍ତି।

ଝାଡଖଣ୍ଡରେ ଚାଲିଥିବା ମାଓବାଦୀ ଅପରେଶନରେ ପୋଲିସ ଓ ସୁରକ୍ଷାବାହିନୀଙ୍କୁ ସୋମବାର ପ୍ରତ୍ୟୁଷରୁ ବଡ଼ ସଫଳତା ମିଳିଛି। ହଜାରିବାଗ ଜିଲା ତାଟିଝରିଆ ଥାନା ଅନ୍ତର୍ଗତ କାରାଣ୍ଡି ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଛନ୍ତି। ନିହତ ମାଓବାଦୀମାନେ ହେଲେ ସିପିଆଇ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ୧ କୋଟି ଟଙ୍କା ପୁରସ୍କାର ରାଶି ଥିବା ମୋଷ୍ଟ ୱାଣ୍ଟେଡ ମାଓବାଦୀ ସହଦେବ ସୋରେନ ଓରଫ ପରବେଶ, ଝାଡଖଣ୍ଡ ସ୍ପେଶାଲ ଏରିଆ କମିଟି ସଦସ୍ୟ ତଥା ୨୫ ଲକ୍ଷ ପୁରସ୍କାର ରାଶି ଥିବା ୱାଣ୍ଟେଡ ମାଓବାଦୀ ରଘୁନାଥ ହେମ୍ବ୍ରମ ଓ ୧୦ ଲକ୍ଷ ପୁରସ୍କାର ରାଶି ଥିବା ମାଓବାଦୀ ବୀରସେନ ଗଞ୍ଝୁ। ସେମାନଙ୍କ ନିକଟରୁ ୩ଟି ଅତ୍ୟାଧୁନିକ ଏକେ - ୪୭ ବନ୍ଧୁକ, ୩ଟି ଏୟାର ବ୍ୟାଗରେ ବିପୁଳ ପରିମାଣର ଜୀବନ୍ତ ଗୁଳି, ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ତାଙ୍କ ସହିତ ଥିବା ପ୍ରାୟ ୩୦ ରୁ ୩୫ ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ବେଳେ ସୁରକ୍ଷା ବାହିନୀ ଉକ୍ତ ଜଙ୍ଗଲରେ ଘେରାବନ୍ଦୀ ଜାରି ରଖି ସର୍ଚ୍ଚ ଅପରେଶନକୁ ଆହୁରି ଜୋରଦାର କରିଛି।

ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହଜାରିବାଗ ଜିଲା ତାଟିଝରିଆ ଥାନା ଅନ୍ତର୍ଗତ କାରାଣ୍ଡି ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସୋମବାର ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ହଠାତ୍ ମାଓବାଦୀଙ୍କ ସହିତ ସାମ୍ନା ହୋଇଯାଇଥିଲେ। ଏଭଳି ଅପ୍ରତ୍ୟାଶିତ ଘଟଣା ଦେଖି ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇ ଥିଲେ। ପ୍ରତ୍ୟୁତ୍ତରରେ ସୁରକ୍ଷା ବଳ ଯବାନ ଓ ପୋଲିସ ମଧ୍ୟ ଗୁଳି ଚଳାଇଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଉଭୟ ପକ୍ଷରୁ ଗୁଳି ବିନିମୟ ଚାଲିବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନ ସର୍ଚ୍ଚ ଅପରେଶନ କରି ୩ ମାଓବାଦୀ ନିହତ ହୋଇଥିବା ଠାବ କରିଥିଲେ।

ଉଲ୍ଲେଖଯୋଗ୍ୟ, ନିହତ ୩ କ୍ୟାଡର ମାଓବାଦୀଙ୍କ ମଧ୍ୟରୁ ସହଦେବ ଓ ରଘୁନାଥ ୨୦୦୭ରୁ ମାଓବାଦୀ ସଙ୍ଗଠନରେ ଯୋଗଦେଇ ଅନେକ ମାଓବାଦୀ ହିଂସାରେ ସାମିଲ ଥିଲେ। ଝାଡଖଣ୍ଡ ରାଜ୍ୟରେ ଛୋଟନାଗପୁର ଡିଭିଜନାଲ କମିଟିକୁ ୨ଟି ଭାଗରେ ବିଭକ୍ତ କରି ମାଓବାଦୀମାନେ ଦକ୍ଷିଣ ଓ ଉତ୍ତର ଜୋନାଲ କମିଟି ଗଠନ କରିଛନ୍ତି। ଓଡ଼ିଶା - ଝାଡଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ମାଓବାଦୀ ଦକ୍ଷିଣ ଜୋନାଲ କମିଟି ସଦସ୍ୟ ଓ ଝାଡଖଣ୍ଡ - ପଶ୍ଚିମବଙ୍ଗ ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ମାଓବାଦୀ ଉତ୍ତର ଜୋନାଲ କମିଟି ଭାବେ ପରିଚିତ। ସହଦେବ ଓ ରଘୁନାଥଙ୍କୁ ହଜାରିବାଗ ପୋଲିସ ୧୫ ବର୍ଷ ତଳେ ମାଓବାଦୀ ହିଂସା ପାଇଁ ଗିରଫ କରିଥିଲା। କିନ୍ତୁ ୨୦୧୨ରେ ଗିରଫ ଆସାମୀଙ୍କୁ ହଜାରିବାଗ କୋର୍ଟରେ ହାଜିରା ପାଇଁ ନେଉଥିବା ସମୟରେ ଡିଶାରିଠାରେ ଆମ୍ବୁସ କରି ବସିଥିବା ମାଓବାଦୀ କୋର୍ଟ ଆକ୍ରମଣ କରି ୬ ଜଣ ପୋଲିସଙ୍କୁ ହତ୍ୟା କରିବା ପରେ ୩୨ ଜଣ କଏଦୀଙ୍କୁ ମୁକ୍ତ କରିଦେଇଥିଲେ। ଏହି ୩୨ ଜଣଙ୍କ ମଧ୍ୟରୁ ୮ ଜଣ ମାଓବାଦୀ ଥିଲେ ଏବଂ ମୁଖ୍ୟତଃ ସହଦେବ ସୋରେନ ଓ ରଘୁନାଥ ହେମ୍ବ୍ରମ ମଧ୍ୟ ଥିଲେ । ସେହିଦିନଠାରୁ ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଏହି ୨ଜଣ ଥିବାବେଳେ ଦୁଇଜଣଙ୍କ ପାଇଁ ପ୍ରାୟ ୧ କୋଟି ୨୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ସରକାରଙ୍କ ପକ୍ଷରୁ କରାଯାଇଥିଲା ।

### ବଣାଇଁକୁ ଫେରିଲେ ସିଆର୍‌ପିଏଫ

**ବଣାଇଁ,୧୫।୯(ପ୍ରଦୀପ ତ୍ରିପାଠୀ):** ବଣାଇଁ ଉପଖଣ୍ଡର ସୀମାନ୍ତ ଝାରଖଣ୍ଡ ସରଣ୍ଡା ଅଞ୍ଚଳରେ ମିଶି ଥିବାରୁ ଉଭୟ ରାଜ୍ୟରେ ମାଓବାଦୀ ହିଂସା ଘଟାଇ ଚାଲିଥିଲେ। ଝାରଖଣ୍ଡ ସଂଲଗ୍ନ ଓଡିଶାରେ ଘଞ୍ଚ ଜଙ୍ଗଲ ମାଓବାଦୀଙ୍କ ପାଇଁ ଆଶ୍ରୟସ୍ଥଳୀ ସାଜିଥିଲା। ପ୍ରାଦୁର୍ଭାବ ବୃଦ୍ଧି ଘଟିବାରୁ ବଣାଇଁ ଅଞ୍ଚଳରେ ସିଆରପିଏଫ ଯବାନ ମୁତୟନ ହୋଇଥିଲେ । କିନ୍ତୁ ୨୦୧୬ ପରେ ମାଓବାଦୀ ମୁକ୍ତ ଅଞ୍ଚଳ ଦର୍ଶାଇ ପୋଲିସ ରିପୋର୍ଟ ପ୍ରଦାନ ଯୋଗୁ ଏଠାରୁ ଯବାନଙ୍କୁ ଅପସାରିତ କରି ନିଆଯାଇଥିଲା। ହେଲେ ଏବେ ପୁନର୍ବାର ୩ ପ୍ଲାଟୁନ ସିଆରପିଏଫ ଯବାନ ବଣାଇଁର ୩ଟି ସ୍ଥାନ ଚାନ୍ଦିପୋଷ, କେ. ବଲାଙ୍ଗ ଓ ଜାମୁଡ଼ିହିରେ ମୁତୟନ କରାଯାଉଛି ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି। ପୁଣି ସିଆରପିଏଫ ଯବାନ ଫେରିବା ଶୁଣି ସୀମାନ୍ତବର୍ତ୍ତୀ ଗ୍ରାମବାସୀ ଆଶ୍ୱସ୍ତି ଲାଭ କରିଥିବା ଦେଖାଯାଇଛି।

# ସ୍କ୍ରବ୍ ଟାଇଫସ୍‌ରେ ଚାଷୀ ଗୁରୁତର

**ବଡ଼ଗାଁ,୧୫।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମର ଜଣେ ଚାଷୀ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ସେ ହେଲେ କୈଳାସ ସାହୁ (୫୫)। ଗତ ୨୦ ଦିନ ପୂର୍ବେ କୌଣସି ସ୍ଥାନରେ ତାଙ୍କୁ ପୋକ କାମୁଡ଼ିଥିଲା। ସେ ମଶା କିମ୍ବା କୌଣସି କୀଟ କମୁଡ଼ିଥିବା ଭାବି ଡାକ୍ତରଖାନା ଯାଇ ନ ଥିଲେ। କିଛିଦିନ ପରେ ଭୀଷଣ ଜ୍ୱର ଓ ମୁଣ୍ଡା ବିନ୍ଧା ହେବାରୁ ବଡ଼ଗାଁ ଡାକ୍ତରଖାନା ଆସିଥିଲେ। ଔଷଧ ଖାଇଲେ ମଧ୍ୟ ଜ୍ୱର ଓ ବିନ୍ଧା ନ କମିବାରୁ ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇଥିବା ଡାକ୍ତର ତାଙ୍କ ପରିବାର ଲୋକଙ୍କୁ କହିଥିବା ସୂଚନା ମିଳିଛି। ଗୁରୁତର ଅସୁସ୍ଥ ଥିବା କୈଳାଶଙ୍କ ଶରୀର କଳା ପଡ଼ିଯାଇଛି। ବଡ଼ଗାଁ ଅଞ୍ଚଳରେ ଏହା ଦ୍ୱିତୀୟ ଘଟଣା। ଗତବର୍ଷ ବଡ଼ଗାଁର ଜଣେ ବ୍ୟକ୍ତି ସ୍କ୍ରବ୍ ଟାଇଫସ୍‌ରେ ଗୁରୁତର ହୋଇଥିଲେ। ବର୍ତ୍ତମାନ ଚାଷ ସମୟ ହୋଇଥିବାରୁ ବିଲବାଡ଼ିରେ ଅନାବନା ଗୁଳ୍ମ, ଲତା ମଧ୍ୟରେ କଳା ରଙ୍ଗର ଏହି ପୋକ ରହୁଥିବାରୁ ଲୋକେ ଜାଣି ପାରୁ ନାହାନ୍ତି। ଚାଷୀମାନେ ସତର୍କ ରହିବା ଆବଶ୍ୟକ ବୋଲି କୁହାଯାଇଛି।

# ୨୩୫ ବୋତଲ କଫ ସିରପ୍ ଜବତ, ୪ ଗିରଫ


ଖବରଦାତା ସମ୍ମିଳନୀରେ ଏସଡିପିଓ, ଆଇଆଇସି ଏବଂ ଅଭିଯୁକ୍ତମାନେ।

**ସୁନ୍ଦରଗଡ,୧୫।୯(ଜୟ ନାରାୟଣ ମେଣ୍ଡୁଲି)**

ଅପରେଶନ ପ୍ରହାର ଅଭିଯାନ କ୍ରମରେ ସୁନ୍ଦରଗଡ ଟାଉନଥାନା ପୋଲିସକୁ ମିଳିଛି ଆଉ ଏକ ସଫଳତା। ସୋମବାର ପୋଲିସ ଏହି ଅଭିଯାନରେ ୨୩୫ ବୋତଲ କଫ ସିରପ୍ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଲେଫ୍ରିପଡା ଥାନା କୋଲାବିରାର ହେମନ୍ତ ପୃଷ୍ଠେଠ, ଭଷ୍ମା ଥାନା ଖମାରବାହାଲର ଧରଣୀ ବଗର୍ତ୍ତୀ, ଲେଫ୍ରିପଡା ଥାନା ଉଜ୍ଜ୍ୱଳପୁରର ଜିତେନ୍ଦ୍ର କିଷାନ ଓ ସର୍ବେଶ୍ୱର ଚିତା। ପୋଲିସ ସେମାନଙ୍କ ନିକଟରୁ ଏକ ବୋଲେରୋ ଗାଡି, ୪ଟି ମୋବାଇଲ ଏବଂ ନଗଦ ୪୫ ହଜାର ୭୫୦ ଟଙ୍କା ଜବତ କରିଛି। ଏନେଇ ଟାଉନ ଥାନାରେ ଏକ ମାମଲା ନଂ.୪୦୭/୨୫ ରୁଜୁ ହୋଇଛି।

### ଅଭିଯୁକ୍ତଙ୍କ ନିକଟରୁ ବୋଲେରୋ ଗାଡି, ନଗଦ ଟଙ୍କା ଜବତ

ଏନେଇ ସଦର ଏସଡିପିଓ ନିର୍ମଳ ମହାପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଏକ ବୋଲେରୋରେ ବେଆଇନଭାବେ କଫ ସିରପ୍ ଚାଲାଣ କରାଯାଉଥିଲା। କୌଣସି ସୂତ୍ରରୁ ପୋଲିସ ଖବର ପାଇ ଏକ ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡ ସହର ଏସ୍‌ଟିଓଏ କାର୍ଯ୍ୟାଳୟ ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡିରେ ଥିବା ୨୩୫ ବୋତଲ କଫ ସିରପ୍ ଜବତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ଟାଉନଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲି ଉପସ୍ଥିତ ଥିଲେ।

# ଶିଳ୍ପ, ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ

### ଆର୍‌ଏସ୍‌ପିରେ ଇଞ୍ଜିନିୟରିଙ୍ଗ ଦିବସ ପାଳିତ

**ରାଉରକେଲା,୧୫।୯(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ସହଭାଗିତାରେ ଇନଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସ (ଇଣ୍ଡିଆ) ରାଉରକେଲା ସ୍ଥାନୀୟ ଶାଖା ପକ୍ଷରୁ ୫୮ତମ ଇଞ୍ଜିନିୟର ଦିବସ ସୋମବାର ଗୋପବନ୍ଧୁ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଏହି ସମାରୋହରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟଅତିଥି, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ୱେଷ୍ଟିଂହାଉସ ଇଲେକ୍ଟ୍ରିକ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର କଣ୍ଟ୍ରି ଡାଇରେକ୍ଟର ଡକ୍ଟର ଆଲୋକ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ସିଇଏମ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ତଥା ଆଇଇଆଇ ରାଉରକେଲା ସ୍ଥାନୀୟ ଚାପ୍ଟର ଅଧ୍ୟକ୍ଷ ସନ୍ତୋଷ କୁମାର ପୋଲାକି ଓ ଆଇଇଆଇ ରାଉରକେଲା ଚାପ୍ଟରର ଅବୈତନିକ କାର୍ଯ୍ୟକାରୀ ସଚିବ ପ୍ରଫେସର ରାମଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, କାରଖାନାର ସିଜିଏମ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀ ତଥା ଏନ୍‌ଆଇଟି ରାଉରକେଲାର ଅଧ୍ୟାପକମାନେ ଯୋଗ ଦେଇଥିଲେ। ପଲାଇ ତାଙ୍କ ଅଭିଭାଷଣରେ ମହାବିଦ୍ୟାଳୟରୁ ହିଁ ଶିଳ୍ପ ପ୍ରସ୍ତୁତ ସ୍ନାତକ ସୃଷ୍ଟି ନିମନ୍ତେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମାନବତାର କଲ୍ୟାଣ ସକାଶେ ସମାଜର ପ୍ରମୁଖ ଆହ୍ୱାନ ସମାଧାନ ପାଇଁ ଇଞ୍ଜିନିୟର ମାନଙ୍କ ଭୂମିକାକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡକ୍ଟର ଆଲୋକ ମିଶ୍ର ଶକ୍ତି ପରିବର୍ତ୍ତନରେ ପରମାଣୁ ଶକ୍ତି ଏବଂ ଏଆଇର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ସେ ଭାରତରେ ୱେଷ୍ଟିଙ୍ଗ ହାଉସ ଏପି ୧୦୦୦ ପ୍ରକଳ୍ପ, ଏସ୍‌ଏମ୍‌ଆର ଏପି ୩୦୦, ଇ-ଭିନ୍ସି ଆଡଭାନ୍ସ ମାଇକ୍ରୋ ରିଆକ୍ଟର, ଏଲ୍‌ଡିଇଏସ୍ ବିଷୟରେ ବାଖ୍ୟା କରିଥିଲେ ଏବଂ ଏହାର ସମ୍ଭାବ୍ୟତା ଓ ମୂଲ୍ୟ ପ୍ରଭାବଶୀଳତା ବିଷୟରେ ଉଲ୍ଲେଖ କରିଥିଲେ। ସନ୍ତୋଷ କୁମାର ପୋଲାକି ତାଙ୍କ ଅଭିଭାଷଣରେ ୧୯୨୦ରୁ ଜାତିର ସେବାରେ ଆଇଇଆଇ ରାଉରକେଲା କେନ୍ଦ୍ରର ଭୂମିକା ଏବଂ ୧୯୩୫ ମସିହାରୁ ରୟାଲ ଚାର୍ଟର ସହିତ ଜଡିତ ଥିବା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିଲାଇ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ସି. ଆର. ମହାପାତ୍ର ଏବଂ ଏନଆଇଟି ରାଉରକେଲାର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଏସ୍. କେ. ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ବୈଷୟିକ ପତ୍ରିକାର ବକ୍ତା ଏବଂ ଅଖିଳ ଭାରତୀୟ ସେମିନାରର ସଂଯୋଜକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସାର୍ ଏମ୍. ବିଶ୍ୱେଶ୍ୱରେୟାଙ୍କ ଜୀବନୀ ଏବଂ ଅବଦାନ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରାଯିବା ସହ ଏ ନେଇ ଏକ ସ୍ମାରକୀ ମଧ୍ୟ ଉନ୍ମୋଚିତ ହୋଇଥିଲା। ପ୍ରଫେସର ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଆଇଟିର ପ୍ରଫେସର ରଚନା ଶରାୱତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିନ୍ଦୀ ଦିବସ ପାଳନ, ହିନ୍ଦୀ ପକ୍ଷୋତ୍ସବର ଶୁଭାରମ୍ଭ



କର୍ମଚାରୀମାନେ ଶପଥ ନେଉଛନ୍ତି।

**ସୁନ୍ଦରଗଡ,୧୫।୯(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଦର୍ଲିପାଲି ପ୍ରକଳ୍ପ ପରିସରରେ ସୋମବାର ହିନ୍ଦୀ ଦିବସ ପାଳନ ଏବଂ ହିନ୍ଦୀ ପକ୍ଷୋତ୍ସବର ଶୁଭାରମ୍ଭ କରାଯାଇଛି। ପ୍ରକଳ୍ପର ପ୍ରଶାସନିକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରମୁଖ ଓ ମୁଖ୍ୟ ସାଧାରଣ ପ୍ରବନ୍ଧକ ଫାଇଜ ତୈୟବ ସଭାକୁ ସମ୍ବୋଧନ କରି କହିଥିଲେ, ହିନ୍ଦୀ କେବଳ ଆମର ସାଂସ୍କୃତିକ ପରିଚୟ ନୁହେଁ, ବରଂ କାର୍ଯ୍ୟକୁଶଳତା ଓ ଯୋଗାଯୋଗର ସଶକ୍ତ ମାଧ୍ୟମ। ଏନଟିପିସି ଦର୍ଲିପାଲିରେ ଆମେ ସର୍ବାଧିକ କାର୍ଯ୍ୟ ହିନ୍ଦୀରେ କରିବା ପାଇଁ ପ୍ରତିବଦ୍ଧ। ମୁଖ୍ୟ ସାଧାରଣ ପ୍ରବନ୍ଧକ ତୈୟବ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ହିନ୍ଦୀର ବ୍ୟବହାରକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଶପଥ ପାଠ କରାଇଥିଲେ। ଏହି ଅବସରରେ ୨ଟି ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ହିନ୍ଦୀ ପ୍ରଶାସନିକ ଓ ବିଦ୍ୟୁତ ଶବ୍ଦାବଳୀ ପ୍ରତିଯୋଗିତା (ଇ-୮ ସ୍ତରରୁ ଉପରକୁ ଅଧିକାରୀମାନଙ୍କ ପାଇଁ), ହିନ୍ଦୀ ପ୍ରଚାର ସ୍ଲୋଗାନ ଲିଖନ ପ୍ରତିଯୋଗିତା (ସମସ୍ତ କର୍ମଚାରୀଙ୍କ ପାଇଁ)ହୋଇଥିଲା। ଆଗାମୀ ଦିନରେ ହିନ୍ଦୀ ପକ୍ଷୋତ୍ସବର ଅଂଶ ଭାବରେ ନିବନ୍ଧ ଲେଖନ, ତର୍କବିତର୍କ, କବିତା ପାଠ, ପ୍ରଶ୍ନୋତ୍ତର ପ୍ରତିଯୋଗିତା ସହିତ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରକଳ୍ପ ପକ୍ଷରୁ ସୂଚୀତ କରାଯାଇଛି।

# ସ୍ୱର୍ଣ୍ଣପଦକ ପାଇଲେ ଚନ୍ଦ୍ରିକା

**ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ଅଭି ନବ ସଫଳତା**

**ସୁନ୍ଦରଗଡ଼,୧୫।୯(ଜୟ ନାରାୟଣ ମେଣ୍ଡୁଲି)**



ଚନ୍ଦ୍ରିକା ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଭୂବିଜ୍ଞାନ ବିଭାଗର କୁଶଳୀ ଛାତ୍ରୀ ଚନ୍ଦ୍ରିକା ମହାନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂ-ବିଜ୍ଞାନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କଲେଜ ଓ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସେପ୍ଟେମ୍ବର ୧୪ରେ ଆୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସନନ୍ଦ ପ୍ରଦାନ ଉତ୍ସବରେ ଚନ୍ଦ୍ରିକା ମାହାନ୍ତଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତାର ପଛରେ ନିଜର ଅଧ୍ୟବସାୟ, ଶ୍ରମ ଓ ଲକ୍ଷ୍ୟପ୍ରତି ସମର୍ପଣ ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ପରିଶ୍ରମ, ଅଧ୍ୟକ୍ଷାଙ୍କ ପରାମର୍ଶ ଓ ପିତାମାତାଙ୍କ ନିରନ୍ତର ପ୍ରେରଣା ରହିଥିବା ଚନ୍ଦ୍ରିକା ପ୍ରକାଶ କରିଛନ୍ତି। କଲେଜ ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ଓ ଭୂବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକମାନେ ଏହି ସଫଳତା ଆଗାମୀ ପିଢ଼ୀର ଛାତ୍ରୀମାନଙ୍କ ପାଇଁ ଏକ ପ୍ରେରଣା ସୃଷ୍ଟି କରିବ ବୋଲି କହିଛନ୍ତି। ଭୂବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ମନୋଜ କୁମାର ନାୟକ ଚନ୍ଦ୍ରିକା ମାହାନ୍ତଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମଧ୍ୟ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ୨୪ ଅଭିଯୋଗର ତତ୍‌କ୍ଷଣାତ ସମାଧାନ


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ସୁନ୍ଦରଗଡ଼,୧୫।୯(ଜୟ ନାରାୟଣ ମେଣ୍ଡୁଲି)**

### ସୁନ୍ଦରଗଡ଼ ସଦର ମହକୁମାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଜିଲା କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଭବନଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୧୩ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭୫ ବ୍ୟକ୍ତିଗତ,୨୧ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୨୪ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୭ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜେଲ ଫେରନ୍ତାଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

**ବଣାଇଁ,୧୫।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କେନ୍ଦୁଘାଟି ଅଞ୍ଚଳରେ ଜଣେ ଜେଲ ଫେରନ୍ତାଙ୍କୁ ରବିବାର ଟାଙ୍ଗିଆରେ ହାଣି ହତ୍ୟା କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଇମୋହନ ଟପ୍ପୋ। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ. ୮୪/୨୫ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଚାନ୍ଦିପୋଷ ଥାନା ଅଧିକାରୀ ପ୍ରଦୀପ ସେଠୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁଲେମାନ ଟପ୍ପୋ ହତ୍ୟା ଅଭିଯୋଗରେ ଦୀର୍ଘବର୍ଷ ଧରି ଜେଲରେ ରହି ୨ ମାସ ତଳେ ଗାଁକୁ ଫେରିଥିଲେ। ନିଜକୁ ଡନ କହି ଅଞ୍ଚଳରେ ବୁଲୁଥିଲେ। ରବିବାର ସୁଲେମାନ ମଦ୍ୟପାନ କରି କେନ୍ଦୁଘାଟି ନିକଟସ୍ଥ ଜଙ୍ଗଲରେ ବୁଲୁଥିଲେ। ପାଖ ଗ୍ରାମ ହାତୀଅଡାର ଯୁବକ ରାଇମୋହନ ଟପ୍ପୋ କାଠ ସଂଗ୍ରହ ପାଇଁ ଯାଉଥିବା ବେଳେ ସୁଲେମାନ ତାଙ୍କୁ ଧାମକ ଦେଇଥିଲେ। ଏଥିରେ ରାଇମୋହନ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଝାଡ଼ଖଣ୍ଡ ପଟକୁ ମୁହାଁଇଲେ ହାତୀପଲ

**ବଡ଼ଗାଁ,୧୫।୯(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅଧୀନ ଜଙ୍ଗଲ ଗୁଡିକରେ ତିନି ସପ୍ତାହ ହେଲା ରହିଥିବା ହାତୀ ପଲ ପୁଣି ଝାଡ଼ଖଣ୍ଡ ପଟକୁ ରବିବାର ମୁହାଁଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦ ଦିନ ପୂର୍ବେ ଏକ ବଣୁଆ ହାତୀ ପଲ ଝାଡ଼ଖଣ୍ଡ ରାଜ୍ୟ ପଟୁ ଶଙ୍ଖ ନଦୀ ପାର ହୋଇ ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ନୂଆଗାଁ ଜଙ୍ଗଲରେ ପଶିଥିଲେ। ଏହି ବଣୁଆ ହାତୀ ପଲ ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଉଦାରମା, କଟଙ୍ଗଝରିଆ,ପଞ୍ଚରା, ଦାଣ୍ଡଜମିରା, କାଦୋପଡା ଦେଇ ମହାବୀର ପାହାଡ଼ ତଳି ଜଙ୍ଗଲରେ ରହି ଆଖପାଖ ଅଞ୍ଚଳରେ ଉପଦ୍ରବ କରିଥିଲେ। ହାତୀ ପଲ ରବିବାର ବିଳମ୍ବିତ ରାତିରେ ମହାବୀର ପାହାଡ଼ ତଳି ଜଙ୍ଗଲରୁ ବାହାରି ତୁଡାଲଗା ଗ୍ରାମ ନିକଟରେ ରାତି ଅଢେଇ ଟାରେ ରାଜ୍ୟ ରାଜପଥ ଅତିକ୍ରମ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ବନ କର୍ମଚାରୀମାନଙ୍କ ପ୍ରଚେଷ୍ଟାରେ ହାତୀ ପଲ ଘଉଡାଇବାରେ ସଫଳ ହୋଇଛନ୍ତି। ଏହି ହାତୀ ପଲ ସୋମବାର ସକାଳେ ଉଦାରମା ଗ୍ରାମ ନିକଟ ଜଙ୍ଗଲରେ ପହଞ୍ଚିଥିଲେ। ରାତିରେ ହାତୀ ପଲ ଝାରଖଣ୍ଡ ରାଜ୍ୟ ଜଙ୍ଗଲ ପଟକୁ ପଳାଇବା ସମ୍ଭାବନା ଥିବା ବନ କର୍ମଚାରୀଙ୍କ ଠାରୁ ଜଣାପଡିଛି।

# ଭୋଟ ଗ୍ରହଣ କେନ୍ଦ୍ର ସ୍ଥାନାନ୍ତର ହେଉ

ନୂଆପଡ଼ା,୧୫।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁରେ ନୂତନ ଭୋଟ ଗ୍ରହଣ କେନ୍ଦ୍ର କରିବା ପାଇଁ ଗ୍ରାମବାସୀ ସୋମବାର ଉପଜିଲାପାଳ ସୁର୍ମି ସୋରେନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଭରୁଆମୁଣ୍ଡା ଗାଁର ୨ ୱାର୍ଡରେ ସୋରିପଡା, ଖଲିଆପଡା, ଘାଟିପଡା, ବରପଦର ପଡା, ପତରଫଡି ପଡା ରହିଛି । ଭରୁଆମୁଣ୍ଡା ଗାଁ ଓ ୫ ପଡାରେ ୭ ଶହରୁ ଉର୍ଦ୍ଧ୍ୱ ଭୋଟର ରହିଥିବା ବେଳେ ମତଦାନ କେନ୍ଦ୍ର ଜଟଗଡରେ ରହିଛି। ଭରୁଆମୁଣ୍ଡାରୁ ସୋରିପଡା ଦେଇ ଜଟଗଡ ଗଲେ ୫ କିଲୋମିଟର ଗଲେ ୧୦ କି.ମି. ପଡୁଛି। ସେହିପରି ଘାଟିପଡା, ବରପଦର ପଡାକୁ ୧୫ କି.ମି. ପଡୁଛି। ଲମ୍ବା ରାସ୍ତା ହେଉଥିବାରୁ ବୃଦ୍ଧା, ଭିନ୍ନକ୍ଷମ, ଗର୍ଭବତୀ, ପ୍ରସୁତି ଯାଇ ନିଜ ମତ ସାବ୍ୟସ୍ତ କରିପାରୁ ନାହାନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଜଟଗଡ ବିଦ୍ୟାଳୟ ବୁଥ୍ ନଂ.୧୯୯ରେ ଭୋଟ ସମୟରେ ଯାଇ ଭୋଟ ଦେଇଥାଉ। ସେହି ଭୋଟ ଗ୍ରହଣ କେନ୍ଦ୍ରକୁ ଭାରୁଆମୁଣ୍ଡା ବିଦ୍ୟାଳୟକୁ ସ୍ଥାନାନ୍ତର କରାଗଲେ ସମସ୍ତଙ୍କ ସୁବିଧା ହୋଇପାରନ୍ତା। ଏହା ଉପରେ ସୁବିଚାର କରିବାକୁ ସେମାନେ ଦାବି କରିଛନ୍ତି। ଏହି ସମୟରେ ୱାର୍ଡସଭ୍ୟ ପ୍ରେମମଞ୍ଜୁଳା ମାଝି, ଜଗନି ଧରୁଆ, ରତନ ମାଝି, ମୋହନ ମାଝି, ମୋଟାରାମ ମାଝି, ପିତାମ୍ବର ଗଡତିଆ, ଅତବଲ ମାଝି, ବାସୁଦେବ ମାଝି, ପ୍ରେମସିଂ ମାଝି, ସୁରେନ୍ଦ୍ର ରଣା, ଚଞ୍ଚଳା ମାଝି, ସରାବନି ମାଝି, ଗୌରୀ ମାଝି, ଦହନା ମାଝି ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ ।


ଗ୍ରାମବାସୀ ଉପଜିଲପାଳଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି।

# ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ସ୍ୱେଚ୍ଛାସେବୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭବାନୀପାଟଣା,୧୫।୯ (ଉତ୍ତମ କୁମାର ଦାଶ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱେଚ୍ଛାସେବୀମାନେ।

ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ସୋମବାର ସ୍ୱେଚ୍ଛାସେବୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟବ୍ରତ ବାଣୁଆଁ ମୁଖ୍ୟ ଅତିଥି ଓ ପ୍ରାକ୍ତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ, ଲକ୍ଷ୍ମୀବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି. ଶ୍ୟାମ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ମାଧ୍ୟମରେ ସ୍ୱେଚ୍ଛାସେବୀଙ୍କ ବ୍ୟକ୍ତିତ୍ୱ ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଶ୍ୱିନ କୁମାର ରାଉତ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରଜତ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ପଲମ, ୧୫।୯ (ଭିକାରି ଗଉଡ଼): କଳାହାଣ୍ଡି ଜିଲା ନର୍ଲା ବ୍ଲକ ସରିଆଁ ପଞ୍ଚାୟତ ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ରଜତ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଗଙ୍ଗା ନାରାୟଣ ଦାଶ, ଅବସରପ୍ରାପ୍ତ କିରାଣି ପ୍ରମୋଦ କୁମାର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇ, ସରିଆଁ ସରପଞ୍ଚ ଓମ୍ ପ୍ରକାଶ ଛତ୍ରିଆ, ପୂର୍ବତନ ସରପଞ୍ଚ ଶାସ୍ତ୍ରୀ ଲାଲ ଛତ୍ରିଆ, ସମିତି ସଭ୍ୟ ଭାସ୍କର ଭୋଇଙ୍କ ସମେତ ଶତାଧିକ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଆସନ୍ତା ୨୧ ତାରିଖରେ ରଜତ ଜୟନ୍ତୀ ସୁଚାରୁରୂପେ ପରିଚାଳନା କରିବା ପାଇଁ ବିଭିନ୍ନ କମିଟି ଗଠନକରି କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ସେବାୟତଙ୍କ ସମେତ ୩ ଜଣଙ୍କୁ ପୋଲିସର ପଚରାଉଚରା

**ଯୋଗେଶ୍ୱର ଶୈବପୀଠରୁ ଦେବଦେବୀ ମୂର୍ତ୍ତି ଲୁଟ୍ ଘଟଣା**

ଲୋଇସିଂହା,୧୫।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପର୍ଯ୍ୟଟନକ୍ଷେତ୍ର ତଥା ପ୍ରସିଦ୍ଧ ଯୋଗୀସର୍ଡା ଯୋଗେଶ୍ୱର ଶୈବପୀଠର ଧାତୁରେ ନିର୍ମିତ ଦେବାଦେବୀଙ୍କ ମୂର୍ତ୍ତି ଚୋରି ହୋଇଛି। ଇତିମଧ୍ୟରେ ଦୁର୍ବୃତ୍ତ ଚୋରି କରିବା ଘଟଣା ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ଚୋରି ମୂର୍ତ୍ତି ଉଦ୍ଧାର ହୋଇପାରିନାହିଁ। ଏହି ଘଟଣାରେ ଲୋଇସିଂହା ପୋଲିସର ହାତ ଖାଲି ରହିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ କୁହୁଳୁଛି। ଅପରପକ୍ଷେ ରବିବାର ରାତିରେ ଲୋଇସିଂହା ପୋଲିସ ମନ୍ଦିରର ଜଣେ ସେବାୟତ ସହ ଗ୍ରାମର କେତେକ ବ୍ୟକ୍ତିଙ୍କୁ ଉଠାଇ ଆଣିଛି। ବରିଷ୍ଠ ପୋଲିସ ଅଧିକାରୀ ସେମାନଙ୍କୁ ପଚରାଉଚରା କରବା ପରେ ସେହି ରାତିରେ ଛାଡି ଦେଇଛି ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଗତ ୫ତାରିଖ ସକାଳେ ମନ୍ଦିର ପୂଜକ ନୀତିକାନ୍ତି ପାଇଁ ମନ୍ଦିରକୁ ଯାଇଥିବାବେଳେ ମନ୍ଦିର ମୁଖ୍ୟ କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଭିତରକୁ ପ୍ରବେଶ କରିବାରୁ ଗର୍ଭଗୃହର ଦେବଦେବୀ ମୂର୍ତ୍ତି ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେବାୟତ ପରିବାର ପକ୍ଷରୁ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମନ୍ଦିର ଗର୍ଭଗୃହରୁ ସେବାୟତମାନେ ପରିଧାନ କରୁଥିବା ଏକ ଲୁଗା ଜବତ କରି ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ସହ ପୋଲିସ ଛାନ୍‌ଭିନ ଚଳାଇଥିଲା। ସନ୍ଧାନୀ କୁକୁର ମନ୍ଦିର ନିକଟସ୍ଥ ଦେଉଳ ପୋଖରୀର ମହିଳା ଘାଟକୁ ଯାଇ ପୋଖରୀ ପାଣିକୁ ଡିଆଁ ମାରିଥିଲା। ସେହିଦିନ ସନ୍ଧ୍ୟା ହୋଇଯିବାରୁ ତା' ପରଦିନ ସକାଳେ ଲୋଇସିଂହା ପୋଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗର ଓଡ୍ରାଫ ଟିମ୍ ପ୍ରାୟ ୨ ରୁ ୩ ଘଣ୍ଟା ଧରି ପୋଖରୀ ପାଣି ଭିତରେ ଖୋଜାଖୋଜି କରିଥିଲେ। ହେଲେ ଓଡ୍ରାଫ ଟିମ୍‌କୁ ସଫଳତା ମିଳିପାରି ନ ଥିଲା। ପରବର୍ତ୍ତୀ ସମୟରେ ବରିଷ୍ଠ ପୋଲିସ ଅଧିକାରୀ ଯୋଗୀସର୍ଡା ଗସ୍ତ କରି ମନ୍ଦିର ସେବାୟତମାନଙ୍କୁ ପଚରାଉଚାର କରି ଫେରିଥିଲେ। ଚୋରି ମୂର୍ତ୍ତି ଉଦ୍ଧାରରେ ବିଳମ୍ବକୁ ନେଇ ଗାଁରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଏହି ଘଟଣାକୁ ନେଇ ବୈଠକ ରହିଥିଲା । କିନ୍ତୁ ଏହା ପୂର୍ବରୁ ପୋଲିସ କେତେଜଣଙ୍କୁ ଉଠାଇ ଆଣିବାରୁ ଉକ୍ତ ବୈଠକ ବାତିଲ ହୋଇଯାଇଥିବା ଜଣାପଡିଛି। ତଦନ୍ତ ଚାଲିଛି। ଖୁବଶୀଘ୍ର ଦୁର୍ବୃତ୍ତ ଧରାପଡିବେ ବୋଲି ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସିନୀ ନାୟକ କହିଛନ୍ତି।

## ବୁଢୀପଦର-ନେଗିପାଲି ରାସ୍ତା ପାଲଟିଛି ମରଣଯନ୍ତା

ଲୋଇସିଂହା,୧୫।୯(ସୁଶାନ୍ତ ବାରିକ)

ରକ୍ଷଣାବେକ୍ଷଣ ଅଭାବରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ବୁଢୀପଦର ଗ୍ରାମରୁ ନେଗିପାଲିକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉନ୍ନତିକରଣ ପାଇଁ ନେଗିପାଲି ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକସ୍ତରୀୟ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ପ୍ରଶାସନର ଦୃଷ୍ଟିକୁ ଆଣି ସୁଫଳ ପାଇପାରିନାହାନ୍ତି। ଏହାକୁ ନେଇ ନେଗିପାଲି ଗ୍ରାମବାସୀଙ୍କ ମଧ୍ୟରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ବଲାଙ୍ଗୀର-ବରଗଡ ୨୬ନଂ. ଜାତୀୟ ରାଜପଥ ବୁଢୀପଦର ହାଇସ୍କୁଲ ପାର୍ଶ୍ୱ ଦେଇ ନେଗିପାଲିକୁ ଏକ ରାସ୍ତା ରହିଛି । ଏହି ମେଟାଲମୋରମ ରାସ୍ତା ପ୍ରାୟ ଦେଢ କିମି ହେବ। ୨ ୱାର୍ଡ ବିଶିଷ୍ଟ ନେଗିପାଲି ଗ୍ରାମର ଜନସଂଖ୍ୟା ପ୍ରାୟ ୧୫ ଶହ ହେବ। ଗ୍ରାମର ପିଡିଏସ ହିତାଧିକାରୀ, ବିଭିନ୍ନ ଭତ୍ତା ନେବା ପାଇଁ ବୃଦ୍ଧାବୃଦ୍ଧ, ବିଧବା, ଭିନ୍ନକ୍ଷମ ହିତାଧିକାରୀ ଉକ୍ତ ରାସ୍ତା ଦେଇ ବୁଢୀପଦର ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। ଏହାଛଡା ଉକ୍ତ ରାସ୍ତାରେ ଥିବା ଚାଷଜମିକୁ ନେଗିପାଲି ଓ ବୁଢୀପଦର ଗ୍ରାମର ଚାଷୀ ଯାତାୟତ କରିଥାନ୍ତି। ହେଲେ ପରିବହନ ଟ୍ରାକ୍ଟର, ବିଭିନ୍ନ ଯାନବାହାନ ଚଳାଚଳ ଯୋଗୁ ରାସ୍ତା ଖାଲଖମା ହୋଇପଡିଛି । ଏହି ରାସ୍ତାକୁ ବ୍ଲକ ପ୍ରଶାସନ ପକ୍ଷରୁ କଂକ୍ରିଟକରଣ କିମ୍ବା ପ୍ରଧାନମନ୍ତ୍ରୀ ସଡକରେ ସାମିଲ କରିବାକୁ ନେଗିପାଲି ଗ୍ରାମବାସୀ ଦାବି କରିଛନ୍ତି।

## ମଦକୋଠି ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ମହିଳା ଗୋଷ୍ଠୀ

କୋକସରା,୧୫।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): କୋକସରା ବ୍ଲକର ବିଭିନ୍ନ ପାନ ଓ ଜଳଖିଆ ଦୋକାନରେ ଚାଲିଥିବା ବେଆଇନ ମଦକୋଠି ବନ୍ଦ ପାଇଁ ସୋମବାର ଆମପାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି ମହିଳା ଗୋଷ୍ଠୀ ସଦସ୍ୟା। ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ନାରୀନେତ୍ରୀ ତିଲୋତ୍ତମା ନାଏକଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀ ସଦସ୍ୟା ଅହଲ୍ୟା ମାଝୀ, ନୁର ମାଝୀ, ରମା ପଟେଲ, ମଥୁରା ପୂଜାରୀ, ଚଞ୍ଚଳା ବାଗ, ସୁମିତ୍ରା ରାଉତ, ମଏନା ପୂଜାରୀ, ଜେମା ମାଝୀ, ସତ୍ୟଭାମା ମାଝୀ, ମଣି ମାଝୀ, ନେପୁର ନାଏକ ସମେତ ଶତାଧିକ ମହିଳାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଥାନା ଅଧିକାରୀ ପ୍ରଶାନ୍ତ କୋଲାହାରଙ୍କୁ ପ୍ରଦାନ କରିଛନ୍ତି। ଏହାସହ ବେଆଇନ ମଦବିକ୍ରି ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟ ନୃପରାଜ ନାଏକ, ଲିଲିମୟୀ ସାହୁ, ଉର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୋକସରାକୁ ଏନ୍‌ଏସି ମାନ୍ୟତା ପାଇଁ ଦାବିପତ୍ର

କୋକସରା,୧୫।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): ବ୍ଲକ ସଦର ମହକୁମା କୋକସରାକୁ ଏନ୍‌ଏସି ଘୋଷଣା ପାଇଁ ସୋମବାର କୋକସରା ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନ୍‌ଏସି ନିମନ୍ତେ କୋକସରାରେ ସବୁ ପ୍ରକାର ଭିତ୍ତିଭୂମି ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବ୍ୟବସାୟିକ କ୍ଷେତ୍ରରେ ବେଶ ପରିଚିତ। ଏଠାରେ ପୋଲିସ ଥାନାଠାରୁ ଆରମ୍ଭ କରି କଲେଜ, ସରକାରୀ ଡାକ୍ତରଖାନା, କୋର୍ଟ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ଟେଲିଫୋନ ଏକ୍ସଚେଞ୍ଜ, ଉପ ଡାକଘର, ସମବାୟ ବ୍ୟାଙ୍କ, ଅଗ୍ନିଶମ କାର୍ଯ୍ୟାଳୟ ଭଳି ସରକାରୀ ବେସରକାରୀ ପ୍ରତିଷ୍ଠାନ ରହିଛି। ବିଭିନ୍ନ ସ୍ଥାନକୁ ଗମନାଗମନ ସୁବିଧା ରହିଛି। କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତରେ ଥିବା କୋକସରା ଅଞ୍ଚଳର ଉନ୍ନତି ପାଇଁ କୋକସରା ଓ ଆଖପାଖ ଗାଁକୁ ନେଇ ନୂତନ ଏନ୍‌ଏସି କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଦାବିପତ୍ର ଦେବାବେଳେ ମୀନକେତନ ପ୍ରଧାନୀ, ତ୍ରିଭୁବନ ନାଏକ, ଶ୍ରୀନିବାସ ପ୍ରଧାନୀ, ନିରଞ୍ଜନ ନାଏକ, କ୍ଷୀରସିନ୍ଧୁ ନେଗୀ, ମହେଶ ଗୁପ୍ତା, ଗୁଣନିଧି ବାଗ, କିଶନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଲାଙ୍ଗୀର, ୧୫।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସଂହିତା ଏବଂ ସିଦ୍ଧାନ୍ତ ବିଭାଗ ପକ୍ଷରୁ ଏକ ସର୍ବଭାରତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ତଥା ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ସର୍ବଭାରତୀୟ ସ୍ତରରୁ ୩୦ ଜଣ ସଂହିତା ଏବଂ ସିଦ୍ଧାନ୍ତ ବିଭାଗର ଅଧ୍ୟାପିକା ଓ ଅଧ୍ୟାପକ ଯୋଗ ଦେଇଛନ୍ତି। ସୋମବାର ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ଼ା. ମନୋଜ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼ା. ନରେନ୍ଦ୍ର କୁମାର ରାଉତ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡା. ଅବିଚଳ ଚଟ୍ଟୋପାଧ୍ୟାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂହିତା ଏବଂ ସିଦ୍ଧାନ୍ତ ବିଭାଗ ଅଧ୍ୟକ୍ଷ ପ୍ରଫେସର କ୍ରିଷ୍ଣା ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଡା ନିଗମାନନ୍ଦ ବଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡା. ପଞ୍ଚାନନ କିଶାନ, ଡା. ମଧୁସ୍ମିତା ରାଣୀ ସେଠୀ, ଡା. ସିଦ୍ଧାର୍ଥ ନାୟକ, ଡା. ଆଶିଷ ମୋଡା, ଡା. ଶ୍ୟାମସୁନ୍ଦର ସାହୁ, ଡା. ଗୁଣନିଧି ସାହୁ, ଡା. ପ୍ରୀତୀଷ, ଡା. ଭାଗ୍ୟଶ୍ରୀ, ଡା. ମାନିନୀ, ଡା. କ୍ରିଷ୍ଣାମୟୀ, ଡା. ତାରିଣୀ, ଡା. ବଙ୍ଗାଳୀ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଡା. ଉତ୍କଳିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବଲାଙ୍ଗୀରରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ପ୍ରଶିକ୍ଷଣ ଶିବିରରେ ୧୭ଟି ରାଜ୍ୟରୁ ଅଧ୍ୟାପିକା ଓ ଅଧ୍ୟାପକମାନେ ଆସି ଯୋଗଦେଇଛନ୍ତି। ଏହି ଶିବିରଟି ସୋମବାର ଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।


ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଠାରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧ୍ୟାପିକା ଓ ଅଧ୍ୟାପକ।

# କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି, କଲେଜ ଅଧ୍ୟାପିକା, ଅଧ୍ୟାପକ ଏବଂ କୃତୀ ଛାତ୍ରୀ।

କଣ୍ଟାବାଞ୍ଜି, ୧୫।୯ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷର ପ୍ରଥମ ବର୍ଷ ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁକନ୍ଦିଲାଲ ଅଗ୍ରୱାଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ବଳରାଜ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆ କରି ସ୍ନାତକ ଶ୍ରେଣୀରେ ପାଦ ଥାପିଥିବା ଛାତ୍ରୀ ମାନଙ୍କୁ ସେମାନଙ୍କ ଜୀବନ ଓ ସମାଜ ଗଠନରେ ଶିକ୍ଷାର ଭୂମିକା ଉପରେ କହିଥିଲେ। ସଭାରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗୀୟ ମୁଖ୍ୟ ଯୁଧିଷ୍ଠିର ବେହେରା, ସୁନନ୍ଦା ରଥ, ସୋମନାଥ ମେହେର, ଜିତେନ୍ଦ୍ର ସୁନା, ନିରବତୀ ପଧାନ, ଧରାଶ୍ରୀ ମହାନ୍ତି, ନଜ୍‌ନିନ ପରମାର, ଖେଳ ଶିକ୍ଷୟିତ୍ରୀ ରଞ୍ଜୁ ବଞ୍ଚୋର ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ପୁରୋହିତ ନୂଆକରି କଲେଜ ଆସିଥିବା ଛାତ୍ରୀମାନଙ୍କୁ ଶୃଙ୍ଖଳିତ ରହି ପାଠପଢ଼ାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟରେ ସରକାରୀ ନିୟମକାନୁନ ପାଳନ କରି ଅନୁଶାସନରେ ରହି ପାଠ ପଢ଼ାରେ ଗୁରୁତ୍ୱ ଦେବାକୁ କହିଥିଲେ। ସଭା ପ୍ରାରମ୍ଭରେ ସ୍ନାତକ ଶ୍ରେଣୀ ଶେଷବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ନବାଗତା ଛାତ୍ରୀମାନଙ୍କୁ ଚନ୍ଦନ, ଗୋଲାପ ଫୁଲ ଓ ଉପହାର ଦେଇ ସ୍ୱାଗତ କରିଥିଲେ। ପରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଛାତ୍ରୀ ପାୟଲ ଅଗ୍ରୱାଲ ଓ ରାଧା ଅଗ୍ରୱାଲ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାକୁ କୋଏନା ବାଗ ଓ ପାୟଲ ଅଗ୍ରୱାଲ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ଛାତ୍ରୀମାନଙ୍କୁ ନିଜ ବିଭାଗୀୟ ପାଠ୍ୟକ୍ରମ ଏବଂ ଅନୁଶାସନ ଉପରେ କହିଥିଲେ। ଏହି ଅବସରରେ ଗତ ମାର୍ଚ୍ଚ ମାସରେ ଆୟୋଜିତ ବିକଶିତ ଭାରତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ସଂସଦରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବାର ଗୌରବ ଅର୍ଜନ କରିଥିବା ଏହି ମହାବିଦ୍ୟାଳୟ ଛାତ୍ରୀ ଏନ୍.ଜାହ୍ନବୀ ଦୋରାଙ୍କୁ ମୁଖ୍ୟଅତିଥି ସିଂଦେଓ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଙ୍କିତା ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website **www.icai.org, www.eirc-icai.org** & **www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**
Secretary, ICAI

**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**

Axis Bank Ltd. ........................Appellant
- Versus -
Seema Rohidas & Another .................. Respondents
To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the applicant will be heard and determined in their absence.
Given under my hand seal of this Commission on this **11th day of August, 2025.**
Date: 15.09.2025 Sd/- Secretary

No.O-780
**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025
**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**
1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in
Sd./- Executive Engineer
R.W. Division, Karanjia
OIPR-25086/11/0025/2526

No.C-1065
**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

The technical bid shall be opened on dt.10.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0023/2526 Sd./- Chief Engineer (PH)

No.C-1052
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | **Procurement & Installation of DG set for ESR & OGR site at Katikia Sahi, Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 8.38 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |
| 2. | **Procurement & Installation of DG set for Intake Site at Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 9.13 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

Sd./- EXECUTIVE ENGINEER,
P.H. DIVISION, RAYAGADA
OIPR-13052/11/0036/2526

# ସମଲେଇଙ୍କୁ ଲାଗିହେବ ଜୈବିକଚାଷ ପ୍ରସ୍ତୁତ ଅନ୍ନ



ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର କୃଷକମାନେ ଭୋଗ ମଣ୍ଡପକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ଯୋଗାଇ ଦେବାକୁ ସୋମବାର ସମଲେଇ ମନ୍ଦିର ଆସିଛନ୍ତି।

**ସମ୍ବଲପୁର,୧୫।୯(ବି.ଶଙ୍କର)**

ଜୈବିକ ପଦ୍ଧତି ଚାଷରୁ ପ୍ରସ୍ତୁତ ଅନ୍ନ ଏଣିକି ଇଷ୍ଟଦେବୀ ସମଲେଇଙ୍କଠାରେ ଲାଗିହେବ। ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର କୃଷକମାନେ ସମଲେଇ ଭୋଗ ମଣ୍ଡପକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ଆସନ୍ତା ଜାନୁୟାରୀରୁ ଯୋଗାଇ ଦେବାପାଇଁ ସମ୍ମତି ପ୍ରକାଶ କରିଛନ୍ତି। ପଦ୍ମପୁର ମହୁଲପାଲିର ବିମଳ ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେସନ୍ ଏବଂ ଦହିତା ଅଞ୍ଚଳର ଗନ୍ଧମାର୍ଦ୍ଦନ ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେସନ୍ ଓ ପଦମପୁରର କୃଷକ ପ୍ରତିନିଧିମାନେ ସୋମବାର ପୂର୍ବାହ୍ନରେ ମା' ସମଲେଇଙ୍କ ଦର୍ଶନ କରିଥିଲେ। ଏହାପରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାରେ କୃଷକମାନେ ମା' ସମଲେଇଙ୍କ ନିତ୍ୟ ଭୋଗ ଏବଂ ମନ୍ଦିରର ଭୋଗ ମଣ୍ଡପକୁ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥିବା ଧାନରୁ ପ୍ରସ୍ତୁତ ଚାଉଳ ଯୋଗେଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ଚାଷୀମାନଙ୍କ ପକ୍ଷରୁ ଅଶୋକ କୁମାର ସାହୁ, ଦୁଦାନନ୍ଦ ନାୟକ, ସୁରେଶ ଚାନ୍ଦ, ମଳୟ ଭୋଇ, କୃଷ୍ଣମଣୀ ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଚାଷୀ ନେତା ସରୋଜ ମହାନ୍ତି ଓ ସମାଜସେବୀ ପ୍ରିତମ ମେହେର ଆଲୋଚନାରେ ସମନ୍ୱୟ ରକ୍ଷା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ଓ ବୀରେନ୍ଦ୍ର ରାୟ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ବାବୁ କହିଛନ୍ତି, ମା'ଙ୍କ ଭୋଗରେ ବ୍ୟବହାର ହେବାକୁ ଥିବା ଚାଉଳ ଜୈବିକ ପ୍ରଣାଳୀରେ ଉତ୍ପାଦିତ ହୋଇ ମନ୍ଦିରକୁ ଯୋଗାଇବା ଏକ ସାଧୁ ଉଦ୍ୟମ। ଏହି କାର୍ଯ୍ୟ ପାଇଁ ପୂର୍ବରୁ କୃଷକ ଭାଇମାନଙ୍କୁ ଯୋଗାଯୋଗ କରିଥିଲୁ। ସେମାନେ ଟ୍ରଷ୍ଟ ବୋର୍ଡର ଏହି ଉଦ୍ୟମକୁ ସାର୍ଥକ କରିବାରେ ସହାୟକ ହେବା ବହୁତ ଆନନ୍ଦର ବିଷୟ ବୋଲି କହିଥିଲେ। ଏହି ପଦକ୍ଷେପ ଆଗାମୀ ଦିନରେ ମା'ଙ୍କର ଭୋଗର ପବିତ୍ରତା ବଢ଼ାଇବା ସହିତ ସମ୍ପୃକ୍ତ ଅଞ୍ଚଳର କୃଷକମାନଙ୍କୁ ମଧ୍ୟ ନୂଆ ପରିଚୟ ଦେବ ଏବଂ ନୂତନ ଆର୍ଥିକ ଉନ୍ନତିର ବାଟ ଖୋଲିବ ବୋଲି ଆଶା କରାଯାଉଛି।

# ଦୁର୍ଗାପୂଜା ପାଇଁ ମହିଷାସୁର କଳାକାର ବରଣ

**ଘଣ୍ଟାପଡ଼ା,୧୫।୯(ପ୍ରଭାତ କୁମାର ସାହୁ)**



ମହିଷାସୁର ଦରବାର ପାଇଁ କଳାକାର ବରଣ କରାଯାଉଛି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଗ୍ରାମରେ ଆଗାମୀ ସାର୍ବଜନୀନ ଦୁର୍ଗାପୂଜା ସମୟରେ ମହିଷାସୁର ଦରବାର ପାଇଁ ମହାରାଜା କଳାକାର ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷର ମହାରାଜ ହେବେ ବରଗଡ଼ ଜିଲା ଭେଡେନ ବ୍ଲକ ବାଘପାଲି ଗ୍ରାମର କଳାକାର ଜଗବନ୍ଧୁ ଭୋଇ। ଏ ନେଇ ସୋମବାର ଘଣ୍ଟାପଡ଼ା ଦୁର୍ଗା କମିଟିର କର୍ମକର୍ତ୍ତା ବାଘପାଲି ଗ୍ରାମକୁ ଯାଇ ଜଗବନ୍ଧୁଙ୍କୁ ଗୁଆ, ଶ୍ରୀଫଳ ଓ ଉତ୍ତରୀୟ ଦେଇ ବରଣୀ କରିଥିଲେ। ଏହି ସମୟରେ ପୂଜା କମିଟି ଉପଦେଷ୍ଟା ଗିରିଧର ଦେହୁରୀ, ସମ୍ପାଦକ ଜ୍ୟୋତିରଞ୍ଜନ ବିଶି, ସଦସ୍ୟ ଶ୍ରୀତମ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପୂଜା କମିଟିର ନିଷ୍ପତ୍ତି କ୍ରମେ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହିଷାସୁର ଦରବାର ହେବ ବୋଲି ସଭାପତି ପ୍ରଭାକର କହଁର ପ୍ରକାଶ କରିଛନ୍ତି।

# ସାମ୍ଭୋଚ ବିଦ୍ୟାଳୟରେ ପ୍ରବନ୍ଧ ପ୍ରତିଯୋଗିତା



ଶିକ୍ଷକଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ର।

**ହରଭଙ୍ଗା,୧୫।୯(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାମ୍ଭୋଚସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଟିସିଏଫ୍ ପକ୍ଷରୁ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଶ୍ରେଣୀକୁ ଜୁନିଅର ଗ୍ରୁପ୍ ଏବଂ ନବମ ଓ ଦଶମ ଶ୍ରେଣୀକୁ ସିନିଅର ଗ୍ରୁପ୍‌ରେ ଭାଗ କରାଯାଇଥିଥିଲା। ଜୁନିଅର ଗ୍ରୁପ୍‌ରେ ରାହୁଲ ବେହେରା (ପ୍ରଥମ), ସ୍ନେହାରାଣୀ ମହାକୁଡ (ଦ୍ୱିତୀୟ), ସୁନିଲ ଅମାତ (ତୃତୀୟ) ଓ ସିନିଅର ଗ୍ରୁପ୍‌ରେ ପ୍ରଭାତ ମହାନନ୍ଦିଆ (ପ୍ରଥମ), ଲକ୍ଷ୍ମୀପ୍ରିୟା ଜଗଦଲା (ଦ୍ୱିତୀୟ) ଓ ଡେଜାଲିନ ଭୋକ୍ତା (ତୃତୀୟ) ସ୍ଥାନ ଅଧିକାର କରିଥିଲେ। ଅତିଥି ଭାବେ ସିଆର୍‌ସିସି ନୀଳାଚଳ ବିହାରୀ ମିଶ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ। ଶିକ୍ଷକ ବିଜୟ କୁମାର ସାହୁ, ବିଭୂତି ଭୂଷଣ ପ୍ରଧାନ, ବିଶ୍ୱଜିତ ଲଉରିଆ, ନିରଞ୍ଜନ ଜେନା, ବଂଶୀଧର ପାଢୀ, ପ୍ରିୟଙ୍କା ଚମ୍ପତିରାୟ, ସୁନିଲ ମହାକୁଡ, ଧରଣୀଧର ସାହୁ, ପ୍ରଫୁଲ୍ଲ କୁମାର ପ୍ରଧାନପ୍ରମୁଖ ସହଯୋଗ କରିଥିଲେ।

# ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ଜନ ଅଭିଯୋଗ ଶୁଣାଣି**

**ବରଗଡ଼,୧୫।୯(ପ୍ରେମାନନ୍ଦ ଖମାରୀ)**

ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ମହନ୍ତ, ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ବାଗ ଏବଂ ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୬୬ ଗୋଟି ଅଭିଯୋଗ ମଧ୍ୟରୁ ୬୨ ଗୋଟି ବ୍ୟକ୍ତିଗତ, ୪ଟି ସାମୁହିକ ଅଭିଯୋଗ ଏବଂ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।




ଅମ୍ବାଭୋନାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର।

# କମସରା ଫାଣ୍ଡିକୁ ଥାନା କରିବାକୁ ଦାବି

**ତରଭା, ୧୫।୯(ମାନଭଞ୍ଜନ ମିଶ୍ର)**

ସମ୍ବଲପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ କମସରା ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କମସରା ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ ଜିଲାର ସୀମାକୁ ଲାଗି କରି ରହିଛି। ଏଥିଯେଗୁ ଏଠାରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ୧୦୮ ଟି ଗ୍ରାମ ଏହି ଫାଣ୍ଡି ଅଧୀନରେ ରହିଛି। ଏଥିଯୋଗୁ ଫାଣ୍ଡି ଷ୍ଟାଫଙ୍କ ଦ୍ୱାରା ଅପରାଧ ନିୟନ୍ତ୍ରଣ କଷ୍ଟକର ହେଉଛି। ଏତଦବ୍ୟତୀତ ଚୋରା ଗଞ୍ଜେଇ ଓ ଚୋରା ମଦ ଏହି ରାସ୍ତା ଦେଇ ପ୍ରତିଦିନ ଅନ୍ତରାଜ୍ୟ ମାଫିଆଙ୍କ ଦ୍ୱାରା ଚାଲାଣ କରାଯାଉଛି। ଏଣୁ କମସରାଠାରେ ସ୍ଥାପିତ ହୋଇଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଜନସାଧାରଣ ବାରମ୍ବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ଡ଼ ନୃପରାଜ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଶିଶିର ପଣ୍ଡା, ଭବାନୀ ଶଙ୍କର ପଣ୍ଡା, ନରେନ୍ଦ୍ର ରଣା, ଦିଲୀପ ପୂଜାରୀ, ସୌଭାଗ୍ୟ ବିନ୍ଧାଣି, ବିପିନ ଦାସଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ଥିଲେ।

# ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ଲକ୍ଷ୍ୟ

**କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ**

**ହରଭଙ୍ଗା,୧୫।୯(ନରେନ୍ଦ୍ର କୁମାର ସାହୁ)**

କଂଗ୍ରେସକୁ ସଶକ୍ତ ଓ ମଜଭୁତ କରିବାକୁ ଦଳ ପକ୍ଷରୁ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ସୋମବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ସ୍ଥିତ ଅନୁସୁଲାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ଜିଲା ସଂଯୋଜକ ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପ୍ରଭାରୀ ଶ୍ରୀନିବାସ ବି. ଭି ଓ ପୂର୍ବତନ ପସିସି ସମ୍ପାଦକ ଆକବର ଖାଁ ଯୋଗ ଦେଇଥିଲେ। କଂଗ୍ରେସ ଦଳ ଆଗାମୀ ପିଢି, ମହିଳା, ଗରିବଙ୍କ ପାଇଁ କାର୍ଯ୍ୟ କରିବ ବୋଲି ଖାଁ କହିଥିଲେ। କଂଗ୍ରେସକୁ ତୃଣମୂଳସ୍ତରରୁ ମଜଭୁତ କରିବା ଆମର ଲକ୍ଷ୍ୟ ବୋଲି ପ୍ରଭାରୀ କହିଥିଲେ। କାର୍ଯ୍ୟକ୍ରମରେ ଦଳର ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ପିସିସି ସଭ୍ୟ ଗଣେଶ ଅଗ୍ରୱାଲା, ସମରେନ୍ଦ୍ର ମହାକୁଲ, ବିନ୍ଧ୍ୟାବିନୀ ସାହୁ, ପ୍ରଦୀପ ମହାନନ୍ଦ, ଉଦୟନାଥ ଶର୍ମା, ବୁଦ୍ଧଦେବ ପ୍ରଧାନ, ପୌଲସ୍ତି ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# କବି ଭୋଜରାଜଙ୍କୁ ଜାତୀୟ ଗଙ୍ଗାଧର କାବ୍ୟରତ୍ନ ସମ୍ମାନ

**ପାଇକମାଳ,୧୫।୯(ବଢ଼ ଶତପଥୀ)**

ଭୁବନେଶର ଜାତୀୟ କଳା, ସଂସ୍କୃତି, ଭାଷା, ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ସମ୍ବଲପୁରଠାରେ ଓଡ଼ିଶା ସାଂସ୍କୃତିକ ସମାଜ ମଣ୍ଡପରେ ଶନିବାର କବି ଭୋଜରାଜ ବୁଡେକଙ୍କୁ ଜାତୀୟ ଗଙ୍ଗାଧର କାବ୍ୟରତ୍ନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଅତିଥି ଭାବରେ ମଙ୍ଗଲୁ ଚରଣ ଦାସ, ଶଶଧର ପଣ୍ଡା, ଡ. ନବକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ କଟକରେ ରାଜ୍ୟ ସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ, ବୌଦ୍ଧ ଜିଲାରେ ସଂସ୍କୃତି ସମନ୍ୱୟ ସମ୍ମାନ ଓ ଭୁବନେଶ୍ୱରଠାରେ ରାଜ୍ୟ ସ୍ତରୀୟ ବୀଣାପାଣି ଗୀତିକବି ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ବୁଡେକ ମାଣ୍ଡୋସିଲ ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ କେବଳ ଶିକ୍ଷକ ନୁହନ୍ତି; ଏକାଧାରରେ ଜଣାଶୁଣା କବି, ଗାଳ୍ପିକ, ଲେଖକ ତଥା ଗୀତିକାର। ତାଙ୍କ ସାରସ୍ୱତ ସାଧନାରେ ଅନେକ କାବ୍ୟ, କବିତା, ଶିଶୁ କବିତା, ଶିଶୁ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ତଥା ରମ୍ୟ ରଚନା ଲେଖିଛନ୍ତି। ସେ ରାଜ୍ୟରେ ଅନେକ ସାହିତ୍ୟ ସଂସଦ ସହ ଜଡ଼ିତ ହୋଇ ଅନେକ ଥର ସମ୍ମାନିତ ହୋଇଛନ୍ତି।

# ତେଜିଲା ବାଉଁଶୁଣୀକୁ ବ୍ଲକ ମାନ୍ୟତା ଦାବି

**ବାଉଁଶୁଣୀ,୧୫।୯(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ। ଦୀର୍ଘଦିନରୁ ବାଉଁଶୁଣୀକୁ ଏକ ସ୍ୱତନ୍ତ୍ର ବ୍ଲକ ମାନ୍ୟତା ଦାବି ହୋଇଆସୁଥିବା ବେଳେ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏପର୍ଯ୍ୟନ୍ତ ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବାଉଁଶୁଣୀରେ ବ୍ଲକ କାର୍ଯ୍ୟାଳୟ ପାଇଁ ସମସ୍ତ ପ୍ରକାରର ଭିତ୍ତିଭୂମି ରହିଛି। ଏଠାରେ ଥାନା, ଡାକ୍ତରଖାନା, କଲେଜ, ବ୍ୟାଙ୍କ ଆଦି ପ୍ରମୁଖ ଅନୁଷ୍ଠାନ ରହିଥିବା ବେଳେ ପ୍ରାୟ ୧୨ଟି ପଞ୍ଚାୟତର ଲୋକେ ଦୈନନ୍ଦିନ ବଜାରରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ପାଇଁ ବାଉଁଶୁଣୀ ଉପରେ ନିର୍ଭରଶୀଳ। ବୌଦ୍ଧ ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୩୦ କି.ମି ଦୂରରେ ରହିଥିବା ବାଉଁଶୁଣୀକୁ ଆଉ ଏକ ବ୍ଲକ କରାଗଲେ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ। ଏହି ଦାବି ନେଇ ବାଉଁଶୁଣୀ ନାଗରିକ କମିଟି ବହୁବାର ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିସାରିଛି। ହେଲେ କେହି କର୍ଣ୍ଣପାତ କରିନାହାନ୍ତି। ସେହିପରି ଅନ୍ୟ ଦାବିଗୁଡିକ ମଧ୍ୟରେ ବାଉଁଶୁଣୀରୁ ଗୁନ୍ଦୁଲିଆ ଦେଇ ଫୁଲବାଣୀ ରାସ୍ତା ନିର୍ମାଣ, ବାଉଁଶୁଣୀ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ପୁନରୁଦ୍ଧାର, ବାଉଁଶୁଣୀ ଛକ ଏନ୍‌ଏଚ୍ ସାଇଟ୍‌ରୁ ଜବରଦଖଲ ଉଚ୍ଛେଦ ଦାବି କରାଯାଇବଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ବାଉଁଶୁଣୀ ନାଗରିକ କମିଟି ସଭାପତି ନାରାୟଣ ଦେହୁରୀ, ସମ୍ପାଦକ ପ୍ରବୋଧ କୁମାର ରଥ, ଆବାହକ ଅଇଁଠୁ ମହାଲିକ, କୋଷାଧ୍ୟକ୍ଷ ସଦାଶିବ ଦେହୁରୀ, ରଙ୍କନିଧି ଗାଇଗରିଆ, ରଞ୍ଜନ ଦାସ ଏବଂ ସଚିନ ଦେହୁରୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜନଶୁଣାଣି ଶିବିର: ୪୯ ଅଭିଯୋଗ ପଞ୍ଜୀକୃତ

**ପଲସାଗୋରା,୧୫।୯**
**(ଅଶ୍ୱିନୀ କୁମାର ନନ୍ଦ)**



ଜନଶୁଣାଣି ଶିବିରରେ ଉପସ୍ଥିତ ଅଭିଯୋଗକାରୀ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୪୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ୪୫ଟି ବ୍ୟକ୍ତିଗତ ଏବଂ ୪ଟି ଗୋଷ୍ଠୀଭିତ୍ତିକ ଅଭିଯୋଗ ରହିଥିଲା। ୧୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହିଅବସରରେ ୧୦ ଜଣଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ପେନସନ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ପକ୍ଷରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲାପାଳ ବିନୟ କୁମାର ଭୋଇ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଉପ ଆରକ୍ଷୀ ଅଧୀକ୍ଷକ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ।

## ବଜ୍ରପାତରେ ଯୁବକ ମୃତ

**ହରଭଙ୍ଗା,୧୫।୯(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁରରେ ବଜ୍ରପାତରେ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଗୋବିନ୍ଦ ମହାକୁଡ (୪୫)। ଗୋବିନ୍ଦ ଗୋରୁ ଚରାଇବା ପାଇଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ହଠାତ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ଗୋବିନ୍ଦ ଓ ଟୁକୁନା ଦେହୁରୀ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଆଠମଲିକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ।

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website **www.icai.org, www.eirc-icai.org & www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**
Secretary, ICAI

**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**
Axis Bank Ltd. ........................Appellant
- Versus -
Seema Rohidas & Another .................. Respondents
To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.
Take notice that in case of default, the applicant will be heard and determined in their absence.
Given under my hand seal of this Commission on this **11th day of August, 2025.**
**Date: 15.09.2025** **Sd/- Secretary**

**GOVERNMENT OF ORISSA** No.O-780
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025
**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**
1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | **Dt.17.09.25 at 11.00 A.M.** | **Dt.06.10.25 up to 5.00 P.M.** | **Dt.06.10.25 up to 5.00 P.M.** | **Dt.08.10.25 at 11.00 A.M.** | **Will be intimated Later** |

Further details can be seen from the website www.tendersodisha.gov.in
**Sd./- Executive Engineer**
**R.W. Division, Karanjia**
**OIPR-25086/11/0025/2526**

**GOVERNMENT OF ODISHA** No.C-1065
**OFFICE OF THE ADDITIONAL CHIEF ENGINEER,**
**PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

**The technical bid shall be opened on dt.10.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**
**OIPR-13004/11/0023/2526** **Sd./- Chief Engineer (PH)**

**GOVERNMENT OF ODISHA** No.C-1052
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | **Procurement & Installation of DG set for ESR & OGR site at Katikia Sahi, Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 8.38 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |
| 2. | **Procurement & Installation of DG set for Intake Site at Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 9.13 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "**https://www.tendersorissa.gov.in**".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**Sd./- EXECUTIVE ENGINEER,**
**P.H. DIVISION, RAYAGADA**
**OIPR-13052/11/0036/2526**

# ସମଲେଇଙ୍କୁ ଲାଗିହେବ ଜୈବିକ ଫସଲରୁ ପ୍ରସ୍ତୁତ ଅନ୍ନ



ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର କୃଷକମାନେ ଭୋଗ ମଣ୍ଡପକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ଯୋଗାଇ ଦେବାକୁ ସୋମବାର ସମଲେଇ ମନ୍ଦିର ଆସିଛନ୍ତି।

ସମ୍ବଲପୁର,୧୫।୯(ବି.ଶଙ୍କର)

ଜୈବିକ ପଦ୍ଧତି ଚାଷରୁ ପ୍ରସ୍ତୁତ ଅନ୍ନ ଏଣିକି ଇଷ୍ଟଦେବୀ ସମଲେଇଙ୍କଠାରେ ଲାଗିହେବ। ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର କୃଷକମାନେ ସମଲେଇ ଭୋଗ ମଣ୍ଡପକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ଆସନ୍ତା ଜାନୁୟାରୀରୁ ଯୋଗାଇ ଦେବାପାଇଁ ସମ୍ମତି ପ୍ରକାଶ କରିଛନ୍ତି। ପଦ୍ମପୁର ମହୁଲପାଲିର ବିମଳ ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେସନ୍ ଏବଂ ଦହିତା ଅଞ୍ଚଳର ଗନ୍ଧମାର୍ଦ୍ଦନ ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେସନ୍ ଓ ପଦମପୁରର କୃଷକ ପ୍ରତିନିଧିମାନେ ସୋମବାର ପୂର୍ବାହ୍ନରେ ମା' ସମଲେଇଙ୍କ ଦର୍ଶନ କରିଥିଲେ। ଏହାପରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାରେ କୃଷକମାନେ ମା' ସମଲେଇଙ୍କ ନିତ୍ୟ ଭୋଗ ଏବଂ ମନ୍ଦିରର ଭୋଗ ମଣ୍ଡପକୁ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥିବା ଧାନରୁ ପ୍ରସ୍ତୁତ ଚାଉଳ ଯୋଗେଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ଚାଷୀମାନଙ୍କ ପକ୍ଷରୁ ଅଶୋକ କୁମାର ସାହୁ, ହୃଦାନନ୍ଦ ନାୟକ, ସୁରେଶ ଚାନ୍ଦ, ମଳୟ ଭୋଇ, କୁଳମଣୀ ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଚାଷୀ ନେତା ସରୋଜ ମହାନ୍ତି ଓ ସମାଜସେବୀ ପ୍ରିତମ ମେହେର ଆଲୋଚନାରେ ସମନ୍ୱୟ ରକ୍ଷା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ଓ ବୀରେନ୍ଦ୍ର ରାୟ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ବାବୁ କହିଛନ୍ତି, ମା'ଙ୍କ ଭୋଗରେ ବ୍ୟବହାର ହେବାକୁ ଥିବା ଚାଉଳ ଜୈବିକ ପ୍ରଣାଳୀରେ ଉତ୍ପାଦିତ ହୋଇ ମନ୍ଦିରକୁ ଯୋଗାଇବା ଏକ ସାଧୁ ଉଦ୍ୟମ। ଏହି କାର୍ଯ୍ୟ ପାଇଁ ପୂର୍ବରୁ କୃଷକ ଭାଇମାନଙ୍କୁ ଯୋଗାଯୋଗ କରିଥିଲୁ। ସେମାନେ ଟ୍ରଷ୍ଟ ବୋର୍ଡର ଏହି ଉଦ୍ୟମକୁ ସାର୍ଥକ କରିବାରେ ସହାୟକ ହେବା ଆନନ୍ଦର ବିଷୟ ବୋଲି କହିଥିଲେ। ଏହି ପଦକ୍ଷେପ ଆଗାମୀ ଦିନରେ ମା'ଙ୍କର ଭୋଗର ପବିତ୍ରତା ବଢ଼ାଇବା ସହିତ ସମ୍ପୃକ୍ତ ଅଞ୍ଚଳର କୃଷକମାନଙ୍କୁ ମଧ୍ୟ ନୂଆ ପରିଚୟ ଦେବ ଏବଂ ନୂତନ ଆର୍ଥିକ ଉନ୍ନତିର ବାଟ ଖୋଲିବ ବୋଲି ଆଶା କରାଯାଉଛି।

## ନେହେରୁ ମୀନାରରୁ ଜିରୋ ପଏଣ୍ଟ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ



ସ୍ୱଚ୍ଛତା ଅଭିଯାନରେ ସାମିଲ ଛାତ୍ରୀଛାତ୍ର ଓ ପ୍ରତିନିଧିମାନେ।

ସମ୍ବଲପୁର,୧୪।୯(ବି.ଶଙ୍କର)

ଏମ୍ସ ଫାଉଣ୍ଡେଶନ ପକ୍ଷରୁ ହୀରାକୁଦ ନଦୀବନ୍ଧ ନିକଟ ନେହେରୁ ମୀନାରରୁ ଝାଙ୍କରାଣୀ ମନ୍ଦିର ସହ ଜିରୋ ପଏଣ୍ଟ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏମ୍ସ ଫାଉଣ୍ଡେଶନ ସଭାପତି ଶ୍ରୀମନ୍ତ ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଓଆଇଏସଏଫ ସହକାରୀ କମାଣ୍ଡାଣ୍ଟ ମାନସ ରଞ୍ଜନ ନାଏକ, ନିରୀକ୍ଷକ ଅରୁଣ ମହାପାତ୍ର ଓ ଅନ୍ତର୍ଯ୍ୟାମୀ ନାଗ, ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁଧିର ସାହୁ, ଓଏସ୍‌ଡିଓ ଅମୂଲ୍ୟ ପ୍ରଧାନ, ଜୁନିଅର ଇଞ୍ଜିନିୟର ଅଭିଳାସ ପ୍ରଧାନ, ସଂକଳ୍ପ ଗୁରୁ, ଆନନ୍ଦ ସାହୁ ଏବଂ ରଘୁନାଥ ବେହେରା, ଏମ୍ସ ମହାବିଦ୍ୟାଳୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଏମ୍ସ ମହାବିଦ୍ୟାଳୟ ଅଧକ୍ଷ ଅଭିଜିତ ବାବୁ, ପରିଚୟ ଅନୁଷ୍ଠାନ ବିପିନ ବିହାରୀ ପଣ୍ଡା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନେହେରୁ ମିନାର ଅଞ୍ଚଳକୁ ସୁନ୍ଦର, ସ୍ୱଚ୍ଛ, ସବୁଜ ରଖିବା ସମସ୍ତଙ୍କ ଗୁରୁଦାୟିତ୍ୱ। ତେଣୁ ଜନସାଧାରଣ ସଚେତନ ହେଲେ ଆମ ପର୍ଯ୍ୟଟନସ୍ଥଳି ସ୍ୱଚ୍ଛ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ର ଏବଂ ସଦସ୍ୟମାନେ ନେହେରୁ ମୀନାର ପରିସର, ଝାଙ୍କରାଣୀ ମନ୍ଦିର ଅଞ୍ଚଳରୁ ଜିରୋ ପଏଣ୍ଟ ପର୍ଯ୍ୟନ୍ତ ଅଞ୍ଚଳକୁ ସଫା କରିଥିଲେ। ଏଥିସହ ପଥଚାରୀ ଏବଂ ପର୍ଯ୍ୟଟକଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନତା କରିଥିଲେ। କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ବିଭିନ୍ନ ସ୍ଥାନରେ ଫଳକ ଲଗାଇଛନ୍ତି।

## ୩ କନ୍ୟା ସନ୍ତାନ ଜନ୍ମ ଦେଲେ ମହିଳା

ଝାରସୁଗୁଡ଼ା, ୧୫।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ ଏକ ଘରୋଇ ହସ୍ପିଟାଲରେ ବିୟୁଟି ସରାଫ ନାମ୍ନୀ ମହିଳା ସୋମବାର ୩ଟି କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ସକାଳେ ସେ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ଅପରାହ୍ନ ପ୍ରାୟ ୫ଟା ୪୦ରେ ସେ ୩ଟି କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏବେ ମା' ଓ ସନ୍ତାନ ସୁସ୍ଥ ଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଝାରସୁଗୁଡ଼ା, ୧୫।୯(ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ସଦର ବ୍ଲକ ହିର୍ମା ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁ କିଷାନ(୬୫)ଙ୍କ ସୋମବାର ତରେଇକେଲାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ମୁଖାଗ୍ନି ଦେଇଛନ୍ତି। ୨୦୧୨ ମସିହାରେ ମଧୁ ହିର୍ମା ପଞ୍ଚାୟତର ସରପଞ୍ଚ ଥିବାବେଳେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ।

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

**ଭାଗନେଲେ ୧୮ ଜିଲାର ୨୯୩ ପ୍ରତିଯୋଗୀ**

ସମ୍ବଲପୁର,୧୫।୯
(ପ୍ରମୋଦ ବହିଦାର)





କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

ସମ୍ବଲପୁରରେ ୧୩ତମ ରାଜସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଝସକେତନ ସାହୁ ସନ୍ତରଣାଗାରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରେମରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ସୁନ୍ଦରମଣୀ ବାରିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିଶ ଶୁଭ୍ରା ପଣ୍ଡା, ସମ୍ମାନିତ ଅତିଥିଭାବେ ପ୍ରସନ୍ନ ପାଟଯୋଷୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୧୮ଟି ଜଲାର ପୁରୁଷ, ମହିଳା, ବାଳିକା ଓ ବାଳକ ତଥା ଭିନ୍ନକ୍ଷମ ମିଶି ମୋଟ୍ ୨୯୩ ଜଣ ଅଂଶ ଗ୍ରହଣ କରିଥିଲେ। ଏଥିରେ ଭିନ୍ନ ଭିନ୍ନ ବର୍ଗରେ ପ୍ରତିଯୋଗୀମାନେ ଫ୍ରିଷ୍ଟାଇଲ୍, ବଟରଫ୍ଲାଏ, ବ୍ୟାକ୍‌ଷ୍ଟ୍ରୋକ୍, ବ୍ରେଷ୍ଟଷ୍ଟ୍ରୋକ୍ ଆଦି ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିଲେ। ଜୟନ୍ତ ପାଣ୍ଡେ, ରଙ୍ଗନିଧି ସେଠ୍, ମନୋଜ ବନ୍‌ଛୋର, ଦିଲୀପ ଜେନା, ପ୍ରଦୀପ ପଣ୍ଡା, ଲକ୍ଷ୍ମୀ ଚନ୍ଦ୍ର ମହାକର, ପ୍ରଫୁଲ୍ଲ ଗହିର, ସୁରଜ ବାଗ, ଉମେଶ ପ୍ରଧାନ ଓଡ଼ିଶା ବରିଷ୍ଠ ସନ୍ତରଣ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲା ସନ୍ତରଣ ସଂଘ ସମ୍ପାଦକ ସାଳଗ୍ରାମ ଖୁଣ୍ଟିଆ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଶିମ ପଣ୍ଡା ସଂଯୋଜନା କରିଥିବା ବେଳେ ହରେକରଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷକ ଆଶୁତୋଷ ନାଏକ, ସଞ୍ଜୟ ପାଣ୍ଡେ, ଅନନ୍ତ ବେରିହା, ଜଗବନ୍ଧୁ ବେହେରା ଓ ଦଳ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଦୁର୍ଗାପୂଜା: ମୂର୍ତ୍ତି ବିସର୍ଜନ ପାଇଁ ୫ କୃତ୍ରିମ ଜଳାଶୟ

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ଦୁର୍ଗାପୂଜା ଭସାଣୀ ଉତ୍ସବରେ ମୂର୍ତ୍ତି ବିସର୍ଜନ ପାଇଁ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ପକ୍ଷରୁ ଚଳିତବର୍ଷ କୃତ୍ରିମ ଜଳାଶୟ ନିର୍ମାଣ କରାଯାଇଛି। ସମ୍ବଲପୁର ସହର ସହିତ ବୁର୍ଲା ଓ ହୀରାକୁଦରେ ଛୋଟବଡ଼ ମିଶି ମୋଟ ୫ଟି କୃତ୍ରିମ ଜଳାଶୟ ନିର୍ମାଣ ହୋଇଛି। ତେବେ କେତେକ ଜଳାଶୟ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଅନ୍ୟ ଜଳାଶୟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ସାରିଥିବା ଏସ୍‌ଏମ୍‌ସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସହରର ଆକାଶବାଣୀ କେନ୍ଦ୍ର ସମ୍ମୁଖ ରିଂରୋଡ଼ ପାର୍ଶ୍ୱରେ ପ୍ରାୟ ୬ ଫୁଟ୍ ଗଭୀର ଓ ୬ଶହ ବର୍ଗଫୁଟ ବିଶିଷ୍ଟ କୃତ୍ରିମ ଜଳାଶୟ ନିର୍ମାଣ କରାଯାଇଛି। ସହରର ସର୍ବାଧିକ ମୂର୍ତ୍ତି ବିସର୍ଜନ ହେବା ସମ୍ଭାବନାକୁ ଲକ୍ଷ୍ୟ ରଖି ଏହି ଜଳାଶୟ ନିର୍ମାଣ କରାଯାଇଛି। ସେହିପରି ପୁଟିବନ୍ଧ ଓ ଦୁର୍ଗାପାଲିରେ ଅନ୍ୟ ଦୁଇଟି କୃତ୍ରିମ ଜଳାଶୟ ନିର୍ମାଣ ହୋଇଛି। ଏହାବ୍ୟତୀତ ବୁର୍ଲାର ଗୋଲଗୁଣ୍ଡା ଓ ହୀରାକୁଦର ଥାନାବନ୍ଧକୁ ବିସର୍ଜନ ପାଇଁ କୃତ୍ରିମ ପୋଖରୀ ଭାବେ ବ୍ୟବହାର କରାଯିବ। ତେବେ କୃତ୍ରିମ ପୋଖରୀ ନିର୍ମାଣରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତ ନିୟମକୁ ପାଳନ କରାଯିବ। ସେଥିମଧ୍ୟରେ ଜଳାଶୟ ତଳେ ପ୍ରଥମ ମୋଟା ପଲିଥିନ ବିଛା ଯାଇ ଏହା ଉପରେ ବାଲିର ଆସ୍ତରଣ ଓ ଏହା ପରେ ଜଳ ଭର୍ତ୍ତି କରାଯିବ। ସେହିପରି ସମସ୍ତ ଜଳାଶୟକୁ ବିସର୍ଜନ ଶୋଭାଯାତ୍ରା ଯାନ ଯାତାୟତ ଉପଯୋଗୀ କାଦୁଅ ମୁକ୍ତ ମାଟି, ଚିପ୍ସ, ଓ ବଜୁରି ଆଦିରେ ରାସ୍ତା ନିର୍ମାଣ କରାଯିବ। ଏହାସହ ମୂର୍ତ୍ତି ବିସର୍ଜନକୁ ଅଧିକ ସହଜ କରିବା ପାଇଁ ଜଳାଶୟ ମଧ୍ୟକୁ ଅସ୍ଥାୟୀ ର୍‌ୟାମ୍ପ ମଧ୍ୟ ତିଆରି କରାଯିବ। ବିସର୍ଜନ ପରେ ସମସ୍ତ ଜଳାଶୟରୁ ଆବର୍ଜନାକୁ ଏଥିରେ ବିଛା ଯାଇଥିବା ସମ୍ପୂର୍ଣ୍ଣ ପଲିଥିନ ସହ ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବର୍ଜବସ୍ତୁ ପରିଚାଳନା କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ। ତେବେ ଦୂରତ୍ୱ ଓ ସୁବିଧା ଅନୁସାରେ ବିଭିନ୍ନ ପୂଜା କମିଟି ମୂର୍ତ୍ତି ବିସର୍ଜନ ପାଇଁ ବିଭିନ୍ନ ସ୍ଥାନରେ ଥିବା କୃତ୍ରିମ ଜଳାଶୟଗୁଡ଼ିକୁ ବ୍ୟବହାର କରି ପାରିବେ ବୋଲି କୁହାଯାଇଛି।


THE INSTITUTE OF CHARTERED ACCOUNTANTS OF INDIA (ICAI)
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website **www.icai.org, www.eirc-icai.org** & **www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**
Secretary, ICAI



**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**

Axis Bank Ltd. ........................Appellant
- Versus -
Seema Rohidas & Another .................. Respondents

To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the applicant will be heard and determined in their absence.

Given under my hand seal of this Commission on this **11th day of August, 2025.**

Date: 15.09.2025 Sd/- Secretary


## ପୁଡ଼ାପଦରରେ ମେଗା ଚାରାରୋପଣ

ସମ୍ବଲପୁର,୧୫।୯
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପୁଡାପଦର ଗ୍ରାମରେ ସୋମବାର ପଶ୍ଚିମ ଓଡ଼ିଶା ଆଦିବାସୀ ମିର୍ଦ୍ଧା କିସାନ ସମାଜ ମଙ୍ଗଳ ସଙ୍ଗଠନ ଜୟନ୍ତପୁର ମହାଖଲା ଆନୁକୂଲ୍ୟରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ଯାଇଛି। ସମ୍ବଲପୁର ଜିଲା ପରିଷଦ ଉପଧକ୍ଷ ମାଧବ ମିର୍ଦ୍ଧା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଯୁଯୁମୁରା ଜୋନ ୧ ଜିଲା ପରିଷଦ ସଦସ୍ୟ କବିତା ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କିସାନ ପରମ୍ପରା ଅନୁସାରେ ଦୀପ ପ୍ରଜ୍ଜଳନ କରି ଧରିତ୍ରୀ ମାତାଙ୍କୁ ପୂଜାର୍ଚ୍ଚନା କରି ଶ୍ରୀଫଳ ଅର୍ପଣ କରିଥିଲେ। ଏଥିରେ ଆମ, ପିଜୁଳି, ଜାମ୍ବ, ଅଁଳା, କରମଙ୍ଗା, ପଣସ ଆଦି ଫଳ ପ୍ରଜାତିର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାଖଲା ସଭାପତି ବାଲେଶର ମିର୍ଦ୍ଧା, ସଙ୍ଗଠନ ସମ୍ପାଦକ ସନୁଜୟ ଡନସନା, ସମ୍ପାଦକ ଜୟଦେବ ମିର୍ଦ୍ଧା ତଥା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପରକ୍ଷିତ ବାଗ, ଲାଲ ବିହାରୀ ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମିର୍ଦ୍ଧା କହିଥିଲେ କିସାନ ଜାତି ହେଉଛନ୍ତି ଚାଷ ସହିତ ଜଡିତ ସମ୍ପ୍ରଦାୟ। ତେବେ ସଚେତନତା ଏବଂ ଉପଯୁକ୍ତ ଜ୍ଞାନକୌଶଳର ଅଭାବ ଯୋଗୁ କିସାନ ସମ୍ପ୍ରଦାୟ ଚାଷରୁ ଦୂରେଇ ଯାଉଛି। ତେଣୁ କିସାନ ସମାଜକୁ ସଙ୍ଗଠିତ କରି ସମାଜର ବିକାଶ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। କିସାନ ମାନଙ୍କୁ ସଙ୍ଗଠିତ କରିବା ପାଇଁ ଗ୍ରାମ୍ୟ କମିଟି ଗଠନ ପାଇ ସେ ଆହ୍ୱାନ ଦେଇଥିଲେ। ଏହାସହ ଜଙ୍ଗଲ ନଷ୍ଟ କିପରି ପାଣିପାଗ ଉପରେ ପ୍ରଭାବ ପକାଉଛି, ଉତ୍ତାପ କିଭଳି ବଢିବାରେ ଲାଗିଛି ତାହାର ଉଦାହରଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠନ ସଭାପତି ରାଇମନ ମିର୍ଦ୍ଧା, ପୂର୍ଣ୍ଣଚନ୍ଦ୍ର ସିଂ, ସୁନୀଲ କୁଜୁର ଓ ଯୁଧିଷ୍ଠିର ବାଗ ପରିଚାଳନା କରିଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ମିର୍ଦ୍ଧା କିସାନ ସମାଜ ସଦସ୍ୟ।

## ହିନ୍ଦୀ ଭାଷା ଆମ ଦେଶର ପରିଚୟ

**ଇଣ୍ଡିଆନ ପବ୍ଲିକ ସ୍କୁଲରେ ହିନ୍ଦୀ ଦିବସ**

ସମ୍ବଲପୁର,୧୫।୯(ବି.ଶଙ୍କର)

ଇଣ୍ଡିଆନ ପବ୍ଲିକ ସ୍କୁଲରେ ହିନ୍ଦୀ ଦିବସ ସୋମବାର ପାଳିତ ହୋଇଯାଇଛି। ସ୍କୁଲ ହିନ୍ଦୀ ବିଭାଗ ପକ୍ଷରୁ ପ୍ରଧାନଶିକ୍ଷକ ସଚିନ ପାଠକ, ବିଦ୍ୟାଳୟର କୋଅର୍ଡିନେଟର ରଶ୍ମିରେଖା ପଣ୍ଡା ଏବଂ ହିନ୍ଦୀ ବିଭାଗୀୟ ମୁଖ୍ୟ ହେମନ୍ତ କୁମାର ଯାଦବଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଧାନଶିକ୍ଷକ ପାଠକ ହିନ୍ଦୀ ଭାଷାର ଗୌରବମୟ ଇତିହାସ ଏବଂ ଏହାର ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଭାଷା ଆମ ଦେଶର ପରିଚୟ ଅଟେ। ତେଣୁ ସମସ୍ତେ ମାତୃଭାଷା ପ୍ରତି ସମ୍ମାନ ଓ ପ୍ରେମ ବିକଶିତ କରିବାକୁ ପାଠକ ଛାତ୍ରୀଛାତ୍ରମାନଙ୍କୁ ବାର୍ତ୍ତା ଦେଇଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଯାଦବ ହିନ୍ଦୀ ଭାଷାର ବୈଶ୍ୱିକ ମହତ୍ତ୍ୱ ଓ ଯୋଗଦାନ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ରାଜଭାଷା ବଦଳରେ ରାଷ୍ଟ୍ରୀୟ ଭାଷାଭାବେ ମାନ୍ୟତା ଦେବାକୁ ଦାବି କରିଥିଲେ। ବିଦ୍ୟାଳୟର କୋଅର୍ଡିନେଟର ପଣ୍ଡାଙ୍କ ସହିତ ନୀହାରିକା ପୂଜାରୀ, ରାଜେନ୍ଦ୍ର ରଜକ, ଅନୁପମା ଚୌବେ, ପଙ୍କଜ ଶର୍ମା, ନେହା ନଗମା ଏବଂ ହୀରାଲାଲ ପ୍ରସାଦ ଶିକ୍ଷକମାନେ ସ୍ୱରଚିତ କବିତା ପ୍ରସ୍ତୁତି କରିଥିଲେ। ବିଦ୍ୟାଳୟ ଚେୟାରମ୍ୟାନ ସୁମନ ଡାଲମିଆ ଏବଂ ନିର୍ଦ୍ଦେଶକ କେଶବ ଡାଲମିଆ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସଙ୍ଗୀତ ଶିକ୍ଷକ ଗିରିଜାଶଙ୍କର ମିଶ୍ର, କଳା ଶିକ୍ଷକ ସୁବ୍ରତ ବେହେରା ଓ ନୃତ୍ୟ ଶିକ୍ଷକ କହ୍ନେୟା କୁମାର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସୂଚନାଯୋଗ୍ୟ, ହିନ୍ଦୀ ଦିବସ ଉପଲକ୍ଷେ ଆୟୋଜିତ ଗଳ୍ପ ଲେଖନ, ହସ୍ତାକ୍ଷର, କବିତା ପାଠ, ଗଦ୍ୟାଂଶ ଶୁଦ୍ଧିକରଣ ଏବଂ ସାହିତ୍ୟିକ ସଂଗୋଷ୍ଠୀ ପ୍ରତିଯୋଗିତାରେ ଛାତ୍ରୀ ଛାତ୍ରମାନେ ଭାଗ ନେଇଥିଲେ।

## ବଜ୍ରପାତରେ ଯୁବକ ମୃତ

ହରଭଙ୍ଗା,୧୫।୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁରରେ ବଜ୍ରପାତରେ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଗୋବିନ୍ଦ ମହାକୁଡ (୪୫)। ଗୋବିନ୍ଦ ଗୋରୁ ଚରାଇବା ପାଇଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ହଠାତ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ଗୋବିନ୍ଦ ଓ ଟୁକୁନା ଦେହୁରୀ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଆଠମଲିକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ।


No.O-780

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION, KARANJIA (MAYURBHANJ)
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025

**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**

1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in

Sd./- Executive Engineer
R.W. Division, Karanjia

OIPR-25086/11/0025/2526



No.C-1065

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR
E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

**The technical bid shall be opened on dt.10.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**

OIPR-13004/11/0023/2526 Sd./- Chief Engineer (PH)



No.C-1052

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | **Procurement & Installation of DG set for ESR & OGR site at Katikia Sahi, Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 8.38 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |
| 2. | **Procurement & Installation of DG set for Intake Site at Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 9.13 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

Sd./- EXECUTIVE ENGINEER,
P.H. DIVISION, RAYAGADA

OIPR-13052/11/0036/2526

## ହିନ୍ଦୀ ପୁସ୍ତକ ଲୋକାର୍ପଣ ଉତ୍ସବ

ରାଉରକେଲା,୧୫।୯(ବିପ୍ଳବ ରଞ୍ଜନ ଦାଶ): ହିନ୍ଦୀ ଦିବସ ପାଳନ ଅବସରରେ ରବିବାର ସନ୍ଧ୍ୟାରେ ସୁନିତା ଅଗ୍ରୱାଲଙ୍କ ରଚିତ ପୁସ୍ତକ 'ମେରି ନଜରିଆ ସେ' ଲୋକାର୍ପିତ ହୋଇଯାଇଛି। ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର ମୁଖ୍ୟ ଡ. ଜଗନ୍ନାଥ ମିଶ୍ରଙ୍କ ଆବାହକତ୍ୱରେ ହୋଟେଲ ମେ ଫେୟାରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ନିବେଦିତା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଲୋକାର୍ପଣ କରିଥିଲେ। ଭାରତ ବିଭିନ୍ନତା ମଧ୍ୟରେ ଏକତା ଥିବା ଦେଶ। ହିନ୍ଦୀକୁ ସମସ୍ତେ ବ୍ୟବହାର କରିବା ଉପରେ ମୁଖ୍ୟଅତିଥି ଜେନା ଗୁରୁତ୍ୱାରୋପ କରିଥିଲେ। ଆବାହକ ଡ଼ଃ ମିଶ୍ର ଅସ୍ମିତାର ଭାଷା ହିନ୍ଦୀ ଓ ଏହା ଦିଲ୍‌ର ଧଡକନ ବୋଲି କହିଥିଲେ। ସମ୍ମାନିତ ଅତିଥି ସୁନିଲ କାୟଲ ହିନ୍ଦୀ ଦିବସରେ ଏହି ପୁସ୍ତକ ଉନ୍ମୋଚନ ଏକ ସୌଭାଗ୍ୟର କଥା ବୋଲି କହିବା ସହ ହିନ୍ଦୀ ଆମକୁ ଏକାଠି କରିପାରେ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଆର୍‌ଏସ୍‌ପିର ସିଜିଏମ୍ ଟି. ଜି. କାନେକର, ଲଳିତ କାୟଲ ପୁସ୍ତକ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁନିତାଙ୍କ ଗୁରୁ ଅରବିନ୍ଦ ପାଣ୍ଡେ ଓ ନାଟ୍ୟକାର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ସୁଶ୍ରୀ ଅନୁଶ୍ରୀ ଅଗ୍ରୱାଲ ଓ ରାଜଶ୍ରୀ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଶରତ ଚନ୍ଦ୍ର ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉପାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତଃରାଜ୍ୟ ଠକ ଗ୍ୟାଙ୍ଗ୍‌ର ୫ ଗିରଫ

### ଜାଲ୍ ବ୍ୟାଙ୍କ ଆକାଉଣ୍ଟରେ ଠକେଇ

ରାଉରକେଲା,୧୫।୯(ସଙ୍ଗୀତା ଜେନା)

ରାଉରକେଲା ସହରରେ ଥିବା କିଛି ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ସେଠାକାର କର୍ମଚାରୀମାନଙ୍କ ସହଯୋଗରେ ଦିନ ମଜୁରିଆ, ରିକ୍ସା ଚାଳକ, ପରିବା ଦୋକାନୀଙ୍କ ଆଧାର, ସିମ୍ କାର୍ଡ ସଂଗ୍ରହ କରି ସେଥିରେ ଜାଲ୍ ଆକାଉଣ୍ଟ ଖୋଲି ଲକ୍ଷାଧିକ ଟଙ୍କା ଦେଣନେଣ କରାଯାଇଛି। ଏଥିରେ ପଞ୍ଜାବ, ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟର ସାଇବର ଠକମାନେ ସମ୍ପୃକ୍ତ ଅଛନ୍ତି। ଏପରି କିଛି ଠକ ଗ୍ୟାଙ୍ଗ୍‌ର କଳାକାରନାମାର ପର୍ଦ୍ଦାଫାସ କରିଛି ରାଉରକେଲା ପୋଲିସ। ସେକ୍ଟର-୭ ଥାନା ପୋଲିସ ଆନ୍ତଃରାଜ୍ୟ ଠକ ଦଳର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୬ ଅଞ୍ଚଳର ରାହୁଲ ରାୟ(୩୦), ଫିଏଚ୍ କଲୋନିର କେ.ପି ଶୁଭମ୍( ୨୭), ସେକ୍ଟର-୧୫ କାଳୀମନ୍ଦିର ନିକଟରେ ରହୁଥିବା ଅଭିଜିତ ନାୟକ(୨୨), ଲକ୍ଷ୍ମୀ ମାର୍କେଟର ରୋହିତୋଷ କୁଲିଆ(୨୪) ଏବଂ ସେକ୍ଟର-୧୫ ଅଞ୍ଚଳର ଅଜିତ ମୁଣ୍ଡା(୨୬)। ସେମାନଙ୍କଠାରୁ ଫରେନ୍ସିକ ପ୍ରମାଣ ପାଇଁ ସ୍କ୍ରିନ୍‌ସର୍ଟ, ବ୍ୟାଙ୍କ ଆକାଉଣ୍ଟ କାଗଜ, ଯୋଗାଯୋଗ ତାଲିକା, ମୋବାଇଲ ମ୍ୟାପ୍ ଆଦି ସାଇବର ପ୍ରମାଣ ସହ ୫ଟି ମୋବାଇଲ ଜବତ କରାଯାଇଛି। ପୋଲିସ ଏହି ଘଟଣାର କିଙ୍ଗପିନ୍‌ଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏ ନେଇ ଏକ ମାମଲା (ନଂ.୨୧୧/୨୫) ରୁଜୁ ହୋଇଥିବା ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ସେକ୍ଟର-୭ ଥାନା ପରିସରରେ ଡିଏସ୍‌ପି ଯୋଗେଶ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ସୂଚନା ପ୍ରଦାନ କରି ଡିଏସ୍‌ପି ପଣ୍ଡା କହିଥିଲେ, ଭିଲାଇରେ ରହୁଥିବା କିଙ୍ଗପିନ୍ କେ. ଶ୍ରୀନୁ ରାଓ ନାମକ ବ୍ୟକ୍ତିଙ୍କ ସେକ୍ଟର-୧୬ରେ ରହୁଥିବା ରାହୁଲଙ୍କ ସହ ପରିଚୟ ହୋଇଥିଲା। ଏଥିରେ ଶ୍ରୀନୁ ସରଳ ଓ ସାଧାରଣ ଲୋକଙ୍କ ଆଧାର, ସିମ୍ କାର୍ଡ ଆଦି ସଂଗ୍ରହ କରିବାକୁ ରାହୁଲଙ୍କୁ ପ୍ରଲୋଭନ ଦେଖାଇଥିଲେ। ଏଥିରେ ଏଜେଣ୍ଟ ନିୟୋଜିତ କରି ଅଧିକରୁ ଅଧିକ ସାଧାରଣ ଲୋକଙ୍କ ଡକ୍ୟୁମେଣ୍ଟ ସଂଗ୍ରହ କରିବାକୁ କହିଥିଲେ। ଉକ୍ତ ଏଜେଣ୍ଟମାନେ ଆରମ୍ଭରେ ଶ୍ରୀନୁଙ୍କୁ ୧୦ଟି ଜାଲ୍ ଆକାଉଣ୍ଟ ଦେଇଥିଲେ। ପରେ ଆହୁରି ୩୦ଟି ଆକାଉଣ୍ଟ ଦେଇଥିଲେ। ଯାହାକୁ ବର୍ତ୍ତମାନ ଯାଞ୍ଚ କରାଯାଉଛି। ଉକ୍ତ ଆକାଉଣ୍ଟଗୁଡ଼ିକରେ ଅନ୍ୟ ସ୍ଥାନରୁ ଟଙ୍କା ଜମା କରାଯାଇ ଟ୍ରାଞ୍ଜାକ୍ସନ ହେଉଥିଲା। ଏପରି ସେମାନେ ସାଧାରଣ ଲୋକଙ୍କ ଟାର୍ଗେଟ କରି ଠକୁଥିଲେ। ବ୍ୟାଙ୍କର ନିୟମକୁ ଉଲ୍ଲଂଘନ କରି ଏହି ଠକମାନେ କିଛି ବ୍ୟାଙ୍କ ଏଜେଣ୍ଟ ଏବଂ କର୍ମଚାରୀଙ୍କ ସହଯୋଗରେ ଜାଲ୍ ଆକାଉଣ୍ଟ ଖୋଲୁଥିଲେ। ଏଥିରେ ଅନ୍ୟ ରାଜ୍ୟର ସାଇବର ଗ୍ୟାଙ୍ଗ୍ ସମ୍ପୃକ୍ତ ଅଛନ୍ତି। ଏହାସହ ସାଇବର ଠକ ସିଣ୍ଡିକେଟ୍‌ରେ କାମ ହେଉଥିଲା। ଏହି କାମ ବାବଦରେ ଏଜେଣ୍ଟମାନଙ୍କୁ ମୋଟା କମିଶନ୍ ପ୍ରଲୋଭନ ଦିଆଯାଇଥିଲା। ତେବେ ଏଜେଣ୍ଟମାନେ ଏପର୍ଯ୍ୟନ୍ତ କୌଣସି ଅର୍ଥ ପାଇନାହାନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ତାଲିକା ଲମ୍ବା। ଯଥାଶୀଘ୍ର ଏମାନେ ପୋଲିସ ହାତରେ ଧରାପଡ଼ିବେ। ସର୍ବଭାରତୀୟ ସ୍ତରରେ ଏହି ଠକ ଗ୍ୟାଙ୍ଗ୍‌ର ଖୋଳତାଡ କରାଯାଉଛି। ବାହାର ରାଜ୍ୟର ପୋଲିସ ଅଭିଯୁକ୍ତମାନଙ୍କ ରେକର୍ଡ ଖୋଜୁଛି ବୋଲି ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ରବିନ୍ଦ୍ର ପାତ୍ର, ଏସ୍‌ଆର ଗିରି, ଆର. କେ. ସ୍ୱାଇଁ, ଏଚ୍. ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

## ଟ୍ରେନ୍‌ରୁ ଖସିପଡି ଯୁବକ ମୃତ

ରାଉରକେଲା/ବନ୍ଧମୁଣ୍ଡା,୧୫।୯ (ଦିନେଶ ମିଶ୍ର/ସୁବ୍ରତ ଡେ)

ବନ୍ଧମୁଣ୍ଡା ଜିଆର୍‌ପି ପୋଲିସ ବିସପୁର ରେଲୱେ ଅଣ୍ଡର ଗ୍ରାଉଣ୍ଡ ରୋଡ୍ କଡରୁ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ସୋମବାର ଉଦ୍ଧାର କରିଛି। ତାଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ। ଏ ନେଇ ବନ୍ଧମୁଣ୍ଡା ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁ କରି ଘଟଣାର ଚାଲିଛି। ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ସାଢେ ୩ଟାରେ ବିସପୁର ରେଲୱେ ଅଣ୍ଡର ଗ୍ରାଉଣ୍ଡ ରୋଡ୍ ଉପରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ବନ୍ଧମୁଣ୍ଡା ଚିଫ୍ କଣ୍ଟ୍ରୋଲର ସଲିଲ ଦାସ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ୮ଟା) ମୃତ ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। କୌଣସି ଚଳନ୍ତା ଟ୍ରେନରୁ ଖସି ପଡି ତାଙ୍କର ମୃତ୍ୟୁ ହୋଇଥିବା ଜିଆରପି ପୋଲିସ ଏସ୍‌ଆଇ କୁନ୍ତଳା କିଷାନ ସୂଚନା ଦେଇଛନ୍ତି।

## କଳ୍ପନା ସଭାନେତ୍ରୀ, ଲୀନା ସାଧାରଣ ସମ୍ପାଦିକା



ବୈଠକରେ ଉପସ୍ଥିତ ମହିଳା।

### ମାତୃଶକ୍ତି ଲକ୍ଷ୍ମୀପୂଜା କମିଟି ଗଠିତ

ରାଉରକେଲା,୧୫।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ କମ୍ୟୁନିଟି ସେଣ୍ଟରରେ ସୋମବାର ଷ୍ଟିଲ ଟାଉନଶିପ୍ ଅଞ୍ଚଳରେ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ଗଠିତ ହୋଇଛି। ଏଥିରେ କଳ୍ପନା ଭଞ୍ଜ ସଭାନେତ୍ରୀ, ସଙ୍ଗୀତା ନାୟକ ଓ ଲକ୍ଷ୍ମୀପ୍ରିୟା ଦାସ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ମନୋନୀତ ହୋଇଛନ୍ତି। ସୁଭଦ୍ରା ନାୟକ, ମଧୁସ୍ମିତା ମହନ୍ତ, ସଙ୍ଗୀତା ସିଂ, ଶୁଭଦର୍ଶନୀ ଦାସ, ସପନା ସ୍ୱାଇଁ ଉପସଭାନେତ୍ରୀ, ଲୀନା ନାୟକ ସାଧାରଣ ସମ୍ପାଦିକା, ରଜନୀ ନାୟକ, ମମତା ମହାପାତ୍ର, ରୀତା ଦେବୀ, ମାନିନୀ ଜେନା, ସସ୍ମିତା ସାମଲ ଯୁଗ୍ମ ସମ୍ପାଦିକା ଏବଂ ମମତା ଜେନା କୋଷାଧ୍ୟକ୍ଷା ରହିଛନ୍ତି। ସେହିପରି ଅନ୍ନପୂର୍ଣ୍ଣା ମାହାନ୍ତି ସଂଯୋଜିକା, ସଂଯୁକ୍ତା ପାତ୍ର ସାଂସ୍କୃତିକ ସମ୍ପାଦିକା, ରାଜଶ୍ରୀ ପ୍ରଧାନ ଯୁଗ୍ମ ସାଂସ୍କୃତିକ ସମ୍ପାଦିକା ଏବଂ ନମୀତା ସାହୁ ଲୋକସମ୍ପର୍କ ସଂଯୋଜିକା ଭାବେ ମନୋନୀତ ହୋଇଛନ୍ତି। ୪ ଜଣିଆ କାର୍ଯ୍ୟକାରୀ ସଦସ୍ୟ ଭାବେ ହେମଲତା ପ୍ରସାଦ, ପ୍ରୀତିରାଣୀ ରାଉତ, ମାଳତୀ ନାୟକ ଓ ଅମିତା ମହାରଣା ରହିଛନ୍ତି। ଏହି କମିଟି ପକ୍ଷରୁ ଚଳିତବର୍ଷ ସେକ୍ଟର-୭ ଦୁର୍ଗାପୂଜା ପଡିଆରେ ଲକ୍ଷ୍ମୀପୂଜା ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

## ୧୦ ବେକେରିରେ ଚଢାଉ, ନମୁନା ଯାଞ୍ଚ

ରାଉରକେଲା,୧୫।୯(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଖାଦ୍ୟ ବିଭାଗ ପକ୍ଷରୁ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସହରରେ ଥିବା ବିଭିନ୍ନ ବେକେରିରେ ସୋମବାର ଚଢାଉ କରାଯାଇଥିଲା। ଏହି ସମୟରେ ଖାଦ୍ୟ ନମୂନା ସଂଗ୍ରହ କରାଯାଇଥିଲା। ସେଗୁଡିକୁ ସୁରକ୍ଷା ମାନଦଣ୍ଡ ସହିତ ଅନୁପାଳନ ଯାଞ୍ଚ କରିବା ଓ ଗୁଣବତ୍ତା ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଥିଲା। ବେକେରିୟୁନିଟ୍ ଗୁଡିକୁ ଲେଭଲିଂ ନିୟମ ଯଥା ଉପାଦାନ ଗୁଡିକର ସଠିକ ଉଲ୍ଲେଖ, ଉତ୍ପାଦନ ତାରିଖ ଓ ମୂଲ୍ୟ ଉଲ୍ଲେଖ କରିବାକୁ ଆରଏମ୍‌ସି ଖାଦ୍ୟ ନିରୀକ୍ଷକ ସ୍ୱାଗତିକା ବେହେରା ନିର୍ଦ୍ଦେଶ ଦେଇଥିଲେ। ରାଉରକେଲା ସହରରେ ଥିବା ଓରାମପଡା, ସିଭିଲଯାଉନଶିପ୍, ପାନପୋଷ ଭଳି ପ୍ରାୟ ୧୦ଟି ବେକେରିରେ ଏହି ଯାଞ୍ଚ କରାଯାଇଥିଲା। ପ୍ରସ୍ତୁତ ହେଉଥିବା ପାଉଁରୁଟି, ବହୁ କିସମର ବିସ୍କୁଟ ଓ କେକ୍ ଭଳି ସାମଗ୍ରୀ ଗୁଡିକର ପ୍ରସ୍ତୁତି ଦିଗ ଉପରେ ଉଚିତ ଧ୍ୟାନ ଓ ଏହାର ଏକ୍ସପାଏରି ସହ ମାନ ବଜାୟ ରଖିବାକୁ ବେହେରା କହିଥିଲେ। ଏହି ଅବସରରେ ଖିଲାପ କରୁଥିବା ୟୁନିଟ୍ ଗୁଡିକୁ ନୋଟିସ ଜାରି କରାଯାଇଥିଲା। ଆରଏମ୍‌ସି ପକ୍ଷରୁ ରାଉରକେଲାବାସୀଙ୍କ ପାଇଁ ନିରାପଦ, ପରିଷ୍କାର ଓ ଗୁଣାତ୍ମକ ଖାଦ୍ୟ ସୁନିଶ୍ଚିତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସହ ଅଧିକାରୀ ମୋନାଲିସା ଟୋପୋ, ଦିବ୍ୟା ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ବର୍ଷ ବିତିଲା, ମିଳିଲାନି ସହାୟତା

ରାଉରକେଲା,୧୫।୯(ସଙ୍ଗୀତା ଜେନା)

### ହାତୀ ଉପଦ୍ରବରେ ଭାଙ୍ଗିଥିଲା ଘର

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବଢୁଛି। ଏଥିଯୋଗୁ କିଛି କ୍ଷତିଗ୍ରସ୍ତ ପରିବାର କ୍ଷତିପୂରଣ ପାଉଥିବା ବେଳେ ଅନେକ ବଞ୍ଚିତ ହେଉଛନ୍ତି। ବର୍ଷ ବର୍ଷ ଧରି ହାତୀ ଦ୍ୱାରା ପ୍ରଭାବିତ କିଛି ସୀମାନ୍ତ ବାସିନ୍ଦା ଏବେ ମଧ୍ୟ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କେବଳ ତଦନ୍ତରେ ସୀମିତ ଥିବା ଜଣାପଡ଼ିଛି।

ରାଉରକେଲାଠାରୁ ପ୍ରାୟ ୨୦ କିମି ଦୂର ନୂଆଗାଁ ବ୍ଲକ ଅଧୀନ କର୍କଟନାସା ଗ୍ରାମରେ ରହୁଛନ୍ତି ଭୀମସେନ ସୋରେଙ୍ଗ(୬୫)। ୩ ବର୍ଷ ତଳେ ହାତୀ ତାଙ୍କ ଘର ଭାଙ୍ଗି ଦେଇଥିଲା। ସେ ଦିନ ମଜୁରି କରି ପେଟ ପୋଷୁଥିବାବେଳେ ଘର ମରାମତି କରି ନ ପାରି ଭଙ୍ଗାଦଦରା ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ବୟସାଧିକ୍ୟ ଯୋଗୁ ରୋଷେଇ କରି ଖାଇବାକୁ ସକ୍ଷମ ନୁହଁନ୍ତି। ଏଣୁ ସେ ଗ୍ରାମବାସୀଙ୍କ ଉପରେ ନିର୍ଭର କରୁଛନ୍ତି। ଘର ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଖଣ୍ଡିଏ ଘର, ବାର୍ଦ୍ଧକ୍ୟ ଭତ୍ତା ସାଙ୍ଗକୁ ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ଯୋଗାଇ ଦେଲେ ଭଲ ହୁଅନ୍ତା ବୋଲି ଭୀମସେନ କହିଛନ୍ତି। ବର୍ତ୍ତମାନ ଭଙ୍ଗା ଘର, ଅନ୍ଧକାର ଯୋଗୁ ସରିସୃପ ତଥା ହାତୀ ଭୟ ରହୁଛି। ରାଶନ କାର୍ଡରେ ୫ କେଜି ଚାଉଳ ହିଁ ତାଙ୍କର ସାହା। ସରକାର ତାଙ୍କର ଦି ମୁଠା ଖାଇବା ଓ ମୁଣ୍ଡ ଗୁଞ୍ଜିବାକୁ ସୁରକ୍ଷିତ ଛାତ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ଜ୍ୟୋତି ବିକାଶ ଦାସଙ୍କ ପଚରାଯିବାରୁ ସେ କହିଲେ, ବୃଦ୍ଧଙ୍କ ଆବେଦନ ଉପରେ ଆମେ ଅବଗତ ଅଛୁ। ତାଙ୍କର ସାମ୍ପ୍ରତିକ ସ୍ଥିତି ଉପରେ ଅନୁଧ୍ୟାନ ଓ ଯାଞ୍ଚ କରାଯାଇ ତାଙ୍କୁ ଯଥାଶୀଘ୍ର ସମସ୍ତ ପ୍ରକାର ସରକାରୀ ସୁବିଧା ପ୍ରଦାନ କରାଯିବ ବୋଲି ସେ କହିଥିଲେ।



ଭଙ୍ଗାରୁଜା ଘରେ ବୃଦ୍ଧ ଭୀମସେନ।

## ବିଶ୍ୱକର୍ମା ପୂଜା ପାଇଁ ବଜାର ଚଳଚଞ୍ଚଳ

ରାଉରକେଲା,୧୫।୯(ବିପ୍ଳବ ରଞ୍ଜନ ଦାଶ)

ବିଶ୍ୱକର୍ମା ପୂଜାକୁ ଆଉ ମାତ୍ର ଗୋଟିଏ ଦିନ ରହିଲା। ଏଥିପାଇଁ ଇସ୍ପାତ ସହର ରାଉରକେଲାରେ ପୂଜା ସାମଗ୍ରୀ, ମିଠା, ପୋଷାକ, ସାଜସଜ୍ଜା ସାମଗ୍ରୀ ସହିତ ମୂର୍ତ୍ତି ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଚଳିତ ବର୍ଷ କୋଲକାତାରୁ କାରିଗର ଆସି ଛୋଟ ବଡ଼ ଆକାରର ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରିଛନ୍ତି। ସେହିପରି ରାଉରକେଲାର ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବିସ୍ରା ଛକ, ବାସନ୍ତୀ କଲୋନି ମାର୍କେଟ, ଏସ୍‌ଟିଆଇ ମାର୍କେଟ, ପାନପୋଷ ମାର୍କେଟ, ତରକେରା ଦେବଗାଁ ମାର୍କେଟ, ଇସ୍ପାତ ମାର୍କେଟ, ଗଜପତି ମାର୍କେଟ, ଛେଣ୍ଡ ମାର୍କେଟରେ ପୂଜା ପାଇଁ ଗହଳି ଲାଗିଛି। ମିଠା ଏବଂ ସାଜସଜ୍ଜା ଦୋକାନରେ ଲୋକମାନଙ୍କ ପ୍ରବଳ ଭିଡ଼ ହେଉଛି। ଏଥର ବଜାରରେ ୨୦୦ ଟଙ୍କାରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ମୂର୍ତ୍ତି ବିକ୍ରି ହେଉଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସମେତ ଶିଳ୍ପାଞ୍ଚଳ, ଆଇଡିସି ଶିଳ୍ପାଞ୍ଚଳ, ଜେଲ୍ ରୋଡ୍ ଶିଳ୍ପାଞ୍ଚଳରେ ଥିବା କାରଖାନାଗୁଡ଼ିକରେ ବିଶ୍ୱକର୍ମା ପୂଜା ପାଇଁ ମଣ୍ଡପ ତିଆରି କରାଯାଇ ରଙ୍ଗୀନ ଆଲୋକରେ ସଜାଯାଇଥିବା ଦେଖିବାକୁ ମିଳିଛି।



ରାଉରକେଲା ସହରରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ବିକ୍ରି ହେଉଛି।

## କାର୍ଯ୍ୟସ୍ଥଳୀରେ ଚାପ ପରିଚାଳନା ଆଲୋଚନାଚକ୍ର

ରାଉରକେଲା, ୧୫।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସହଯୋଗରେ କାର୍ଯ୍ୟସ୍ଥଳୀରେ ଚାପ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟର ସମସ୍ତ ବର୍ଗର କର୍ମଚାରୀ ଉପକୃତ ହେବେ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ୱାଇଆରସି ସଂଯୋଜିକା ଡ. ସ୍ମୃତି ସ୍ନିଗ୍ଧା ମିଶ୍ର, ବାସୁଦେବ ମାଝି ଏବଂ ଡ. ପ୍ରିୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଜିଏଚ୍ ସହରୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମନୋଚିକିତ୍ସକ ମନୋରଞ୍ଜନ ନାୟକ ଆତ୍ମହତ୍ୟା ପ୍ରବଣତା ଓ ଆତ୍ମହତ୍ୟା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରି ଏଥିରୁ ବର୍ତ୍ତିବାର ଉପାୟ ସମ୍ପର୍କରେ କହିଥିଲେ। ସହରୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୋଷ୍ଠୀ ପର୍ଯ୍ୟବେକ୍ଷକ ସତ୍ୟନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## କଣ୍ଡକ୍ଟର ତାର ଚୋରି, ୩ ଗିରଫ

ରାଉରକେଲା,୧୫।୯(ସଙ୍ଗୀତା ଜେନା): ରଘୁନାଥପାଲୀ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡି ଅଞ୍ଚଳରେ ଗତ ୬ ତାରିଖ ବିଳମ୍ବିତ ରାତିରେ ଘରୋଇ କମ୍ପାନୀ ମା' ଦୁର୍ଗା ଇଞ୍ଜିନିୟରିଂ ଆଣ୍ଡ ଆସୋସିଏଟ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ରୁ ଲକ୍ଷାଧିକ ଟଙ୍କା ମୂଲ୍ୟର କଣ୍ଡକ୍ଟର ତାର ଚୋରି ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଗତ ୧୩ ତାରିଖରେ ସ୍ମୃତିରଞ୍ଜନ ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୧୩/୨୫) ରୁଜୁ କରି ସୋମବାର ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦେଓଗାଁ ନେପାଳୀ ବସ୍ତିର କିଷନ ବ୍ୟାସ(୨୮), ଦେଓଗାଁର ସଞ୍ଜୟ ବେହେରା(୨୯) ଓ ଲୋହାର ବସ୍ତିର କରମପାଲ ଲୋହାର(୪୯)। ସେମାନଙ୍କ ନିକଟରୁ ୧ଶହ ମିଟର କଣ୍ଡକ୍ଟର ତାର ଜବତ ହୋଇଛି। ପୂର୍ବରୁ କିଷନଙ୍କ ବିରୋଧରେ ଟାଙ୍ଗରପାଲୀ ଥାନାରେ ୩ଟି, ସଞ୍ଜୟଙ୍କ ବିରୋଧରେ ୫ଟି ଏବଂ କରମପାଳଙ୍କ ବିରୋଧରେ ରଘୁନାଥପାଲୀ ଥାନାରେ ୨ଟି ଆପରାଧିକ ମାମଲା ରହିଛି। ସେମାନଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି।

## ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ୍ ଜାମ୍

ରାଉରକେଲା,୧୫।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଡେଲି ମାର୍କେଟ-ପାନପୋଷ ୧୦ କି.ମି ରାସ୍ତାରେ ଯାନବାହନଗୁଡିକ ଅବୈଧ ପାର୍କିଂ କରିବା ଯୋଗୁ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ୍ ହେଉଛି। ଫଳରେ ଲୋକେ ଜରୁରୀ କାର୍ଯ୍ୟରେ ଯିବାବେଳେ ସମସ୍ୟା ଭୋଗୁଛନ୍ତି। ଛାତ୍ରୀଛାତ୍ରଙ୍କ ସ୍କୁଲ, କଲେଜକୁ ଯିବାରେ ବିଳମ୍ବ ହେଉଛି।

ଡେଲି ମାର୍କେଟ-ପାନପୋଷ ରାସ୍ତାକଡ଼ରେ ଡେଲିମାର୍କେଟ ଛକ, ଉଦିତନଗର ଛକ, ଏସ୍‌ଟିଆଇ ଛକ, ଆଇଟିଆଇ ଛକ, ପାନପୋଷ ଛକ ଓ ସିଟିଆଇ ଭଳି ଜନବହୁଳ ଛକ ରହିଛି। ଏଥିସହ ସରକାରୀ ସ୍ୱୟଂଶାସିତ କଲେଜ ଭଳି ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଜେଏମ୍‌ଏଫ୍‌ସି କୋର୍ଟ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟୋଜନ ଅଫିସ ସମେତ ଜିଏସ୍‌ଟି ଅଫିସ, ରାଉରକେଲା ସରକାରୀ ଡାକ୍ତରଖାନା, ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ପରିବହନ ବିଭାଗ, ଶ୍ରମ ବିଭାଗ, ଉଦ୍ୟୋଗ ଶିଳ୍ପକେନ୍ଦ୍ର, ରଘୁନାଥପାଲୀ ଥାନା ଆଦି ସରକାରୀ ପ୍ରତିଷ୍ଠାନ ସବୁ ରହିଛି। ଫଳରେ ସହରର ୭୦ଭାଗ ଲୋକ, ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମପଞ୍ଚାୟତ ଅଞ୍ଚଳର ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିପରି ଛାତ୍ରୀଛାତ୍ରମାନେ ମଧ୍ୟ ଅଧ୍ୟୟନ ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଦୈନିକ ଯାତାୟାତ କରିଥାନ୍ତି। ମାତ୍ର ଅବୈଧ ଯାନବାହନ ପାର୍କିଂ ଯୋଗୁ ଏହି ରାସ୍ତାରେ ସର୍ବଦା ଟ୍ରାଫିକ୍ ଜାମ୍ ହେଉଛି ଓ ଲୋକମାନଙ୍କୁ ୧ କି.ମି ବାଟ ପାଇଁ ଘଣ୍ଟା ଘଣ୍ଟା ଧରି ଅଟକିବାକୁ ପଡୁଛି। ଏପରିକି ୧୦୮ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାରେ ଏହି ପାର୍କିଂ ଅନ୍ତରାୟ ସୃଷ୍ଟି କରୁଛି। ତେବେ ଯାନବାହନ ପାର୍କିଂ ଟର୍ମିନାଲ ବ୍ୟବସ୍ଥାର ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା କୁହାଯାଉଛି। ପ୍ରକାଶଥାଉକି, ସହର ସଂଲଗ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ପାର୍କିଂ ପାଇଁ ୭ଟି ଟର୍ମିନାଲ ନିର୍ମାଣ କରାଯାଇଥିଲା। ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା ଆର୍‌ଡିଏ ବିଭାଗ ଅଧୀନରେ ଥିବାରୁ ସହରର ଏହି ପ୍ରମୁଖ ରାସ୍ତା ମଧ୍ୟରେ ଦୁଇଚକିଆ ଓ ଚାରିଚକିଆ ଯାନବାହନ ରଖିବା ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଣୁ ଏ ଦିଗରେ ବିଭାଗୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତସିଂହାରଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତାରେ ପାର୍କିଂ ଜନିତ ସମସ୍ୟା ନିଶ୍ଚିତ ଭାବେ ଚିନ୍ତାଜନକ। ଆବଶ୍ୟକ ଭିତ୍ତିଭୂମି ସମସ୍ୟା ପାଇଁ ପଦକ୍ଷେପ ନିଆଯିବା ଜରୁରୀ। ରାସ୍ତା କଡ଼ରେ ଟର୍ମିନାଲ କାର୍ଯ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ ବୋଲି ସେ କହିଥିଲେ।



ଡେଲିମାର୍କେଟ-ପାନପୋଷ ଛକରେ ଟ୍ରାଫିକ୍ ଜାମ୍ ହୋଇଛି।

## ଭାଗନେଲେ ରାଜ୍ୟର ୮୦ ଖେଳାଳି

ରାଉରକେଲା,୧୫।୯(ଦିନେଶ ମିଶ୍ର)

### ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାନପୋଷସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୩ଦିନିଆ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଅଫିସିଆଲ ଅସିତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ଶ୍ରାବଣୀ ନାଏକ ମୁଖ୍ୟ ଅତିଥି, ଗ୍ରୀନ ବୟ ବାଇଟେକ୍ ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶକ ଆଲୋକ ଅଗ୍ରୱାଲ, ଚନ୍ଦ୍ରା ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଟୁର୍ନାମେଣ୍ଟର ଚିଫ୍ ରେଫରୀ ବିଜୟ କୁମାର ବାଗ, ମନୋରଞ୍ଜନ ପଣ୍ଡା, ସୁଦୀପ୍ତ ବିଷୋୟୀ, ଶୁଭମ ନାଏକ, ଶୈଳେନ୍ଦ୍ର ଚୌଧୁରୀ, ଜୟ ପ୍ରକାଶ ସିଂ, ପ୍ରଦୀପ୍ତ ଭୋଇ, ଲକ୍ଷପତି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ବାଳକ ଓ ବାଳିକା ବର୍ଗରେ ରାଜ୍ୟରୁ ପ୍ରାୟ ୮୦ ଜଣ ଖେଳାଳି ଭାଗ ନେଇଥିଲେ। ବ୍ୟାଡମିଣ୍ଟନର ସିଙ୍ଗଲ୍ସ, ଡବଲ୍ସ, ମିକ୍ସ ଡବଲ୍ସ ବର୍ଗରେ ମ୍ୟାଚ୍‌ଗୁଡିକ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗ ସିଙ୍ଗଲ୍ସରେ ବାଲେଶ୍ୱରର ମୟଙ୍କ ଭରଦ୍ୱାଜ ବିଜେତା ଏବଂ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ଉପବିଜେତା ହୋଇଥିଲେ। ବାଳିକା ବିଭାଗ ସିଙ୍ଗଲ୍ସରେ ସୁନ୍ଦରଗଡର ଗୀତାଶ୍ରୀ ଦେ ବିଜେତା ଓ ଭଦ୍ରକର ଜେସିକା ସାହୁ ଉପବିଜେତା ହୋଇଥିଲେ। ମିକ୍ସ ଡବଲ୍ସ ବାଳକ ବିଭାଗରେ କୋରାପୁଟର ଆୟୁଷ ତ୍ରିପାଠୀ ଓ ସମ୍ବଲପୁରର ଅମ୍ବୀକା ମିଶ୍ର ବିଜେତା ହୋଇଥିବାବେଳେ ସମ୍ବଲପୁରର ଜୟକୃଷ୍ଣ ଗଡତିଆ ଓ ଖୋର୍ଦ୍ଧାର ଆଦ୍ୟା ପାଢୀ ଉପବିଜେତା ହୋଇଥିଲେ। ବାଳକ ବିଭାଗ ଡବଲ୍ସରେ ବଲାଙ୍ଗୀରର ଦଭ୍ୟାମ କେଜ୍ରିୱାଲ ଓ ଜୟେଶ ଅଗ୍ରୱାଲ ବିଜେତା ଏବଂ ମୟୂରଭଞ୍ଜର ଶ୍ରୀୟାଂଶ ଜେନା ଓ ଢେଙ୍କାନାଳର ଶୁଭକେତନ ମଲ୍ଲିକ ଉପବିଜେତା ହୋଇଥିଲେ। ସେହିଭଳି ବାଳିକା ବିଭାଗରେ ରାୟଗଡାର ସ୍ୱିଟି ପ୍ରିୟା ପ୍ରଧାନ ଓ ଖୋର୍ଦ୍ଧାର ଆଦ୍ୟା ପାଢୀ ବିଜେତା ହୋଇଥିବାବେଳେ ଭଦ୍ରକର ଜେସିକା ସାହୁ ଓ ଗଞ୍ଜାମର ସୋଫିଆ ପାଢ଼ୀ ଉପବିଜେତା ହୋଇଥିଲେ। ଏହି ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ଟେକ୍ନିକାଲ ଅଫିସିଆଲ ପ୍ରମିତ ମହାନ୍ତି, ସୌମିତ୍ରୀ ପ୍ରସାଦ ଦାସ, ଅମରଦୀପ କୁଜୁର, ଭରତ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ସୁଶାନ୍ତ ମହାନ୍ତି, ଆୟୁଷ ନନ୍ଦ, ଅଂଶୁମାନ ପାତ୍ର, ଅନନ୍ତ ବେହେରା, ଅନୀଲ ଜର୍ଜ, ହେମାନନ୍ଦ ଥପା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ପୁରସ୍କୃତ ଖେଳାଳି।

# ବଲାଙ୍ଗୀର ଜିଲାପାଳଙ୍କ ଅଫିସ ଘେରାଉ



ନଗର କଂଗ୍ରେସ ପକ୍ଷରୁ ବଲାଙ୍ଗୀର ଜିଲାପାଳ ଅଫିସ ଘେରାଉ କରାଯାଇଛି।

■ ଘେରାଉ କଲା ନଗର କଂଗ୍ରେସ

■ ପୌର ପରିଷଦର ଅପାରଗତା, ଦୁର୍ନୀତିର ପ୍ରତିବାଦ

ବଲାଙ୍ଗୀର, ୧୫।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୌରପାଳିକାର ଅପାରଗତା ଏବଂ ଦୁର୍ନୀତି ପ୍ରତିବାଦରେ ସୋମବାର ନଗର କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ନଗର ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ବର୍ଷାଋତୁ ପୂର୍ବରୁ ପୌରପାଳିକା ସହରର ସବୁ ଡ୍ରେନ ଓ ନାଳକୁ ମରାମତି ଓ ସଫେଇ କରିବା କଥା। କିନ୍ତୁ କୌଣସି କାମ ଠିକ୍ ଭାବେ ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଡ୍ରେନ ପାଣି ରାସ୍ତା ଉପରେ ଛୁଟୁଛି ଓ ଗମନାଗମନ ବାଧାପ୍ରାପ୍ତ ହେଉଛି। ସମଲେଶ୍ୱରୀ ମନ୍ଦିର ଭିତରକୁ ଡ୍ରେନ୍ ପାଣି ପଶିଯାଉଛି। ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ପୌରପାଳିକା ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗ ଅଫିସ ଘେରାଓ କରି ବଲାଙ୍ଗୀରବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଗତ କିଛିବର୍ଷ ହେବ ବଲାଙ୍ଗୀର ଟାଉନ ହଲ ପାଇଁ କୋଟି ଟଙ୍କାର ଅନୁଦାନ ଆସିଥିଲେ ମଧ କିଛି ଲାଭ ମିଳିନାହିଁ। ଟାଉନ ହଲରେ ଆଉ କୌଣସି ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁନାହିଁ। ଏହା ପୌରପାଳିକାର ଗେରେଜ ଓ ଅବ୍ୟବହୃତ ଜିନିଷର ଗୋଦାମ ଘର ଭାବେ ବ୍ୟବହାର ହେଉଛି। ଏପରିକି ସହରରେ ଅଡିଟୋରିୟମ ଅଭାବରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସମାବେଶ ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଅଡିଟୋରିୟମରେ କରାଯାଉଛି। ଫଳରେ ମେଡିକାଲ କଲେଜର ଚିକିତ୍ସା ଓ ଶିକ୍ଷଣୀୟ ପରିବେଶ ବାଧାପ୍ରାପ୍ତ ହେଉଛି। ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାମରେ ଅଭିଜ୍ଞତା ନ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିନା ଟେଣ୍ଡରରେ କାର୍ଯ୍ୟାଦେଶ ଦେଇ ଦୁର୍ନୀତି କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନରସିଂହ ମିଶ୍ର ବିଧାୟକ ଥିଲା ସମୟରେ ପୌରପାଳିକା ଉନ୍ନୟନ କାମକୁ ବିରୋଧ କରୁଥିଲା ଏବଂ ଏବେ ଅଫିସ ଘେରାଉ ନାଟକବାଜି ଆରମ୍ଭ କରିଛି ବୋଲି ବକ୍ତାମାନେ ସମାଲୋଚନା କରିଥିଲେ। ଘେରାଉ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଅଜୟ ବାଲି, ସାନନ୍ଦ ମିଶ୍ର, ଅସିତ ମିଶ୍ର, ଚିନ୍ମୟ ବେହେରା, ନିତିଶ ପଧାନ, ବ୍ରଜ ଶେଠୀ, ସୋହନ ନାଏକ, ରିତେଶ ବେଦବାକ, ଆୟୁଷ କର୍ଣ୍ଣ, ଆତ୍ମାରାମ ନାଗ, ପ୍ରେମରାଜ ମାଝି, ଅଭିଜିତ ସିଂ, ବେଲାର, ପ୍ରୀତମ ସୁନା, ଦୀପ୍ତି ରଞ୍ଜନ, ସମୀର, ରିପୁନ ପଧାନ, ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ନଗର କଂଗ୍ରେସର ଅଭିଯୋଗକୁ ଖଣ୍ଡନ କଲେ ପୌରାଧ୍ୟକ୍ଷା

ବଲାଙ୍ଗୀର, ୧୫।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ପୌରପାଳିକା ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ପୌରାଧ୍ୟକ୍ଷା ଲିକା ସାହୁ ଖଣ୍ଡନ କରିଛନ୍ତି। ଏକ ପ୍ରେସ୍‌ରିଲିଜରେ ସେ ଓଲଟା ଅଭିଯୋଗ କରି କହିଛନ୍ତି, କଂଗ୍ରେସ ବିଧାୟକ ଥିବା ସମୟରେ ବଲାଙ୍ଗୀର ସହରବାସୀ ବଡ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଲକ୍ଷ୍ମୀସାଗର ପ୍ରକଳ୍ପରେ ନିମ୍ନମାନର କାର୍ଯ୍ୟ କରି ଅନୁଦାନ ଆତ୍ମସାତ ଅଭିଯୋଗ ଆସିଛି। ଲକ୍ଷ୍ମୀସାଗର ପ୍ରକଳ୍ପ ଦୁର୍ନୀତି ତଦନ୍ତ କରାଗଲେ ଅନେକ ଲୋକ ଦୋଷୀ ସାବ୍ୟସ୍ତ ହେବେ ବୋଲି କହିଛନ୍ତି। କଂଗ୍ରେସ ବିଧାୟକ ତାଙ୍କ ୧୦ବର୍ଷ କାର୍ଯ୍ୟକାଳ ମଧ୍ୟରେ ରାଜରାସ୍ତାରେ ଜମିଥିବା ପାଣି ନିଷ୍କାସନ ପାଇଁ କ'ଣ କରିଥିଲେ ବୋଲି ପ୍ରଶ୍ନ କରିଛନ୍ତି। କଳିକେଶ ନାରାୟଣ ସିଂହଦେଓ ବିଧାୟକ ହେବା ପରେ ତାଙ୍କରି ପ୍ରଚେଷ୍ଟାରେ ବଲାଙ୍ଗୀର ସହରର ମୁଖ୍ୟ ରାସ୍ତା ଡ୍ରେନେଜ ବ୍ୟବସ୍ଥା ସୁଧାର ପାଇଁ ମାଷ୍ଟରପ୍ଲାନ କରାଯାଇ ୧୦ କୋଟି ଟଙ୍କାର ଅନୁଦାନ ପୂର୍ତ୍ତ ବିଭାଗକୁ ଆଣିଥିବାବେଳେ ଟେଣ୍ଡର ସରିଛି ଠିକା ସଂସ୍ଥା କାର୍ଯ୍ୟାଦେଶ ପାଇସାରିଛି। ବିଭାଗୀୟ ମନ୍ତ୍ରୀ ମଧ୍ୟ ଗତ ୩ ସେପ୍ଟେମ୍ବରରେ ମିଳିସାରିଛିଲେ ବୋଲି କହିଛନ୍ତି।

# ୩ ଦଫା ଦାବି ନେଇ ଆନ୍ଦୋଳନ



ଲାଠୋର କଲେଜ ଛକଠାରେ ଆନ୍ଦୋଳନକାରୀମାନେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଲାଠୋର, ୧୫।୯ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ସୋମବାର ମୁଖ୍ୟ ୩ଟି ସମସ୍ୟାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଉକ୍ତ ୩ଟି ସମସ୍ୟା ମଧ୍ୟରେ ଲାଠୋର ଗ୍ରାମର ରେଳ ଫାଟକଠାରେ ଓଭରବ୍ରିଜ ନିର୍ମାଣ କରିବା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ଏବଂ ଲାଠୋର ଗ୍ରାମକୁ ଏନଏସି ଘୋଷଣା କରିବା ଆଦି ରହିଛି। ଏଲଡିଏ ସଙ୍ଗଠନର ପ୍ରତିଷ୍ଠାତା ଲବ ସୁନାଙ୍କ ନେତୃତ୍ୱରେ ଗ୍ରାମର ବିଭିନ୍ନ ସଙ୍ଗଠନ ଆନ୍ଦୋଳନରେ ସାମିଲ ହୋଇଥିଲେ। ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆନ୍ଦୋଳନକୁ ସମର୍ଥନ କରି ସାମିଲ ହୋଇଥିଲେ। ପ୍ରଥମେ କଲେଜ ଛକଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ଦୋକାନ, ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ବନ୍ଦ କରିବା ସହ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ। ପରେ କଲେଜ ଛକଠାରେ ଏକ ସଭାର ଆୟୋଜନ କରି ରାସ୍ତାରୋକୋ କରାଯାଇଥିଲା। ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଜରିଆରେ ୩ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା, ସହନଶୀଳତା ଗୁଣ ଦେଇଥାଏ

## କାନୁଟ ହାଇସ୍କୁଲରେ ଜୋନସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ



କାନୁଟ ହାଇସ୍କୁଲରେ ଜୋନସ୍ତରୀୟ ଖେଳ ପ୍ରତିଯୋଗିତାରେ ଜଣେ ଛାତ୍ର ଗୋଲା ଫିଙ୍ଗୁଛନ୍ତି।

ବେଲପଡ଼ା, ୧୫।୯ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ କାନୁଟ ହାଇସ୍କୁଲରେ ଜୋନସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ କାନୁଟ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ୟାମକୁମାର କୁଅଁରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ପ୍ରମୋଦ ଠାକୁର କ୍ରୀଡା ସମ୍ପାଦକ, ସମ୍ମାନିତ ଅତିଥି ଭାବେ ନୁନହାଡ଼ ରାଜୀବ ଗାନ୍ଧୀ ହାଇସ୍କୁଲ ପ୍ରଧାନଶିକ୍ଷକ କ୍ଷୀରେଶ୍ୱର ପଶାୟତ ଯୋଗଦେଇଥିଲେ। କ୍ରୀଡ଼ା ସହ ଶିକ୍ଷା ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ କହିବା ସହ କ୍ରୀଡାରେ ଖେଳାଳିମାନଙ୍କ ଶୃଙ୍ଖଳାଜ୍ଞାନ ସହ ସହନଶୀଳତା ଗୁଣ ବଢ଼ିଥାଏ ବୋଲି କହିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କାନୁଟ ଜୋନର ୧୦ଟି ହାଇସ୍କୁଲରୁ ପ୍ରାୟ ୧୦୦ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ଖେଳ ପ୍ରତିଯୋଗିତାରେ ତଥା ଲମ୍ଫ ଡିଆଁ, ଉଚ୍ଚଡ଼ିଆଁ, ଦୌଡ଼, ଗୋଲା ଫିଙ୍ଗା, ଖୋଖୋ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭଲ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରରେ ଖେଳିବାକୁ ସୁଯୋଗ ଦିଆଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଧିରେନ୍ଦ୍ର କୁମାର ନାଏକ ନେତୃତ୍ୱ ନେଇଥିଲେ। କାନୁଟ ସ୍କୁଲର ଶିକ୍ଷକ, କର୍ମଚାରୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଓଡ଼ିଶା ମୋଟର ଚାଳକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ମୃତ ଡ୍ରାଇଭରଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଗଲା କଲ୍ୟାଣ ବୋର୍ଡର ସହାୟତା





ମୃତ ଡ୍ରାଇଭରଙ୍କ ସ୍ତ୍ରୀ ଗୀତାଞ୍ଜଳି ଜାଲଙ୍କୁ ଡ୍ରାଇଭର କଲ୍ୟାଣ ସଂଘ ପକ୍ଷରୁ ଏକ ଚେକ୍ ପ୍ରଦାନ କରାଯାଉଛି।

ବଲାଙ୍ଗୀର, ୧୫।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ମୋଟର ଚାଳକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଏବଂ ମୋଟର ଚାଳକଙ୍କ ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଶିବିର ରବିବାର ସ୍ଥାନୀୟ ସୁଦପଡ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରାଇଭର କଲ୍ୟାଣ ବୋର୍ଡ ମେମ୍ବର ଅକ୍ଷୟ କୁମାର ନାଏକ, ସାଧାରଣ ସମ୍ପାଦକ ଅରୁଣ ମହାନ୍ତି, ବଲାଙ୍ଗୀର ସଂଘ ସଭାପତି ସତ୍ୟାନନ୍ଦ ପଧାନ, କୋଷାଧ୍ୟକ୍ଷ ସୁବ୍ରତ କୁମାର ଯୋଷୀ, ଆୟୋଜକ ବିଶ୍ୱନାଥ ମିଶ୍ର, ଚନ୍ଦନ ନାଏକ, ପ୍ରମୋଦ ସାହୁ, କୃଷ୍ଣ କଲେତ, ଭୀଷ୍ମ ତାଣ୍ଡି, ପ୍ରମୋଦ ସାହୁ, ଦୁର୍ଗା ପଟେଲ ଓ ଅନ୍ୟମାନେ ଉପସ୍ଥିତ ରହି ସଭାର ସଫଳ ଆୟୋଜନ କରିଥିଲେ। କାର୍ଯ୍ୟକାରିଣୀ ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟରେ ଡ୍ରାଇଭର କଲ୍ୟାଣ ବୋର୍ଡ ଗଠନ କରାଯାଇଥିବାରୁ ଡ୍ରାଇଭରମାନେ ଏହାକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହି କଲ୍ୟାଣ ବୋର୍ଡ ଡ୍ରାଇଭରମାନଙ୍କ ବହୁବିଧ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି ଆଶା କରାଯାଇଛି। ଏହି ଶିବିରରେ ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ସୁରକ୍ଷା ଦିଗରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ବହୁ ଅଭିଜ୍ଞ ଡ୍ରାଇଭର ଟ୍ରାଫିକ ସମସ୍ୟା, ଡ୍ରାଇଭରମାନଙ୍କ ଅସୁବିଧା ଓ ଏହାର ନିରାକରଣ ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ଅବସରରେ ଡ୍ରାଇଭର କଲ୍ୟାଣ ବୋର୍ଡ ପକ୍ଷରୁ ମୃତ ଡ୍ରାଇଭର ଡାକ୍ତର ଜାଲଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଚେକ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ଡ୍ରାଇଭର ଉପସ୍ଥିତ ଥିଲେ।

# ମହୁଲପାଲି ମାଇନର କେନାଲ ରାସ୍ତା ନିର୍ମାଣ ଦାବି

ଲୋଇସିଂହା, ୧୫।୯ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଜଳସେଚନ ବିଭାଗ ସାଲେଭାଟ ସବଡିଭିଜନ ଅନ୍ତର୍ଗତ ମହୁଲପାଲି–ରୋତ କଲେଜ ମାଇନର କେନାଲ ରାସ୍ତା ଅବହେଳିତ ହୋଇ ପଡିଛି। ଏହି ରାସ୍ତାକୁ ପ୍ରଶସ୍ତ ଓ ଉନ୍ନତିକରଣ କରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି। ପ୍ରକାଶଯେ, ବଲାଙ୍ଗୀର ଜଳସେଚନ ବିଭାଗ ସାଲେଭାଟ ସବଡିଭିଜନ ଅନ୍ତର୍ଗତ ଘୁଚେପାଲି ଡ୍ୟାମରୁ ସୋନପୁର ପର୍ଯ୍ୟନ୍ତ ଅଙ୍ଗକେନାଲ ବହିଯାଇଛି। ଆଗଲପୁର ବ୍ଲକ ଛେଲଖାଇ ନିକଟସ୍ଥ ମହୁଲପାଲି ମାଇନର କେନାଲ କଡରେ ଏଯାଏ ରାସ୍ତା ନିର୍ମାଣ ହୋଇପାରିନାହିଁ। ଅଭିଯୋଗ ଅନୁଯାୟୀ ଅନ୍ୟାନ୍ୟ ଅଞ୍ଚଳର ମାଇନର କେନାଲ ରାସ୍ତାଗୁଡିକ ଉନ୍ନତୀକରଣ ହୋଇଥିବାବେଳେ ମହୁଲପାଲି–ରୋତ କଲେଜ ପର୍ଯ୍ୟନ୍ତ ରାସ୍ତାକୁ ଅଣଦେଖା କରାଯାଇଛି। ଫଳରେ ତଦାରଖ ପାଇଁ ଆସୁଥିବା ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କୁ ଏହିବାଟ ଦେଇ ଚାଷଜମିକୁ କୃଷି ଯନ୍ତ୍ରପାତି ନେବା ଆଣିବା କରିବାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅପରପକ୍ଷେ ଆଗଲପୁର ବ୍ଲକ ଛେଲଖାଇ

## ଆଉଟଲେଟ କାମ ସାରିବାକୁ ବିଭାଗର ପଛଘୁଞ୍ଚା ଅଭିଯୋଗ

ଗ୍ରାମର ଚାଷୀମାନେ ପ୍ରତିବର୍ଷ ଜଳକର ଦେବା ସତ୍ତ୍ୱେ ସୁଦ୍ଧା ନିର୍ମାଣାଧୀନ ଛେଲଖାଇ ଆଉଟଲେଟ ନଂ. ୧୫ କାମ ଦୀର୍ଘ ବର୍ଷ ହେଲା ଅଧାପନ୍ତରିଆ ହୋଇପଡିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେହି ଅଞ୍ଚଳର ୨୦ ହେକ୍ଟର ଜମିକୁ ସିଧାସଳଖ ଜଳସେଚନ ହୋଇପାରିବ। ଚାଷୀମାନେ ମରୁଡିରୁ ରକ୍ଷା ପାଇପାରିବେ ବୋଲି ଆଶାବାନ୍ଧିଛନ୍ତି। ଏହି ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଚାଷୀ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଜମି ଅଧିଗ୍ରହଣ ସରିଲା ପରେ ମଧ୍ୟ କେଉଁ ସ୍ୱାର୍ଥରେ ଏହି ପ୍ରକଳ୍ପ ଅଗ୍ରଗତି କରିବାରେ ବିଭାଗ ପକ୍ଷରୁ ପଛଘୁଞ୍ଚା ଦିଆଯାଉଛି। କାମରେ ବାଧକ ସୃଷ୍ଟି ହେଉଛି ତେବେ ଆଉଟଲେଟରେ ବ୍ୟୟ ଅନୁଦାନ ଟଙ୍କାର ବିଭାଗ ନିକଟରୁ ରିକୋଭରି କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ମହୁଲପାଲି ମାଇନର କେନାଲ ରାସ୍ତା ନିର୍ମାଣ ସାଙ୍ଗକୁ ଛେଲଖାଇ ୧୫ ନଂ. ଆଉଟଲେଟ କାମ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।

# ଛାତ୍ରୀ ସ୍ୱୟଂରକ୍ଷା ପ୍ରଶିକ୍ଷଣ ଶିବିର

ଗୁଡଭେଲା, ୧୫।୯ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ତୋଷାଳୀ ବିଦ୍ୟାମନ୍ଦିରରେ ଛାତ୍ରୀମାନଙ୍କ ପାଇଁ ଦୁଇଦିନିଆ ସ୍ୱୟଂରକ୍ଷା ପ୍ରଶିକ୍ଷଣ ଶିବିରର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷିକା ଅଭିନନ୍ଦା ସରାଫ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୬୫ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିବିରରେ ଛାତ୍ରୀମାନଙ୍କୁ ସହଜ ଓ ପ୍ରାୟୋଗିକ ଉପାୟରେ ସ୍ୱୟଂରକ୍ଷାର ବିଭିନ୍ନ କୌଶଳ ଶିଖାଯାଇଥିଲା। ଅପରିହାର୍ଯ୍ୟ ପରିସ୍ଥିତିରେ କିପରି ସଚେତନ ଓ ସାହସୀ ହୋଇ ନିଜକୁ ସୁରକ୍ଷିତ କରିପାରିବେ ଛାତ୍ରୀମାନେ ତାହାର ଅଭ୍ୟାସ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଶ୍ୟାମସୁନ୍ଦର ପଧାନ, ହେମନ୍ତ କୁମାର ସାହୁ, ଦେବାଶିଷ ମହାପାତ୍ର, ପ୍ରଶିକ୍ଷିକା ଅଭିନନ୍ଦା ସରାଫଙ୍କୁ ସମ୍ମାନିତ କରାଯାଇଥିଲା।

# ବଲାଙ୍ଗୀରରେ ଇଞ୍ଜିନିୟରିଂ ଦିବସ ପାଳିତ



ବଲାଙ୍ଗୀର ଇଞ୍ଜିନିୟରିଂ କନ୍‌ଟ୍ରାକ୍ଟର ସଂଘ ପକ୍ଷରୁ ଇଞ୍ଜିନିୟର ଡେ ପାଳନ ବେଳେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର, ୧୫।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଇଞ୍ଜିନିୟରିଂ କନ୍‌ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ସୋମବାର ଇଞ୍ଜିନିୟରିଂ ଦିବସ ପାଳନ କରାଯାଇଛି। ଏହି ଅବସରରେ କନ୍‌ଟ୍ରାକ୍ଟରମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଦିଗରେ ସଂଘ କିଭଳି ପଦକ୍ଷେପ ନେବ ସେନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ କାମର ମାନରକ୍ଷା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ପୂର୍ବରୁ ବଲାଙ୍ଗୀର ଇଞ୍ଜିନିୟରିଂ କନ୍‌ଟ୍ରାକ୍ଟର ଆସୋସିଏଶନ୍ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ସ୍ୱସ୍ତିକ ହୋତା, ଉପସଭାପତି ଭାବେ ଆମୋଦ ଡାଙ୍ଗ, ସମ୍ପାଦକ ଭାବେ ଗୁଞ୍ଜୀ ଖାନ ଓ ଆଶିଷ ଦୋରା, ସହସମ୍ପାଦକ ଭାବେ ଅଂଶୁମାନ ଉଦ୍‌ଗାତା, କୋଷାଧ୍ୟକ୍ଷ ଭାବେ ଶୁଭମ୍ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଏହି ବୈଠକରେ ବଲାଙ୍ଗୀର ମ୍ୟୁନିସିପାଲଟି ତଥା ବଲାଙ୍ଗୀର ଜିଲାର ବିଭିନ୍ନ ଗ୍ରାମପଞ୍ଚାୟତ ଏବଂ ଏନ୍‌ଏସିରୁ ଇଞ୍ଜିନିୟରିଂ କନ୍‌ଟ୍ରାକ୍ଟର ଜୟନ୍ତ ସାହୁ, ବାସୁ ଅଗ୍ରୱାଲ, ଜେ. ଶତପଥୀ, ସୁଶାନ୍ତ ପଟେଲ, ଶ୍ରୀମନ୍ତ ନାୟକ, ମୁକେଶ ସା, ଜୟକୃଷ୍ଣ ପଟ୍ଟନାୟକ, ସମ୍ବିତ ପତି, ରଞ୍ଜନ କୁମାର ବାଗ, ଲଳିତ ପ୍ରଧାନ, ଦୀପକ ପଣ୍ଡା, ସୋମନାଥ ବେହେରା ଆସି ଯୋଗଦାନ କରିଥିଲେ।

# ଦେଓଗାଁ, କୁତୁର୍ଲା କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, ୧୫।୯ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଯୁକ୍ତଦୁଇ ଓ କୁତୁର୍ଲା ଧୃବଆନନ୍ଦ କଲେଜରେ ସୋମବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ କଲେଜରେ ଅଧ୍ୟକ୍ଷ ଉପମନ୍ୟୁ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ସାହୁ ଓ ଜିଲା ଏଡ୍‌ସ ନିୟନ୍ତ୍ରଣ ଶାଖାର ଅଧିକାରୀମାନେ ଯୋଗଦେଇଥିଲେ। ଏଡ୍‌ସ ରୋଗର ଭୟାବହତା ଓ ସତର୍କତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପିଜିଟି ଶିକ୍ଷୟିତ୍ରୀ ରୀନା ରଣା, କାଞ୍ଚନ ମୁର୍ମୁ, ଅମିଶା ପୁଟେଲଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ୟୁଥ ରେଡ୍‌କ୍ରସ ଅଧିକାରୀ ସନ୍ତୋଷ କୁମାର ଜାନୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁତୁର୍ଲା ଧୃବାନନ୍ଦ କଲେଜରେ ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପ୍ରୋଗ୍ରାମ ଅଧିକାରୀ ହେମନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ହେମନ୍ତ କୁମାର ସାହୁ, ବଳରାମ ପଧାନ, ମଙ୍ଗଳ ସାହୁ, କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ନିଜ ଦେଶ ତଥା ଅଞ୍ଚଳକୁ ଏଡ୍‌ସ ରୋଗମୁକ୍ତ କରିବା ପାଇଁ ଆହ୍ୱାନ ଦେବା ସହ ଏଡସ ବ୍ୟାପିବାର ବିଭିନ୍ନ ଦିଗ ଉପରେ ଅବଗତ କରି ଏଦିଗରେ ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।





ଦେଓଗାଁ ବ୍ଲକ କୁତୁର୍ଲା ଧୃବାନନ୍ଦ କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଟିଟିଲାଗଡ଼ ଜିଲା ଗଠନ ଦାବି ତେଜିଲା

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ କ୍ରିୟାନୁଷ୍ଠାନ କମିଟି

ଟିଟିଲାଗଡ଼, ୧୫।୯ (ଶରତ ମିଶ୍ର)

ଟିଟିଲାଗଡ଼ ଜିଲା ଗଠନ ଦାବି ତେଜିବାରେ ଲାଗିଛି। ଏହି ଦାବିକୁ ଅଧିକ ଶାଣିତ କରିବା ପାଇଁ ନିଷ୍ପତ୍ତି ନେଇଛି ଟିଟିଲାଗଡ଼ ଜିଲା କ୍ରିୟାନୁଷ୍ଠାନ କମିଟି। ସୋମବାର ସ୍ଥାନୀୟ ବାର୍ ସଂଘ ସଭାଗୃହରେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ଆଇନଜୀବୀ ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଏ ନେଇ ନୀତିଗତ ନିଷ୍ପତ୍ତି ନେଇଛି। ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଜୈନ, ନାଗରିକ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୁରିବାହାଲ ବାର ସଂଘ ସଭାପତି ଜିତେନ ହାତୀ, ପୂର୍ବତନ ନଗରପାଳ ଭବାନୀ ପ୍ରସାଦ ହୋତା, ସନ୍ତୋଷ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ସମେତ ଅଞ୍ଚଳର ବିଭିନ୍ନ ରାଜନୈତିକ, ସାମାଜିକ ସଙ୍ଗଠନ ସଦସ୍ୟ ଯୋଗଦେଇଥିଲେ।

ପୂର୍ବ ସରକାର ସମୟରେ ଜିଲା ଦାବିକୁ ନେଇ ଅଞ୍ଚଳବାସୀ ବନ୍ଦ, ରାସ୍ତାରୋକୋ, ଧାରଣା ଦେଇ ଦାବି ଜଣାଇ ଆସିଥିଲେ। ହେଲେ ଏଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ବର୍ତ୍ତମାନର ଭାଜପା ସରକାର ରାଜ୍ୟରେ ନୂତନ ପଞ୍ଚାୟତ, ବ୍ଲକ, ଜିଲା ଆଦି ଗଠନ ନେଇ ସଙ୍କେତ ଦେଇଛନ୍ତି। ଏଭଳିସ୍ଥଳେ ଜିଲା ଗଠନ ପାଇଁ ସମସ୍ତ ପରିବେଶ ଥିବାରୁ ଟିଟିଲାଗଡ଼କୁ ଏଥିରେ ସାମିଲ କରିବାକୁ ବୈଠକରେ ଦାବି କରାଯାଇଥିଲା। ଅନ୍ୟଥା ପୂର୍ବ ଭଳି ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ସଭାରେ ଉପସ୍ଥିତ ରାଜନେତା ଓ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସାକ୍ଷାତ୍‌କରି ଦାବି ସମ୍ପର୍କରେ ଅବଗତ କରିବାକୁ ବିଧାୟକ ଜୈନ ବୈଠକରେ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବୈଠକରେ ସମ୍ମତି ପ୍ରକାଶ ପାଇଥିଲା। ଶେଷରେ ଯୁଗ୍ମ ଆବାହକ ମହେଶ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। ଚାମ୍ବର ଅଫ କମର୍ସ ସଭାପତି ଈଶ୍ୱର ଜୈନ, ସମାଜସେବିକା ଅଞ୍ଜଳି ବେହେରା, ଲଳିତା ଲାଠ, ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡ଼ୟୁଆଡ଼, ଶୁଣ୍ଢି ସମାଜ ସଭାପତି ଦୟା ବେହେରା, ବ୍ରାହ୍ମଣ ସମାଜ ପ୍ରତିନିଧି ଚିନ୍ତାମଣୀ ମହାପାତ୍ର, ଅଗ୍ରୱାଲ ସଭା ସଚିବ ସଞ୍ଜୟ ବଂଶଲ, ରୋଟାରି କ୍ଲବ ପ୍ରତିନିଧି ମହେଶ ଇନ୍ଦୋରିଆ, କଂଗ୍ରେସ ନେତା ଡମ୍ବରୁ ଛତ୍ରିଆ, ବୀରେନ୍ଦ୍ର ବାଗ, ରଞ୍ଜନ ଦାଶ, ନଗର ଭାଜପା ସଭାପତି ସୁନୀଲ ଆଚାର୍ଯ୍ୟ, ବିକାଶ ସେନା ସଭାପତି ଇଂ. ଅମ୍ଳାନ ଷଡ଼ଙ୍ଗୀ, ହରିନାରାୟଣ ମିଶ୍ର, ନୀଳମଣି ସାହୁ, ଅରୁଣ ମିଶ୍ର, ରଣଜିତ ପୃଷ୍ଟି, ଟିକେଲାଲ ବେହେରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଲାୟନ୍ସ କ୍ଲବ ପ୍ରତିନିଧି ଆବାସ ଖାନ, ମନୀଷ ଗୁପ୍ତା, ନଗର ଯାଦବ ସଭାପତି କୁନା ଭାଟି, ବାପି ଡେଭିଡ, ଅଶ୍ୱିନୀ ସାହୁ, ବଙ୍ଗାଳି ସମାଜ ସଭାପତି ଶେଖର ସିହ୍ନା, ମୁସଲିମ ସମାଜ ପ୍ରତିନିଧି ଗୁଡ୍ଡୁ ଖାନ, ବ୍ୟବସାୟୀ ସଂଘ ସଭାପତି ମନିଷ ଗୁପ୍ତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ଜିଲା ଗଠନ ଦାବି ନେଇ କ୍ରିୟାନୁଷ୍ଠାନ କମିଟି ଆହୂତ ବୈଠକରେ ବିଧାୟକ ଓ ଅନ୍ୟମାନେ।

# ମଦ ବିରୋଧରେ ଏକଜୁଟ ହେଲେ ମହିଳା

**ଅମରପାଲି,୧୫।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ଥାନା ଅଞ୍ଚଳରେ ଅବାଧରେ ଚାଲିଛି ମଦ ବିକ୍ରି। ଅବକାରୀ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେବା ଯୋଗୁ ଚୋରା ଦେଶୀ ମଦ ବିକ୍ରି ବଢ଼ିବାରେ ଲାଗୁଛି। ଏହାକୁ ନେଇ ଅଞ୍ଚଳର ଲୋକେ ଅତିଷ୍ଠ ହୋଇ ପଡିଲେଣି। ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ତେଲିପାଲି ଗ୍ରାମରେ ଦୀର୍ଘ ଦିନ ହେଲା ମଦ ବିକ୍ରି ହେଉଛି। ମଦ୍ୟପମାନଙ୍କ ଯୋଗୁ ଗାଁ ରାସ୍ତା ଦେଇ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ମଦ ବ୍ୟବସାୟୀମାନେ ଦେଶୀ ମଦ ପ୍ରସ୍ତୁତ କରୁଛନ୍ତି। ଅତ୍ୟଧିକ ନିଶା ହେବା ପାଇଁ ମଦରେ ୟୁରିଆ, ସୁଲେସନ, ସ୍ପିରିଟ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଉକ୍ତ ମଦ ପିଇବା ଦ୍ୱାରା ଅନେକେ ରୋଗାକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ମଦପାଇଁ ଗାଁରେ ଅସନ୍ତୋଷ ଓ ଗଣ୍ଡଗୋଳ ହେଉଛି। ଫଳରେ ତେଲିପାଲି ଗ୍ରାମ ନାମ ମଣ୍ଡପରେ ସୋମବାର ଅପରାହ୍ନରେ ମହିଳାମାନେ ଏକ ବୈଠକ କରିଥିଲେ। ଗ୍ରାମରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଯିଏ ନିୟମ ଉଲ୍ଲଂଘନ କର ମଦ ବିକ୍ରି କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଏ ନେଇ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସାରଳା ପାଣିଗ୍ରାହୀ ସଭାପତ, ଜୟନ୍ତୀ ବାଘଙ୍କୁ ସମ୍ପାଦିକା ଭାବେ ଚୟନ କରାଯାଇଛି।


ତେଲିପାଲିରେ ମଦ ବିକ୍ରି ବନ୍ଦ ପାଇଁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ମହିଳାମାନେ।

## ମଦ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ

ଗୌରୀ ନାଏକ, ସୁବାଶିନୀ ସାହୁ, ସୁନବୁଇ ସାହୁ, ପୂର୍ଣ୍ଣମାସୀ ବେହେରା, ସୁଭଦ୍ରା ଗୁଙ୍ଘୁରିଆ, ବିନୋଦିନୀ ଭୁକ୍ତା, ସନ୍ଧ୍ୟାରାଣୀ ସାହୁ, ସୁପ୍ରିତା ପଧାନ, ସୁବାଶିନୀ ସାହୁ ପ୍ରମୁଖଙ୍କୁ ଉକ୍ତ କମିଟିର ସଭ୍ୟା ଭାବେ ଚୟନ କରାଯାଇଛି। ଗ୍ରାମରେ ମଦ ବିକ୍ରି ବନ୍ଦକୁ ନେଇ ଗ୍ରାମର ମହିଳାମାନେ ବୀରମହାରାଜପୁର ଥାନାକୁ ଯାଇ ଏକ ଦାବିପତ୍ର ଦେବାକୁ ମଧ୍ୟ ସ୍ଥିର କରାଯାଇଛି। ଏହି ବୈଠକରେ ଗ୍ରାମର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ଏମବିକେ ଗୀତାଞ୍ଜଳି ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ଏହି ବୈଠକ ରେ ଯୋଗଦେଇଥିଲେ।

# ମଦମୃତ୍ୟୁ ଅଭିଯୋଗ ପରେ ଅବକାରୀ ଚଢ଼ାଉ


ଅବକାରୀ ବିଭାଗ ଦ୍ୱାରା ଗିରଫ ୩ ଅଭିଯୁକ୍ତ ଓ ଜବତ ମଦ ପାଉଚ।

## ୧୨୦ ଲିଟର ମଦ ଜବତ, ୩ ଗିରଫ

### ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର

**ବିନିକା, ୧୫। ୯(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ପଞ୍ଚାୟତ ତୁଲୁଣ୍ଡୁପାଲି ଗ୍ରାମରେ ରଘୁ ଭୁଏଁଙ୍କ ରବିବାର ବିଷାକ୍ତ ମଦ ପିଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସୋମବାର ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷରେ ଅବକାରୀ ବିଭାଗ ଚୋରା ମଦ କାରବାର ଉପରେ ଚଢାଉ ଅଭିଯାନକୁ ତ୍ୱରାନ୍ୱିତ କରିଛି। ବିନିକା ଅବକାରୀ ବିଭାଗ ମୋବାଇଲ ୟୁନିଟ ଟିମ ଓ ରେଞ୍ଜ ଅବକାରୀ ଟିମ ମିଳିତଭାବେ ସୋମବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାଙ୍କ ନେତୃତ୍ୱରେ ବିନିକା ଓ ସୋନପୁର ମୋବାଇଲ ୟୁନିଟ ଟିମ ଶଙ୍କରା, କୌଡ଼ିଆମୁଣ୍ଡା, ଓ ସେଲେଡି ଗ୍ରାମରୁ ୧୨୦ଲିଟର ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନରେଶ ଲବଣୀଆ, ଜୟରାମ ତରିଆ, ଓ ସୁବାସ ମହାକୁର । ଏନେଇ ଅବକାରୀ ଥାନରେ ପୃଥକ ୩ ଟି ମାମଲା ରୁଜୁ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ସା ସୂଚନା ଦେଇଛନ୍ତି । ଏହି ଚଢାଉରେ ଇନ୍ସପେକ୍ଟର ହର ପ୍ରସାଦ ରଣା, ଓଆଇସି ରାମଚନ୍ଦ୍ର ପଟ୍ଟନାୟକ, ଏଏସଆଇ ଅଭିଳାଷ ବେହେରା, ଲୋକନାଥ ବେହେରା, ରେଣୁପ୍ରିୟା ଭୋଇ ଓ ଟିମ୍ ସାମିଲ ଥିଲେ ।

# ବରିଷ୍ଠ ନାଗରିକ ସଙ୍ଗଠନର ବୈଠକ

**ବୀରମହାରାଜପୁର,୧୫।୯ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ଏକ ବୈଠକ ସୋମବାର ପୂର୍ବାହ୍ନ ୧୧ଟାରେ ସଙ୍ଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ଜିଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ ସହିତ ଶାବର ଶ୍ରୀକ୍ଷେତ୍ର ଓ ଗୁପ୍ତେଶ୍ୱର ଦର୍ଶନ କରିବା ଉପରେ ଆଲୋଚନା ହୋଇ ନଭେମ୍ବର ଦ୍ୱିତୀୟ ସପ୍ତାହକୁ ଧାର୍ଯ୍ୟ କରାଯାଇଥିଲା। ଏହା ସହିତ ବୈଠକରେ ପ୍ରତ୍ୟେକ ମାସର ସଂକ୍ରାନ୍ତି ପାଳନ ଓ ଏହିଦିନ କାର୍ଯ୍ୟାଳୟରେ ସାମୂହିକ ହନୁମାନ ଚାଳିଶା ପଠନ, ଭାଗବତ ଓ ରାମାୟଣ ପାରାୟଣ ସହ ପ୍ରବଚନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ସଦସ୍ୟ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ବଳରାମ କାଣ୍ଡ, ଅକ୍ରୁର ଚରଣ ଦନ୍ତା, ନାରାୟଣ ପ୍ରସାଦ ନାୟକ, ହୃଷୀକେଶ ପ୍ରଧାନ, ଦୟାନିଧି ହୋତା, କୃଷ୍ଣଚନ୍ଦ୍ର ପାଢ଼ୀ, ଶ୍ୟାମସୁନ୍ଦର ସେଠୀ, ନିତ୍ୟାନନ୍ଦ ତ୍ରିପାଠୀ, ଦାମୋଦର ମିଶ୍ର, ଅକ୍ଷୟ କୁମାର ମିଶ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଗୋପୀନାଥ ମହାକୁର, ପ୍ରଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍ଏସି ଘୋଷଣା ଦାବି ୧୨ଘଣ୍ଟା ଉଲୁଣ୍ଡା ବନ୍ଦ


କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ପିକେଟିଂ କରୁଛନ୍ତି।

**ଉଲୁଣ୍ଡା, ୧୫।୯(ଗୌରଚନ୍ଦ୍ର ପରିଚ୍ଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାକୁ ଏନ୍ଏସି ଘୋଷଣା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ସରକାରୀ, ବେସରକାରୀ ସ୍କୁଲ, କଲେଜ, ଦୋକାନ, ବଜାର, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିଲା। ଉଲୁଣ୍ଡାକୁ ଏନ୍ଏସି ଘୋଷଣା ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଜଣାଇ ପୂର୍ବ ବିଜେଡି ସରକାର ଉଲୁଣ୍ଡାକୁ ଏନ୍ଏସି ଘୋଷଣା କରିଥିଲେ। ହେଲେ ବର୍ତ୍ତମାନର ସରକାର ଉଲୁଣ୍ଡାକୁ ଏନଏସି ଘୋଷଣାରୁ ବାଦ୍ ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏନେଇ ଉଲୁଣ୍ଡା ଏନଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଥିଲା। ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ୍ୟ ସରକାର ଉଲୁଣ୍ଡାକୁ ଏନଏସି ଘୋଷଣା କରିନାହାନ୍ତି। ଉଲୁଣ୍ଡା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଏନଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି । ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନ ସାମିଲ ହୋଇଥିଲେ।

# ଜିଲାପାଳ, ଏସ୍ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ତରଭା, ୧୫।୯(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ପଞ୍ଚାୟତ ସମିତି ଅନ୍ତର୍ଗତ କମସରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୭୭ ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୭ ଦରଖାସ୍ତ ବ୍ୟକ୍ତିଗତ, ୨୦ଟି ସାମୂହିକ ଥିଲା। ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସମସ୍ତ ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର କମ୍ପ, ଅତିରିକ୍ତ ଜିଲାପାଳ(ରାଜସ୍ୱ)ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ଉପ ଜିଲାପାଳ ସୋନପୁର ସୌମ୍ୟାରୂପା ରଥ, ତହସିଲଦାର ସୁଶ୍ରୀ ଶ୍ୱେତଲିନା ମାହାନା, ସରପଞ୍ଚ କମସରା ଗ୍ରାମ ପଞ୍ଚାୟତ କୁନ୍ତଳା ରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହ ଜିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲାପାଳ ଡ଼ ସାହୁ କମସରା ଗ୍ରାମ ପଞ୍ଚାୟତ ଜାମକାନି ଗୋଠ ଗ୍ରାମର ଭିନ୍ନକ୍ଷମ ପରମାନନ୍ଦ ସନ୍ୟାସୀ ଓ ବଦଯୋର୍ ଗ୍ରାମର ଚଞ୍ଚଳ ନାଏକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ।


ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ ଅବସରରେ ଜିଲାପାଳ, ଏସ୍ପି ଓ ଅନ୍ୟମାନେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର


ଶିବିରରେ ଅଧିକାରୀ ଅଭିଯୋଗ ଗ୍ରହଣ କରୁଛନ୍ତି।

**ଅମରପାଲି,୧୫।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଲୁତୁରପଙ୍କ ଗ୍ରାମ ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ବିଡିଓ ରାଜୀବ ହାଁସଦା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏପିଓ ଅମୃତାଂଶୁ ପାତ୍ର, ଡବ୍ଲ୍ୟୁଇଓ ତଥା ବିଏସ୍ଏସ୍ଓ ସତ୍ୟନାରାୟଣ ପଧାନ, ବିପିଏମ ଓଏଲଏମ ରମାକାନ୍ତ ହରିପାଲ, ଭିଏଡବ୍ଲ୍ୟୁ ପ୍ରକାଶ ଭୋଇ, ସାମାଜିକ ସୁରକ୍ଷା ବିଭାଗର ସୀମାରାଣୀ ପଣ୍ଡା, ହତିଲିମୁଣ୍ଡା ବାନପଲ ଶଙ୍କର ବାଘ ଶିବିରରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଲୁତୁରପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସମ୍ପୂର୍ଣ୍ଣ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କଲେ ବିଡିଓ


ବିଡିଓ ଲୁତୁରପଙ୍କ ହାଇସ୍କୁଲ ପଡିଆ ପରିଦର୍ଶନ କରୁଛନ୍ତି।

**ଅମରପାଲି,୧୫।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ପଞ୍ଚାୟତରେ ସୋମବାର ବିଭିନ୍ନ ଅସମ୍ପୂର୍ଣ୍ଣ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିଛନ୍ତି ବିଡିଓ ରାଜୀବ ହାଁସଦା। ସେ ଲୁତୁରପଙ୍କ ଗ୍ରାମରେ ନିର୍ମାଣ ହେଉଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କାମ ଦେଖିଥିଲେ। ପରେ ଗ୍ରାମରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଆବାସ ଗୃହ କାର୍ଯ୍ୟ ଦେଖିଥିଲେ। ଯେଉଁ ଗୃହ ନିର୍ମାଣ କାମ ଅସମ୍ପୂର୍ଣ୍ଣ ଅଛି ସେଗୁଡିକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଲୁତୁରପଙ୍କ ହାଇସ୍କୁଲ ଖେଳ ପଡ଼ିଆରେ ବୁଧବାର ହେବାକୁଥିବା ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମରେ ଚାରାରୋପଣ କରାଯିବାକୁ ଥିବା କ୍ଷେତ୍ର ପରିଦର୍ଶନ କରିଥିଲେ। ବିଡିଓଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ପିଇଓ ଗୌର ଚରଣ ସାହୁ, ଏପିଓ ଅମୃତାଂଶ ପାତ୍ର ଉପସ୍ଥିତ ଥିଲେ।

# ରାଜଭାଷା ହିନ୍ଦୀ ରାଷ୍ଟ୍ରୀୟ ଏକତାର ପ୍ରତୀକ

**ବୀରମହାରାଜପୁର, ୧୫।୯ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଥପୁରରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ଓ ହିନ୍ଦୀ ଦିବସ ପକ୍ଷ ପାଳନର ଉଦ୍ଯାପନୀ ଉତ୍ସବ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁ ପ୍ରସାଦ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ହିନ୍ଦୀ ଶିକ୍ଷକ ନରେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଲୁଣ୍ଡା ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଶ୍ରୀ ଭକ୍ତରାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ଗରିମା ବିଷୟରେ କହିଥିଲେ । ହିନ୍ଦୀ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ଦିବସର ମହତ୍ତ୍ୱ ଓ ରାଷ୍ଟ୍ରୀୟ ଏକତାରେ ହିନ୍ଦୀ ଭାଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ସାବିତ୍ରୀ ବର୍ମା ସଭା ପରିଚାଳନା, ପୁରସ୍କାର ବିତରଣରେ ଶିକ୍ଷକ ଶିବପ୍ରସାଦ ମହାନନ୍ଦ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ହେମନ୍ତ ନାରାୟଣ ସିଂହଦେଓ ହିନ୍ଦୀ କବିତା ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସବ୍ୟସାଚୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରଥିଲେ।



ଆଦର୍ଶ ବିଦ୍ୟାଳୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ ସଭାରେ ଅତିଥିମାନେ।

# ୧୯ରୁ ସୁରେଶ୍ୱରୀଙ୍କ ପୀଠରେ ନବଦିନାତ୍ମକ ଚଣ୍ଡୀଯଜ୍ଞ

**ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)**

ଶାରଦୀୟ ପାର୍ବଣ ଅବସରରେ ମା' ସୁରେଶ୍ୱରୀଙ୍କ ଶକ୍ତିପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ଆସନ୍ତା ୧୯ରୁ ବିଶ୍ୱର କଲ୍ୟାଣ ଏବଂ ସୁବର୍ଣ୍ଣପୁର ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ଜଗତଜନନୀ ମା' ସୁରେଶ୍ୱରୀଙ୍କ ଶକ୍ତିପୀଠରେ ଚଣ୍ଡୀଯଜ୍ଞ ଆୟୋଜିତ ହେବ। ସୁବର୍ଣ୍ଣପୁର ଦେବୋତ୍ତର କମିଟି ଓ ସୁରେଶ୍ୱରୀ ଯଜ୍ଞ କମିଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଧାର୍ମିକ କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ମା'ଙ୍କ ବେଶ, ମଙ୍ଗଳ ଆରତୀ, ଷୋଡଷ ଉପଚାର ପୂଜା, ସନ୍ଧିପୂଜା, କୁମାରୀ ପୂଜା ଓ ଅପରାଜିତା ପୂଜା ଆଦି ଅନୁଷ୍ଠିତ ହେବ। ଶୁକ୍ରବାର ଏଥିପାଇଁ ଶୁଭସ୍ତମ୍ଭ ସ୍ଥାପନ ସହ ଅଙ୍କୁରରୋପଣ କାର୍ଯ୍ୟ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ପଣ୍ଡିତ କାଳୀଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀରୁ ଆସିଥିବା ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦିତ ହେବ। ପ୍ରତିମା ଶତପଥୀ ସ୍ୱାମୀ ବୈକୁଣ୍ଠନାଥ ଏବଂ ଜ୍ୟୋତିରାଣୀ ମିଶ୍ର ଓ ସ୍ୱାମୀ ଅଟଳ ବିହାରୀ ମହାପାତ୍ର ଯଜ୍ଞରେ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ୨୦ ତାରିଖ ଶନିବାର ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟ ହନୁମାନ ଓ ଅଷ୍ଟବିଷ୍ଣୁଙ୍କୁ ନିମନ୍ତ୍ରଣ କରାଯିବ। ଦେବାଦେବୀଙ୍କ ପୀଠରୁ ଆଜ୍ଞାମାଳ ଯଜ୍ଞସ୍ଥଳକୁ ଅଣାଯିବାର କାର୍ଯ୍ୟକ୍ରମ ରହିଛି। ୨୧ତାରିଖ ରବିବାର କଳସ ଯାତ୍ରା ଓ ୨୨ରୁ ୨ତାରିଖ ଗୁରୁବାର ପର୍ଯ୍ୟନ୍ତ ଚଣ୍ଡୀପାଠ ଓ ଘୃତନାର୍ଦ୍ଧ ଅନୁଷ୍ଠିତ ହେବ। ରବିବାର ଅମାବାସ୍ୟା ଦିନ ମା' ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଅପରାହ୍ନରେ ସୁରେଶ୍ୱରୀ ମନ୍ଦିରରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ବାଉତି ଛତ୍ର ଶୋଭାଯାତ୍ରାରେ ଯିବାର କାର୍ଯ୍ୟକ୍ରମ ରହିଛି। ୧ତାରିଖ ପର୍ଯ୍ୟନ୍ତ ମା'ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦକର୍ଶନ ଦେବେ। ୨ତାରିଖରେ ଅପରାଜିତା ପୂଜା ଏବଂ ପୂର୍ଣ୍ଣାହୁତି କରାଯିବାର କାର୍ଯ୍ୟସୂଚୀ ରହିଛି।


ଯଜ୍ଞ କମିଟିର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ପ୍ରତ୍ୟହ ନୂତନ ବେଶରେ ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ

ପ୍ରତ୍ୟହ ସକାଳେ ମା'ଙ୍କ ଦ୍ୱାର ଫିଟା ନୀତି, ମଙ୍ଗଳଆରତୀ ପରେ ସୂର୍ଯ୍ୟ ପୂଜା, ଷୋଡଷ ପୂଜା, ଚଣ୍ଡୀସ୍ତୋତ୍ର ପଠନ ସହ ଶ୍ରୀ ଶ୍ରୀ ସପ୍ତସତୀ ଚଣ୍ଡୀଯଜ୍ଞ ଆୟୋଜିତ ହେବ । ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ମା ସୁରେଶ୍ୱରୀ ଯଜ୍ଞ କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମା'ଙ୍କ ଭକ୍ତ ତଥା କଲିକତା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ପରାମର୍ଶକ୍ରମେ ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ଶ୍ରୀବତ୍ସ ମଲ୍ଲିକ, ପଣ୍ଡିତ କାଳୀଚରଣ ମିଶ୍ର ଓ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ସୂଚନା ଦେଇଛନ୍ତି।

# ହଜିଯାଇଛି ରାସ୍ତା, ଜବରଦଖଲରେ ଡ୍ୟାମ୍ ଜମି

ସମ୍ବଲପୁର,୧୫।୯(ବି.ଶଙ୍କର)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅର୍ନ୍ତଗତ ପର୍ଯ୍ୟଟନସ୍ଥଳ ଦେବଝରନ ଇକୋ ଟୁରିଜମଭାବେ ଘୋଷଣା ହୋଇସାରିଛି। ସବୁଜ ଘେରା ଦେବଝରନ ବିକାଶ ଅଟକି ଯାଇଛି। ଯେତିକି ବିକାଶ ହେବା କଥା ସେମିତି ଆଖି ଦୃଶିଆ ବିକାଶ ହୋଇ ପାରିନାହିଁ। ଦୀର୍ଘଦିନ ହେବ ଜାତୀୟ ରାଜପଥରୁ ପର୍ଯ୍ୟଟନ ଦେବଝରନ ସ୍ଥଳକୁ ରାସ୍ତା ହଜିଯାଇଛି। ଜିଲା ଓ ଜିଲା ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ରାସ୍ତା ଖୋଜିବାକୁ ପଡୁଛି। ଅପରପକ୍ଷେ ଜଳ ଭଣ୍ଡାରର ପ୍ରାୟ ୯ ଏକର ଜମି ଜବର ଦଖଲ ହୋଇଛି। ତେଣୁ ସଂପ୍ରତି ସବୁଜିମା ଦେବଝରନ ପରିବେଶ ଓ ପର୍ଯ୍ୟଟକ ସୁରକ୍ଷା ଅତ୍ୟାବଶ୍ୟକ ହୋଇ ପଡ଼ିଛି। ସୋମବାର ଦେବଝରଣ ବିକାଶ ମଞ୍ଚ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ଏହିପରି ମତ ପ୍ରକାଶ କରିଛନ୍ତି।

ମଞ୍ଚ ଆବାହକ ଅରୁଣ ଦେହୁରୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ରେଢାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢାଖୋଲ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ବୁର୍ଢା ସରପଞ୍ଚ ରାଜା ପାଲ, ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ସଦର ରେଞ୍ଜର ହରି ଶଙ୍କର ନାୟକଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ପରିବେଶ ସୁରକ୍ଷା କର୍ମୀମାନେ ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ସରକାର ଓ ପ୍ରଶାସନର ଅବହେଳାକୁ ଦାୟୀ କରି କହିଥିଲେ, ଦେବଝରଣ ଆଜି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦଳ ମତ ନିର୍ବିଶେଷରେ ସମସ୍ତେ ସମବେତ ହୋଇ ଏହାର ବିକାଶ, ସୁରକ୍ଷା ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଉଦ୍ୟମ କରିବାକୁ ହେବା ଜରୁରି। ସରକାର ଓ ପ୍ରଶାସନ ଉପରେ ଚାପ ପକାଇ ଜାତୀୟ ସ୍ତରରେ ମାନ୍ୟତା ପାଇବ ଏବଂ ବର୍ଷତମାମ ପର୍ଯ୍ୟଟକଙ୍କ ସମାଗମ ହେବ ସେନେଇ ଚେଷ୍ଟା କରିବା। ପ୍ରାକୃତିକ ଜଙ୍ଗଲ, ଗଛ କଟା ଓ ଏଠାରେ ଥିବା ବନ୍ୟ ପ୍ରାଣୀଙ୍କ ସୁରକ୍ଷା ମଧ୍ୟ ଆମ ଦାୟିତ୍ୱ ଅଟେ। ଜଳ ଭଣ୍ଡାରର ଏକ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ନେଇଛନ୍ତି। ଏହା ଦାୟିତ୍ୱରେ ଥିବା ବନ ଓ କ୍ଷୁଦ୍ର ଜଳ ସେଚନ ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ରେଢାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଧାନ ଦେବଝରଣ ମହୋତ୍ସବ ମାଧ୍ୟମରେ ପ୍ରଚାର ପ୍ରସାର କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ଯୁଯୁମୁରା ସମିତି ସଭ୍ୟ ପ୍ରଧାନ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବାଡ, ଶୌଚାଳୟ କାର୍ଯ୍ୟକ୍ଷମ, ରାତ୍ରି ଯାପନ କରିବା ପାଇଁ କଟେଜ ବ୍ୟବସ୍ଥା, ପ୍ରତିଦିନ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରାକୃତିକ ଢାଞ୍ଚାରେ ଏକ ରେଷ୍ଟୁରାଣ୍ଟ କରିବାକୁ ପ୍ରସ୍ତାବ ଦେଇଥିଲେ। ଶେଷରେ ସମସ୍ତେ ଚାରାରୋପଣ କରିଥିଲେ। ମଞ୍ଚ ସଭାପତି ବୀରେନ ଭୋଇ, ସମ୍ପାଦକ ଗୌତମ ପ୍ରଧାନ, ରବୀନ୍ଦ୍ର ବିଶ୍ୱାଳ, ଦିଲ୍ଲୀପ ବେହେରା, ରମଣୀ ଭୋଇଙ୍କ ସମେତ ମଞ୍ଚର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ଦେବଝରଣ ବିକାଶ ମଞ୍ଚ ଆୟୋଜିତ ଆଲୋଚନାଚକ୍ର ଅବସରରେ ଅତିଥି ଓ ବକ୍ତାମାନେ ଚାରାରୋପଣ କରୁଛନ୍ତି।

### ଦେବଝରଣ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର

# ୪ର୍ଥ ପର୍ଯ୍ୟାୟରେ ସମ୍ବଲପୁରରେ ପଦଯାତ୍ରା

## ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରାରେ ସମ୍ବଲପୁର ଜିଲାର ଶହେରୁ ଅଧିକ କଂଗ୍ରେସ କର୍ମୀ ଭାଗ ନେବେ। ଜିଲା କଂଗ୍ରେସ ସଂଯୋଜକ ଦୁର୍ଗା ପାଢ଼ୀ ଏହି ସୂଚନା ଦେଇଛନ୍ତି। ଏହି ପଦଯାତ୍ରା ପାଇଁ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ତୃତୀୟ ସପ୍ତାହରେ ପିସିସି ପକ୍ଷରୁ ଓଡ଼ିଶାରେ 'ଗାନ୍ଧୀ ପଥେ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ ହେବ। ୪ର୍ଥ ପର୍ଯ୍ୟାୟରେ ସମ୍ବଲପୁର ଜିଲାରେ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରାର ଏକ ସ୍ୱତନ୍ତ୍ର ରୋଡ଼ମ୍ୟାପ୍ ପ୍ରସ୍ତୁତ କରାଯାଇ ପିସିସି ଅବଗତି ପାଇଁ ପ୍ରେରଣ କରାଯାଇଛି। ସମ୍ବଲପୁର ଜିଲା ଗୋଶାଳା ଛକରୁ ପଦଯାତ୍ରା ଆରମ୍ଭ ହେବ। ଏଥରେ ପିସିସି ସଭାପତିଙ୍କ ସହିତ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ନେତୃବୃନ୍ଦ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ଜିଲାରେ ୭ ଦିନ ଧରି ପଦଯାତ୍ରା ଚାଲିବ। ପିସିସି ପର୍ଯ୍ୟବେକ୍ଷକ ପଦଯାତ୍ରାର ଦିନ ଓ ସମୟ ଚୂଡ଼ାନ୍ତ କରିବେ ବୋଲି ସଂଯୋଜକ ପାଢ଼ୀ କହିଛନ୍ତି। ବୈଠକରେ ଏଆଇସିସି ସମ୍ପାଦକ ଆସଫ ଅଲିଖାନ, ପିସିସି ସମ୍ପାଦକ ଦିଲୀପ ଦୁରିଆ, କେଦାର ବରିହା, ଚନ୍ଦ୍ର ପୁରୋହିତ, ନିରଞ୍ଜନ ତ୍ରିପାଠୀ, ଚନ୍ଦ୍ର ମହାନ୍ତି, ବିଜୁ ପ୍ରଧାନ, ପ୍ରକାଶ ଶତପଥୀ, ଅରୁଣ କୁମାର, ରାଜେଶ ମିଶ୍ର ପ୍ରମୁଖଙ୍କୁ ନେଇ ଏକ କମିଟି ଗଠିତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏସ୍‌ୟୁରେ ଚାରାରୋପଣ

ସମ୍ବଲପୁର,୧୫।୯(ବି.ଶଙ୍କର)

ଟାଟା ଭଲେଣ୍ଟିୟରିଂ ସପ୍ତାହ ଉପଲକ୍ଷେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଏକ ମେଗା ଚାରା ରୋପଣ ଅଭିଯାନ ସୋମବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଟିପିଡବ୍ଲ୍ୟୁଓଡିଏଲର କର୍ମଚାରୀ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ୨ଶହରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ୪ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା। ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରବୀଣ ବର୍ମା, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦଙ୍କ ଅଧାପିକା, ଅଧାପକ ଏବଂ କମ୍ପାନୀର ଅଧିକାରୀମାନେ ଚାରା ରୋପଣ କର ଏକ ସବୁଜ ଭବିଷ୍ୟତ ଗଠନ ଦିଗ କରିବାକୁ ଆହ୍ୱାନ ଦେଇଥିଲେ। ଟିପିଡବ୍ଲ୍ୟୁଓଡିଏଲ ସିଇଓ ବର୍ମା କହିଥିଲେ, ଏହିପରି ପଦକ୍ଷେପ ମାଧ୍ୟମରେ ଆମେ ସମାଜ ଓ ବିଶେଷକରି ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ସକ୍ରିୟ ଭାବରେ ଅଂଶଗ୍ରହଣ କରାଇ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ ଅଭିଯାନ ଭବିଷ୍ୟତ ପିଢ଼ି ପାଇଁ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିସହ ଅଭିଯାନ ଟିପିଡବ୍ଲ୍ୟୁଓଡିଏଲର ଜୈବ ବିବିଧତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ସିଇଓ ବର୍ମା ସୂଚିତ କରିଛନ୍ତି। କାର୍ଯ୍ୟକ୍ରମରେ ଆଲୋକ ଅନୁଷ୍ଠାନ କର୍ମକର୍ତ୍ତାମାନେ ସହାୟତା କରିଥିଲେ।


ଟିପିଡବ୍ଲ୍ୟୁଓଡିଏଲ ସିଇଓ ପ୍ରବୀଣ ବର୍ମା ସୋମବାର ଚାରା ରୋପଣ କରୁଛନ୍ତି।

# ଯୁଯୁମୁରା: ୫୯ଟି ଅଭିଯୋଗର ଶୁଣାଣି


ଜିଲାପାଳ ଏବଂ ଅନ୍ୟ ଅତିଥି ଶ୍ରୀଅନ୍ନ ଅଭିଯାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୧୫।୯ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଯୁଯୁମୁରା ବ୍ଲକ କାର୍ଯ୍ୟାଳୟରେ ସୋମବାର ସମ୍ବଲପୁର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ୫୯ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ୩୩ଟି ବ୍ୟକ୍ତିଗତ, ୨୬ଟି ସାମୂହିକ ଥିଲା। ଗୋଟିଏ ଅଭିଯୋଗର ଶୁଣାଣି ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ରେଡକ୍ରସ ପକ୍ଷରୁ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହିତ ଜିଲା ପ୍ରଶାସନ ପକ୍ଷରୁ ବିବାହ ପ୍ରୋତ୍ସାହନ ଯୋଜନାରେ କବରାପାଲିର ଦମ୍ପତି– ସସ୍ମିତା ପ୍ରଧାନ ଓ ଦିଲ୍ଲୀପ କୁମାର ବାଗଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ୨ଲକ୍ଷ ୫୦ହଜାର ଟଙ୍କା ଏବଂ ଜାତୀୟ ପାରିବାରିକ ଲାଭ ଯୋଜନା ଅଧୀନରେ ୬ଜଣଙ୍କୁ ଜଣପିଛା ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଜିଲା ପରିଷଦ ନିର୍ବାହୀ ଏବଂ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ଉପ ଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ଯୁଯୁମୁରା ବିଡିଓ, ତହସିଲଦାର ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ ବୋନ୍ଦର ଜନ ସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ଶ୍ରୀଅନ୍ନ ଅଭିଯାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଅଭିଯୁକ୍ତଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ଅପହରଣ, ବଳାତ୍କାର ମାମଲା
### ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ଧମା ଥାନା ଅଞ୍ଚଳରେ ୨୦୧୭ ମସିହାରେ ସଂଘଟିତ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି। ବିଚାରପତି ୨୧ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ତଥ୍ୟ ପ୍ରମାଣ ଅନୁଧ୍ୟାନ ପୂର୍ବକ ସୋମବାର ରାୟ ପ୍ରକାଶ କରି ଅଭିଯୁକ୍ତ ଛଟାନପାଲିର ରିଙ୍କୁ ମହାନନ୍ଦ(୩୪)ଙ୍କୁ ଦଫା ୩୭୬(୨)(ଆଇ)(ଏନ୍) ଓ ୪/୬ ପୋକ୍‌ସୋ ଆଇନ୍‌ରେ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏହାସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ସ୍ୱରୂପ ୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଧମା ଥାନା ଅଞ୍ଚଳର ୧୪ ବର୍ଷୀୟା ନାବାଳିକାଙ୍କୁ ୨୦୧୭ ଜାନୁଆରୀ ୧୧ରେ ଛଟାନପାଲିର ରିଙ୍କୁ ମହାନନ୍ଦ ଅପହରଣ କରି ବରଗଡ଼ ଜିଲା କାଦୋବାହାଲସ୍ଥିତ ମାମୁ ଘରକୁ ଚାଲି ଯାଇଥିଲେ। ବହୁ ଖୋଜାଖୋଜି ପରେ ନାବାଳିକାଙ୍କୁ ତାଙ୍କ ଘର ଲୋକେ ପାଇ ନ ଥିଲେ। ପରେ ରିଙ୍କୁ ତାଙ୍କୁ ଅପହରଣ କରି ନେଇ କାଦୋବାହାଲରେ ରଖଥିବା ଜାଣିବାକୁ ପାଇ ନାବାଳିକାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ଥିଲେ। ହେଲେ ଅଭିଯୁକ୍ତ ସେମାନଙ୍କୁ ଝିଅ ସହ ସାକ୍ଷାତ କରିବାକୁ ଦେଇ ନ ଥିଲେ। ଅନ୍ୟ ଉପାୟ ନ ପାଇ ପୀଡ଼ିତାଙ୍କ ବାପା ଜାନୁଆରୀ ୩୧ରେ ଧମା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ପୋଲିସ ସଦଳବଳ କାଦୋବାହାଲ ଯାଇ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଧମା ଥାନାରେ ଦଫା ୩୬୩, ୩୬୬, ୩୭୬(୨)(ଆଇ)(ଏନ୍) ଏବଂ ୪/୬ ପୋକ୍‌ସୋ ଆଇନ୍‌ରେ ଏକ ମାମଲା(ନଂ.୧୫/୧୭) ରୁଜୁ କରି ପୋଲିସ ରିଙ୍କୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ଦିବସ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୫।୯(ଭବାନୀ ଶଙ୍କର ଭୋଇ)

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ସୋମବାର ସମଗ୍ର ଶିକ୍ଷା ଅଭିଯାନ ପ୍ରେକ୍ଷାଳୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଜିଲାସ୍ତରର କାର୍ଯ୍ୟକ୍ରମ ଅକ୍ଟୋବର ୧୦ରେ ତପସ୍ୱିନୀ ହଲଠାରେ ଆୟୋଜିତ ହେବ। ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟର ସମସ୍ତ ଜିଲାରେ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଔଷଧ ବଣ୍ଟନ, ଜିଲାର ସବୁଠାରୁ ବୃଦ୍ଧତମ ନାଗରିକଙ୍କୁ ସମ୍ମାନୀତ କରାଯିବ। ଏଥିସହ ଜିଲାର ବୃଦ୍ଧତମ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ସମ୍ମାନୀତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଜିଲାର ବରିଷ୍ଠ ନାଗଜରିକ ମାନଙ୍କ ଉପରେ ସ୍ୱତନ୍ତ୍ର ସଭାର ଆୟୋଜନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଦିବସ ଉପଲକ୍ଷେ ବ୍ଲକ ଓ ଜିଲା ସ୍ତରରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ। ବ୍ଲକସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ସେପ୍ଟେମ୍ବର ୨୨ ଏବଂ ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ସେପ୍ଟେମ୍ବର ୨୫ରେ ଆୟୋଜନ ନେଇ ବୈଠକରେ ସ୍ଥିର କରାଯାଇଥିଲା। ଏହା ସହ ଜିଲାର ସମସ୍ତ ବ୍ଲକଗୁଡିକରେ ଅକ୍ଟୋବର ୮ରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଦୁର୍ଗାପୂଜା କମିଟି ଗଠିତ

ପଡିଆବାହାଲ, ୧୫।୯ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ ପଡିଆବାହାଲଠାରେ ଆଗାମୀ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ହରିହର ନାଏକ ସଭାପତି, ଶକ୍ତିପ୍ରସନ୍ନ ବଡ଼ପଣ୍ଡା ଉପସଭାପତି, ଦେବାନନ୍ଦ ଭୁସାଗର ସାଧାରଣ ସମ୍ପାଦକ, ଅଶୋକ କୁମାର ମେହେର ସହ ସମ୍ପାଦକ, କେଶବ ମେହେର କୋଷାଧ୍ୟକ୍ଷ, ଅମୂଲ୍ୟ ପୂଜାରୀ ଏବଂ ବଦଳ ମହାପାତ୍ର ପୂଜା ସମ୍ପାଦକ, ଝସକେତନ ନାଏକ ଏବଂ ଆକାଶ ବେହେରା ସାଂସ୍କୃତିକ ସମ୍ପାଦକ, ପ୍ରମୋଦ ମଗର ଏବଂ ଅଶୋକ ରୟଙ୍କୁ ଗେଟ ଓ ଲାଇଟ ସାଜସଜ୍ଜା ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ବରିଷ୍ଠ କର୍ମକର୍ତ୍ତାମାନେ ଉପଦେଷ୍ଟା ସଭ୍ୟ ରହିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ୨୮ ରବିବାରରୁ ପୂଜାକାର୍ଯ୍ୟ ଆରମ୍ଭ ହୋଇ ଅକ୍ଟୋବର ୨ ପୂର୍ଣ୍ଣାହୁତି ସହ ଶେଷ ହେବ। ୩ ତାରିଖ ସନ୍ଧ୍ୟାରେ ଭସାଣି ଉତ୍ସବ ପାଳନ କରାଯିବ ବୋଲି କମିଟି ସ୍ଥିର କରିଛି।

# ଓଡ଼ିଶା ଶୁଟିଂଦଳରେ ସମ୍ବଲପୁରର ୫ ଖେଳାଳି

### ନବମ ଇଷ୍ଟଜୋନ ଶୁଟିଂ ଚାମ୍ପିୟନଶିପରେ ଭାଗନେବେ

ସମ୍ବଲପୁର,୧୫।୯(ଭବାନୀ ଶଙ୍କର ଭୋଇ)

ବିହାରର ନାଳନ୍ଦାଠାରେ ସୋମବାର ଆରମ୍ଭ ହୋଇଥିବା ନବମ ଇଷ୍ଟଜୋନ ସୁଟିଂ ଚାମ୍ପିୟନଶିପ ପାଇଁ ସମ୍ବଲପୁର ଜିଲାରୁ ୫ଜଣ ଶୁଟରଙ୍କୁ ଓଡ଼ିଶା ସୁଟିଂ ଦଳ ପାଇଁ ମନୋନୀତ କରାଯାଇଛି। ସେମାନେ ହେଲେ ମହମ୍ମଦ ସାଜିଦ ରେଜା, ବିଶ୍ୱସ୍ଥତା ପ୍ରଜ୍ଞା ପ୍ରଧାନ, ସମ୍ପୂର୍ଣ୍ଣା କୌର, ସିଦ୍ଧାର୍ଥ ଶର୍ମା ଏବଂ ଗୁଲସନ ମିଶ୍ର। ଏହି ଖେଳାଳିମାନେ ସମ୍ବଲପୁର ରାଇଫଲ ଆସୋସିଏଶନ ସମ୍ପାଦକ ତଥା ଜାତୀୟସ୍ତରର ଜଣାଶୁଣା ଶୁଟର୍ ଅର୍ଦ୍ଧେନ୍ଦୁ ପାଢୀଙ୍କ ନେତୃତ୍ୱରେ ନାଳନ୍ଦାଠାରେ ହେବାକୁ ଥିବା ଇଷ୍ଟଜୋନ ସୁଟିଂ ଚାମ୍ପିୟନଶିପରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏହି ସଦସ୍ୟମାନେ ଓଡ଼ିଶା ରାଇଫଲ ଆସୋସିଏଶନ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଏବଂ ଉତ୍କଳ କରାଟେ ସ୍କୁଲରେ ସେପ୍ଟେମ୍ବର ୧ରୁ ୪ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଚତୁର୍ଦ୍ଦଶ ଓଡ଼ିଶା ରାଜ୍ୟ ସୁଟିଂ ଚାମ୍ପିୟନଶିପରେ ସମ୍ବଲପୁର ପାଇଁ ସଫଳତା ଆଣିଥିଲେ। ଏଥିପାଇଁ ସମ୍ବଲପୁର ରାଇଫଲ ଆସୋସିଏଶନର ସଭାପତି କର୍ଣ୍ଣେଲ ପ୍ରଭାତ ପଣ୍ଡା ଏବଂ କାର୍ଯ୍ୟନିବାହୀ ସଦସ୍ୟ ମାନସ ରଥ ଖେଳାଳିମାନଙ୍କୁ ସୋମବାର ଶୁଭେଚ୍ଛା ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭକାମନା କରିଛନ୍ତି। ସମ୍ବଲପୁରରେ ସୁଟିଂ ପ୍ରତି ଆକର୍ଷଣ ରହିଥିବା ବେଳେ ଜାତୀୟ ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳିମାନେ ଯୋଗଦେବା ଦ୍ୱାରା ସୁଟିଂ ପ୍ରତି ଆହୁରି ଆକର୍ଷଣ ବୃଦ୍ଧି ପାଇବ ବୋଲି ସମ୍ବଲପୁର ରାଇଫଲ ଆସୋସିଏଶନ ପକ୍ଷରୁ କୁହାଯାଇଛି ।


ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ସମ୍ବଲପୁରର ୫ ପ୍ରତିଯୋଗୀ।

# ଭୋକିଲା ମଣିଷ ଧର୍ମ ଚର୍ଚ୍ଚାରୁ ମୁହଁ ମୋଡ଼ିନିଏ

### ବିବେକାନନ୍ଦ କେନ୍ଦ୍ର ପକ୍ଷରୁ ବିଶ୍ୱ ଭ୍ରାତୃତ୍ୱ ଦିବସ

ସମ୍ବଲପୁର,୧୫।୯(ବି.ଶଙ୍କର)

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସମ୍ବଲପୁର ଶାଖା ପକ୍ଷରୁ ବିଶ୍ୱ ଭ୍ରାତୃତ୍ୱ ଦିବସ ରବିବାର ରାତି ୯ଟାରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ପାଳିତ ହୋଇଯାଇଛି। ନଗର ପ୍ରମୁଖ ଡ. ବସନ୍ତ କୁମାର ଦାସଙ୍କ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବୌଦ୍ଧିକ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ଡ. ଆଦିତ୍ୟ ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ।

ମୁଖ୍ୟବକ୍ତା ଡ. ମେହେର କହିଥିଲେ, ନାନା ବାଧାବିଘ୍ନ ସତ୍ତ୍ୱେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ପରିବର୍ତ୍ତନ ହୋଇ ନ ଥିଲା। ଗୁରୁ ରାମକୃଷ୍ଣ ପରମହଂସଙ୍କଠାରୁ ପ୍ରେରଣା ପାଇ ସେ ବିବେକାନନ୍ଦ ହୋଇ ପାରିଥିଲେ। ଦେଶପ୍ରେମୀ ସନ୍ୟାସୀ ବିବେକାନନ୍ଦଙ୍କ ଯୁକ୍ତି ଥିଲା ଭୋକିଲା ମଣିଷ ଧର୍ମ ଚର୍ଚ୍ଚାରୁ ମୁହଁ ମୋଡ଼ି ନିଏ। ବୈଦିକ ପରମ୍ପରାକୁ ଫେରାଇ ଆଣି ଆଧାତ୍ମିକ ଜାଗରଣ ସୃଷ୍ଟି ପାଇଁ ସ୍ୱାମୀଜୀ ପ୍ରୟାସ କରିଥିଲେ। ଆତ୍ମାକୁ ତେଜି ଚମତ୍କାର ସନ୍ଧାନ ପାଇଁ ବିବେକାନନ୍ଦ ସନାତନ ଧର୍ମ ଏକାଙ୍ଗବର୍ତ୍ତି, ଆତ୍ମ ପରିଚୟ, ଉଦାରତା ତଥା ନମ୍ରତା ପରି ବ୍ରହ୍ମାସ୍ତ୍ର ଆବିଷ୍କାର କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ସ୍ୱାମୀଜୀଙ୍କ ହୃଦୟର ଭାଷା ଭାରତର ଜ୍ଞାନ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଉତ୍ତିଷ୍ଠତା ଜାଗ୍ରତ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ଓ ଏନଏସସିବି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ପୁରସ୍କୃତ କରିଥିଲେ। ସମ୍ପର୍କ ପ୍ରମୁଖ ତଥା ଆଇନଜୀବୀ ପୁଷ୍ପାଞ୍ଜଳି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିବେକାନନ୍ଦଙ୍କ ଆଦର୍ଶ ବାଣୀ ଓ ସିଦ୍ଧାନ୍ତ ଉପରେ ରଚିତ ପୁସ୍ତକଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା। ବୁଢ଼ାରଜା ଉଚ୍ଚବିଦ୍ୟାଳୟର ଛାତ୍ରମାନେ ମାଟି ଆମର ମା' ଶୀର୍ଷକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଯୁବା ପ୍ରମୁଖ ଶରତ ଚନ୍ଦ୍ର ବେହେରା ବିବେକାନନ୍ଦ କେନ୍ଦ୍ର ସମ୍ବଲପୁର ଶାଖାର ବିବରଣୀ ଉପସ୍ଥାପନ କରିଥିଲେ।


ବିଶ୍ୱ ଭ୍ରାତୃତ୍ୱ ଦିବସ ସଭାରେ ଅତିଥି, ବକ୍ତା ଓ କର୍ମକର୍ତ୍ତାମାନେ।

# ରାତିଅଧରେ ଦୋକାନରେ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ

■ ବର୍ତ୍ତିଗଲେ ଦୁଇ ଦୋକାନ ମାଲିକ, ଅଭିଯୁକ୍ତ ଗିରଫ
■ ଜେସିବି, ମୋଟର ସାଇକେଲ ଜବତ

ଗୋପ,୧୫।୯
(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ମଦରଙ୍ଗ ବଜାରରେ ଏକ ଘର ସମ୍ମୁଖରେ ଥିବା ୨ ଦୋକାନ ଉପରେ ରବିବାର ବିଳମ୍ବିତ ରାତିରେ ଜେସିବି ଚଢ଼ାଇ ଭାଙ୍ଗି ଦିଆଯିବା ସହ ଦୋକାନୀଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଏଥିରେ ଦୋକାନ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଏହା ଭିତରେ ଥିବା ନାଗପୁର ଗ୍ରାମର ମିଠା ଦୋକାନ ମାଲିକ ପ୍ରହ୍ଲାଦ ସାହୁ(୬୫) ଏବଂ ବନ୍ତଳିଗ୍ରାମ ଗ୍ରାମର ସାଇକେଲ ଦୋକାନ ମାଲିକ ଜଟାଧାରୀ ସାହୁ (୮୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ୨ଟି ମାମଲା(ନଂ.୩୦୫/୨୫ ଏବଂ ୩୦୬/୨୫) ରୁଜୁ କରି ଅଭିଯୁକ୍ତ କେଦାର ରାଉତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଜେସିବି ଏବଂ ଏକ ମୋଟର ସାଇକେଲକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଦରଙ୍ଗ ବଜାରରେ ଅଭିଯୁକ୍ତ କେଦାରଙ୍କ ଘର ସମ୍ମୁଖରେ ଦୀର୍ଘ ବର୍ଷ ଧରି ପ୍ରହ୍ଲାଦ ଏବଂ ଜଟାଧାରୀ ମିଠା ଏବଂ ସାଇକେଲ ଦୋକାନ କରି ବ୍ୟବସାୟ କରି ଆସୁଛନ୍ତି। ଦୋକାନ ପଛରେ କେଦାରଙ୍କ ଘର ରହିଥିବାରୁ ଗତ କିଛି ଦିନ ଧରି ଦୁଇ ଦୋକାନ ମାଲିକଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ଏହାକୁ ନେଇ ଅଭିଯୁକ୍ତ କେଦାର ତାଙ୍କର କେତେଜଣ ସହଯୋଗୀଙ୍କ ସହ ମିଶି ରାତି ଅଧରେ ଜେସିବି ଦ୍ୱାରା ଦୁଇଗୋଟି ଦୋକାନକୁ ଭାଙ୍ଗିଥିଲେ। ଦୋକାନ ମଧ୍ୟରେ ଶୋଇଥିବା ଜଟାଧାରୀ ଏବଂ ପ୍ରହ୍ଲାଦଙ୍କ ଉପରେ ଇଟା, ପଥର ସହିତ କାଠପଡ଼ିବା ପରେ ସେମାନେ ଜୀବନ ବଞ୍ଚାଇବା ଲାଗି ବାହାରକୁ ପଳାଇ ଆସିଥିଲେ। ଦୋକାନ କାହିଁକି ଭାଙ୍ଗୁଛ ବୋଲି ପଚାରିବାରେ କେଦାର ଏବଂ ତାଙ୍କ ସହଯୋଗୀ ମାନେ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। କିଛି ସମୟପରେ ଦୋକାନ ମାଲିକଙ୍କ ପରିବାର ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ପଥର, ଇଟା ଓ କାଠ ପଡ଼ି ଗୁରୁତର ହୋଇଥିବା ଜଟାଧାରୀ ଏବଂ ପ୍ରହ୍ଲାଦଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ଥାନା ମହିଳା ଏସ୍ଆଇ ଦେବସ୍ମିତା ସିଂ, ଏଏସ୍ଆଇ ବୁଲୁ ସେଠୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କେଦାରଙ୍କୁ ଗିରଫ କରିବାବେଳେ ପୋଲିସ ସହ ଠେଲାପେଲା ହୋଇଥିଲା। ଏହାର ସୁଯୋଗ ନେଇ ଅନ୍ୟ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇ ଥିଲେ। ଶେଷରେ ପୋଲିସ କେଦାରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜେସିବି ଚଢ଼ାଇ ଦୋକାନ ଭାଙ୍ଗି ଦେବା ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ମାମଲାର ତଦନ୍ତ ଏଏସ୍ଆଇ ବୁଲୁ ସେଠୀ କରୁଥିବାବେଳେ ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।


ଗିରଫ କେଦାର ରାଉତ।

# ଜାଲ ସାର୍ଟିଫିକେଟ ଦେଇ ଚାକିରି: ଅଧ୍ୟାପକ ବହିଷ୍କୃତ

ବାଲିକୁଦା,୧୫।୯(ତାପସ ସ୍ୱାଇଁ)

ନିଯୁକ୍ତି ସମୟରେ ଜାଲ ସାର୍ଟିଫିକେଟ ଦେବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ଶତପଥୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ବାଲିକୁଦା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ପରିଚାଳନା ପରିଷଦ ମନୋନୟନ କ୍ରମେ ୨୦୧୯ରେ ସନ୍ତୋଷଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ସେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ପାଇଥିବା ନେଇ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ଏହାପରେ ସନ୍ତୋଷଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ତାହା ଜାଲ୍ ବୋଲି ଜଣା ପଡ଼ିବା ପରେ ସୋମବାର ଉପଜିଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର କରିଥିଲେ। ସନ୍ତୋଷ ପାଇଥିବା ଶିକ୍ଷାଗତ ପ୍ରମାଣପତ୍ର (ସାର୍ଟିଫିକେଟ) ଉତ୍କଳ ବିଶ୍ୱବିଦ୍ୟାଳୟ ସହ ସମାନ ନଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ସେହିପରି ସନ୍ତୋଷ ୨୦୧୪ରେ ସିକିମ୍ ୟୁନିଭରର୍ସିଟିର ନକଲି ସାର୍ଟିଫିକେଟ୍ ଆଣିଥିଲେ ବୋଲି କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଚିଠିରେ ଉପଜିଲାପାଳ ଉଲ୍ଲେଖ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ସୋମବାର ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋବିନ୍ଦପୁର ଗ୍ରାମର ଗୋପୀନାଥ ରଣା(୨୭)। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ପଡିଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୋପୀନାଥ ତାରାତାରିଣୀ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରନ୍ତି। ସୋମବାର ସେ ଘରେ ଶ୍ରାଦ୍ଧ କାମ ସାରି ଆସିବା ବେଳେ ଗ୍ରାମ ଛକ ନିକଟରେ ୪ରୁ ଉର୍ଦ୍ଧ୍ୱ ଯୁବକ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଗୋପୀନାଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନାଲ୍‌କୋରେ ଚାକିରି ଦେବା ଆଳରେ ୧୮ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

ଭୁବନେଶ୍ୱର,୧୫।୯(ସତ୍ୟଜିତ୍ ରାଉତ)

ନାଲ୍‌କୋରେ ଚାକିରି କରାଇଦେବା ଆଳରେ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବଡ଼ଗଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଗତି ବିହାରର ନରେଶ ବାରିକ ଓରଫ ବୁଟୁ (୫୫)। ତାଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସର୍ବେଶ୍ୱରଙ୍କ ସହଯୋଗୀ ଦିଲ୍ଲୀପ ଭଞ୍ଜ ଫେରାରଥିବା ବେଳେ ତାଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।

ପ୍ରକାଶ ଯେ, ବଡ଼ଗଡ ଥାନା ଅଞ୍ଚଳର ଅଭିଯୋଗକାରୀ ସର୍ବେଶ୍ୱର ସାମଲ ୨୦୨୧ରେ ନରେଶଙ୍କ ସଂସ୍ପର୍ଶରେ ଆସିଥିଲେ। ନରେଶ ତାଙ୍କୁ ନାଲ୍‌କୋର ଏଜିଏମ୍ ଭାବରେ ପରିଚୟ ଦେଇ ଫସାଇଥିଲେ। ସେ ଦିଲ୍ଲୀପଙ୍କ ଜରିଆରେ ସର୍ବେଶ୍ୱରଙ୍କ ପୁଅଙ୍କ ପାଇଁ ନାଲ୍‌କୋରେ ଚାକିରି ବୁଝିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଟଙ୍କା ଦେବାକୁ ହେବ ବୋଲି ନରେଶ କହିଥିଲେ। ତାଙ୍କୁ ବିଶ୍ୱାସ କରି ସର୍ବେଶ୍ୱର ଅନଲାଇନ୍ ଓ ନଗଦ ଆକାରରେ ମୋଟ୍ ୧୮ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ନରେଶ ନକଲି ନିଯୁକ୍ତି ପତ୍ର, ପରିଚୟପତ୍ର, ଗେଟ୍ ପାସ୍ ଏବଂ ଡାକ୍ତରୀ ଫିଟନେସ୍ ସାର୍ଟିଫିକେଟ୍ ଆଦି ସର୍ବେଶ୍ୱରଙ୍କ ପୁଅଙ୍କୁ ଦେଇଥିଲେ। ୨୦୨୫ ମାର୍ଚ୍ଚ ୧୯ରେ ସର୍ବେଶ୍ୱରଙ୍କ ପୁଅ ନାଲ୍‌କୋ ଅଫିସରେ ରିପୋର୍ଟ କରିବାକୁ ଯିବାବେଳେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ସର୍ବେଶ୍ୱରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୨୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଏଭଳି ଅନ୍ୟ ଚାକିରି ଆଶାୟୀଙ୍କୁ ମଧ୍ୟ ଠକେଇ କରିଥିବା ପୋଲିସ ସୂଚନା ପାଇଛି। ଏନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।


ନରେଶ ବାରିକ

# ସାଇବର ଠକେଇ: ପେମେଣ୍ଟ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୩ ଗିରଫ

**କଟକ,୧୫।୯(କାର୍ତ୍ତିକ ସାହୁ):** କଟକ ସାଇବର ଥାନା ପୋଲିସ ଏକ ସାଇବର ଠକେଇ ମାମଲାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ରାଉରକେଲାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋଷ ବସ୍ତିର ପ୍ରତୀକ ଚୌରାସିଆ ଓରଫ ସିଦ୍ଧାର୍ଥ(୨୧)। ଅବିନାଶ ପେଟିଏମ୍ ଓ ଏନ୍‌ଏସ୍‌ଡିଏଲ୍, ଜଗନ ଏୟାରଟେଲ ଓ ଜିଓ ପେମେଣ୍ଟ ବ୍ୟାଙ୍କର କର୍ମଚାରୀ ହୋଇଥିବାବେଳେ ପ୍ରତୀକ ଏୟାରଟେଲ ସିମ୍‌କାର୍ଡ ବିକ୍ରି କରନ୍ତି। ପ୍ରତୀକ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୂର୍ବରୁ ଆକ୍ଟିଭ ହୋଇଥିବା ସିମ୍‌କାର୍ଡ ଯୋଗାନ୍ତି। ସେମାନଙ୍କ ନିକଟରୁ ୩ଟି ଆଧାର କାର୍ଡ, ୬ଟି ମୋବାଇଲ ଫୋନ୍, ୩ଟି ଚେକ୍‌ବହି, ୧୦ଟି ପାସ୍‌ବହି ଜବତ ହୋଇଛି। ଏଥିସହ ୩୯ଟି ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ ଥିବା ୨ ଲକ୍ଷ ଟଙ୍କାକୁ ଅଚଳ କରିଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁସାରେ, ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। କଟକ ସାଇବର ଥାନାରେ ସେ କରିଥିବା ଅଭିଯୋଗ ଅନୁଯାୟୀ, ନିଶା ସିଂହ ନାମକ ବ୍ୟକ୍ତି ଟେଲିଗ୍ରାମ୍ ଜରିଆରେ ତାଙ୍କୁ ଏକ ଲିଙ୍କ୍ ଶେୟାର କରିଥିଲେ। କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କଲେ ୨ଗୁଣା ଲାଭ ପାଇବାର ଲୋଭ ସେ ଦେଖାଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ୨୦୨୫ ମେ ୧୬ରୁ ୨୯ ତାରିଖ ମଧ୍ୟରେ ୧୩,୭୨,୦୭୦ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ।

# ୨ ମାସରେ ତଦନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ସାମାଜିକ କର୍ମୀ ରୋଜାଲିନ୍ ସାହୁ ହତ୍ୟା ମାମଲା

କେନ୍ଦୁଝର,୧୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରର ସାମାଜିକ କର୍ମୀ ରୋଜାଲିନ ସାହୁଙ୍କ ହତ୍ୟା ମାମଲାରେ ହାଇକୋର୍ଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ବିଚାରପତି ଚିତ୍ତରଞ୍ଜନ ଦାଶ ମାମଲା ଶୁଣାଣିକରି କେନ୍ଦୁଝର ପୋଲିସକୁ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିବାରୁ କୋର୍ଟ ସେପ୍ଟେମ୍ବର ୧୦ରେ ଶୁଣାଣି ସମୟରେ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

ସୂଚନାଯୋଗ୍ୟ, ରୋଜାଲିନ୍ ସାହୁଙ୍କ ମୃତ୍ୟୁ ହେବାର ଅଢ଼େଇ ବର୍ଷ ବିତିସାରିଲାଣି। କେନ୍ଦୁଝର ଘଟଗାଁ ଥାନା ପକ୍ଷରୁ ଏକ ସଂଘବଦ୍ଧ ନରହତ୍ୟା ମାମଲା ରୁଜୁ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଚୁପ୍ ବସିଥିବା ରୋଜାଲିନ୍‌ଙ୍କ ମାଆ ରେବତୀ ସାହୁ ଅଭିଯୋଗ କରିଥିଲେ। ଏକମାତ୍ର ଝିଅକୁ ପ୍ରକାଶ ମଲ୍ଲିକ ନାମକ ଯୁବକ ଘରୁ ନିଜ ଗାଡ଼ିରେ ଡାକିନେଇ ହତ୍ୟା କରିଥିବା ନେଇ ସିଧା ଅଭିଯୋଗ କରିଥିଲେ। ତେଣୁ ପୋଲିସ ବାଧ ହୋଇ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି। ପ୍ରଥମେ ଝିଅ ଏକ ବାଇକ୍‌ରେ ଯାଇ ପଡ଼ିଯାଇଥିବା ପୋଲିସ କହିଥିଲା। ପରେ ଘଟଣାର ୨ ବର୍ଷ ପରେ ଏକ ଧଳା ସ୍କର୍ପିଓ ଜବତ କରିଥିଲା। ତେବେ ପୋଲିସ ଅପରାଧୀଙ୍କୁ ଗିରଫକରି ଚାର୍ଜଶିଟ ଦେଉ ନ ଥିବାରୁ ରେବତୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ ଶୁଣାଣିରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଫିସ ଚିଠିକୁ ପୋଲିସ ମାନିଲା ନାହିଁ କି ତଦନ୍ତ କଲାନାହିଁ। ବାରମ୍ବାର ନିରାଶ ହୋଇ ସେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଚିତ୍ତରଞ୍ଜନ ଦାଶ କେନ୍ଦୁଝର ପୋଲିସ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ମଧ୍ୟ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିଲା। ତେଣୁ ଘଟଣା ବିଭ୍ରାନ୍ତି ଆଡ଼କୁ ଯାଉଥିବାରୁ ଏତେ ଦିନ ଯାଏ ଚାର୍ଜଶିଟ ନ ହେବାରୁ କୋର୍ଟ ଶୁଣାଣି କରି ଦୁର୍ଭାଗ୍ୟଜନକ କହିଛନ୍ତି। ନିର୍ଦ୍ଦେଶନାମା ଆସିବା ପରେ ରୋଜାଲିନ ସାହୁଙ୍କ ମାଆ ଅପରାଧୀ ଏବେ ଗିରଫ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେତେ ବଡ଼ ଲୋକଙ୍କ ସହ ଫଟୋ ଉଠେଇ ଅପରାଧୀମାନେ ବର୍ତ୍ତିଯିବାକୁ ମସୁଧା କରୁଥିଲେ ମଧ୍ୟ ମୁକୁଳିପାରିବେନାହିଁ। ଏଥିସହ ହତ୍ୟା ଅପରାଧୀଙ୍କୁ ରାଜନୈତିକ ଶରଣ ନ ଦେବାକୁ ସେ ରାଜନୈତିକ ଦଳ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଖେଳ ଖବର

# ଚାମ୍ପିୟନ ଦଳକୁ ୫୦, ରନରଅପକୁ ୨୫ ଲକ୍ଷ



ଆୟୋଜକମାନେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

କଟକ,୧୫।୯(କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୭ରୁ ଆରମ୍ଭ ହେବ ଓଡ଼ିଶା ପ୍ରୋ ଟି୨୦ ଲିଗ୍। ଏହି ଲିଗ୍‌କୁ ବହୁଳ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଷ୍ଟାର ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନ୍ କୋଡ୍‌ରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ୬ଟି ଦଳକୁ ନେଇ ହେବାକୁ ଥିବା ଏହି ଲିଗ୍‌ରେ ଟ୍ରଫି ସହ ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ରାଶି ୫୦ ଲକ୍ଷ ଓ ରନରଅପ ଦଳକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ୧୦ ହଜାର, ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ୧ ଲକ୍ଷ, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ଦେଇ କହିଲେ, ବଲିଉଡ କଳାକାର ଚିତ୍ରାଙ୍ଗଦା ସିଂ, ନକ୍ସ ଅଜିଜ, ଋତୁରାଜ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ। ଏଥିରେ ସମ୍ବଲପୁରୀ, ମାଲଖମ୍ବ ନୃତ୍ୟ ପରିବେଷଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଗକୁ ଉଦ୍‌ଘାଟନ କରିବେ। ସେହିପରି ବ୍ରେଟ୍ ଲି ଓ ଅନ୍ତର୍ଜାତୀୟ ଓଡ଼ିଆ କ୍ରିକେଟର ଦେବାଶିଷ ମହାନ୍ତି ବ୍ରାଣ୍ଡଆମ୍ବାସଡର ରହିବେ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ବ୍ରେଟ୍ ଲି ବାଦ୍ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଇର୍ଫାନ ପଠାନ୍‌ଙ୍କୁ ବ୍ରାଣ୍ଡଆମ୍ବାସାଡ଼ର ରଖାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ସଞ୍ଜୟ ରାଉଳ ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ଗ୍ୟାଲେରୀ ନଂ-୧, ୩, ୫ ଏବଂ ୬ ଦର୍ଶକମାନଙ୍କ ପାଇଁ ଖୋଲା ରହିବ। ବିନା ମୂଲ୍ୟରେ ଟିକଟ ଜେନି ମୋବାଇଲ ଆପ୍ଲିକେସନରେ ଦର୍ଶକ ଟିକଟ ବୁକିଂ କରିପାରିବେ। ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆରିଭା ସ୍ପୋର୍ଟସର ହେଡ୍ ଅଫ ଅପରେସନ୍ ସଲମାନ ଖାନ୍ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଓଡ଼ିଶା ଓପନ ପିକଲ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୯ (ତପନ ସ୍ୱାଇଁ)


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ଓପନ ପିକଲ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ହାଇଓ୍ୱେ ହୋଣ୍ଡା ପରିସରରେ ଉଦ୍‌ଯାପିତ ହୋଇଛି। ପିକଲ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ସର୍ବଭାରତୀୟ ପିକଲ୍‌ବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକରୁ ଆରମ୍ଭ କରି ୬୦+ ଭେଟେରାନ ପୁରୁଷ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପୁରୁଷ ବର୍ଗରେ ଯଶରାଜ ନାୟକ ସ୍ୱର୍ଣ୍ଣ, ଅଂଶୁମାନ ବାବୁ ରୌପ୍ୟ ଓ ସୁମିତ ପଣ୍ଡା ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୩୫+ ପୁରୁଷ ସିଙ୍ଗଲ୍ସରେ ରାଜେଶ ପ୍ରଧାନ, ସୁନୀଲ ସାହୁ ଓ ମନମୀତ ମହାନ୍ତି, ପୁରୁଷ ଓପନ ଡବଲ୍ସରେ ରାଜେଶ ପ୍ରଧାନ-ରୋଶନ ମିଶ୍ର, ସୁମିତ ପଣ୍ଡା-ଅଂଶୁମାନ ବାବୁ ଓ ଯଶରାଜ ନାୟକ-ୟୁରେକା ଅପ୍‌ତା, ୩୫+ ପୁରୁଷ ଡବଲ୍ସରେ ରାଜେଶ ପ୍ରଧାନ-ଲଗ୍ନଜିତ ପଟ୍ଟନାୟକ, ମନମୀତ ମହାନ୍ତି-ସୁନୀଲ ସାହୁ ଓ ସନ୍ତୋଷ ଜେନା-ଅଜୟ ନିଶଙ୍କ, ୫୦+ ପୁରୁଷ ଡବଲ୍ସରେ ସନ୍ତୋଷ ଜେନା-ଶିବ ଜେନା, ପ୍ରଦୀପ ସିଂ-ଉଦୀପ ଦାସ ଓ ସଂଗ୍ରାମ ବେହେରା-ଗୋଲକ ରାଉତ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୬୦+ ପୁରୁଷ ଡବଲ୍ସରେ ପ୍ରଦୀପ ସିଂ-ଉଦୀପ ଦାସ, ଏମ.ଏନ. ବିଶ୍ୱାଳ-ଆର.କେ. ଦାସ ଓ ବିଜୟ ମିଶ୍ର-ଅରୁଣ ଦାସ ଯୋଡ଼ି ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦାର ସ୍ୱର୍ଣ୍ଣ, ଆରାଧ୍ୟା ବର୍ମା ରୌପ୍ୟ ଓ ସାକ୍ଷୀ ଅଗ୍ରୱାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍ସରେ ପ୍ରସିଦ୍ଧି ପୋଦାର-ସ୍ନେହା ଗର୍ଗ, ଅନୁସ୍କା ଆଲିସେ-ଶୁଭଶ୍ରୀ ଓ ଅନିଶା-ଜୋହାନା ଏବଂ ମିକ୍ସଡ ଡବଲ୍ସରେ ଏକଲବ୍ୟ ମହାପାତ୍ର-ପ୍ରସିଦ୍ଧି ପୋଦାର, ଅନିଶା ପାଣିଗ୍ରାହୀ-ରୋଶନ ମିଶ୍ର ଓ ଅନମୋଲ ଦାସ-ସାକ୍ଷୀ ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ବିଗ୍‌ନର୍ସ ସିଙ୍ଗଲ୍ସ ବର୍ଗରେ ଆଦିତ୍ୟ ଶତପଥୀ ସ୍ୱର୍ଣ୍ଣ, ସୁମିତ ପଟେଲ ରୌପ୍ୟ ଓ ଆଶୁତୋଷ ପାଢ଼ୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଗ୍ରୁପ୍-ଜି ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ, ପୂର୍ବତନ ଓଡ଼ିଶା ରଣଜୀ କ୍ରିକେଟର ସୌମିତ୍ର ଚୌଧାରୀ, ପିକଲବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ବିଜୟ କେତନ ମିଶ୍ର, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏକଲବ୍ୟ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ୧୪ଥର ବିଶ୍ୱ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ



ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ

ଟୋକିଓ, ୧୫।୯ (ଏପି)

ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ୧୪ତମ ଥର ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ସୋମବାର ରାତିରେ ସେ ତୃତୀୟ ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ୬.୩୦ ମିଟର କ୍ଲିଅର କରିଛନ୍ତି। ସୁଇଡେନରେ ଜନ୍ମ ଗ୍ରହଣ କରିଥିବା ଡୁପ୍ଲାଣ୍ଟିସ ଲୋଇସିଆନାରେ ଲାଳିତପାଳିତ ହୋଇଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ୪୯ତମ ମିଟ୍ ବିଜୟ ଏବଂ ଅଲିମ୍ପିକ୍ସ ସମେତ କ୍ରମାଗତ ୬ଷ୍ଠ ପ୍ରମୁଖ ଟାଇଟଲ। ତାଙ୍କର ଆଉ ଏକ ରେକର୍ଡ ଦେଖିବା ଲାଗି ଦର୍ଶକମାନଙ୍କୁ ଅତିରିକ୍ତ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ସେ ତାଙ୍କ ତୃତୀୟ ତଥା ଫାଇନାଲ ପ୍ରଚେଷ୍ଟାରେ ଉଚ୍ଚତାକୁ ଡେଇଁ ଥିଲେ। ଗ୍ରୀକ୍ ପୋଲ୍‌ଭଲ୍ଟର ଏମାନୋଲ୍ କାରାଲିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିଲେ। ପୁରସ୍କାର ବାବଦରେ ଡୁପ୍ଲାଣ୍ଟିସ ୭୦,୦୦୦ ଡଲାର ଏବଂ ରେକର୍ଡ ପ୍ରତିଷ୍ଠା ପାଇଁ ବୋନସ ବାବଦରେ ଅତିରିକ୍ତ ୧୦୦,୦୦୦ ଡଲାର ପକେଟସ୍ଥ କରିଛନ୍ତି।

# ପୁରୁଷ ବିଭାଗରେ ଝାଡ଼ଖଣ୍ଡ ଚାମ୍ପିୟନ, ଓଡ଼ିଶା ରନରଅପ

## ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ

ପୁରୀ ୧୫।୯
(ଅଜିତ୍ କୁମାର ମହାନ୍ତି)

ଟେନିସ ବଲ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛ। ବର୍ଷା କାରଣରୁ ବିଳମ୍ବିତ ରାତିରେ ପୁରୁଷ ବର୍ଗ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ଚାମ୍ପିୟନ ଏବଂ ଓଡ଼ିଶା ଦଳ ରନରଅପ୍ ହୋଇଥିଲା। ଲକ୍ଷ୍ନୌ ଏବଂ ଗୋଆ ପରେ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇ ସର୍ବଭାରତୀୟ ସ୍ତରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ରନରଅପ୍ ହୋଇ ଭଲ ସ୍ମୃତି ସାଉଁଟିଛି। ପୁରୁଷ ବର୍ଗର ପ୍ରଥମ ସେମିଫାଇନ ଏଆଇଆଇବି ଏବଂ ଝାଡଖଣ୍ଡ ମଧ୍ୟରେ ହୋଇଥିଲା। ଏଥିରେ ଝାଡଖଣ୍ଡ ୭ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏହି ଅବସରରେ ବର୍ଷାଯୋଗୁ ସମସ୍ୟା ଉପୁଜିବାରୁ ଓଡ଼ିଶା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ବର୍ଷା କାରଣରୁ ଓଡ଼ିଶା-ଝାଡ଼ଖଣ୍ଡ ଫାଇନାଲ ରବିବାର ଭୋର ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୭୬ ରନ କରିଥିଲା। ୭୭ ରନର ବିଜୟ ଲକ୍ଷ୍ୟକୁ ଝାଡଖଣ୍ଡ ୬.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଝାଡ଼ଖଣ୍ଡର ଛୋଟୁ ଖାଁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଓଡ଼ିଶାର ବିଶାଳ ଜେନା ପ୍ଲେୟର ଅଫ୍ ଦି ସିରିଜ, କିରଣ ସାହା ଶ୍ରେଷ୍ଠ ବ୍ୟାଟର, ମୁକ୍ତିକାନ୍ତ ପାତ୍ର ଶ୍ରେଷ୍ଠ ବୋଲର, ନିରଞ୍ଜନ ପ୍ରଧାନ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଟିବିସିଏଆଇର ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସଂପାଦକ ସନ୍ତୋଷ କୁମାର ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ପଦକ ପ୍ରଦାନ କରିଥିଲେ।



ରନରଅପ୍ ଓଡ଼ିଶା ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ଜଜ୍ଞେଶ୍ୱର ମହାନ୍ତି)

ଜନ୍ମଦିନର ଶୁଭେଚ୍ଛା
ନାମ: ..........................................
ବୟସ: ..........................................
ଜନ୍ମ ତାରିଖ: ..................................
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ଶ୍ରୁତିପ୍ରଜ୍ଞା ପରିବାରବର୍ଗ

# ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି

ଭୁବନେଶ୍ୱର,୧୫।୯

ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ତଥ୍ୟ ଅନୁସାରେ ଅଗଷ୍ଟ ମାସରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁଲାଇର ୦.୫୮ ପ୍ରତିଶତରୁ ବୃଦ୍ଧି ପାଇ ୦.୫୨ ପ୍ରତିଶତକୁ ପହଞ୍ଚିଛି। ଖାଦ୍ୟ ଓ ପାନୀୟ, ଉତ୍ପାଦିତ ଦ୍ରବ୍ୟ, ଅଣ ଖାଦ୍ୟ ପଦାର୍ଥ, ଅଣ ଧାତବ ଖଣିଜ ଉତ୍ପାଦ ଏବଂ ପରିବହନ ଉପକରଣର ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହି ଜିନିଷର ମୂଲ୍ୟ ବୃଦ୍ଧି ହେତୁ ପ୍ରାଥମିକ ଦ୍ରବ୍ୟର ସୂଚକାଙ୍କରେ ୧.୬୦ ପ୍ରତିଶତର ବୃଦ୍ଧି ଦେଖାଦେଇଛି। ୨୦୨୫ ଜୁଲାଇରେ ଏହା ୧୮୮.୦ ଥିବାବେଳେ ଅଗଷ୍ଟରେ ୧୯୧.୦କୁ ବୃଦ୍ଧି ପାଇଛି। ଅଣ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ୨.୯୨ ପ୍ରତିଶତ, ଖଣିଜ ପଦାର୍ଥର ମୂଲ୍ୟ ୨.୬୬ ପ୍ରତିଶତ ଏବଂ ଖାଦ୍ୟ ପଦାର୍ଥର ମୂଲ୍ୟ ୧.୪୫ ପ୍ରତିଶତ ବୃଦ୍ଧି ପାଇଛି। ଉତ୍ପାଦିତ ଦ୍ରବ୍ୟ ଡବ୍ଲ୍ୟୁପିଆଇ ବାସ୍କେଟ୍‌ର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାବେଳେ ଏହାର ମୂଲ୍ୟ ଜୁଲାଇ ତୁଳନାରେ ଅଗଷ୍ଟରେ ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। କାରଖାନାରେ ଉତ୍ପାଦିତ ଦ୍ରବ୍ୟର ଦର ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହା ସହ ଖାଦ୍ୟ ଉତ୍ପାଦ, ବସ୍ତ୍ର, ବିଦ୍ୟୁତ୍ ଉପକରଣ, ଅନ୍ୟାନ୍ୟ ପରିବହନ ଉପକରଣ ଏବଂ ଯନ୍ତ୍ରପାତିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଇନ୍ଧନ ଓ ବିଦ୍ୟୁତ୍ ମୁଦ୍ରାସ୍ଫୀତି ୦.୬୯ ପ୍ରତିଶତ ହ୍ରାସ ପାଇ ଅଗଷ୍ଟରେ ୧୪୩.୬କୁ ହ୍ରାସ ପାଇଛି। ଗତ ମାସରେ ଏହା ୧୪୪.୬ ଥିଲା। ବିଦ୍ୟୁତ୍‌ର ମୂଲ୍ୟ ୨.୯୧ ପ୍ରତିଶତ ଏବଂ ଖଣିଜ ତୈଳର ମୂଲ୍ୟ ୦.୦୭ ପ୍ରତିଶତ ହ୍ରାସ ପାଇଛି। ଜୁଲାଇ ତୁଳନାରେ କୋଇଲାର ମୂଲ୍ୟ ସ୍ଥିର ରହିଛି। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ମୁଦ୍ରାସ୍ଫୀତି ହାର ଅଗଷ୍ଟରେ ୦.୪୩ ପ୍ରତିଶତ ରହିଛି। ଏହା ବ୍ୟତୀତ କମ୍ପ୍ୟୁଟର, ଇଲେକ୍ଟ୍ରୋନିକ୍ସ ଓ ଅପ୍ଟିକାଲ ଉତ୍ପାଦ, ପୋଷାକ, କାଠ ଉତ୍ପାଦ ଏବଂ ଆସବାବପତ୍ରର ମୂଲ୍ୟ ହ୍ରାସ ପାଇଛି। ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧.୫୫ ପ୍ରତିଶତରୁ ବୃଦ୍ଧି ପାଇ ୨.୦୭ ପ୍ରତିଶତରେ ପହଞ୍ଚିଛି। ଏବେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଅର୍ଥାତ୍ ଉଭୟ ଖୁଚୁରା ଓ ପାଇକାରୀ ବଜାରରେ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହା ସୂଚାଇ ଦେଉଛି, କିଛି ନିର୍ଦ୍ଦିଷ୍ଟ ସେଗ୍‌ମେଣ୍ଟରେ ଦରଦାମ କମିଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଅନ୍ୟାନ୍ୟ ସାମଗ୍ରୀ ମହଙ୍ଗା ହୋଇଛି।

# ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୧୫।୯

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏବଂ ବଲାଙ୍ଗିର ସ୍ୱରାଜ ହସ୍ପିଟାଲର ସହଯୋଗରେ କଳାହାଣ୍ଡିର ଗୁଣପୁର ଗ୍ରାମରେ ଏକ ମାଗଣା ମଲ୍ଟିସ୍ପେଶିଆଲିଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଶିବିରରେ ଥୁଆମୁଲ ରାମପୁର ଏବଂ କାଶୀପୁର ବ୍ଲକ୍‌ର ୨୬ଟି ଗ୍ରାମର ୨୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀରୋଗ, ଶିଶୁରୋଗ, ଚର୍ମରୋଗ, ଇଏନ୍‌ଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସମେତ ବିଭିନ୍ନ ପ୍ରକାର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରବୋଧ କୁମାର ପଣ୍ଡା, ଗ୍ରାମୀଣ ସ୍ୱାସ୍ଥ୍ୟସେବା ବୃତ୍ତିଗତ ଏବଂ ସମ୍ପ୍ରଦାୟ ପ୍ରତିନିଧିମାନଙ୍କ ସହ ଉଦ୍‌ଘାଟନ କରିଥିଲେ। ଏନେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ପ୍ରକାର ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାକୁ ଚେଷ୍ଟା କରାଯାଉଛି। ବର୍ତ୍ତମାନ ସୁଦ୍ଧା ବେଦାନ୍ତ ଆଲୁମିନିୟମ ରାୟଗଡ଼ା ଏବଂ କଳାହାଣ୍ଡି ଜିଲାରେ ୩୫ରୁ ଅଧିକ ସ୍ୱାସ୍ଥ୍ୟ ଶିବିର କରିଛି।

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur-760001
99380 25554
63708 53214

## ବନ୍ତାରାର ପଶୁ କଲ୍ୟାଣ ମିଶନକୁ ସୁପ୍ରିମ କୋର୍ଟଙ୍କ କ୍ଲିନ୍‌ଚିଟ୍

ଭୁବନେଶ୍ୱର,୧୫।୯

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ନିଷ୍କର୍ଷକୁ ବନ୍ତାରା ପକ୍ଷରୁ ସ୍ୱାଗତ କରାଯାଇଛି। ବନ୍ତାରା ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ଏସ୍‌ଆଇଟିର ରିପୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ କରିଛି ଯେ ବନ୍ତାରାର ପ୍ରାଣୀ କଲ୍ୟାଣ ମିଶନ ବିରୋଧରେ ଉଠାଯାଇଥିବା ସନ୍ଦେହ ଏବଂ ଅଭିଯୋଗ ଭିତ୍ତିହୀନ ଥିଲା। ଏସ୍‌ଆଇଟିର ସଦସ୍ୟଙ୍କ ଦ୍ୱାରା ସତ୍ୟର ପ୍ରମାଣିକରଣ ବନ୍ତାରାର ସମସ୍ତଙ୍କ ପାଇଁ କେବଳ ଆଶ୍ୱସ୍ତିକର ନୁହେଁ ବରଂ ଏକ ଆଶୀର୍ବାଦ ମଧ୍ୟ। କାରଣ ଏହା ଆମର କାର୍ଯ୍ୟକୁ ନିଜ ପକ୍ଷରେ କହିବାକୁ ଅନୁମତି ଦିଏ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ 'ଷ୍ଟାର ଏମ୍ପ୍ଲୟର' ପୁରସ୍କାର

ଭୁବନେଶ୍ୱର,୧୫।୯



ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ରୋଜଗାର ସୃଷ୍ଟିରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଷ୍ଟାର ଏମ୍ପ୍ଲୟର' ଭାବେ ରାଜ୍ୟ ଶ୍ରେଷ୍ଠ ନିଯୁକ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପରମ୍ପରାଗତ ଶିଳ୍ପ ବର୍ଗରେ ଦିଆଯାଇଛି। ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା, ଓଡ଼ିଶାର କର୍ପୋରେଟ ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ) ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ଜୁନ୍‌ରୁ ୨୦୨୫ ଫେବ୍ରୁୟାରୀ ମଧ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପର ବିଭିନ୍ନ ଇଉନିଟ୍ ଦ୍ୱାରା ଓଡ଼ିଶାରେ ମୋଟ ୧୨,୪୨୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୯,୪୮୦ରୁ ଅଧିକ କର୍ମଚାରୀ ଓ ବାସିନ୍ଦା, ଯାହା ମୋଟ ନିଯୁକ୍ତିର ୭୬ ପ୍ରତିଶତରୁ ଅଧିକ। ଏହି ସମ୍ମାନ ସମାରୋହରେ ଆଦିତ୍ୟ ବିର୍ଲା ଗ୍ରୁପର ୬ ବିଭିନ୍ନ ଶିଳ୍ପ ଏକକରୁ ନୂତନ ଭାବେ ନିଯୁକ୍ତ ୩୫ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ବିଓଆଇ ଅଫିସର୍ସ ଆସୋସିଏଶନର ବାର୍ଷିକ ବୈଠକ

ଭୁବନେଶ୍ୱର,୧୫।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ୪୪ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ରେଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି ସୁରେନ୍ଦ୍ରନାଥ ସାହୁ ଏବଂ ୟୁନିଟ୍‌ର ସାଧାରଣ ସମ୍ପାଦକ କମଳଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫେଡେରେଶନ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ନିଲେଶ ପାୱାର, ସଭାପତି ଜି. ନାଗେଶ୍ୱର, କାର୍ଯ୍ୟରତ ସଭାପତି ଶ୍ରେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ ସଞ୍ଜୟ ଦାସ, ଗଣେଶ ପାଣ୍ଡେ ଏବଂ ପ୍ରକାଶ ଓରାଓଁ ଯୋଗଦେଇ ବ୍ୟାଙ୍କିଙ୍ଗ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଅସୁବିଧା ଓ ସୁଯୋଗ ସମ୍ପର୍କରେ ନିଜର ମୂଲ୍ୟବାନ୍ ମତ ପ୍ରକାଶ କରିଥିଲେ। ଏଥିରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ, ସମ୍ବଲପୁର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫେଡେରେଶନର ଲିଡରମାନେ ବର୍ଷିତ ଚାପ ଓ ଲକ୍ଷ୍ୟ ମଧ୍ୟରେ ଅଧିକାରୀମାନଙ୍କ ପାଇଁ ଉତ୍ତମ କାର୍ଯ୍ୟଜୀବନ ସନ୍ତୁଳନ ବଜାୟ ରଖିବା, ଉପଯୁକ୍ତ ନୀତି ଓ ବ୍ୟବସ୍ଥା ମଧ୍ୟରେ ଏକ ଚାପମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଏବଂ ଗ୍ରାହକଙ୍କ ଭିତ୍ତିଭୂମି ସହାୟତାରେ ଦକ୍ଷ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ସକ୍ଷମ କରାଇବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବାର୍ଷିକ ସାଧାରଣ ବୈଠକରେ ବିଜ୍ନେସ୍ ସେସନ ସଦସ୍ୟମାନଙ୍କ ସାଙ୍ଗଠନିକ ବିଷୟ, ନୀତିଗତ ପ୍ରସଙ୍ଗ ଏବଂ ଭବିଷ୍ୟତ ପାଇଁ ସାମୂହିକ ରଣନୀତି ଉପରେ ବିଚାରବିମର୍ଶ କରାଯାଇଥିଲା।

Classified Everyday
0674-2580101, 9692975378

## REAL ESTATE



### SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ 9692276835, 7077632085. D-1698

ଭୁବନେଶ୍ୱର ନଖରାଜ୍ଞକରୁ ୨ K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଙ୍କ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




The massage felt totally professional! & comfortable at all times- 7978109255. D-76492

## AFFIDAVIT

Bhimasen Malik, S/o- Late Magu Malik, Village- Mulubasanta, P.S.- Mahanga, Dist.- Cuttack, Odisha-754204, states by affidavit No.- 7137, dt 07.08.25 before Executive Magistrate, Cuttack that I have changed my name Bhimasen Malik to Bhimasen Jena. Bhimasen Jena and Bhimasen Malik and Bhima Malik is one and same person. D-1992

Ramesh Chandra Jena, S/o- Magu Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha states by affidavit No.- 7138, 07.08.25 that I have changed my name Ramesh Malik to Ramesh Chandra Jena. Ramesh Chandra Jena and Ramesh Malik is one and same person. D-1993

By virtue of an affidavit sworn before the Executive Magistrate, Dharamgarh, No.- 02, date 15.09.25, I, Sraban Kumar, S/o- Agasti Kumar, R/o. Village/P.O.- Badfurla, P.S.- Dharamgarh, Dist.- Kalahandi, Odisha, PIN- 766015 declare that I have changed my name from Sadranjan Kumar, DOB- 27.2.2007 to Sraban Kumar, DOB- 17.11.2006. Henceforth, I shall be known as Sraban Kumar, DOB- 17.11.2006 for all purposes.
Sraban Kumar D-1986

I, Nidhiram Jena, At- Goutam Nagar, P.O./Dist.- Koraput have changed my minor daughter's name from U.N. Sweekruti (as per Aadhaar Card) to U.N. Sweekruti Jena (as per Birth Certificate) for all future purposes vide affidavit No.- 631/25 in the Court of Executive Magistrate, Koraput, Odisha. D-1989

By virtue of an affidavit sworn before the Executive Magistrate, Reamal, dated 15.07.2025, I, Gopabandhu Mahalik, S/o- Pabani Mahalik, Address: Village/P.O.- Kansamunda, P.S.- Kaniha, Dist.- Angul, PIN- 759117 declare that I have changed my name from Gopabandhu Behera to Gopabandhu Mahalik. Henceforth, I shall be known as Gopabandhu Mahalik for all future purposes. D-1988

By Virtue of an affidavit sworn before Executive Magistrate, Bhubaneswar on 11.09.2025, the name of my minor son (15 years) has been changed from Arav Aryaman Rout to Aarav Aryaman Rout. Henceforth, He will be known as Aarav Aryaman Rout for all purposes.
Dr. Amiya Kumar Rout( Father) D-1994

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୩ ଶ୍ରୀ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୩୧୦/୨୦୧୯
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ନରୋତ୍ତମ ସାହୁ ....ବାଦୀ/ଦରଖାସ୍ତକାରୀ
ବନାମ
ସହକାରୀ ବନ୍ଦୋବସ୍ତ ଅଧିକାରୀ ଏବଂ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷ୍ଟଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧. ପ୍ରେମାନନ୍ଦ ବେହେରା, ପିତା- ସ୍ୱର୍ଗତ ଚରଣ ବେହେରା, ଗ୍ରାମ- ଦେଉଳବସ୍ତି, ପୋଷ୍ଟ-ଅରଗୁଳ, ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. ଶାନ୍ତିଲତା ବେଉରା, ପିତା- ସ୍ୱର୍ଗତ ଚରଣ ବେହେରା, ସ୍ୱାମୀ- ବୃନ୍ଦାବନ ମହନ୍ତ, ଗ୍ରାମ- ଉପରବସ୍ତା, ପୋଷ୍ଟ- ଭିମପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩. ରବୀନ୍ଦ୍ର କୁମାର ସାହୁ, ପିତା ନରସିଂହ ସାହୁ @ ପୁଷ୍ଟି, ଗ୍ରାମ- ବାଲିପାଟପୁର, ପୋଷ୍ଟ- ଭୁଷଣ୍ଡପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪. କନକଲୋଚନ ଘୋଷ, ପିତା- ରାଖାଲ ଚନ୍ଦ୍ର ଘୋଷ, ଗ୍ରାମ- ଗୋଦାଲି, ପୋଷ୍ଟ-ମାରୁନିଆ, ଥାନା- ଝାଡ଼ପୋଖରିଆ, ଜିଲ୍ଲା- ମୟୂରଭଞ୍ଜ ବର୍ତ୍ତମାନ, Qr. No.- MB/276, ମଧୁବନ, ପୋଷ୍ଟ/ଥାନା- ପାରାଦୀପ, ଜିଲ୍ଲା-ଜଗତ୍‌ସିଂହପୁର, ୫. ବଂଶୀଧର ସାହୁ (ମୃତ), କ. ଚକ୍ରଧର ସାହୁ, ପିତା- ସ୍ୱର୍ଗତ ବଂଶୀଧର ସାହୁ, ଗ୍ରାମ- ଦେଉଳବସ୍ତି, ପୋଷ୍ଟ- ଅରଗୁଳ, ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୬. A.S.O., ମୁଖ୍ୟ ବସତି, ଜୋବ୍ରା, କଟକ, ୭. ତହସିଲଦାର, ଗ୍ରାମ/ପୋଷ୍ଟ/ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ତ୍ରୁଟିପୂର୍ଣ୍ଣ ପ୍ରଶାସନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୪।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଜଟଣୀ, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର

ସାବକ
ଖାତା ନମ୍ବର ୨୦୩, ପ୍ଲଟ୍ ନମ୍ବର ୩୧୭, କିସମ- ଶାରଦ-୨, ରକବା- ମୋଟ୍ ଏ ୦.୧୩୦ ଡେସିମିଲ ଏବଂ ଏ ୦.୩୧୦ ଡେସିମିଲରୁ ଏ୦.୦୭୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍
ଖାତା ନମ୍ବର- ୧୬୮, ପ୍ଲଟ୍ ନମ୍ବର- ୪୧୭, କିସମ- ଶାରଦ ଅଣଜଳସେଚିତ- ୨, ରକବା- ଏ ୦.୩୧୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ କରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୨୨।୦୮।୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୯୮୭

## ମନେ ପଡ଼ନ୍ତି

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୭.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅନିତା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପ୍ରୀତୀରାଜ ସ୍ମିତା, ପୁଷ୍କରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହେମବତୀ ଅଭିଜିତ, ନିବେଦିତା, ବିଜୟ, ସବିତା, ସଂଜୟ, ଦୁହିତା
ମହାପ୍ରାଣ ଅଶିଆ ସିକିୟା ଗୁଷ ପଞ୍ଚୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବ୍ରହ୍ମ ଦେବ ମିଶ୍ର
ଧ-୧୯୯୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମହିମୋହନ ପ୍ରଧାନ
ଆବିର୍ଭାବ: ୦୫।୧୨।୧୯୩୮
ତିରୋଧାନ: ୦୬।୦୯।୨୦୨୫
ପିତା ଶବ୍ଦ ଏକ ଅର୍ଥ ଅନେକ ତ୍ୟାଗ, ସଂଘର୍ଷ, ମାର୍ଗଦର୍ଶକ, ନିଃସ୍ୱାର୍ଥ ପ୍ରେମ ତୁମେ ଦେଇଛ ଆମକୁ ସବୁ ତୁମ ଅନୁପସ୍ଥିତି କେମିତି ଆମେ ମାନିବୁ ହାତ ଧରି ଶିଖେଇ ଆମକୁ ଚାଲି ମିଶିଗଲ ତୁମେ ଆଜି କେ ଶରଧେ ବାଲି ଆଜି ଅଛେ ସବୁ କେ ମାଲିକ ପିତା ଜାଗା ଆମର ଖାଲି କରିଗଲ।
ତୁମର ଏକାଦଶାହରେ ପ୍ରାର୍ଥନା ମହାପ୍ରଭୁଙ୍କ ପାଖେ ଶାନ୍ତି, ସୁଖ ପାଅ ତୁମେ ଜଗେ ଜଗେ
ଶୋକସନ୍ତପ୍ତ: ପ୍ରାଃ ସୁରେନ୍ଦ୍ର, ପୁଅ, ବୋହୂ, ଭାଇ, ଭାଇବୋହୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ
ଧ-୧୯୯୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ପ୍ରଫୁଲ୍ଲ ଚନ୍ଦ୍ର ଦାସ
ରାଧା ଗୋବିନ୍ଦ ଲେନ୍, ପୁରୀ
ବାପା, ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଆପଣଙ୍କ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୯୮୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନୋକ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ଅନ୍ଲାଇନରେ ଦେଇପାରିବେ।
BHIM UPI
ଦେୟ ଦେବା ପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଜୁଏଲେରିର ଚମକ ହେବନି ଖରାପ

**ଯେତେ ମୂଲ୍ୟବାନ୍ ଧାତୁରେ ତିଆରି ହୋଇଥାଉ ନା କାହିଁକି କିଛିଦିନ ବ୍ୟବହାର କଲାପରେ କେତେକ ଜୁଏଲେରିର ଚମକ କିଛିମାତ୍ରାରେ କମିଯାଇଥାଏ। ହେଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କ ଜୁଏଲେରିର ଚମକ ସବୁବେଳେ ନୂଆ ପରି ରହିବ । ଜାଣିରଖନ୍ତୁ ସେ ସମ୍ପର୍କରେ ...**

ପିନ୍ଧି ସାରି ରଖିବା ଲାଗି ଭେଲ୍‌ଭେଟ୍, ଲିନେନ୍ ଭଳି ନରମ କପଡ଼ା ଥିବା ବକ୍ସ ଭିତରେ ରଖନ୍ତୁ। ସବୁ ଗହଣାକୁ ଏକାଠି ବକ୍ସ ଭିତରେ ନ ରଖି ଅଲଗା ଅଲଗା ରଖନ୍ତୁ, ଯେପରି ତାହା ପରସ୍ପର ସହ ଘଷି ନ ହେବ। ଏପରି କରିବା ଦ୍ୱାରା ଅଳଙ୍କାରର ସାଇନ୍ ପୂର୍ବପରି ରହିବ।

❖ଯଦି ମୋତି ବା ପର୍ଲ ଜୁଏଲେରି ବ୍ୟବହାର କରୁଛନ୍ତି ତେବେ ଏହାକୁ ପିନ୍ଧି ସାରି ରଖିବା ପୂର୍ବରୁ ଏକ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ



❖ସୁନା ଅଳଙ୍କାରକୁ ସଫା କରିବା ଲାଗି ବେକିଂ ସୋଡ଼ା ଏବଂ ହ୍ୱାଇଟ୍ ଭିନେଗାର ସବୁଠୁ ଭଲ। ଏଥିପାଇଁ ପ୍ରଥମେ ବେକିଂ ସୋଡ଼ା ନେଇ ଅଳଙ୍କାର ଉପରେ ଧୀରେ ଧୀରେ ଆଙ୍ଗୁଠି ସାହାଯ୍ୟରେ ଘଷିଦିଅନ୍ତୁ। ଏହା ଉପରେ ଅଳ୍ପ ଭିନେଗାର ପକାଇ ଉଷୁମପାଣିରେ ଧୋଇ ଦିଅନ୍ତୁ, ଦେଖିବେ ଜୁଏଲେରି କିପରି ଚକ୍ ଚକ୍ ଦିଶିବ।

❖ସୁନା, ରୁପା ହେଉ କିମ୍ବା ଅନ୍ୟ ଯେକୌଣସି ମୂଲ୍ୟବାନ୍ ଗହଣା ବ୍ୟବହାର କରୁଥିଲେ ଏହାକୁ ପ୍ରତିଥର ଯେପରି ସେଥିରେ ଲାଗିଥିବା ଝାଳ ଭଲ ଭାବେ ଛାଡ଼ିଯିବ। ଏହାକୁ ମଧ୍ୟ ଅନ୍ୟ ଗହଣା ସହ ନ ମିଶାଇ ଅଲଗା ରଖନ୍ତୁ।

❖ଚାନ୍ଦିର ଗହଣା କିଛିଦିନ ପିନ୍ଧିବା ପରେ କଳା ଏବଂ ସାମାନ୍ୟ ପୁରୁଣା ଲାଗିଥାଏ। ଏହାକୁ କୌଣସି ମାଇଲ ଲିକ୍ୱିଡ୍‌ଶୋପ୍‌ରେ ନରମ ବ୍ରଶ୍ ସାହାଯ୍ୟରେ ଧୀରେ ଧୀରେ ଘଷି ପାଣିରେ ଧୋଇ ନରମ କପଡ଼ାରେ ପୋଛିଦିଅନ୍ତୁ। ଏପରି କଲେ ଦେଖିବେ ତାହା ପୁନର୍ବାର ନୂଆ ପରି ଚକ୍‌ଚକ୍ କରିବ।

# କାଶର ଘରୋଇ ଉପଚାର

**କେବେ ଜୋର୍ ବର୍ଷା ତ କେବେ ଗରମ ଆଉ ଗୁଳୁଗୁଳି। ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଅଧିକାଂଶଙ୍କଠାରେ ବିଶେଷକରି ପିଲାମାନଙ୍କୁ ଥଣ୍ଡାହେବା ସହ ପ୍ରବଳ କାଶ ହେଉଛି। ହେଲେ ବାରମ୍ବାର ଏଥିପାଇଁ ଔଷଧ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। ତେଣୁ ମହିଳାମାନେ କେତେକ ଘରୋଇ ଉପଚାର ଦ୍ୱାରା ନିଜର ତଥା ପରିବାରର ସଦସ୍ୟଙ୍କ କାଶ ସମସ୍ୟାର ଉପଚାର କରିପାରିବେ...**



**ତୁଳସୀପତ୍ର, ଅଦା ଓ ମହୁ:** ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। କାଶ ବିଶେଷକରି ଶୁଖିଲା କାଶ ବା ଡ୍ରାଏ କଫ୍ କମାଇବା ଲାଗି ତୁଳସୀପତ୍ର ଓ ଅଦାରସରେ ମହୁ ମିଶାଇ ଖାଇଲେ ବେଶ୍ ଭଲ କାମ କରିଥାଏ।

**ଅଦା ଓ ଲୁଣ:** ଅଧିକ କାଶ ହେଉଥିଲେ ଖଣ୍ଡେ ଅଦାରେ ଅଳ୍ପ ଲୁଣ ଲଗାଇ କଳରେ ଜାକନ୍ତୁ। ଏହାକୁ ଅଳ୍ପ ଅଳ୍ପ ଚୋବାନ୍ତୁ ଯେପରି ରସ ବାହାରି ଗଳାକୁ ଆରାମ ଦେବ।

**ଗରମ ଲୁଣପାଣି:** ଏହା କାଶ କମାଇବା ଓ କଫ ବାହାର କରିବା ପାଇଁ ସବୁଠୁ ଭଲ ଉପାୟ। ଦିନକୁ ଅତି କମ୍‌ରେ ୪-୫ଥର ଗରମ ଲୁଣପାଣିରେ ଗାର୍ଗେଲିଂ କରନ୍ତୁ। ଏହାଦ୍ୱାରା କଫ ତରଳିଯିବା ସହ କାଶ ମଧ୍ୟ ଧୀରେ ଧୀରେ କମିଯିବ।

**ହର୍ବାଲ ଜୁସ୍ ଏବଂ ହର୍ବାଲ ଟି:** ଏହା କାଶ ରୋକିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିରେ ଥିବା ବିଭିନ୍ନ ଔଷଧୀୟ ଗୁଣ ଗଳା କୁଣ୍ଡେଇ ହେବା ଦୂରକରି ଗଳାକୁ ଆରାମ ଦେଇଥାଏ।

**ମହୁ:** କାଶ ହେଉଥିଲେ ଥଣ୍ଡାପାଣି କିମ୍ବା ଆଇସ୍‌କ୍ରିମ୍ ଭଳି ଥଣ୍ଡା ଜାତୀୟ ଖାଦ୍ୟ ଆଦୌ ଖାଇବା ଠିକ୍ ନୁହେଁ। କାଶ ହେଉଥିଲେ ମଝିରେ ମଝିରେ ଉଷୁମପାଣିରେ ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ଗଳାକୁ ଆରାମ ମିଳିବା ସହ ଧୀରେ ଧୀରେ କାଶ କମିଯିବ।

**କ୍ଷୀର ଓ ହଳଦୀ:** ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ। ହଳଦୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ୍ ତତ୍ତ୍ୱ କାଶ ଓ କଫ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

# ଗର୍ଭାବସ୍ଥାରେ ମୁଖ ଓ ଦାନ୍ତର ଯତ୍ନ

**ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ, ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା' ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଦନ୍ତ ସ୍ୱାସ୍ଥ୍ୟକୁ ବି ପ୍ରଭାବିତ କରିଥାଏ...**



ଜୀବନବ୍ୟାପୀ ମୁଖଗହ୍ୱର ଏବଂ ଦନ୍ତ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ଯତ୍ନର ଆବଶ୍ୟକତା ରହିଛି । ମହିଳାମାନଙ୍କ କ୍ଷେତ୍ରରେ ଗର୍ଭାବସ୍ଥା, ସ୍ତନ୍ୟପାନ ଏବଂ ମେନୋପଜ୍ ସମୟରେ ଦାନ୍ତର ଯତ୍ନ ବହୁ ଗୁରୁତ୍ୱପୂର୍ଣ୍ଣ। ଗର୍ଭାବସ୍ଥା ଏକ ରୋଗ ଅବସ୍ଥା ନୁହେଁ ବରଂ ଏହା ସୁସ୍ଥ ରହିବାର ଏକ ଲକ୍ଷଣ। ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା' ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଯାହା ଦନ୍ତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଖରାପ ମୁଖ ସ୍ୱାସ୍ଥ୍ୟ, ବିଶେଷକରି ମାଢ଼ି ରୋଗ, ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବହେବା, ପ୍ରି-ଏକ୍ଲାମ୍ପସିଆ, ଗର୍ଭାବସ୍ଥା ଗ୍ରାନୁଲୋମା, ଜିଞ୍ଜିଭାଇଟିସ୍, ଗର୍ଭାବସ୍ଥା ଓରାଲ ଟ୍ୟୁମର, ମାଢ଼ି ଲାଲ ପଡ଼ିବା, ଫୁଲିଯିବା,ମାଢ଼ିରୁ ରକ୍ତ ବାହାରିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଦାନ୍ତ ଢିଲା ହେବା, ପାଟି ଶୁଷ୍କତା ଏବଂ ଦନ୍ତ କ୍ଷୟ ଭଳି ଜଟିଳତା ସହ ଜଡ଼ିତ। ଗର୍ଭାବସ୍ଥାରେ ପରିବର୍ତ୍ତନଶୀଳ ହର୍‌ମୋନ ସ୍ତର ସିଧାସଳଖ ମାଢ଼ି ସମସ୍ୟାକୁ ଏବଂ ପରୋକ୍ଷ ଭାବରେ ଦନ୍ତ କ୍ଷୟକୁ ପ୍ରଭାବିତ କରେ।

**ଗର୍ଭାବସ୍ଥାରେ ମୁଖର ଯତ୍ନ ଗୁରୁତ୍ୱପୂର୍ଣ୍ଣ କାହିଁକି :**

**ମାଆଙ୍କ ପାଇଁ:**

★ଗର୍ଭାବସ୍ଥାର ହର୍‌ମୋନ(ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟ୍ରନ୍ ) ମାଢ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ଜିଞ୍ଜିଭାଇଟିସ୍ ତଥା ମାଢ଼ିରୁ ରକ୍ତସ୍ରାବର ଆଶଙ୍କା ବୃଦ୍ଧି କରିପାରେ। ଏ ସମୟରେ ମର୍ନିଂ ସିକ୍‌ନେସ୍ ବା ପ୍ରାତଃକାଳୀନ ଅସୁସ୍ଥତା ଏବଂ ମିଠା ଖାଦ୍ୟ ପାଇଁ ଆଗ୍ରହ, ଦନ୍ତ କ୍ଷୟ ସମସ୍ୟା ସୃଷ୍ଟି କରିପାରେ।

★ ହର୍‌ମୋନ ପରିବର୍ତ୍ତନ କେତେକ ସମୟରେ ମାଢ଼ିରେ ଗର୍ଭାବସ୍ଥା ଟ୍ୟୁମର କିମ୍ବା ପାୟୋଜେନିକ୍ ଗ୍ରାନୁଲୋମା ବୃଦ୍ଧିର କାରଣ ହୋଇପାରେ।

★ ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ଦ୍ୱାରା ପ୍ରାରମ୍ଭିକ ସମୟରେ ସମ୍ଭାବ୍ୟ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବାରେ ସାହାଯ୍ୟ କରିଥାଏ ।





**ଶିଶୁ ପାଇଁ:**

★ଅଧ୍ୟୟନରୁ ଜଣାଯାଇଛି, ଗର୍ଭାବସ୍ଥାରେ ମା'ଙ୍କୁ ମାଢ଼ି ରୋଗ ହେଲେ କମ୍ ଓଜନର ଶିଶୁ ତଥା ସମୟ ପୂର୍ବରୁ ଶିଶୁ ପ୍ରସବ ହେବା ସମ୍ଭାବନା ବୃଦ୍ଧି ପାଇଥାଏ ।

★ ମା'ଙ୍କ ପାଟିରୁ ଜୀବାଣୁ ଶିଶୁକୁ ସଂକ୍ରମିତ ହୋଇପାରେ, ଯାହା ସମ୍ଭାବ୍ୟ ଭାବରେ ଶୈଶବରୁ ଦନ୍ତ କ୍ଷୟ ସୃଷ୍ଟି କରିଥାଏ।

★ ଗର୍ଭାବସ୍ଥାରେ ମା' ମୁଖର ଯତ୍ନ ଠିକ୍ ଭାବେ ନେଲେ ପରବର୍ତ୍ତୀ ଜୀବନରେ ଶିଶୁର ମୁଖ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇପାରେ।

**କିପରି ନେବେ ମୁଖର ଯତ୍ନ:**

★ ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲଭାବରେ ମୁଖ ପରିଷ୍କାର କରିବା ଅଭ୍ୟାସ କରନ୍ତୁ। ଏଥିପାଇଁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାରକରି ନରମ ବ୍ରଶ୍ ସହ ଦିନକୁ ଅତି କମ୍‌ରେ ୨ଥର(ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ)ଦାନ୍ତ ଘଷନ୍ତୁ, ଯାହା ଦ୍ୱାରା ପ୍ଲାକ୍ ଏବଂ ଖାଦ୍ୟ କଣିକା ଜମାହୋଇ ରହିବ ନାହିଁ।

★ପ୍ରତିଦିନ ଦାନ୍ତ ଫ୍ଲସ୍ କରିବା ମଧ୍ୟ ଆବଶ୍ୟକ। ଯଦି କିଛି ଖାଦ୍ୟକଣିକା ରହିଯାଏ ତେବେ ବାହାର କରିବା ଲାଗି ମାଉଥ୍‌ୱାଶ୍ ବ୍ୟବହାର କରନ୍ତୁ।

★ ଜିଭକୁ ଭଲ ଭାବେ ସଫା କରିବା ସହ ମାଢ଼ିକୁ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ ।

★ପ୍ରତି ୩ ମାସ କିମ୍ବା ତା'ପୂର୍ବରୁ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ, ଅଥବା ଯଦି ବ୍ରଶ୍‌ର ବ୍ରିଷ୍ଟଲ ନଷ୍ଟ ହୋଇଯାଏ କିମ୍ବା ଆପଣଙ୍କୁ ଥଣ୍ଡା, ଫ୍ଲୁ ଅଥବା ପାଟିରେ ଘା' ହୋଇଥାଏ, ତେବେ ମଧ୍ୟ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ।

★ଗର୍ଭାବସ୍ଥାରେ ଅନେକଙ୍କୁ ବାନ୍ତି ହୋଇଥାଏ। ତେଣୁ ବାନ୍ତିରେ ଆସୁଥିବା ଏସିଡ୍ ଯେପରି ଦାନ୍ତର ଏନାମେଲ୍‌କୁ ନଷ୍ଟ ନ କରିଦିଏ ସେଥିପାଇଁ ଫ୍ଲୋରାଇଡ୍ ମାଉଥ୍‌ୱାଶ୍‌ରେ ଧୋଇ ଦିଅନ୍ତୁ। ଏହି ସମୟରେ ସଙ୍ଗେ ସଙ୍ଗେ ବ୍ରଶ୍ କରନ୍ତୁ ନାହିଁ ଦାନ୍ତ ନଷ୍ଟ ହୋଇଯାଇପାରେ ।

★ପାଟି ଶୁଷ୍କ ନ ହେବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

★ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଯଥା ଫଳ, ପନିପରିବା, ଶସ୍ୟ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D,କ୍ୟାଲସିୟମ ଓ ଫସ୍‌ଫରସ୍‌ଯୁକ୍ତ ଖାଦ୍ୟ ଉପରେ ଧ୍ୟାନଦିଅନ୍ତୁ ଏବଂ ଅଧିକ ମିଠାଯୁକ୍ତ ଖାଦ୍ୟ ତଥା ପାନୀୟ ସୀମିତ କରନ୍ତୁ।

★ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ପାଇଁ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହ ସମୟସୂଚୀ ନିର୍ଦ୍ଧାରଣ କରନ୍ତୁ।

★ଧୂମପାନ ଏବଂ ମଦ୍ୟପାନ ତ୍ୟାଗକରନ୍ତୁ। ଧୂମପାନ ଏବଂ ମଦ୍ୟପାନ ମା' ଏବଂ ଶିଶୁ ଉଭୟଙ୍କ ଦାନ୍ତର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଧୂମପାନକାରୀଙ୍କର କମ୍ ଓଜନର ଶିଶୁ ଜନ୍ମ, ଗର୍ଭପାତ କିମ୍ବା ମୃତ ଶିଶୁ ଜନ୍ମହେବା ଆଶଙ୍କା ଅଧିକ। ଧୂମପାନ କରୁଥିବା ମା'ଙ୍କ ଶିଶୁଙ୍କ ମଧ୍ୟରେ ନବଜାତ ମୃତ୍ୟୁ ବହୁ ଅଧିକ ଦେଖାଯାଇଥାଏ ।

★ଜରୁରିକାଳୀନ ଦନ୍ତ ଚିକିତ୍ସା ନିରାପଦ, ତେଣୁ ଆବଶ୍ୟକ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇନେବା ଉଚିତ।

ଗର୍ଭାବସ୍ଥାରେ ମୁଖଗହ୍ୱର ତଥା ଦାନ୍ତର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏବଂ ଉତ୍ତମ ମୁଖଗହ୍ୱର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ସକ୍ରିୟ ପଦକ୍ଷେପ ନେଇ ଆଶାୟୀ ମା'ମାନେ ଏକ ସୁସ୍ଥ ଗର୍ଭାବସ୍ଥା ସହ ସେମାନଙ୍କ ଶିଶୁର ସୁସ୍ଥ ବିକାଶରେ ଯୋଗଦାନ ଦେଇପାରିବେ। ସୁସ୍ଥ ମୁଖ - ସୁସ୍ଥ ମା' - ସୁସ୍ଥ ଶିଶୁ ।

*- ଡା. ଅଶୋକ କୁମାର ମହାନ୍ତି*
*ମୁଖଗହ୍ୱର ଓ ଦନ୍ତରୋଗ ବିଶେଷଜ୍ଞ, ପୁରୀ ଟାଉନ୍*
*ମୋ- ୯୨୩୪୬୬୭୫୪୬*





ସୌନ୍ଦର୍ଯ୍ୟ

# ସ୍କିନ୍ ଟୋନ୍ ବଢ଼ାଇବା ପାଇଁ...



**ସୂର୍ଯ୍ୟକିରଣ, ଧୂଳି, ପ୍ରଦୂଷଣ, ଖାଦ୍ୟପେୟରେ ଅନିୟମିତତା ଆଦି କାରଣରୁ ଅନେକଙ୍କ ସ୍କିନ୍‌ଟୋନ୍ ଡଲ୍ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ବ୍ୟୁଟିପାର୍ଲର ଯିବାଠୁ ଆରମ୍ଭକରି ବିଭିନ୍ନ ଦାମୀ କ୍ରିମ୍ ବ୍ୟବହାରକରି ମଧ୍ୟ ଉପକୃତ ହୋଇପାରୁନାହାନ୍ତି। ହେଲେ ଜାଣନ୍ତିକି, ଅଧିକ ବ୍ରାଇଟ୍ ସ୍କିନ୍ ଟୋନ୍ ପାଇବା ଲାଗି କେତୋଟି ଘରୋଇ ଉପାୟ ବେଶ୍ ଲାଭଦାୟକ ହୋଇପାରିବ...**

**ଲେମ୍ବୁ ଏବଂ ମହୁ:** ୧ ଚାମଚ ଲେମ୍ବୁରସରେ ସମ ପରିମାଣର ମହୁ ମିଶାନ୍ତୁ। ମୁହଁକୁ ଭଲ ଭାବେ ଧୋଇବା ପରେ ଏହି ମିଶ୍ରଣକୁ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ । ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଲେମ୍ବୁ ରସର ଥିବା ପ୍ରାକୃତିକ ବ୍ଲିଚିଂ ତତ୍ତ୍ୱ ମହୁ ସହ ମିଶି ତ୍ୱଚାର ରଙ୍ଗକୁ ବ୍ରାଇଟ୍ କରିଥାଏ।

**ଦହି ଏବଂ ମହୁ:** ୨ ଚାମଚ ଦହି ସହ ୧ ଚାମଚ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଦହିରେ ଥିବା ଲାକ୍ଟିକ୍ ଏସିଡ୍ ତ୍ୱଚାକୁ ସଫ୍ଟ, ହାଇଡ୍ରେଟ୍ ରଖିବା ସହ ଡ୍ରାଏସେଲ୍ ଏବଂ ବ୍ଲାକ୍ ସ୍ପଟ୍ ଦୂରକରିବାରେ ସାହାଯ୍ୟ କରିଥାଏ। ସପ୍ତାହରେ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ଶୀଘ୍ର ସ୍କିନ୍ ଟୋନ୍ ବଢ଼ିବ ଏବଂ ତ୍ୱଚା ଅଧିକ ଗ୍ଲୋ କରିବ।

**କ୍ଷୀର ଏବଂ ଚାଉଳଗୁଣ୍ଡ:** ଚାଉଳଗୁଣ୍ଡକୁ ଐତିହାସିକ ସମୟରୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଇଆସୁଛି। ୨ ଚାମଚ ଚାଉଳଗୁଣ୍ଡରେ ୩-୪ ଚାମଚ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଳ୍ପ ହଳଦୀଗୁଣ୍ଡ ମଧ୍ୟ ମିଶାଇପାରିବେ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ଚାଉଳଗୁଣ୍ଡ ବଦଳରେ ଓଟ୍‌ମିଲ୍ ପାଉଡର ବି ବ୍ୟବହାର କରିପାରିବେ।

**ଟମାଟୋ ଜୁସ୍:** ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି ସପ୍ତାହରେ ୨-୩ ଥର କଲେ ଟମାଟୋରେ ଥିବା ଭିଟାମିନ୍ ସି ଏବଂ ଲାଇକୋପିନ୍ ତ୍ୱଚାର ରେଡ୍‌ନେସ୍, ଟ୍ୟାନିଂ, ଡାର୍କସ୍ପଟ୍, ପିଗ୍‌ମେଣ୍ଟେଶନ ଆଦି ଦୂରକରି ସ୍କିନ୍ ଟୋନ୍ ବଢ଼ାଇବାରେ ସାହାଯ୍ୟ କରିବ।

ଖାଦ୍ୟରୁଚି

# ଆଳୁ ହାଲୁଆ

**ଆପଣମାନେ ସମସ୍ତେ ସୁଜି ହାଲୁଆ, ଗାଜର ହାଲୁଆ ଭଳି ଅନେକ ହାଲୁଆ ଖାଇଥିବେ। ହେଲେ କେବେ ଆଳୁ ହାଲୁଆ ଖାଇଛନ୍ତି କି? ଯଦି ନା, ତେବେ ନିଶ୍ଚୟ ଏହାକୁ ପ୍ରସ୍ତୁତକରି ଖାଇବାର ମଜା ନିଅନ୍ତୁ...**

**ଆବଶ୍ୟକ ସାମଗ୍ରୀ:** ୩ଟି ବଡ଼ ଆଳୁ, ୧ ବଡ଼ ଚାମଚ ଘିଅ, ଅଧା କପ୍ ଚିନି, ଅଧା କପ୍ କ୍ଷୀର, ୨ ଚାମଚ ଲେଖାଏ କାଜୁ, କିସ୍‌ମିସ୍, ଅଧା ଚାମଚ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ହାଲୁଆ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଆଳୁକୁ ଭଲ ଭାବେ ସିଝାଇ ଦିଅନ୍ତୁ। ଏହା ଥଣ୍ଡା ହୋଇଯିବା ପରେ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। କଡ଼େଇରେ ଅଳ୍ପ ଘିଅ ଗରମକରି କାଜୁ ଏବଂ କିସ୍‌ମିସ୍‌କୁ ଲାଇଟ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଘିଅ ଗରମ କରନ୍ତୁ ଏବଂ ସେଥିରେ ଚକଟା ହୋଇଥିବା ଆଳୁକୁ ପକାଇ ୧ ରୁ ୨ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଭାଜନ୍ତୁ। ସେଥିରେ କ୍ଷୀର, ଚିନି ଏବଂ କିସ୍‌ମିସ୍ ପକାଇ ଭଲ ଭାବେ ଗୋଳାନ୍ତୁ। ୮ ରୁ ୧୦ ମିନିଟ୍ ଭଲ ଭାବେ ଗୋଳାଇବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ଏବଂ ଭଜା କାଜୁ ପକାଇ ମିଶାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ହାଲୁଆ । ଏହାକୁ ଗରମ ଏବଂ ଫ୍ରିଜ୍‌ରେ ରଖି ଥଣ୍ଡା କରି ମଧ୍ୟ ଖାଇପାରିବେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ Bhubaneswar, Tuesday, September 16/ 2025

# ବିବାଦ ତେଜିଲା, ରେଫରିଙ୍କୁ ହଟାଇବାକୁ ଦାବି





ଭାରତ ମ୍ୟାଚ ଜିତିବାପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ୍ ଦୁବେ ଫେରୁଛନ୍ତି। ପାକିସ୍ତାନ ଅଧିନାୟକ ସଲମାନ ଆଘା।

## ■ ଭାରତୀୟ ଖେଳାଳିଙ୍କ ହ୍ୟାଣ୍ଡସେକ୍ ଏଡ଼ାଇବା ପ୍ରସଙ୍ଗ
## ■ ଏସିଆ କପ୍‌ରୁ ଓହରିବାକୁ ପାକିସ୍ତାନର ଧମକ

**ଦୁବାଇ,୧୫।୯(ପି.ଟି.)**

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଏକ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହ୍ୟାଣ୍ଡସେକ୍ କରିବାକୁ ମନା କରିବା ଘଟଣା ସୋମବାର ଏକ ବଡ଼ ବିବାଦର ରୂପ ନେଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଏହି ବିବାଦ ଲାଗି ମ୍ୟାଚ୍ ରେଫରି ଆଣ୍ଡି ପିକ୍ରଫ୍ଟଙ୍କୁ ଦାୟୀ କରିବା ସହ ତାଙ୍କୁ ଏସିଆ କପ୍ ଟୁର୍ନାମେଣ୍ଟରୁ ହଟାଇବାକୁ ଦାବି କରାଯାଇଛି। ମ୍ୟାଚ୍ ପରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ହାତ ନ ମିଳାଇବା ଏକ ଦଳୀୟ ନିଷ୍ପତ୍ତି ଥିଲା ଓ ଏହାଦ୍ୱାରା ଆମେ ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ପର୍ଯ୍ୟଟକଙ୍କ ପରିବାରବର୍ଗଙ୍କ ସହ ଆମେ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ ଏବଂ ଏହି ବିଜୟକୁ ଆମେ ଆମର ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରୁଛୁ ବୋଲି ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ। ଏହି ଘଟଣାକୁ ନେଇ ପିସିବି ଉତ୍ତ୍ୟକ୍ତ ହେବା ସହ ଏସିଆନ କ୍ରିକେଟ୍ କାଉନ୍‌ସିଲ (ଏସିସି)ରେ ପ୍ରତିବାଦ ଦାଏର କରିବା ସହ ଆଇସିସିର ହସ୍ତକ୍ଷେପ ଲୋଡ଼ିଛି। କୌତୂହଳର ବିଷୟ ଯେ, ପିସିବି ମୁଖ୍ୟ ମହସିନ ନକ୍‌ଭି ବର୍ତ୍ତମାନ ଏସିସି ମୁଖ୍ୟ ଥିବା ବେଳେ ଭାରତର ଜୟ ଶାହା ଆଇସିସି ମୁଖ୍ୟ ପଦରେ ଅଛନ୍ତି। ମ୍ୟାଚ୍ ରେଫରି ଆଇସିସି କୋଡ୍ ଅଫ କଣ୍ଡକ୍ଟ ଓ ସ୍ପିରିଟ୍ ଅଫ୍ କ୍ରିକେଟ୍ ସମ୍ବନ୍ଧିତ ଏମ୍‌ସିସି ଆଇନ ଉଲ୍ଲଂଘନ କରିଥିବା ନେଇ ଆଇସିସି ନିକଟରେ ପିସିବି ପ୍ରତିବାଦ କରିଛି। ପିସିବି ତୁରନ୍ତ ଏସିଆ କପ୍‌ର ମ୍ୟାଚ୍ ରେଫରିଙ୍କୁ ହଟାଇବାକୁ ଦାବି ରଖିଛି। ନ ହେଲେ ପାକିସ୍ତାନ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବାର ବିଶେଷ ସମ୍ଭାବନା ଥିବା ପିସିବି ତଥା ଏସିସି ମୁଖ୍ୟ ନକ୍‌ଭି କହିଛନ୍ତି।

ପାକିସ୍ତାନ ଟିମ ମ୍ୟାନେଜର ନାଭେଦ ଚିମା ଏସିସି ନିକଟରେ ଅଭିଯୋଗ କରିଛନ୍ତି ଯେ, ପିକ୍ରଫ୍ଟଙ୍କ ଜିଦ୍ କାରଣରୁ ଦୁଇ ଅଧିନାୟକ ଦଳୀୟ ଖେଳାଳିଙ୍କ ତାଲିକା ପରସ୍ପରକୁ ଦେଇ ନ ଥିଲେ। ଏ ସମ୍ପର୍କରେ ପିସିବି ପକ୍ଷରୁ କୁହାଯାଇଛି ଯେ, ଟିମ୍ ମ୍ୟାନେଜର ଚିମା ଭାରତୀୟ ଖେଳାଳିଙ୍କ ବ୍ୟବହାର ବିରୋଧରେ କଡ଼ା ପ୍ରତିବାଦ କରିଛନ୍ତି। ପ୍ରତିବାଦ ସ୍ୱରୂପ ମ୍ୟାଚ୍ ପରବର୍ତ୍ତୀ ସେରିମନି ଲାଗି ଆମେ ଆମ ଅଧିନାୟକଙ୍କୁ ପଠାଇ ନ ଥିଲୁ। ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଭାରତୀୟ ଦଳ ଫାଇନାଲରେ ବିଜୟୀ ହେଲେ ନକ୍‌ଭିଙ୍କ ସହ ମଞ୍ଚରେ ରହିବେ ନାହିଁ।

### ‘ଆମେ ପହଲଗାମ୍ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ’

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳକୁ ୭ ଉଇକେଟରେ ମିଳିଥିବା ବିଜୟକୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକ ଭଲ ବିଜୟ ବୋଲି ଅଭିହିତ କରିବା ସହିତ କହିଛନ୍ତି ଯେ, ଏହା ଦ୍ୱାରା ଦଳ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦର୍ଶାଇଛି।

‘ଏହା ଏକ ଭଲ ବିଜୟ। ଟୁର୍ନାମେଣ୍ଟରେ ଆହୁରି କ୍ରିକେଟ୍ ବାକି ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏକ ଦଳ ଭାବେ ଆମେ ପହଲଗାମ୍ ଆକ୍ରମଣ ପୀଡ଼ିତ ଓ ସେମାନଙ୍କ ପରିବାରବର୍ଗଙ୍କ ସହିତ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ। ଆମେ ‘ଅପରେଶନ ସିନ୍ଦୂର’ର ସଫଳତା ଲାଗି ଆମର ସଶସ୍ତ୍ର ବଳକୁ ଧନ୍ୟବାଦ ଦେବାକୁ ଚାହୁଁ। ମୁଁ ନିଶ୍ଚିତ ଯେ, ଆମେ ଦେଶକୁ ଗର୍ବିତ କରିବାକୁ ଉଦ୍ୟମ କରିବୁ’ ବୋଲି ଗମ୍ଭୀର ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ସୋନୀ ସ୍ପୋର୍ଟ୍ସରେ କହିଛନ୍ତି।

### ଆଭିମୁଖ୍ୟ ଜାରି ରହିବ

ପାକିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ଲିଗ୍ ମ୍ୟାଚ୍ ପରେ ପ୍ରତିପକ୍ଷ ଖେଳାଳିଙ୍କ ସହ ହ୍ୟାଣ୍ଡସେକ ନ କରିଥିବାରୁ ଟିମ୍ ଇଣ୍ଡିଆକୁ ପ୍ରବଳ ସମାଲୋଚନା କରାଯାଉଛି। ଏହାସତ୍ତ୍ୱେ ଭାରତୀୟ ଦଳର ଆଭିମୁଖ୍ୟ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ଜାରି ରହିବ। ଏ ସଂକ୍ରାନ୍ତରେ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆମେ ଏକାଠି ଏଠାକୁ ଆସିବା ପରେ ଏକ ନିଷ୍ପତ୍ତି ନେଇଥିଲୁ। ଆମେ ଏଠାକୁ କେବଳ ଖେଳିବାକୁ ଆସିଛୁ। ମୋ ମତରେ ଆମେ ଉଚିତ ଜବାବ ଦେଇଛୁ। ମିଳିଥିବା ସୂଚନା ମୁତାବକ, ପାକିସ୍ତାନ ସହ ମ୍ୟାଚ୍ ଖେଳିବା ବିରୋଧରେ ବିରୋଧୀ ଦଳ ପକ୍ଷରୁ ଓ ସୋସିଆଲ ମିଡିଆରେ କରାଯାଇଥିବା ପ୍ରତିବାଦରେ ବିସିସିଆଇ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଲୋକଙ୍କ ପରିବାରବର୍ଗଙ୍କ ଭାବନାଠାରୁ ଟଙ୍କାକୁ ଅଧିକ ଗୁରୁତ୍ୱ ଦେଉଥିବା ଦାବି କରାଯାଇଥିଲା। ଏଥିଯୋଗୁ ବିସିସିଆଇ ଓ ଟିମ ମ୍ୟାନେଜମେଣ୍ଟ ମଧ୍ୟରେ ଆଲୋଚନା ହୋଇଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସିନିୟର ଖେଳାଳିମାନେ ମ୍ୟାଚ୍ ବେଳେ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ନେଇଥିଲେ। ଏହାକୁ ବିସିସିଆଇର ସିନିୟର ଅଧିକାରୀମାନେ ସବୁଜ ସଙ୍କେତ ଦେଇଥିଲେ।




## ଫିଡେ ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତିଲେ ବୈଶାଳୀ

**ତାସକେଣ୍ଟ, ୧୫।୯**

ଉଜ୍‌ବେକିସ୍ତାନର ସମରକନ୍ଦରେ ସୋମବାର ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ।




## ଡିସେମ୍ବର ୯ରୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

**ଲାଉସାନେ, ୧୫।୯ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬ ସିଜନ ଡିସେମ୍ବର ୯ରୁ ଆର୍ଜେଣ୍ଟିନା ଓ ଆୟର୍ଲାଣ୍ଡରେ ଆରମ୍ଭ ହେବ। ଏହି ସିଜନରେ ୧୦ ଆୟୋଜକ ଦେଶରେ ରେକର୍ଡ ସଂଖ୍ୟକ ୧୪୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍‌ର ୭ମ ସଂସ୍କରଣରେ ଦୁଇଟି ନୂଆ ଦଳ ଆୟର୍ଲାଣ୍ଡ (ମହିଳା) ଓ ପାକିସ୍ତାନ (ପୁରୁଷ)କୁ ଦେଖିବାକୁ ମିଳିବ। ଏଫ୍‌ଆଇଏଚ୍ ହକି ନେସନ୍ସ କପ୍ ୨୦୨୪-୨୫ରେ ଭଲ ପ୍ରଦର୍ଶନ କରି ଏହି ଦୁଇଦଳ ପ୍ରୋ ଲିଗ୍ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ପ୍ରୋ ଲିଗ୍ ବିଜେତା ଦଳ ସିଧାସଳଖ ୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

ନୂଆ ସିଜନର ପ୍ରଥମ ମ୍ୟାଚରେ ଜର୍ମାନୀ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ ଆୟର୍ଲାଣ୍ଡରେ ଅନୁଷ୍ଠିତ ହେବ। ସେହିଦିନ ପୁରୁଷ ବର୍ଗର ଚାମ୍ପିୟନ ନେଦରଲାଣ୍ଡ୍ସ ଓ ନବାଗତ ପାକିସ୍ତାନ ମଧ୍ୟରେ ମ୍ୟାଚ ଆର୍ଜେଣ୍ଟିନାରେ ଖେଳାଯିବ। ବେଲ୍‌ଜିୟମ, ଇଂଲଣ୍ଡ ଓ ଜର୍ମାନୀ ପୁରୁଷ ଦଳ ଏବଂ ବେଲ୍‌ଜିୟମ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ମହିଳା ଦଳ ପ୍ରଥମ ପର୍ଯ୍ୟାୟରେ ମ୍ୟାଚଗୁଡ଼ିକ ଆୟର୍ଲାଣ୍ଡରେ ଖେଳିବେ। ଆର୍ଜେଣ୍ଟିନାରେ ଘରୋଇ ଦଳ ସହ ପୁରୁଷ ବର୍ଗରେ ନେଦରଲାଣ୍ଡ୍ସ ଓ ପାକିସ୍ତାନ ଏବଂ ମହିଳା ବର୍ଗରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ଏହି ସମୟରେ ମ୍ୟାଚ ଖେଳିବେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ